# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଅକ୍ଟୋବର ୧୭/୨୦୧୮ (୨୦ ପୃଷ୍ଠା+ ସାହିତ୍ୟାୟନ) Sambalpur, Wednesday, October 17/ 2018 ★★

୧୪ଶ ଭାଗ ୩୦୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-






APPARELS | EYEWEAR | FOOTWEAR | INNERWEAR | TIMEWEAR | TRAVEL GEAR | PERSONAL CARE | ACCESSORIES

K-LOUNGE : NEWLY OPENED: KESINGA: Near Agrasen Bhawan, Main Road, PO-Kesinga, Dist. Kalahandi. Ph.: 9776571059.

AVAILABLE AT: KILLER (EXCLUSIVE STORES), SAMBALPUR: Shop No. 9, 1st Flr., Big Bazar, City Center Mall, Farm Road. Ph.: 0663-2522560. RAJKHARIAR : Main Road, In front of P.W.D. Bungalow. Ph.: 232472.

K-LOUNGE : SAMBALPUR: Opp. SBI, Budharaja Road. Ph.: 2532532. BARGARH: Women College Complex, Main Road. Ph.: 230400. BHAWANIPATNA: Gandhi Chowk. Ph.: 8908970371. BOLANGIR: Club Road, Sai Bharat Chowk. Ph.: 07077700791. KANTABANJI: Ward No. 3, Behind SBI. Ph.: 9937632787. ROURKELA: Near Hariyana Bhawan, Main Road. Ph.: 9437045135. | Panposh Road, Near Amrit Ganga. Ph.: 2400180. RAJAKHARIAR: In front of Pattnaik Pada, Near Ganpati Hotel, Rajkhariar. Ph: 09437241370. SUNDARGARH: Mission Road, In front of RCMS. Ph.: 9437085557. & ALL LEADING RETAILERS.

FOR TRADE ENQUIRIES: GRC Garments, Cuttack. Ph.: 09937726575/09937020201. FOR FRANCHISEE & INSTITUTIONAL ENQUIRIES, CALL: 09820805602/09820155337/09619229211/09937004020/09820099499/ 022-26814400. MASTER FRANCHISEE, CALL: GRC Garment Pvt. Ltd. Ph.: 09437147741. OR EMAIL: franchisee@kewalkiran.com | www.killerjeans.com | Follow Us On:

NCS: TRENDS | ONLINE STORES: K-LOUNGE.com snapdeal Flipkart amazon.in JABONG Myntra SHOPCLUES Paytm AJIO.com TATA CLiQ LIMEROAD ebay voonik

A LIFESTYLE BRAND FROM KKCL KEWAL KIRAN CLOTHING LIMITED




*Weekend. Every day.*

easies
BY KILLER

K-LOUNGE : **NEWLY OPENED: KESINGA:** Near Agrasen Bhawan, Main Road, PO-Kesinga, Dist. Kalahandi. Ph.: 9776571059.

**AVAILABLE AT:** KILLER **(EXCLUSIVE STORES), SAMBALPUR:** Shop No. 9, 1st Flr., Big Bazar, City Center Mall, Farm Road. Ph.: 0663-2522560. **RAJKHARIAR :** Main Road, In front of P.W.D. Bungalow. Ph.: 232472.

K-LOUNGE : **SAMBALPUR:** Opp. SBI, Budharaja Road. Ph.: 2532532. **BARGARH:** Women College Complex, Main Road. Ph.: 230400. **BHAWANIPATNA:** Gandhi Chowk. Ph.: 8908970371. **BOLANGIR:** Club Road, Sai Bharat Chowk. Ph.: 07077700791. **KANTABANJI:** Ward No. 3, Behind SBI. Ph.: 9937632787. **ROURKELA:** Near Hariyana Bhawan, Main Road. Ph.: 9437045135. | Panposh Road, Near Amrit Ganga. Ph.: 2400180. **RAJAKHARIAR:** In front of Pattnaik Pada, Near Ganpati Hotel, Rajkhariar. Ph: 09437241370. **SUNDARGARH:** Mission Road, In front of RCMS. Ph.: 9437085557. **& ALL LEADING RETAILERS.**

**FOR TRADE ENQUIRIES:** Konark Sales Corporation, Cuttack. Ph.: 9437028876. **FOR FRANCHISEE & INSTITUTIONAL ENQUIRIES, CALL:** 09820805602/09820155337/09619229211/09937004020/09820099499/022-26814400.
**MASTER FRANCHISEE, CALL:** GRC Garment Pvt. Ltd. Ph.: 09437147741 **or email at:** franchisee@kewalkiran.com

Follow Us On: Easies casuals

National Chain Stores: CENTRAL SHOPPERS STOP | Online Stores: K-LOUNGE.com amazon.in JABONG snapdeal SHOPCLUES Myntra Paytm Flipkart TATA CLiQ

A LIFESTYLE BRAND FROM KKCL KEWAL KIRAN CLOTHING LIMITED

# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଅକ୍ଟୋବର ୧୭/୨୦୧୮ | Sambalpur, Wednesday, October 17/ 2018 | ପୃଷ୍ଠା-୧




**ଉତ୍ପାଦନ ହ୍ରାସ ଆଶଙ୍କାରେ ତୈଳ ଦର ବଢୁଛି**

ଅଶୋଧିତ ତୈଳ ଉତ୍ପାଦନ ହ୍ରାସ ପାଇବା ଆଶଙ୍କାରେ ଉପୁଜୁଥିବା ଭୟ ଯୋଗୁ ତୈଳ ଦାମ୍ ବଢୁଛି ବୋଲି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

୧୫

୧୧

**‘ୟୋର୍ସ ଟ୍ରୁଲି’ ପାଇଁ ଖୁସି ଅଛନ୍ତି ଆହାନା**

‘ୟୋର୍ସ ଟ୍ରୁଲି’ରେ ମହେଶ ଭଟ୍ଟ, ସୋନି ରାଜଦାନ୍ ଏବଂ ପଙ୍କଜ ତ୍ରିପାଠୀଙ୍କ ସହ କାର୍ଯ୍ୟକରି ବେଶ୍ ଖୁସି ଅନୁଭବ କରୁଛନ୍ତି ଅଭିନେତ୍ରୀ ଆହାନା କୁମ୍ରା।



# #ମିଟୁ: ଚିତ୍ରଶିଳ୍ପୀ ଯତୀନ୍ ଦାସଙ୍କ ନାଁରେ ଅଭିଯୋଗ

**ଭୁବନେଶ୍ୱର,୧୬।୧୦(ବ୍ୟୁରୋ)**

ସାରା ଦେଶରେ ଏବେ #ମିଟୁ ଅଭିଯାନ ଚହଳ ସୃଷ୍ଟି କରିଥିବାବେଳେ ଜଣକ ପରେ ଜଣେ ବିଶିଷ୍ଟ ଲୋକ ଅଭିଯୁକ୍ତଙ୍କ ତାଲିକାରେ ଯୋଡ଼ି ହୋଇଯାଉଛନ୍ତି। ନାନା ପାଟେକର, ଏମ୍.ଜେ. ଆକବର, ଚେତନ ଭଗତ, ବିନୋଦ ଦୁଆଙ୍କ ଭଳି ବହୁଚର୍ଚ୍ଚିତ ଚେହେରାଙ୍କ ପରେ ଏବେ ଓଡ଼ିଶା ଜନ୍ମିତ ବିଶିଷ୍ଟ ଚିତ୍ରଶିଳ୍ପୀ ପଦ୍ମଭୂଷଣ ଯତୀନ ଦାସଙ୍କ ନାଁରେ ଯୌନ ନିର୍ଯାତନା ଭଳି ସଙ୍ଗିନ ଅଭିଯୋଗ ଆସିଛି। ଏହି ଅଭିଯୋଗ ଆଣିଛନ୍ତି ପରିବେଶବିତ୍ ନିଶା ବୋରା। ନିଶା ମଙ୍ଗଳବାର ନିଜ ଟୁଇଟର ଆକାଉଣ୍ଟରେ ଯତୀନଙ୍କ ନାମରେ ଯୌନ ଶୋଷଣ ଅଭିଯୋଗ କରିଛନ୍ତି। ଏହାକୁ ଯତୀନ ଖଣ୍ଡନ କରିବା ସହ ଏଭଳି ଭିତ୍ତିହୀନ ଅଭିଯୋଗ ତାଙ୍କୁ ଗଭୀର ଆଘାତ ଦେଇଥିବା କହିଛନ୍ତି।

ଘଟଣା ସମ୍ପର୍କରେ ନିଶା ଏକାଧିକ ଟୁଇଟ୍ କରି ଉଲ୍ଲେଖ କରିଛନ୍ତି ଯେ, ୨୦୦୪ରେ ଦିଲ୍ଲୀର ଇଣ୍ଡିଆ ☞ପୃଷ୍ଠା-୬

## ଟନେଲ୍‌ରେ ଅଟକିଲା ହୀରାଖଣ୍ଡ ଏକ୍ସପ୍ରେସ୍

# ୬ ଘଣ୍ଟାର ଆତଙ୍କ

- ଓଏଚ୍ଇ ତାର ଛିଣ୍ଡି ଇଞ୍ଜିନରେ ଗୁଡାଇ ହୋଇଯାଇଥିଲା
- ଟିକିରି-ରାଉଲି ଷ୍ଟେଶନ୍ ମଧ୍ୟରେ ଘଟିଥିଲା ଘଟଣା
- ରାତିରେ ଦୁର୍ଦ୍ଦଶା ଭୋଗିଲେ ଯାତ୍ରୀ

**ରାୟଗଡା ଅଫିସ୍/ଭୁବନେଶ୍ୱର, ୧୬।୧୦(ବ୍ୟୁରୋ)**

ଜଗଦଲପୁରରୁ ଭୁବନେଶ୍ୱର ଆସୁଥିବା ହୀରାଖଣ୍ଡ ଏକ୍ସପ୍ରେସ୍(୧୮୪୪୮)ର ଯାତ୍ରୀମାନେ ସୋମବାର ରାତିରେ ପ୍ରାୟ ୬ ଘଣ୍ଟା ଧରି ଆତଙ୍କିତ ହୋଇପଡ଼ିଥିଲେ। କାରଣ ଟ୍ରେନ୍‌ଟି ରାୟଗଡା ଜିଲା ଟିକିରି-ରାଉଲି ଷ୍ଟେଶନ୍ ମଝିରେ ଥିବା ୮ନମ୍ବର ଟର୍ନେଲରେ ଅଟକି ଯାଇଥିଲା। ରାତି ପ୍ରାୟ ୯ଟାରେ ଓଏଚ୍ଇ (ଓଭରହେଡ୍ ଇଲେକ୍ଟ୍ରିକ) ବିଦ୍ୟୁତ୍ ତାର ଛିଣ୍ଡି ଟ୍ରେନ୍‌ର ଇଞ୍ଜିନରେ ଗୁଡାଇ ହୋଇଯିବାରୁ ଏଭଳି ପରିସ୍ଥିତି ଉପୁଜିଥିଲା। ଟନେଲ ବାହାରେ ଟ୍ରେନ୍‌ର ଇଞ୍ଜିନ ଥିବାବେଳେ ପ୍ରାୟ ୧୦ଟି ବଗି ଟନେଲ ମଧ୍ୟରେ ରହିଥିଲା। ଘଟଣାସ୍ଥଳରେ ମୋବାଇଲ ଫୋନ କାମ କରୁ ନ ଥିବାରୁ ଘଟଣା ସମ୍ପର୍କରେ ଟ୍ରେନ୍ ଡ୍ରାଇଭର ଓ ଗାର୍ଡ ବିଶାଖାପାଟଣା କଣ୍ଟ୍ରୋଲ ରୁମ୍‌କୁ ସୂଚନା ଦେଇପାରି ନ ଥିଲେ। ଫଳରେ ସେମାନେ ପ୍ରାୟ ଦେଢ଼ କିଲୋମିଟର ପଛକୁ ଚାଲି ଚାଲି ଯାଇ ରେଲୱେର ଜରୁରୀକାଳୀନ ଟେଲିଫୋନ ବ୍ୟବସ୍ଥା ମାଧ୍ୟମରେ କଣ୍ଟ୍ରୋଲ ରୁମ୍ ସହ ଯୋଗାଯୋଗ କରିଥିଲେ। ଏହାପରେ ଓଏଚ୍ଇ ତାର ଦାୟିତ୍ୱରେ ଥିବା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମରାମତି କାର୍ଯ୍ୟ ଆରମ୍ଭ କରିଥିଲେ। ରାତି ପ୍ରାୟ ୩ଟାରେ ମରାମତି କାର୍ଯ୍ୟ ସରିବା ପରେ ଟ୍ରେନ ଆଗକୁ ବଢ଼ିଥିଲା। ରାୟଗଡ଼ା ଷ୍ଟେଶନରେ ଟ୍ରେନ୍ ପହଞ୍ଚିବା ବେଳକୁ ଭୋର ସାଢ଼େ ୪ଟା ହୋଇଥିଲା। ☞ପୃଷ୍ଠା-୬

# ନଦୀବାଲିରେ ନିଖୋଜ ବାଳକଙ୍କ ମୁଣ୍ଡବିହୀନ ମୃତଦେହ

**ବଲାଙ୍ଗୀର ଅଫିସ/ ବଙ୍ଗୋମୁଣ୍ଡା,୧୬।୧୦(ଡି.ଏନ୍.ଏ.)**

- ହତ୍ୟା ପରେ ପୋତି ଦେଇଥିବା ସନ୍ଦେହ
- ବଳି ଚର୍ଚ୍ଚା ଜୋର ଧରିଲା

ତିନିଦିନ ଧରି ନିଖୋଜ ଥିବା ଜଣେ ୯ ବର୍ଷର ବାଳକଙ୍କ ମୁଣ୍ଡ ଗଣ୍ଡି ଅଲଗା ଥିବା ମୃତଦେହ ଉନ୍ଦେର ନଦୀ ବାଲିରେ ଅଧା ପୋତା ଅବସ୍ଥାରେ ମଙ୍ଗଳବାର ଜବତ ହୋଇଛି। ଟିଟିଲାଗଡ଼ ଏସ୍‌ଡିପିଓଙ୍କ ଉପସ୍ଥିତିରେ ସିନ୍ଧେକେଲା ପୋଲିସ ଟିମ୍ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ସମ୍ପୃକ୍ତ ବାଳକଙ୍କୁ ଅପହରଣ କରି କେହି ହତ୍ୟା କଲା ପରେ ନଦୀବାଲିରେ ପୋତି ଦେଇଥିବା ସନ୍ଦେହ ହେଉଛି। ମୁଣ୍ଡ ଗଣ୍ଡି ଅଲଗା ହୋଇଥିବାରୁ ତାଙ୍କୁ ବଳି ଦିଆଯାଇ ଥାଇପାରେ ବୋଲି ସମ୍ପୃକ୍ତ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଏସ୍‌ଡିପିଓ ସରୋଜ ମହାପାତ୍ର କହିଛନ୍ତି।

ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ଅନ୍ତର୍ଗତ ସିନ୍ଧେକେଲା କୁମ୍ଭାରପଡ଼ାର ହୀରା ରଣାଙ୍କ ପୁଅ ମିଥୁନ୍ ଓରଫ ଘନଶ୍ୟାମ ଶନିବାର ସନ୍ଧ୍ୟାରୁ ନିଖୋଜ ହୋଇଯାଇଥିଲେ। ସିନ୍ଧେକେଲା ବସ୍‌ଷ୍ଟାଣ୍ଡ ନିକଟରେ ଥିବା ବାପାଙ୍କ ଅଣ୍ଡା ଦୋକାନରୁ ଶିଙ୍ଗଡ଼ା କିଣିବା ପାଇଁ ମିଥୁନ୍ ଟଙ୍କା ନେଇଥିଲେ। ପାଖ ☞ପୃଷ୍ଠା-୬






### ଶାରଦୀୟ ଅଭିନନ୍ଦନ

ଆଜି ମହାଷ୍ଟମୀ: ଏହି ଅବସରରେ ଧରିତ୍ରୀ ପରିବାର ତା’ର ଅଗଣିତ ପାଠିକାପାଠକ, ଲେଖିକା ଲେଖକ, ବିଜ୍ଞାପନଦାତା, ଏଜେଣ୍ଟ, ବିତରକ ଓ ଶୁଭେଚ୍ଛୁମାନଙ୍କୁ ଶାରଦୀୟ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।





ଦୁର୍ଗା ପୂଜାରେ ଦେବୀ ଦୁର୍ଗା ଓ ତାଙ୍କ ଅସ୍ତ୍ରଙ୍କୁ ପୂଜା କରାଯାଏ, ଏହି ବିଧିକୁ ଅସ୍ତ୍ର ଦାନ କୁହାଯାଏ । ଚଳିତ ବର୍ଷ, ଭିଭେଲ୍ ଆମରି ଗହଣରେ ଥିବା ଦେବୀମାନଙ୍କ ଅର୍ଚ୍ଚନା କରିବାକୁ ଚାହିଁଛି, କ୍ଲାସିକ୍ ଅସ୍ତ୍ର ଦାନ ପଦ୍ଧତିରେ ।

ସମାଜର ବିଭିନ୍ନ ସ୍ତରରୁ 10 ଜଣ ପ୍ରତିଭାଶାଳୀ ବଙ୍ଗାଳି ମହିଳାଙ୍କୁ ଆମେ ବାଲିଗଞ୍ଜ କଲ୍‌ଚରାଲ୍ ପେଣ୍ଡାଲ୍ ରେ ଏହି ଆଧୁନିକ ଅସ୍ତ୍ର ଦାନ ରେ ଭାଗ ନେବା ପାଇଁ ଏକାଠି କଲୁ । ଏହି ମହିଳାମାନେ ସେହି ଅସ୍ତ୍ରଗୁଡ଼ିକୁ ସ୍ଥାପନ କଲେ, ଯାହା ସେମାନଙ୍କୁ ନିତିଦିନ ଶକ୍ତିମୟୀ କରାଉଛି, ତଥା ଦେଶସାରା ନିତିଦିନର ଦେବୀମାନଙ୍କୁ ଅନୁପ୍ରାଣିତ କରୁଛି ।

| Personality | Astra |
|---|---|
| Nilam | Headphones |
| Sharbari Datta | Thread Spool |
| Paroma | Mic |
| Urvashi Basu | Shade Card |
| Shiuli Mukherjee | Stethoscope |

| Personality | Astra |
|---|---|
| Nandita Roy | Clapboard |
| Shreemoyee | Book |
| Talish Ray | Gavel |
| Sushma Midde | Steering Wheel |
| Sohini Sarkar | Theatre Mask |

ଭିଡିଓ ଦେଖନ୍ତୁ ଏଠାରେ /vivelbyitc

ଏବେ ବୁଝାମଣା ନାହିଁ।


### ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

### ଆଜିର ସମ୍ପାଦକୀୟ

ଚନ୍ଦା ବନ୍ଧାଅ

### ଆଜିର ମନ୍ତବ୍ୟ

“ଆତଙ୍କବାଦ ଦମନ ଲାଗି ଆମକୁ ସଦା ପ୍ରସ୍ତୁତ ହୋଇରହିବାକୁ ପଡ଼ିବ ।

- ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ

ଅନିବାର୍ଯ୍ୟ କାରଣବଶତଃ କୃଷି ଜୀବନ ପୃଷ୍ଠା ପ୍ରକାଶ ପାଇପାରୁନାହିଁ ।


NATIONAL EGG CO-ORDINATION COMMITTEE 16.10.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 64 | 111 | 121 |
| CTC | 67 | 115 | 125 |
| DKL | 66 | 114 | 124 |
| BDK | 67 | 115 | 125 |
| BLS | 69 | 118 | 128 |
| ANG | 67 | 115 | 125 |

*Conditions Apply

Eggs Retail Price- 46/-Dozen
Issued in the Interest of Consumers







ଅତୀତ ମନୁଷ୍ୟ ବିଷୟରେ ବହୁ କଥା ଜାଣିଲେ, ଭବିଷ୍ୟତ ମନୁଷ୍ୟ ଗଢ଼ିବା ଦିଗରେ ସହାୟତା ମିଳେ।
- ବିନୋଦ କାନୁନ୍‌ଗୋ



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ସ୍ମୃତି
ପରିବାରବର୍ଗ


ଅଭିଲିପ୍ସା
ପରିବାରବର୍ଗ


ଟିଟନ
ପରିବାରବର୍ଗ


ବର୍ଷାରାଣୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବାତ୍ୟା, ବର୍ଷା ରିଲିଫ ପାଇଁ ୧୦୨ କୋଟି ମଞ୍ଜୁର

**ଭୁବନେଶ୍ୱର,୧୬।୧୦(ବ୍ୟୁରୋ)**

ବାତ୍ୟା 'ତିତଲି' ଓ ଏହା ପରବର୍ତ୍ତୀ ବର୍ଷାରେ ଛାର୍‌ଖାର ହୋଇଥିବା ଗଞ୍ଜାମ, ଗଜପତି ଓ ରାୟଗଡ଼ା ଜିଲାର ପୁନରୁଦ୍ଧାର, ଥଇଥାନ ଓ ରିଲିଫ ପାଇଁ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୧୦୨ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଗଜପତି ଜିଲାର ୧,୦୪,୬୮୧ ପରିବାର ପାଇଁ ରାଜ୍ୟ ସରକାର ୧୧ କୋଟି ଟଙ୍କା ମଞ୍ଜୁର କରିଥିବାବେଳେ ଗଞ୍ଜାମ ଜିଲାର ୫,୯୭,୦୨୧ ପରିବାର ପାଇଁ ୮୯.୬୦ କୋଟି ଏବଂ ରାୟଗଡ଼ା ଜିଲାର ୧୪ ହଜାର ପରିବାର ପାଇଁ ୧.୪୦ କୋଟି ଟଙ୍କା ମଞ୍ଜୁର ହୋଇଛି। ରାଜ୍ୟ ସରକାର ପୂର୍ବରୁ ଗଞ୍ଜାମ, ଗଜପତି ଓ ରାୟଗଡ଼ା ଜିଲାର ଗୁଣୁପୁର ପାଇଁ ୧୫ ଦିନ ସକାଶେ ବୟସ୍କ ବ୍ୟକ୍ତିଙ୍କ ପାଇଁ ଦୈନିକ ୬୦ ଓ ୧୨ ବର୍ଷରୁ କମ୍ ପିଲାଙ୍କ ପାଇଁ ୪୫ ଟଙ୍କା ଦେବାକୁ ଘୋଷଣା କରିଛନ୍ତି। ମାତ୍ର ରିଲିଫ ଦେବା ନେଇ ସମସ୍ୟା ଦେଖା ଦେଇଛି। ଜିଲାର ଅଧିକାଂଶ ପ୍ରଭାବିତ ପଞ୍ଚାୟତରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବାବେଳେ ଦୁର୍ଗମ ପଞ୍ଚାୟତରେ ବ୍ୟାଙ୍କ ନ ଥିବାରୁ ଲୋକମାନଙ୍କୁ ସେମାନଙ୍କ ଆକାଉଣ୍ଟ ଜରିଆରେ ଟଙ୍କା ଦେବା ସମ୍ଭବ ହେଉ ନାହିଁ।

# ୨୫ରେ ହୋଇପାରେ ପୁଣି ଏକ ଲଘୁଚାପ

**ଭୁବନେଶ୍ୱର,୧୬।୧୦(ବ୍ୟୁରୋ)**

ଆସନ୍ତା ୨୫ କିମ୍ବା ୨୬ ତାରିଖ ବେଳକୁ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ମଙ୍ଗଳବାର ଦକ୍ଷିଣ ଆଣ୍ଡାମାନ ଏବଂ ଏହାର ଆଖ ପାଖ ଅଞ୍ଚଳରେ ୩.୧ କିଲୋମିଟର ବ୍ୟବଧାନରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ରୂପରେଖ କ'ଣ ହେବ ସେ ନେଇ ପାଣିପାଗ ବିଭାଗ ପକ୍ଷରୁ କିଛି ସ୍ପଷ୍ଟ କରାଯାଇ ନାହିଁ। ତେବେ ଏହା ଯଦି ଘନୀଭୂତ ହେବ ତାହା ଲଘୁଚାପ ରୂପ ନେଇ ପାରେ ବୋଲି ଅନୁମାନ କରାଯାଉଛି। ସେଠାକାର ବାୟୁମଣ୍ଡଳର ଚାପକୁ ଦେଖି ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ପାଣିପାଗ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯିବ। ଏହାର ସ୍ଥିତି ଉପରେ ପାଣିପାଗ ବିଭାଗ ନଜର ରଖିଛି। ଆସନ୍ତା ୨୦ ତାରିଖ ଯାଏ ରାଜ୍ୟରେ ପାଗ ଶୁଖିଲା ରହିବ। କେତେକ ସ୍ଥାନରେ କୁହୁଡ଼ି ହେବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

## ପୁଣି ଥରେ ମୁହଁ ଖୋଲିଲେ ମହେଶ୍ୱର

# ଚାରିଦ୍ୱାରରେ ଭକ୍ତଙ୍କୁ ଛଡ଼ାଯାଉ

**ପୁରୀ ଅଫିସ,୧୬।୧୦**

ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଲାଗି ଗତ ୧ ତାରିଖଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହୋଇଛି ଧାଡ଼ିଦର୍ଶନ । ଏହାକୁ ବିରୋଧକରି ପୁରୀ ବନ୍ଦ ଡାକରା ଦିଆଯାଇଥିବା ବେଳେ ବ୍ୟାପକ ହିଂସାକାଣ୍ଡ ଘଟିଛି। ତେବେ ଏହି ଧାଡ଼ିଦର୍ଶନକୁ ନେଇ ପୁଣି ମୁହଁ ଖୋଲିଛନ୍ତି ମନ୍ତ୍ରୀ ମହେଶ୍ୱର ମହାନ୍ତି। ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି, ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଏକାଧିକ ସାହି ରହିଛି। ପୂର୍ବରୁ ସ୍ଥାନୀୟ ଲୋକଙ୍କ ସମେତ ବାହାରୁ ଆସୁଥିବା ଭକ୍ତମାନେ ନିଜ ସୁବିଧା ଅନୁସାରେ ଯେ କୌଣସି ଦ୍ୱାର ଦେଇ ଠାକୁରଙ୍କୁ ଦର୍ଶନ କରିବାକୁ ଯାଉଥିଲେ। ସେହିଭଳି ଚାରିଦ୍ୱାର ଦେଇ ଭକ୍ତଙ୍କୁ ପ୍ରବେଶ ଅନୁମତି ଦିଆଯାଉ। ସାତପାହାଚଠାରୁ ଭକ୍ତଙ୍କୁ ନିୟନ୍ତ୍ରଣ କରି ବ୍ୟାରିକେଡ ମାଧ୍ୟମରେ ଭିତରକୁ ଛଡାଗଲେ ଦର୍ଶନରେ ଶୃଙ୍ଖଳା ଆସିପାରିବ। ଶ୍ରୀମନ୍ଦିର ପରିସର ବ୍ୟାପକ, ଅନ୍ୟ ମନ୍ଦିର ଭଳି ସଙ୍କୁଚିତ ନୁହେଁ। ତେଣୁ ଚାରିଦ୍ୱାରରେ କୌଣସି ପ୍ରକାର କଟକଣା ନ କରି ଅବାଧରେ ପ୍ରବେଶ ପାଇଁ ଭକ୍ତଙ୍କୁ ଛଡାଯାଉ। ଏହାଦ୍ୱାରା ଧାଡ଼ିଦର୍ଶନ ନେଇ ଯେଉଁ ବିବାଦ ଉପୁଜିଛି ତାହାର ସରଳ ସମାଧାନ ହୋଇପାରିବ ବୋଲି ମନ୍ତ୍ରୀ କହିଛନ୍ତି।

# ଜାତୀୟସ୍ତରୀୟ ଆଖଡ଼ା ଲାଗି ଓଡ଼ିଶା ଦଳ ମନୋନୀତ

**ପୁରୀ ଅଫିସ, ୧୬।୧୦**

ସିବିଏସ୍‌ଇ ଦ୍ୱାରା ଆୟୋଜିତ ସ୍କୁଲ ଗେମ୍ସ ଫେଡେରେଶନ୍ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ଆସନ୍ତା ୧୯ରୁ ୨୧ତାରିଖ ପର୍ଯ୍ୟନ୍ତ ରାଜସ୍ଥାନର ଢୋଲପୁରର ପଣ୍ଡିତ ଉମା ଦତ୍ତ ପବ୍ଲିକ ସ୍କୁଲରେ ୬୪ତମ ଜାତୀୟସ୍ତରୀୟ ଆସିତେ ଡୁ (ଆଖଡ଼ା) ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏନେଇ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଓଡ଼ିଶା ଓ ଆସିତେ ଡୁ ସଂଘର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଜାତୀୟସ୍ତରୀୟ ଆଖଡ଼ା ପ୍ରତିଯୋଗିତା ଲାଗି ସ୍ଥାନୀୟ ସନ୍ତୋଷୀ ଇଂଲିଶ ମିଡିୟମ ସ୍କୁଲ ପରିସରରେ ଚାଲିଥିବା ରାଜ୍ୟସ୍ତରୀୟ ଚୟନ ଶିବିର ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନ ଧରି ଚାଲିଥିବା ଏହି ଶିବିରରେ ମଙ୍ଗଳବାର ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ମୁଖ୍ୟଅତିଥି, ବରିଷ୍ଠ କ୍ରୀଡ଼ା ପ୍ରଶିକ୍ଷକ ରବୀନ୍ଦ୍ରନାଥ ସେନାପତି, ଆଖଡ଼ା ଓଡ଼ିଶା ସଂଘ ସଭାପତି ଗୌରୀଶଙ୍କର ସିଂହାରୀ, ସୁବାସିନୀ ବଳିଆରସିଂ, ଜିଲା ଶାରୀରିକ ନିରୀକ୍ଷକ ଜିତେନ୍ଦ୍ର ନାଥ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜାତୀୟସ୍ତରରେ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୧୭ବର୍ଷରୁ କମ୍ ବର୍ଗର ପ୍ରତିଯୋଗୀ ଓଡ଼ିଶା ତରଫରୁ ଅଂଶଗ୍ରହଣ କରିବେ ବୋଲି ଜିଲା ଶିକ୍ଷାଧିକାରୀ ହୃଷୀକେଶ କାଣ୍ଡି କହିଛନ୍ତି। ସଂଘର ସାଧାରଣ ସମ୍ପାଦକ ସବ୍ୟସାଚୀ ରଥ, ଜୁଡୋ କୋଚ ସବିତା ନନ୍ଦ ଓ ପ୍ରିୟମ୍ବଦା ଜେନା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ପାପଗ୍ରହ ଯୁକ୍ତ ଚନ୍ଦ୍ର ପ୍ରଭାବରେ ପାରିବାରିକ କ୍ଷେତ୍ରରେ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବିବାଦ ବଢ଼ିପାରେ। ସବୁକଥାକୁ ଭଲରୂପେ ବିଚାର ପୂର୍ବକ କାମ କରି ଆଗକୁ ବଢିବା ଠିକ୍ ହେବ। ପରିସ୍ଥିତିର ଗୁରୁତ୍ୱ କାରଣରୁ ବନ୍ଧୁଗୃହକୁ ଯାତ୍ରା କରିବାକୁ ବାଧ ହେବେ। ବ୍ୟବସାୟ, ପରିବହନ, ନିର୍ମାଣ କ୍ଷେତ୍ରରେ ସମସ୍ୟା ସମାଧାନ ହେବାର ସୂଚନା ପ୍ରାପ୍ତ ହେବ।

**ବୃଷ** ନିକଟ ସମ୍ପର୍କୀୟମାନଙ୍କ ସହ ବେଶ୍ ବନ୍ଧୁତା ଜମାଇ କାମ ହାସଲ ପାଇଁ ଚେଷ୍ଟିତ ହେବେ। ଆଗକୁ ଆସୁଥିବା ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଦଉଡ କରିବାକୁ ପଡିପାରେ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହେବାର ଆଶା କରାଯାଇପାରେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ବିବାଦୀୟ ମନ୍ତବ୍ୟରେ ମୁଣ୍ଡ ନ ପୂରାଇବା ଭଲ।

**ମିଥୁନ** ବନ୍ଧୁଙ୍କ ପରାମର୍ଶରେ ଦୂରଯାତ୍ରା କରିବା ସକାଶେ ମନସ୍ଥ କରିପାରନ୍ତି। କହିବାକୁ ଇଚ୍ଛା ଥିଲେ ମଧ୍ୟ ସଂକୋଚ ବଶତଃ ବନ୍ଧୁଙ୍କ ନିକଟରେ ମନକଥା ପ୍ରକାଶ କରିପାରିବେ ନାହିଁ। ନିଜର କୃତି ଓ କୃତିତ୍ୱ ସକାଶେ ସାମାଜିକ ସ୍ତରରେ ଶୁଭେଚ୍ଛୁମାନଙ୍କ ଶ୍ରଦ୍ଧାଭାଜନ ହେବେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ଚିନ୍ତା ପ୍ରକଟ କରିପାରନ୍ତି।

**କର୍କଟ** ମାନସିକ ଅସ୍ଥିରତା ବଶତଃ ଅନାଗତ ସମସ୍ୟା ବିଷୟ ଚିନ୍ତାକରି ମନଦୁଃଖ ହେବ। ନିର୍ମାଣ କାର୍ଯ୍ୟରେ, ମାଲିମକଦ୍ଦମାରେ, କ୍ରୟ ଓ ବାଣିଜ୍ୟ ବ୍ୟବସାୟରେ ସ୍ଥିତି ଅନୁକୂଳ ହୋଇପାରେ। ସହକର୍ମୀମାନଙ୍କ ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। ପରିବହନରେ କିଛି ସମସ୍ୟା ଦେଖାଦେବ, କିନ୍ତୁ ସେଥିରୁ ମୁକୁଳି ଯିବେ।

**ସିଂହ** ବିବାଦୀୟ ପରିସ୍ଥିତିର ଦୃଢ ମୁକାବିଲା କରି ସଫଳତା ପାଇବେ। ଆବଶ୍ୟକତା ପୂରଣ ସକାଶେ ଟଙ୍କା ପଇସା ଯୋଗାଡ କରିବାକୁ ବିଭିନ୍ନ ଫନ୍ଦି ଫିକର କରିପାରନ୍ତି। ଦୀର୍ଘ ଦିନରୁ ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବ। କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା** କର୍ମକ୍ଷେତ୍ରରେ ପ୍ରତିବନ୍ଧକ ମଧ୍ୟରେ ଗତିକରିବା କାରଣରୁ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। ତରବର ନ ହୋଇ ଧୀରସ୍ଥିର ମନ ନେଇ କାମକଲେ ସମସ୍ୟାର ସରଳ ସମାଧାନ ହେବ। ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ବନ୍ଧୁଙ୍କ ସହ ଦୂରଯାତ୍ରା କରିପାରନ୍ତି।

**ତୁଳା** ବାରମ୍ବାର ଚେଷ୍ଟା କରିମଧ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ବିଭିନ୍ନ ପ୍ରକାରର ଅସୁବିଧା ଭିତରେ ଗତି କରୁଥିବାରୁ ଧୀରେ ଧୀରେ ମାନସିକ ଅବସ୍ଥା ଖରାପ ଦିଗକୁ ଗତି କରିପାରେ। କୌଣସି ଜିନିଷ କିଣିବା ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡିପାରେ। ଜଣେ ବନ୍ଧୁଙ୍କ ଉପସ୍ଥିତକୁ କେନ୍ଦ୍ର କରି ଝଗଡା ଲାଗିପାରେ।

**ବିଛା** ବୃଥା ସନ୍ଦେହ ଏବଂ ଭୁଲ୍ ବୁଝାମଣା ଯୋଗୁ ନିଜ ଲୋକମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଅତୀତ ଘଟଣା ମନକୁ ବାରମ୍ବାର ଆଲୋଡିତ କରିବା ଫଳରେ ମନଟା କାହିଁକି କେମିତି କେମିତି ଲାଗିବ। ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ସୂଚନା ରହିଛି। ଘରଭଡାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ଧନୁ** କର୍ମକ୍ଷେତ୍ରରେ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ। ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ବନ୍ଧୁଙ୍କ ଅନୁରୋଧରେ ଆକସ୍ମିକ ଭାବରେ ଯାତ୍ରା କରିବାକୁ ପଡିପାରେ। ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କଳା,ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ମକର** ଅତି ଭଲ ସମ୍ପର୍କ ରହିଥିବା ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମଗୁଡିକ ସୁବିଧାରେ ସମ୍ପନ୍ନ ହୋଇଯିବ। ତଥାପି ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡିବେ। ଅପରାହ୍ନେ ଟେନସନ କମିଯିବା ସାଙ୍ଗକୁ ସୁଖଭ୍ରମଣ ଯୋଗ ରହିଛି। କଳା, ସାହିତ୍ୟରେ ଉନ୍ନତି କରିବେ। ଟିକିଏ କଥାରେ ରାଗିଯିବା ଫଳରେ କିଛି ସମସ୍ୟା ଆସିପାରେ ।

**କୁମ୍ଭ** କର୍ମକ୍ଷେତ୍ରରେ ଯେତେ ପ୍ରକାରର ସମସ୍ୟା ଆସିଲେ ମଧ୍ୟ କୌଣସି ପ୍ରକାରର ଅସୁବିଧା ହେବନାହିଁ । ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। ପରିବାରରେ ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପଦାଧିକାରୀଙ୍କ ପରୋକ୍ଷ ସମର୍ଥନ ବିବାଦୀୟ ସ୍ଥିତିକୁ ନିୟନ୍ତ୍ରିତ କରିବାରେ ସମର୍ଥ ହେବ।

**ମୀନ** ଆଜି ଦିନଟିରେ ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହାକି ବ୍ୟସ୍ତତାର କାରଣ ହୋଇପାରେ। ଚେଷ୍ଟା କରୁଥିବା କାମରେ ସନ୍ଧ୍ୟାରେ ସଫଳତା ଲାଭ କରିବେ। ଆଗାମୀ ସମୟର କାର୍ଯ୍ୟକ୍ରମକୁ ନେଇ ସ୍ତ୍ରୀଙ୍କ ପରାମର୍ଶ ଏବଂ ପ୍ରେରଣାରୁ ଉପକୃତ ହୋଇପାରନ୍ତି। ବିଶେଷ ଭ୍ରମଣ କିମ୍ବା କଠିନ ପରିଶ୍ରମଜନିତ ସାମାନ୍ୟ ଶାରୀରିକ ଅସ୍ୱସ୍ତି ଅନୁଭବ କରିବେ।

ଆଜି ଜଳ ବିଷୁବ ଗର୍ଭଣା ସଂକ୍ରାନ୍ତି ପୀଠେ ମହାନବମୀ ଓ ଶ୍ରୀମୃଣ୍ମୟୀ ଦେବୀଙ୍କର ପ୍ରାତଃ ସମୟେ ଚରଲଗ୍ନେ ମହାଷ୍ଟମୀ ପୂଜାରମ୍ଭ, ଦିବା ଘ୧୨।୨୫ମି. ୫୩ ସନ୍ଧିପୂଜା ଆରମ୍ଭ, ଘ୧୨।୪୯ମି. ୫୩ ସମୟେ, ସନ୍ଧିବଳି ପ୍ରୋକ୍ଷଣ, ଘ୧।୧୩ମି. ୫୩ ସୁଦ୍ଧା ସନ୍ଧିପୂଜା ସମାପ୍ତ,ଶରଣଂ, ଅକ୍ଟୋବର ୧୭ ତାରିଖ, ବୁଧବାର, ବିଶ୍ୱ ଦାରିଦ୍ର୍ୟ ଦୂରୀକରଣ ଦିବସ, ରାଶି ନକ୍ଷତ୍ର-ଉତ୍ତରାଷାଢା/ମକର, ସିଂହ ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର, ସକାଳ ଘ୭।୧୨ମି. ଗତେ ଘ୮।୪୭ମି. ମଧ୍ୟେ, ଘ୨।୫୯ମି. ଗତେ ଘ୪।୩୨ମି. ମଧ୍ୟେ ଅମୃତ ବେଳା।





## BRIDE WANTED

Brahmin boy 33, home town Bhubaneswar working in Japanese MNC in Gurgaon. Looking for Brahmin bride age, 23-28. Contact: 9776419787. (Mediators should not contact). D-8910

Bride for 40 years divorce Brahmin groom (issuless) B.Tech Civil, BBSR. 9853528532. D-64726

Divorcee groom Engineer 41, Teacher 35 (caste-no-bar). Contact: 7873374269. D-65025

Divorcee groom Engineer 32, Bank 36+, Doctor 41+. Samadhan: 8594926181. D-65026

ଶ୍ରୀସେନୀ ବ୍ରାହ୍ମଣ ସଫ୍ଟୱେର ଇଞ୍ଜିନିୟର ପାତ୍ର ପାଇଁ educated house wife ଭାବେ ରହିବାକୁ ଇଚ୍ଛୁକ ସୁନ୍ଦର ଗୌର ବର୍ଣ୍ଣା ପାତ୍ରୀ ଆବଶ୍ୟକ। ଯୋଗାଯୋଗ: ୯୫୫୬୬୨୩୪୧୪. ଧ-୮୯୧୭

## GROOM WANTED

Hindu Khandayat, 5'4"/ 28yrs, M.Tech NIT, working at IT Sector, fair complexion girl looking for a qualified & well established groom from Khandayat/ Karan. Contact: 9583432352. D- 65027

Beautiful Karan girl 1988 B.Sc, MBA required suitable match. 8908955060. D-64728

## AFFIDAVIT

Affidavit before Executive Magistrate, Banki, 25.01.2018, I have changed my name from Ramesh Kumar Parida to Rohita Parida, S/o. Madhu Parida, At-Manipur, PO- Gadadharpur, Dist- Cuttack for LIC policy- 585741081/ 589763174 and all purposes. D-62048

## ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା



**ମୟଙ୍କ ପଣ୍ଡା**
ଇ.ବି- 309, ବଡଗଡ, ବ୍ରିଟ କଲୋନୀ, ଭୁବନେଶ୍ୱର- 751018

ତୋର ଦ୍ୱିତୀୟ ଜନ୍ମବାର୍ଷିକୀ ପୂର୍ତ୍ତି ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ, ସୁଖମୟ ଓ ଦୀର୍ଘାୟୁ କରନ୍ତୁ ଏତିକି ଆମର ପ୍ରାର୍ଥନା। ଶୁଭେଚ୍ଛା ସହ: ମାମା, ବାବା, ଅଜା, ଆଈ, ବୁଢାବାପା, ବୁଢୀମା, ଦଦା, ଦେଠେଇ, ମାଉସୀ, ମାମୁ, ନାନୀ। ଧ-୮୯୬୧

## ୬ଷ୍ଠ ବର୍ଷ ଜନ୍ମଦିନ ଶୁଭେଚ୍ଛା



(ପୁପୁନ୍)
**ସ୍ମୃତି ରଞ୍ଜନ ବେହେରା**
ବାଲଣା, ମାର୍ଶାଘାଇ, କେନ୍ଦ୍ରାପଡ଼ା

ଆଜି ତୋର ୬ଷ୍ଠ ବାର୍ଷିକୀ ଜନ୍ମଦିବସ ଅବସରରେ ତୋର ଚଲାପଥ କୁସୁମିତ ହେଉ, ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା। ଶୁଭେଚ୍ଛା ସହ: ଜେଜେ, ଜେଜେମା, ବାପା, ମାମା, ମାମୁ, ମାଈଁ, ଭାଇ, ଭଉଣୀ। ଧ-୪୬୨୫୭

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# classified




## SALE

Two LPT 407 in good condition for sale. Contact: 9040551000. D-60925

Alto, WagonR, Swift, Dzire, Vento, Indigo, Scorpio, Nishan Micra, Ford Figo, Ford Fiesta, Xcent, Santro, i10, i20, Sail, Beat, Spark, Innova, Honda Amaze, Honda City, Mahindra Logan, Mahindra Verito and many more for sale. Contact: 7440000832, 8599005885. D-8953

SUV for sell: Model, 2015 August, diesel from Saangyong Rexton Rx6 manual transmission, black colour 43500km driven. Insurance valid upto August 2019, NOC is available. Features- all alloy wheel including spare, special provision for 4wheel drive, leather ire seats for all 7seats, Panasonic roof screen, rain sensing wiper, automatic headlight. ABS, EBS, hill descent, Engine 2700cc CDRI engine, 163bhp 350Nm torque 210 topspeed. Contact: 7377771414. D-65032




## SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 7008390130. D-64337

A luxerious 3BHK flat at Tata Ariana BBSR for sale. Contact: 9337413323, 9437313522. D-64903

ଭୁବନେଶ୍ୱର ରଙ୍ଗବଜାର ପାଖରୁ 4 km. ଦୂରତ୍ୱରେ Gayatri College ନିକଟରେ 30' road ଥାଇ Demarcated gharabari plot ପଟ୍ଟାସହିତ 390/-ରେ ବିକ୍ରି ହେଉଅଛି। 9437114429, 9938214443. D-64342

ଭୁବନେଶ୍ୱର ପିତାପଲି NH-5 ଠାରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଅଛି। 8338932027. D-64324

Litigation free plots near Xavier University backside BDA Zone, Bhubaneswar. Sqft.- 250/-, 160/-. 9337259012, 9937746907. D-64343

Book 3BHK duplex house at Talabania, Pokhariput, Bhubaneswar having land area 1260 sqft. and 1900 construction area. Price- 77 lakh. Bank finance available. 7504392698. D-65113

Running four wheeler spare sparts shop for sale in Puri. Interested persons please contact: 9556893322, 7978629314. D-63732

Readymade 3BHK new flat, 3rd floor at BJB Nagar, No tax, 9439716901 (Broker Excuse). D-65118

Ready to move 2/3BHK flat at Tamando & GGP colony. Contact: 9040164510. D-65029

## PURCHASE

ଢେଙ୍କାନାଳରେ ଜମି କିମ୍ବା ଘର କିଣିବା ପାଇଁ ଦୟାକରି ଯୋଗାଯୋଗ କରନ୍ତୁ। 9439464581. D-62049




All type certified precious and semi-precious Gemstones, Rudraksha, Yantras, Malas, Idols & other astrology products wholesaler retailer Bhubaneswar. Call: 91+8093050401. D-8828

Now Matrimonial ads. only on Wednesday & Sunday Book 1 Get 1 FREE

## LOST

ଭୁବନେଶ୍ୱରରୁ ନିଜ ଗ୍ରାମ ହଂସପାଳ ଯିବା ବାଟରେ ମୋ ବ୍ୟାଗରେ ଥିବା ଜମି ପଟ୍ଟା, ଖତିଆନ କ୍ରମିକ ନଂ 609/291, ପ୍ଲଟ ନଂ 1503/2264, 1505/2265 କେଉଁଠାରେ ହଜିଯାଇଛି। କୌଣସି ସହୃଦୟବ୍ୟକ୍ତି ପାଇଥିଲେ। ନିମ୍ନଲିଖିତ ଠିକଣାକୁ ଜଣାଇବାକୁ ଅନୁରୋଧ। ଚିନ୍ମୟ ପଟ୍ଟନାୟକ ଓ ଚନ୍ଦନ ପଟ୍ଟନାୟକ, ହଂସପାଳ। Ph: 9437005035. D-8951

# ମନେ ପଡ଼ନ୍ତି

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଜୟଶ୍ରୀ ପଣ୍ଡା**
**ଗଣ୍ଡମୁଣ୍ଡା, ଭୁବନେଶ୍ୱର**

ଆଜି ପବିତ୍ର ଦୁର୍ଗା ମହାଷ୍ଟମୀରେ ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ: ପରିବାର ଓ ଆତ୍ମୀୟସ୍ୱଜନ। ଧ-୬୫୧୧୯

## ଏକାଦଶ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା କମଳା କୁମାରୀ ନନ୍ଦ**
ସ୍ୱାମୀ- ସ୍ୱର୍ଗତ ଚକ୍ରଧର ନନ୍ଦ
ରାଣୀପଡା, ସାଲେପୁର
ଆବିର୍ଭାବ: ସେପ୍ଟେମ୍ବର, ୧୯୩୮ (ଅନନ୍ତବ୍ରତ)
ତିରୋଧାନ: ୧୯।୧୦।୨୦୦୭ (ମହାଷ୍ଟମୀ)

ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରଣାମ ଜଣାଉଛୁ। ପରିବାରବର୍ଗ। ଧ-୮୯୫୨

## ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



**✓ ଲତିକା ଦାସ**
ଏ/ଏମ୍-୨୦, ଭୀମଟାଙ୍ଗୀ ହାଉସିଂବୋର୍ଡ୍, ଭୁବନେଶ୍ୱର
ଆବିର୍ଭାବ : ୧୭.୦୩.୧୯୩୦
ତିରୋଧାନ : ୧୭.୧୦.୨୦୧୬
(ସୋମବାର, ଗର୍ଭଣା ସଂକ୍ରାନ୍ତି)

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଆତ୍ମାର ସଦ୍‌ଗତି କାମନାରେ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ଆମର ପ୍ରାର୍ଥନା।

ପୁତ୍ର : ଟିଲ୍ଲୁ, ରଞ୍ଜନ, ଜଲ୍ଲୁ, ତଲ୍ଲୁ, ବାବୁ ଓ ଫଲ୍ଗୁନା, ବୋହୂ : ବୀଣା, ରୁତୁ, ଟିକିଲି, ବିଲ୍ଲୁ, ରୋଜି ଓ ଫେନ୍ସ, ନାତି : ରାଜନ, ଲିଙ୍କନ, ନାତୁଣି : ମନିଆ, ଚାଇନା, ଶିବାନୀ, ଶାଲିନୀ, ରୁପାନୀ, ହିମାନୀ, ସିଲ୍‌କୀ ଓ ମାନ୍ସ, ନାତୁଣିଜ୍ୱାଇଁ : ବବ୍‌ଲୁ, ପଶା, ବାପ୍ପୁ, ବିକ୍ରମ ଓ ରାଜୀବ। ଧ-୮୯୬୨

## ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତା ସୁକାନ୍ତି ପ୍ରଧାନ**
ଆବିର୍ଭାବ: ୦୨।୧୦।୧୯୪୩
ଶନିବାର ୧୦ ଘଟିକା
ତିରୋଧାନ: ୦୭।୧୦।୨୦୧୮
ରବିବାର ସକାଳ ୭ଘଟିକା

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତରନାଥ ଶ୍ରୀଜଗନ୍ନାଥ ଓ ମା' ମାହେଶ୍ୱରୀଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ସ୍ୱାମୀ- ରାଜକିଶୋର ପ୍ରଧାନ, ପୁଅ- ଦିଲ୍ଲୀପ, ଅନୀଲ, ଝିଅ- ଆରତୀ, ଭାରତୀ, ବୋହୂ- ସବିତା, ସୁରଭି, ପୁତୁରା- ବିବେକା, ସୁନୀଲ, ସୁଜିତ, ନାତି- ଗୁଡ୍ଡୁ, ଭିକି, ନିକି, ପପୁଲ, ବବୁଲ୍, ନାତୁଣୀ- ମାମାଲି, ଲୁବୁଲି, ମାମୁଲ୍, ରିମ୍‌ସା, ନାତୁଣୀବୋହୂ- ଟୁଇଙ୍କିଲ ଓ ପ୍ରଧାନ ପରିବାରବର୍ଗ। ଧ-୮୯୬୦

## ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ପ୍ରଦୀପ୍ତ କୁମାର ମହାରଣା (ବାବୁ)**
ପିତା- ଲକ୍ଷ୍ମୀଧର ମହାରଣା
ସା- ବଗଦିଆ, ଝିମାଣୀ, କୁଜଙ୍ଗ (ପାରାଦୀପ)
ଆବିର୍ଭାବ: ୦୭।୧୦।୧୯୬୭
ତିରୋଧାନ: ୦୭।୧୦।୨୦୧୮

ତୁମର ଜନ୍ମଦିନରେ ଅକାଳ ମୃତ୍ୟୁରେ ତୁମ ପିତା ମାତାଙ୍କୁ ଘୋର ଶୋକସାଗରରେ ଭସାଇ ତୁମେ ଆରପାରିକି ଚାଲିଗଲ। ପ୍ରତିକ୍ଷଣରେ ତୁମ ଅନୁପସ୍ଥିତିର ଶୂନ୍ୟତା ଆମେ ଅନୁଭବ କରୁଛୁ। ତୁମେ ଯେଉଁଠି ଥିଲେବି ଆମକୁ କ୍ଷମା କରିବ। ତୁମର ସେହି ହସ ହସ ମୁହଁ, ସ୍ନେହବୋଳା କଥା ସବୁବେଳେ ମନେପଡୁଛି। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ଇତି ତୁମର ହତଭାଗ୍ୟ ବାପା, ବୋଉ, ସ୍ତ୍ରୀ, ପୁତ୍ର ଏବଂ ପରିବାରବର୍ଗ। ଧ-୮୯୨୩

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଗାୟତ୍ରୀ ମହାନ୍ତି**
ଆବିର୍ଭାବ: ୧୯।୦୩।୧୯୮୫
ତିରୋଧାନ: ୦୭।୧୦।୨୦୧୮

ଆମ ସମସ୍ତଙ୍କୁ ଦାରୁଣ ଦୁଃଖ ସଂସାରରେ ଭସାଇ ଚାଲିଗଲୁ, ସମସ୍ତଙ୍କ ସ୍ନେହର ଗାୟତ୍ରୀ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ। ଧ-୫୬୬୩୦


HONDA
The Power of Dreams
ଘର କରିବେ ବୋ ଖୁସ୍
WINGS OF Joy
OFFER
Maha Joy ବିଜେତା
Mr. Sabib Aalam Sheikh
Leela Honda, Valsad
Mr. Prem Kumar Srivastava
Aditya Sky Honda, Lucknow
Honda Brio
#2400+ Weekly Joys ବିଜେତା ଘୋଷିତ ହୋଇ ସାରିଛନ୍ତି ।
ଶୀଘ୍ର କରନ୍ତୁ ବହୁତ ସାରା ପୁରସ୍କାର ଜିତନ୍ତୁ !
ଯେକୌଣସି ହୋଣ୍ଡା 2-ହ୍ୱିଲର୍ କିଣନ୍ତୁ । ପାଆନ୍ତୁ ସୁନିଶ୍ଚିତ ଉପହାର ଏବଂ ଜିତନ୍ତୁ ବମ୍ପର୍ ପ୍ରାଇଜ୍# ।
ଫାଇନାନ୍ସ ଉପରେ ₹7,500/- ପର୍ଯ୍ୟନ୍ତ ସଞ୍ଚୟ କରନ୍ତୁ^
+
ସୁନିଶ୍ଚିତ ଉପହାର#
HONDA joyclub
ସଦସ୍ୟତା ମୂଲ୍ୟ ₹2,100/- ଲାଭ ସହିତ
ଲକି ଡ୍ର ପ୍ରାଇଜେସ୍#
BUMPER JOY
5 Honda Amaze
MAHA JOY
31 Honda Brio
WEEKLY JOY
LG ଏଲ୍ଇଡ଼ି ଟିଭି / Samsung ସ୍ମାର୍ଟଫୋନ୍ / Sony ଇଅରଫୋନ୍ସ ଏବଂ ଅନ୍ୟାନ୍ୟ ଆକର୍ଷଣୀୟ ପୁରସ୍କାର
HET BS-IV
BEST DEAL HONDA
Buy. Sell. Exchange
SAFETY-INDIA HONDA
ALWAYS WEAR A HELMET WHILE RIDING
Also available:
Annual Maintenance Contract***
Roadside Assistance***
Engine Health Assurance***
Follow us on
ହୋଣ୍ଡା ହିଁ HONDA
Honda Motorcycle and Scooter India Pvt. Ltd., Registered Office: Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; Website: www.honda2wheelersindia.com; Customer Care: customercare@honda2wheelersindia.com
*Product shown in the picture may vary from the actual product. **Accessories shown in the picture are not a part of standard equipment. #T&C Apply. Offer valid for the period from 05-Oct-2018 to 30-Nov-2018 only. This scheme is not valid in Tamil Nadu state. The model and variants of the prizes may vary subject to availability. The scheme has been reviewed by KPMG (Registered) as Process Advisors and Evaluators for 'Honda Wings of Joy Offer'. For further details, visit www.hondawingsofjoy.com or visit your nearest Honda Dealership. All disputes subject to Gurugram jurisdiction only. ^Finance scheme available with select financiers at their sole discretion. Saving has been calculated on finance scheme against general scheme available in the market and depends on specific loan amount, tenure, Rate of Interest and validation of Income documents submitted by customer. Scheme is available for limited time period only and can be withdrawn from market without any prior notice. ***Conditions apply.
Honda Exclusive Authorized Dealerships: ATTABIRA: TS Motors - 06682-221001, 9178653139, T.S. Honda - 9178653139, 9438771477; BARGARH: Aashirbad Honda - 06646-246066, 9438024339; BARPALI: Abhishek Honda - 9437056675; BELPAHAR: Bharat Honda - 8018157547; BHAWANIPATNA: Mahesh Honda - 9437938985, 06670-235633; BOLANGIR: Amarnath Honda - 06652-233155, 8895258555; BRAJRAJNAGAR: JaiswaL Honda - 977747788; JHARSUGUDA: Gajraj Honda - 9337645411; JUNAGARH: Jaga Janani Honda - 9583794900; KHARIAR ROAD (NUAPADA): Ambika Honda - 06678-222949, 9737643030; KUCHINDA: Krishna Honda - 06642-220346, 7894277470; PADAMPUR: Bindhyabasini Honda - 9437051078, 9937788078; RAJGANGPUR: Naisha Honda - 7008614081, 06624220051; RAJKHARIAR: Shree Shyamji Honda- 9178999997; RENGALI: BP Honda - 7377777362; ROURKELA: Koshala Honda - 0661-3290770, 9337749281; Harsheel Honda - 9337408180, 0661-2665533; SAMBALPUR: Jas Honda - 0663-2115817, 9238364199; SONEPUR: Meher Honda - 09937771704, 06654220200; SUNDARGARH: MaaSamaleswari Honda - 9938198641, 8984873500; TITLAGARH: Tanishta Honda - 09437037314.
For Bulk/Institutional enquiries, please write us at: institutionalsales@honda2wheelersindia.com

ଧରିତ୍ରୀ DHARITRI
ବୁଧବାର, ୧୭ ଅକ୍ଟୋବର, ୨୦୧୮

ଏକଥା ସତ ଯେ, ସ୍ୱାର୍ଥପରତା ଆତ୍ମାକୁ ନଷ୍ଟ କରେ। ସ୍ୱାର୍ଥପର ପ୍ରବୃତ୍ତିକୁ ଧ୍ୱଂସ କର। କିନ୍ତୁ ତୁମକୁ ଅନ୍ୟ ଦିଗରେ ମଧ୍ୟ ସାବଧାନ ହେବାକୁ ପଡିବ। କାରଣ ତୁମର ବଦାନ୍ୟତା ମଧ୍ୟ ଯେପରି ଅନ୍ୟମାନଙ୍କ ଆତ୍ମାକୁ ନଷ୍ଟ ନ କରେ। -ଶ୍ରୀଅରବିନ୍ଦ



# ଚନ୍ଦକା ବଞ୍ଚାଅ

କଟକ ମୁଣ୍ଡଳୀ ନିକଟ ମହାନଦୀରେ ୫ଟି ହାତୀ ଭାସି ଯାଉଥିବା ଖବର ଅକ୍ଟୋବର ୧୫ ସକାଳୁ ବ୍ୟାପିଯିବା ପରେ ଏହି ଦୃଶ୍ୟ ଦେଖିବାକୁ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମଧ୍ୟରେ ଭିଡ଼ ହୋଇଥିଲା। ଏ ବିଷୟରେ ସୂଚନା ପାଇବାରୁ ଆଠଗଡ଼ ଓ ଚନ୍ଦକା ବନଖଣ୍ଡ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସଙ୍ଗେ ସଙ୍ଗେ ମୁଣ୍ଡଳୀ ବ୍ୟାରେଜ୍‌ର ୪ଟି ଗେଟ୍ ବନ୍ଦ କରିଦିଆଯିବାରୁ ଜଳସ୍ରୋତ ହ୍ରାସ ପାଇଥିଲା ଓ ପାଣିରେ ଭାସୁଥିବା ହାତୀ ଉପରକୁ ଉଠି ଆସିଥିଲେ।

ହାତୀ ଏକ ବୁଦ୍ଧିଆ ପ୍ରାଣୀ ଓ ଭଲଭାବେ ଜଳରେ ପହଁରିପାରିବାର ଶକ୍ତି ରଖିଛି। କିନ୍ତୁ ନରାଜଠାରେ ଜଳ ଭରି ରହିଥିବାରୁ ସେମାନେ ପ୍ରଖର ସ୍ରୋତରେ ଭାସିଯିବା ଆଶଙ୍କା କରାଯାଇଥିଲା। ତେବେ ସ୍ଥଳଭାଗର ଏହି ବୃହତ୍ ପ୍ରାଣୀ ବଂଶ ଏବେ ସଙ୍କଟରେ ଅଛି ବୋଲି ସମସ୍ତଙ୍କୁ ସ୍ୱୀକାର କରିବାକୁ ପଡ଼ିବ। ମଣିଷ ନିଜର ସ୍ୱାର୍ଥ ପାଇଁ ବଣୁଆ ଜୀବଜନ୍ତୁ ରହୁଥିବା ଅଞ୍ଚଳକୁ ଅକ୍ତିଆର କରିଚାଲିଛି। ଜଙ୍ଗଲ ନିକଟରେ ଶିଳ୍ପ ସ୍ଥାପନ ଓ ନିର୍ମାଣ କାର୍ଯ୍ୟ କରାଯିବା ନେଇ ପ୍ରତିବନ୍ଧକ ଥିଲେ ମଧ୍ୟ ଅନେକେ ତାହା ମାନୁ ନାହାନ୍ତି। ସରକାରୀ ଅଧିକାରୀଙ୍କୁ ଧରି କୌଣସିମତେ ଜଙ୍ଗଲ ଜମିକୁ ବିଭିନ୍ନ ପ୍ରକାର ଉଦ୍ଦେଶ୍ୟ ସାଧନ ପାଇଁ ବ୍ୟବହାର କରାଯାଉଥିବା ପ୍ରାୟତଃ ଅଭିଯୋଗ ହୋଇଥାଏ। ତେଣୁ ହାତୀ ଭଳି ବନ୍ୟପ୍ରାଣୀ ଜନବସତି ଆଡ଼କୁ ମାଡ଼ି ଆସୁଛନ୍ତି। ଫଳରେ ଶସ୍ୟକ୍ଷେତ ଉଜାଡ଼ି ଦେବା ସହ ସେମାନଙ୍କ ହାବୁଡ଼ରେ ପଡୁଥିବା ମଣିଷକୁ ମାରି ପକାଉଥିବାର ଖବର ବାରମ୍ବାର ଶୁଣିବାକୁ ମିଳୁଛି। ଅନ୍ୟପକ୍ଷରେ ମଣିଷ ନିଜ ଦୋଷ ନ ଦେଖି ପ୍ରତିଶୋଧପରାୟଣ ହୋଇ ହାତୀକୁ ମାରି ଦେଉଥିବା ଲକ୍ଷ୍ୟ କରାଯାଉଛି। ହାତୀର ଦାନ୍ତ ମୂଲ୍ୟବାନ ହୋଇଥିବାରୁ ଏହି ବୃହତ୍ ଜୀବର ଶିକାର ପ୍ରାୟ ଅଧିକାଂଶ ଅଞ୍ଚଳରେ ଘଟୁଛି। ଏତଦ୍‌ବ୍ୟତୀତ ହାତୀର ପ୍ରିୟ ଖାଦ୍ୟ ବାଉଁଶ ପରି ଗଛଗୁଡ଼ିକୁ ଶିଳ୍ପ ପାଇଁ ଉଚ୍ଛେଦ କରି ଦିଆଯାଉଛି। ଏହାଦ୍ୱାରା ଖାଦ୍ୟ ଅନ୍ୱେଷଣରେ ହାତୀ ଏଣେତେଣେ ଯିବାକୁ ବାଧ୍ୟ ହେଉଛି। ୨୦୧୮ ଜୁଲାଇରେ ଓଡ଼ିଶା ସରକାର 'ଗ୍ରୀନ୍ ମହାନଦୀ' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏଥିରେ ମହାନଦୀ ଓ ଏହାର ଶାଖାନଦୀର ଉଭୟପାର୍ଶ୍ୱରେ ୨ କୋଟି ଚାରା ରୋପଣ କରାଯିବାର ଲକ୍ଷ୍ୟ ରଖାଯାଇଛି। ଯେହେତୁ ମହାନଦୀର ଦୁଇ ପାର୍ଶ୍ୱରେ ଜଙ୍ଗଲ ରହିଛି, ତେଣୁ ହାତୀମାନଙ୍କ ଖାଦ୍ୟରୁଚିକୁ ଦେଖି ଗଛ ଲଗାଗଲେ ସେମାନଙ୍କ ପାଇଁ ଏହା ଉପାଦେୟ ହୋଇପାରନ୍ତା। ଉଲ୍ଲେଖଯୋଗ୍ୟ ଯେ, ପୂର୍ବଭାରତର ପ୍ରାୟ ୭୦ ପ୍ରତିଶତ ହାତୀ ଓଡ଼ିଶାରେ ଅଛନ୍ତି। ସେମାନଙ୍କ ବାସସ୍ଥଳୀ ନଷ୍ଟ ହେଉଥିବା ବେଳେ ଆବଶ୍ୟକ ଖାଦ୍ୟ ପାଉ ନ ଥିବାରୁ ହାତୀ-ମଣିଷ ସଂଘର୍ଷ ଏବେ ଚରମ ସୀମାରେ ପହଞ୍ଚିଛି। ଏଥିପାଇଁ ହାତୀ କରିଡରକୁ ନିରାପଦ ରଖାଯିବା ସହ ସେମାନଙ୍କ ଖାଦ୍ୟ ଆବଶ୍ୟକତା ପୂରଣ କରାଯାଇପାରିଲେ ପରିସ୍ଥିତି ଭୟଙ୍କର ରୂପ ଧାରଣ କରନ୍ତା ନାହିଁ।

ରାଜଧାନୀ ଉପକଣ୍ଠ ଚନ୍ଦକା ଅଞ୍ଚଳ କଥା ଦେଖିଲେ ହାତୀ ପାଇଁ ସହରୀକରଣ ପ୍ରମୁଖ ବିପଦ ଭାବେ ଉଭା ହୋଇଛି। ତେଣୁ ଚନ୍ଦକା ଅଭୟାରଣ୍ୟ ଚାରିକଡ଼େ ଚାଲିଥିବା ନିର୍ମାଣ କାର୍ଯ୍ୟକୁ ବନ୍ଦ କରାଯିବା ଉଚିତ। ଏପରି କି ପୋଲିସ ଫାୟାରିଂ ରେଞ୍ଜ୍‌କୁ ହଟେଇ ଦିଆଯିବା ଦରକାର। ଶିଳ୍ପ କାରଖାନାର ଶବ୍ଦ ଓ ଟ୍ରେନ୍‌ର ଗର୍ଜନ ହାତୀଙ୍କ ପାଇଁ ଯେଭଳି ଅସ୍ୱାଭାବିକତା ସୃଷ୍ଟି କରୁଛି, ବନ୍ଧୁକ ଚାଳନା ବେଳେ ହେଉଥିବା ଆବାଜ ଅନୁରୂପ ଭାବେ ସେମାନଙ୍କୁ ବ୍ୟତିବ୍ୟସ୍ତ କରିଦେଉଛି। ଗତ କିଛିବର୍ଷ ହେବ ଚନ୍ଦକା ଅଭୟାରଣ୍ୟ ସଙ୍କୁଚିତ ହେବା ସହ ଏହାର ଚାରିକଡ଼େ କୋଳାହଳ ବଢୁଥିବାରୁ ହାତୀ ଏଣେତେଣେ ପଳାଇ ଯାଉଥିବା ଦେଖିବାକୁ ମିଳୁଛି। ତେଣୁ ଜଙ୍ଗଲ ଓ ପରିବେଶ ବିଭାଗ ୫ ବର୍ଷ ପାଇଁ 'ଚନ୍ଦକା ବଞ୍ଚାଅ' ନାମରେ ଏକ କାର୍ଯ୍ୟକ୍ରମ ଆରମ୍ଭ କରିବା ଆବଶ୍ୟକ ହୋଇପଡ଼ିଲାଣି। ସେହିପରି ରାଜ୍ୟର ଯେଉଁ ଅଞ୍ଚଳରେ ହାତୀ ବା ଅନ୍ୟାନ୍ୟ ଜୀବଜନ୍ତୁଙ୍କ ସହ ମଣିଷର ସଂଘର୍ଷ ଘଟୁଛି, ସେସବୁ ସ୍ଥାନରେ ଅଭିନବ ପଦକ୍ଷେପ ନିଆଯାଇପାରିଲେ ପରିସ୍ଥିତିରେ ଉନ୍ନତି ଘଟିପାରନ୍ତା। ମଣିଷ ତା'ର ଲୋଭ ସମ୍ବରଣ ନ କରି ସବୁକିଛି ଚଳୁ କରିଦେବାକୁ ଚାହିଁଲେ ପ୍ରକୃତି ତା'ର ସନ୍ତୁଳନ ହରାଇବସିବ। ଭବିଷ୍ୟତରେ ବିପଦ ପଡ଼ିଲେ ଆମେ ଖୋଳିଥିବା ଗାତରେ ପଡ଼ି ଛଟପଟ ହେବା, କିନ୍ତୁ ସେତେବେଳକୁ ନେଡ଼ି ଗୁଡ଼ କହୁଣିକୁ ବହିଯାଇଥିବ।

# ପଶୁବଳି : ଏକ ଅମାନବୀୟ ପରମ୍ପରା



ଡ. ପ୍ରଫୁଲ୍ଲ କୁମାର ସାହୁ

ଆମ ରାଜ୍ୟରେ ପ୍ରମୁଖ ଦେବୀମନ୍ଦିରଗୁଡ଼ିକରେ ଶାରଦୀୟ ପୂଜାର ଏକ ବିଶେଷ ଅଙ୍ଗ ଥିଲା ପଶୁବଳିପ୍ରଥା। ପ୍ରତିବର୍ଷ ଦଶହରା ବେଳେ ଏସବୁ ଶକ୍ତିପୀଠରେ ଲକ୍ଷ ଲକ୍ଷ ପଶୁପକ୍ଷୀଙ୍କୁ ହତ୍ୟା କରାଯାଉଥିଲା ଅତି ବୀଭତ୍ସ ଭାବରେ। ଏଭଳି ଏକ ଅମାନବୀୟ ପରମ୍ପରା ଉପରେ ନ୍ୟାୟାଳୟର ପ୍ରତିବନ୍ଧକ ଲାଗିବା ପରେ ଅଧିକାଂଶ ଦେବୀ ପୀଠରେ ଏବେ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି ପଶୁବଳି। ଅନ୍ୟ କେତେକ ସ୍ଥାନରେ ଏହା ଲୁଚାଛପାରେ ଚାଲିଛି ପରମ୍ପରା ଦାୟରେ। କାରଣ ସଭ୍ୟତା ଯେତେ ଆଗକୁ ଗଲେ ବି ଅନ୍ଧବିଶ୍ୱାସର ଅନ୍ଧଗଳିରୁ ମୁକୁଳିପାରୁନି ମଣିଷ। ସବୁଠାରୁ ବିଡ଼ମ୍ବନାର ବିଷୟ ହେଉଛି ନ୍ୟାୟାଳୟର ଆଦେଶକୁ ଏକତରଫା କହି ବଳିପ୍ରଥାକୁ ସମର୍ଥନ କରୁଛନ୍ତି ସମାଜର ଆଗଧାଡ଼ିରେ ଥିବା କିଛି ବଡ଼କୁହା। ସେମାନଙ୍କ ଯୁକ୍ତି ଅନୁସାରେ ବହୁ ପ୍ରାଚୀନ କାଳରୁ ଚଳିଆସୁଥିବା ବଳିପ୍ରଥାକୁ ବନ୍ଦ କରିଦେବା ଅର୍ଥ ଆମ ସଂସ୍କୃତି ପ୍ରତି ଘୋର ଅବମାନନା। ବଳିପ୍ରଥାର ଏହି ପକ୍ଷଧରମାନେ କିନ୍ତୁ ଜାଣିରଖିବା ଉଚିତ ଯେ ସେହି ପରମ୍ପରା ପ୍ରକୃତରେ କାଳଜୟୀ, ଯାହା ସଂସ୍କାରିତ ହୁଏ ସମୟ ସହିତ ତାଳଦେଇ।

ଇତିହାସ କହେ ଯେତେବେଳେ ବଳିପ୍ରଥା ଆରମ୍ଭ ହେଲା ସେତେବେଳେ ସମ୍ପୂର୍ଣ୍ଣ ଅଲଗା ଥିଲା ଆମ ଜୀବନଯାପନ ପ୍ରଣାଳୀ। ଆଦିମ ମଣିଷ ଗୋଷ୍ଠୀବଦ୍ଧ ଜୀବନ ଯାପନ କରୁଥିଲା ଏବଂ ଜଙ୍ଗଲରୁ ପଶୁ ଶିକାର ଥିଲା ତା'ର ପେଟ ପୋଷିବାର ପ୍ରଧାନ ଅବଲମ୍ବନ। ମାତ୍ର ପଶୁପାଳନ ଶିଖିଲା ପରେ ଶିକାର ଅନ୍ୱେଷଣରେ ତାକୁ ଦିନଦିନ ଧରି ବୁଲିବାକୁ ପଡ଼ିଲାନି ଦୁର୍ଗମ ଅରଣ୍ୟରେ। କୃଷିର ବିକାଶ ପରେ ମାଂସ ବଦଳରେ ଶସ୍ୟ ହେଲା ମଣିଷର ପ୍ରଧାନ ଖାଦ୍ୟ। ଏହାଦ୍ୱାରା କ୍ରମଶଃ ହ୍ରାସପାଇଲା ପଶୁହତ୍ୟା। ତଥାପି କେତେକ ଆଦିବାସୀ ଗୋଷ୍ଠୀ ରହିଗଲେ, ଯେଉଁମାନେ ମାଂସକୁ ପ୍ରଧାନ ଖାଦ୍ୟ ଭାବରେ ଗ୍ରହଣ କରି ବସବାସ କଲେ ବଣଜଙ୍ଗଲରେ। ଯାଯାବର ଜୀବନ ଯାପନ କରୁଥିବା ଏହି ଆଦିବାସୀମାନେ ଋତୁ ପରିବର୍ତ୍ତନ ସହିତ ବାସସ୍ଥାନ ପରିବର୍ତ୍ତନ କରୁଥିଲେ ବାରମ୍ବାର। ଶିକାର ହେଉ କି ପାଳିତ ପଶୁ, ତାକୁ ଭକ୍ଷଣ ପୂର୍ବରୁ ଏମାନେ ସମର୍ପଣ କରୁଥିଲେ ଧରତ୍ରୀ ମା' ଉଦ୍ଦେଶ୍ୟରେ। ଅନ୍ୟପକ୍ଷରେ ଗାଁଗଣ୍ଡାରେ ରହୁଥିବା କୃଷକ ଓ ଶ୍ରମଜୀବୀମାନେ ନୂଆଖାଇ ଓ ମାଣବସା ଆଦି ଉତ୍ସବ ଅବସରରେ ମାଟି ମା' ଉଦ୍ଦେଶ୍ୟରେ ଅର୍ପଣ କରୁଥିଲେ ଉତ୍ପାଦିତ ଶସ୍ୟସମ୍ପଦ। ଏଇମାନେ ଥିଲେ ସମୁଦାୟ ଜନସଂଖ୍ୟାର ଏକ ବିରାଟ ଅଂଶ। ସ୍ଥାୟୀ ବାସିନ୍ଦା ଭାବରେ ଏମାନେ ଗୋଟିଏ ସ୍ଥାନରେ ବର୍ଷ ବର୍ଷ ଧରି ରହିବା ଫଳରେ ସେଠାକାର ଜଳଉତ୍ସ ଦୂଷିତ ହୋଇ ବ୍ୟାପୁଥିଲା ହଇଜା, ବସନ୍ତ ଆଦି ସଂକ୍ରାମକ ରୋଗ। ବେଳେ ବେଳେ ମହାମାରୀ ରୂପ ନେଉଥିବା ଏହି ରୋଗରେ ଆକ୍ରାନ୍ତ ହୋଇ ପାକମାଛି ପରି ମରୁଥିଲେ ହଜାର ହଜାର ଲୋକ। ଏହାକୁ ନେଇ ସେତେବେଳେ ଗ୍ରାମାଞ୍ଚଳ ଲୋକଙ୍କ ଭିତରେ ପ୍ରବେଶ କଲା ଅନ୍ଧବିଶ୍ୱାସ। ଜଳପ୍ରଦୂଷଣ ଜନିତ ଏହି ରୋଗକୁ ସେମାନେ ଠାକୁରାଣୀଙ୍କ କୋପ ବୋଲି ଭାବିନେଲେ ଅଜ୍ଞତାବଶତଃ। ତା'ପରେ ଚାଲିଲା ଠାକୁରାଣୀଙ୍କ କୋପର କାରଣ ସମ୍ପର୍କରେ ତର୍ଜମା। ସେମାନେ ଅନୁଭବ କଲେ ଯେ ଆଦିବାସୀମାନେ ଠାକୁରାଣୀଙ୍କ ଉଦ୍ଦେଶ୍ୟରେ ପଶୁ ରକ୍ତ ସମର୍ପଣ କରି ନୀରୋଗ ରହୁଥିବା ବେଳେ ଶସ୍ୟ ସମ୍ପଦ ସମର୍ପଣ କରୁଥିବା କାରଣରୁ ସେମାନଙ୍କୁ ବାରମ୍ବାର ଗ୍ରାସୁଛି ମଡ଼କ। ଏହି ବଦ୍ଧମୂଳ ବିଶ୍ୱାସ ନେଇ ତନ୍ତ୍ର ଉପଚାର ସ୍ୱରୂପ ଗାଁଗଣ୍ଡାରେ ଚାଲିଲା ପଶୁବଳିର ବ୍ୟାପକ ଆୟୋଜନ। ତାନ୍ତ୍ରିକ ଓ ବ୍ରାହ୍ମଣମାନଙ୍କ ଦ୍ୱାରା ଏହା କ୍ରମଶଃ ଅଧିକ ପ୍ରସାରଲାଭ କଲା ଏବଂ ଦଶହରା ଓ ପଣାସଂକ୍ରାନ୍ତି ଆଦି ପର୍ବରେ ରକ୍ତରଞ୍ଜିତ ହେଲା ଦେବୀପୀଠ।

ବିଜ୍ଞାନର ଅଭୂତପୂର୍ବ ବିକାଶ ଫଳରେ ଅତିକ୍ରାନ୍ତ ହେଲା ହଇଜା ଓ ବସନ୍ତକୁ ଠାକୁରାଣୀ କହି ଲୋକଙ୍କୁ ଭୁଆଁ ବୁଲେଇବାର ବେଳ। ତଥାପି ଲୋପ ହେଲାନି ଆମ କୁସଂସ୍କାର ଲାଳିତ ଭ୍ରମଧାରଣା। ସ୍ୱାମୀ ବିବେକାନନ୍ଦ କହୁଥିଲେ ମଣିଷର ବଡ଼ ଶତ୍ରୁ ହେଉଛି ତା'ର ଅନ୍ଧବିଶ୍ୱାସ। ଏହା ଲୋପ କରିଦିଏ ମଣିଷର ହିତାହିତ ଜ୍ଞାନ। ସେହି କାରଣରୁ ଏବେ ସୁଦ୍ଧା ଜାରି ରହିଛି ଠାକୁରାଣୀଙ୍କ ପାଖରେ ପଶୁବଳି ଦେଇ ରୋଗମୁକ୍ତ ହେବାର ଅପଚେଷ୍ଟା।

ବଳି ଶବ୍ଦର ମୂଳ ଅର୍ଥ ହେଉଛି ଦେବଦେବୀଙ୍କ ଉଦ୍ଦେଶ୍ୟରେ ଆହୁତି, ନୈବେଦ୍ୟ ବା ଭୋଜ୍ୟ ପଦାର୍ଥ ସମର୍ପଣ। ଭାଗବତରେ ଅଛି 'ଲୋକେ କରିବେ ତୋତେ ପୂଜା, ଅନେକ ଦେବେ ବଳିଭୋଜା।' ଏଠାରେ ସମର୍ପଣ ଅର୍ଥରେ ବ୍ୟବହାର ହୋଇଥିବା 'ବଳିଭୋଜା' ଶବ୍ଦକୁ ପଶୁବଳି ବୋଲି କହି ଲୋକଙ୍କୁ ବିଭ୍ରାନ୍ତ କରାଯାଉଛି ଅତି ଚତୁରତାର ସହିତ। ଶାସ୍ତ୍ରପୁରାଣର ବାଣୀକୁ କଦର୍ଥ କରି ଜୀବହତ୍ୟାକୁ ପ୍ରୋତ୍ସାହିତ କରିଚାଲିଛନ୍ତି ଅନେକେ। ଯଜମାନର ମଙ୍ଗଳ କାମନା ନୁହେଁ, କେବଳ ନିଜର ଜିହ୍ୱାଲାଳସା ଚରିତାର୍ଥ କରିବା ସେମାନଙ୍କର ଲକ୍ଷ୍ୟ। ଏମାନଙ୍କୁ ଅନ୍ଧ ଭାବରେ ସମର୍ଥନ କରୁଥିବା ଲୋକମାନେ ବି କେବଳ ଅନ୍ଧବିଶ୍ୱାସୀ ନୁହନ୍ତି ପ୍ରବଳ ଭାବରେ ମାଂସଲୋଭୀ। ଠାକୁରାଣୀ ଯଦି ସତରେ ବଳି ପଶୁକୁ ଖାଉଥାଆନ୍ତେ, ତେବେ ଏମାନେ କେବେ ବି ଯୁକ୍ତି କରନ୍ତେନି ପଶୁବଳି ସପକ୍ଷରେ।

ଏଭଳି ଏକ ପୈଶାଚିକ ପରମ୍ପରାର ବିଲୋପ ପାଇଁ ସରକାରଙ୍କ ପାଖରେ ଅଛି ଅଖଣ୍ଡ କ୍ଷମତା। ଦିନେ କଠୋର ଆଇନ ବଳରେ ନରବଳି ପ୍ରଥାକୁ ଉଚ୍ଛେଦ କରିଥିଲେ ଇଂରେଜ ସରକାର। ବ୍ରିଟିଶ ରାଜତ୍ୱ କାଳରେ ଭାରତୀୟ ସମାଜକୁ କବଳିତ କରିଥିଲା ସତୀଦାହ ପ୍ରଥା। ରାଜା ରାମମୋହନ ରାୟଙ୍କ ଭଳି ସମାଜ ସଂସ୍କାରକଙ୍କ ନିରନ୍ତର ଉଦ୍ୟମ ଫଳରେ ଏଭଳି ଏକ ପ୍ରାଚୀନ ପରମ୍ପରାର ଉଚ୍ଛେଦ ହେଲା ଲର୍ଡ୍ ଉଇଲିୟମ ବେଣ୍ଟିକଙ୍କ ସମୟରେ। ଏକଦା ବାଲ୍ୟବିବାହ ପ୍ରଥାକୁ ଗ୍ରହଣକରି ବିଧବା ବିବାହ ଉପରେ କଟକଣା ଲଗେଇଥିଲା ଭାରତୀୟ ସମାଜ। ମାତ୍ର ତାହା ସମାଜ ପାଇଁ କ୍ଷତିକାରକ ବୋଲି ଜଣାପଡ଼ିବା ପରେ ସମାଜ ତାକୁ ଦେଖେଇଦେଲା ବିଲୁପ୍ତିର ରାସ୍ତା। ଅଥଚ ବଳିପ୍ରଥା ଭଳି ଆଦିମାନବର ଅଜ୍ଞତାପ୍ରସୂତ ଏକ ତାମସିକ ଅକାର୍ଯ୍ୟକୁ ବନ୍ଦ କରିବା ପାଇଁ ସାହସ ଜୁଟେଇ ପାରୁନାହାନ୍ତି ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ସରକାର। ଭୋଟ ହାତଛଡ଼ା ହୋଇଯିବା ଭୟରେ ପ୍ରଦର୍ଶନ କରୁଛନ୍ତି କୁକୁର ଲାଙ୍ଗୁଳ ଜାକିଲା ପରି କାପୁରୁଷତା। ଅନେକ ସ୍ଥାନରେ ବଳିପ୍ରଥାକୁ ଲୋକଙ୍କ ସଂସ୍କୃତି ଓ ପରମ୍ପରା କହି ସମର୍ଥନ ଜଣାଉଛନ୍ତି ସ୍ଥାନୀୟ ନେତାମାନେ। ଏହି କାରଣରୁ ବଲାଙ୍ଗୀର ଜିଲାର ବିଭିନ୍ନ ଶୁଲିଆ ପୀଠକୁ ନେଇ ଏକ ଗଣଉନ୍ମାଦନାରେ ପରିଣତ ହେଲାଣି ଶୁଲିଆ ଯାତ୍ରା। ଆମ ଶୃଙ୍ଖଳିତ ସମାଜ ବ୍ୟବସ୍ଥା ପ୍ରତି ଗଣଉନ୍ମାଦନା ଯେ ଏକ ଅଭିଶାପ- ସରକାର ଏ କଥା ନ ବୁଝିବା ଅତ୍ୟନ୍ତ ପରିତାପର ବିଷୟ।

ସାଧାରଣତଃ ଆଧ୍ୟାତ୍ମିକ ପରିବେଶ ସୃଷ୍ଟିକରିବା ହେଉଛି ଆମ ପର୍ବପର୍ବାଣି ପାଳନର ମୂଳକଥା। ସେହି ଆଧ୍ୟାତ୍ମିକ ପରିବେଶରେ ଭକ୍ତିଭାବ ସାଙ୍ଗକୁ ପ୍ରାଣକୁ ଆହ୍ଲାଦିତ କରେ ଶ୍ରଦ୍ଧା ଓ ସହୃଦୟତା। ମାତ୍ର ଜୀବହତ୍ୟା କ'ଣ ସେହି ଶ୍ରଦ୍ଧା ଓ ସହୃଦୟତାର ନିଦର୍ଶନ? ବଳିପ୍ରଥାର ପକ୍ଷଧରମାନେ ବିବେକକୁ ଅଗ୍ରାଧିକାର ଦେଇ ଏ କଥା ନିଜକୁ ପଚାରିବା ଉଚିତ। ଭାଗବତର ଅମୂଲ୍ୟବାଣୀ ଅନୁସାରେ ଜୀବବଧର ଶାସ୍ତି ହେଉଛି ନର୍କବାସ- 'ଜୀବ ମାରଣେ କର୍ମ କରେ, ନରକେ ପଡ଼େ ଅନ୍ତକାଳେ।' 'ଜୀବରେ ଯା'ର ଦୟା ନାହିଁ, ଉଦ୍ଧବ ଚଣ୍ଡାଳଟି ସେହି।'

ବିଜୁ ପଟ୍ଟନାୟକ ନଗର, ଭଦ୍ରକ,
ମୋ- ୯୪୩୮୮୫୫୦୮୮

# ଆସ ମା' ଦୁର୍ଗେ



ଡ. ଭାଗ୍ୟଲିପି ମଲ୍ଲ

କାଶତଣ୍ଡୀର ଶୁଭ୍ର ମେଳଣରେ ଏବେ ସୃଜନର ମୂର୍ଚ୍ଛନା। ପତଳା କୁହୁଡ଼ିଆ ଆକାଶରେ ଜହ୍ନ ପିନ୍ଧିଛି ଧଳାବଉଦର ମାଳ। ଅଧା ଛାଇ ଅଧା ଆଲୁଅର ଖେଳରେ ଆସକ୍ତ ଧରିତ୍ରୀର ଛାତି। ଆକାଶ ଦେଖୁଛି ମୁହଁ ମାଟିଦର୍ପଣରେ। ଠିକ୍ ଏଇ ସମୟରେ ଧରାବତରଣ କରୁଛନ୍ତି ମା' ଦୁର୍ଗା, ଦୁର୍ଗତିନାଶିନୀ। ତାଙ୍କ ଆଗମନର ଆବାହନୀରେ ଭୂମିରୁ ଆକାଶ, ସବୁଠି ଶୁଭ୍ରତାର ସମାରୋହ। ସକଳ ସୃଷ୍ଟିରେ ଶରତର ମଧୁର ଆଶ୍ଳେଷ। ସେହି ଆଶ୍ଳେଷରେ ସମାହିତ ଶକ୍ତି ଏକ ଦିବ୍ୟ ଅନୁଭବ। ସେ ଶକ୍ତି ଜନ୍ମ ଓ ମୃତ୍ୟୁ, ଯନ୍ତ୍ରଣା ଓ ଆନନ୍ଦର କାରଣ। ତା' ବିନା କିଛି ସମ୍ଭବ ନୁହେଁ। ତେଣୁ କୁହାଯାଏ ସେ ଜନ୍ମ ଓ ମୃତ୍ୟୁର ଊର୍ଦ୍ଧ୍ୱସ୍ଥ ଏକ ଦିବ୍ୟ ସତ୍ତା। ସକଳ ଚେତନାର ଉତ୍ସ। ଆମେ ଆଜି ସେଇ ଉତ୍ସକୁ ଆହ୍ୱାନ କରୁଛୁ।

ତାଙ୍କ ରୂପ ଓ ଭାବରେ ଅସଂଖ୍ୟ ବୈଚିତ୍ର୍ୟ। ସେ ତ ଶାନ୍ତ, ସ୍ନିଗ୍ଧ, ମମତାର ଝରଣାଟିଏ। ତା'ହେଲେ ଆମେ ଯେଉଁ ରୂପ ତାଙ୍କର ଦେଖୁଛେ, ସେଥିରେ ଏତେ ଉଗ୍ରତା କାହିଁକି। କାହିଁକି ତାଙ୍କର ଅଗ୍ନିବର୍ଷୀ ଆଖି, ହାତରେ ତ୍ରିଶୂଳ ଓ ଅନ୍ୟାନ୍ୟ ଆୟୁଧ? ମା'ତ ସବୁବେଳେ ମମତାମୟୀ, ସ୍ନେହମୟୀ, କରୁଣାମୟୀ! ଏମିତି ରୂପରେ କାହିଁକି ତା'ହେଲେ ତାଙ୍କର ଧରାବତରଣ?

ପ୍ରତି ଦଶହରା ଅବକାଶରେ ମା' ଦୁର୍ଗା ମହିଷାସୁରକୁ ବଧ କରୁଥିବାର ଅବତାରରେ ଆମ ପାଖରେ ଉଭା ହେଉଛନ୍ତି। ଆମକୁ ମନେପକେଇ ଦେଉଛନ୍ତି, କିଏ ଏଇ ମହିଷାସୁର? ହଁ, ଏଇ ମହିଷାସୁର, ଯିଏ ନିଜ ମା'ର ସୃଜନ ଓ ସୃଷ୍ଟିର ଉଲ୍ଲଙ୍ଘ ସତ୍ୟକୁ ଭୋଗ କରିବା ପାଇଁ ଉନ୍ମାଦ ହୋଇ ଉଠିଥିଲା। ତେଣୁ ହିଁ ତ୍ରିଭୁବନ ବିଜୟୀ ମହିଷାସୁରର ଦର୍ପ, ସାମର୍ଥ୍ୟ, ଅହଂକାର ମୁହୂର୍ତ୍ତକରେ ଚୂନା ହୋଇଗଲା। ଯିଏ ଦୁର୍ଗତିନାଶିନୀ, ଅମିତ ଶକ୍ତିର ଅଧିକାରିଣୀ ତା' ପାଖରେ କଳୁଷିତ ଇଚ୍ଛାର ପରିଣତି ମୃତ୍ୟୁ ଛଡ଼ା ଆଉ କ'ଣ ହୋଇପାରେ?

ମା' ଏବେ ମହିଷାସୁରକୁ ଭୂଲୁଣ୍ଠିତ କରିଦେଲେ। ତା'ର ପାପ-ଇଚ୍ଛାର ପରିଣାମ ତା'କୁ ଭୋଗ କରିବାକୁ ଛାଡ଼ିଦେଲେ। ମାତ୍ର କେମିତି ଏକ ଅସହାୟତା ତାଙ୍କୁ ବିବ୍ରତ କରୁଥିଲା। ସେ କ୍ରୋଧରେ ଅନ୍ଧୁଣୀ ହୋଇଗଲେ। ପୁତ୍ରହନ୍ତା ଜଣେ ଅସହାୟ ମା'ର କରୁଣ ଆର୍ତ୍ତନାଦ ତାଙ୍କ ଭିତରେ। କ'ଣ କରିବେ ଏବେ ସେ? ଦୁଷ୍ଟପୁଅର ଅବର୍ତ୍ତମାନରେ ତାଙ୍କ ଆଖିରେ ଅନ୍ଧାର ଘୋଟିଗଲା। ଲାଗିଲା, ନା ତାଙ୍କ ସକଳ ସୃଷ୍ଟିର ସବୁ ମଣିଷ ଠିକ୍ ଏଇ ଅନ୍ଧପୁଅ ପରି। ଏଭଳି ସନ୍ତାନ ରହିବା ଉଚିତ ନୁହେଁ। ତେଣୁ ସେ କାହାକୁ ଆଉ ବଞ୍ଚିବାକୁ ଦେବେନି। କାହାକୁ ବି ନୁହେଁ। ଏଇଠି ଦେବୀ ଦୁର୍ଗାଙ୍କର ଭାବ ଓ ରୂପର ରୂପାନ୍ତର। ତାଙ୍କର ପରବର୍ତ୍ତୀ ରୂପାନ୍ତର ମା' କାଳୀ। ମଣିଷ ଭିତରେ ଲୁଚି ରହିଥିବା ମହିଷାସୁରରୂପୀ ପାପଶକ୍ତିକୁ ବିନାଶ କରିବାକୁ ସେ ବଦ୍ଧପରିକର।

ଆମେ ଆଜି ତାଙ୍କରି ଆରାଧନା କରୁଛୁ। କହୁଛୁ, ହେ ମା'! ଆମେ ତୋରି ଅଂଶ। ତୋ ପ୍ରେମ ଓ ତ୍ୟାଗକୁ ଆମେ ବୁଝିପାରୁନୁ। ଅନ୍ଧ ହୋଇ ଯାଉଛୁ, ଅହଂକାରୀ ହୋଇଯାଉଛୁ, ଠିକ୍ ମହିଷାସୁର ପରି। ଆମ ଚେତନାରେ ସୃଷ୍ଟିର ସକଳ କଳୁଷ ଭରିଯାଇଛି। ଆମକୁ ଆତ୍ମସଚେତନ, ଅହଂମୁକ୍ତ କରିଦେ। ଆମର କୁପ୍ରବୃତ୍ତିକୁ ନାଶ କରିଦେ।

ଶାସ୍ତ୍ରରେ କୁହାଯାଇଛି, ଜୟ କରିବାର ଶକ୍ତି ଯାହାଦ୍ୱାରା ଅର୍ଜନ କରାଯାଏ, ତାହାହିଁ ଶକ୍ତି। ବରାହପୁରାଣରେ ପ୍ରଭାବ, ଉତ୍ସାହ ଓ ମନ୍ତ୍ରଶକ୍ତି ଭେଦରେ ରହିଛି ତ୍ରିବିଧ ଶକ୍ତିର ବର୍ଣ୍ଣନା। ପରମାତ୍ମା ଯେପରି ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ରୂପରେ ବର୍ତ୍ତମାନ, ଶକ୍ତି ସେହିଭଳି ବ୍ରାହ୍ମୀ, ବୈଷ୍ଣବୀ ଓ ରୌଦ୍ରୀ ନାମରେ ଆରାଧିତା। କ୍ରିୟା, ଜ୍ଞାନ ଓ ଇଚ୍ଛାର ଦ୍ୟୋତକ ଓଁ। ଦେବୀପୁରାଣରେ ଆଦିମା' ବିଶ୍ୱସୃଷ୍ଟିର ମୂଳକାରଣ। ବୈଦିକ ଯୁଗର କ୍ରିୟାକାଣ୍ଡ ମଧ୍ୟରେ ମା' ଅଦିତି, ଉଷା, ସରସ୍ୱତୀ, ପୃଥିବୀ, ରାତ୍ରି, ଇଡ଼ା, ଭୀଷଣା, ଶଚୀ ଶ୍ରଦ୍ଧା, ଗୌରୀ, ସ୍ୱାହା ଆଦି ଚାଳିଶଟି ନାଁରେ ବନ୍ଦିତା। ଅଦିତି ଦେବଗଣଙ୍କର ଜନନୀ, ସରସ୍ୱତୀ ଜ୍ଞାନର, ପୃଥିବୀ ଶସ୍ୟର ଓ ଇଡ଼ା ପୁଷ୍ଟିର ଦେବୀ। ମନୁସଂହିତାରେ ସେ ଭଦ୍ରକାଳୀ, ଶ୍ରୀ, ଭବାନୀ, ଦୁର୍ଗା ଓ ଜ୍ୟେଷ୍ଠା। ବେଦଭାଷ୍ୟରେ ଜଗଦ୍ଧାତା, ପାର୍ବତୀ ଓ ରୁଦ୍ରପତ୍ନୀ। ଅମରକୋଷରେ ଗିରିସୁତା, ଉମା, ହୈମବତୀ ଓ କାଳୀ। ରାମାୟଣରେ ଉମା, ଗିରିଜା, ରୁଦ୍ରାଣୀ, ପାର୍ବତୀ, କାମରୂପିଣୀ, ନାଗମାତା, ସୁରତା, ସିଂହିକା, କାଳରାତ୍ରି। ମାର୍କଣ୍ଡେୟପୁରାଣର ବିଭିନ୍ନ ସ୍ତୁତିରେ ଶକ୍ତି-ସ୍ୱରୂପର ବୈଚିତ୍ର୍ୟ ସ୍ପଷ୍ଟ। ସେ ସକଳ ଦୁର୍ଗ(ଦୁର୍ଗତି) ନାଶିନୀ। ତେଣୁ ସେ ଦୁର୍ଗା। ଆମେ ଆଜି ତାଙ୍କରି ଆବାହନ କରୁଛୁ।

ସେ ପ୍ରକୃତି। ସେ ନାରୀ। ସେ ସକଳ ଶକ୍ତିର ଉତ୍ସ। ତେଣୁ ପୃଥିବୀର ସବୁଭୂମିର ମଣିଷ ସଭ୍ୟତାର ଉଷାକାଳରେ ପ୍ରକୃତି ଓ ନାରୀକୁ ପୂଜା କରିଆସିଛି। ଦୁର୍ଗାପୂଜାରେ ମାଟିଘଟଙ୍କୁ ଆମେ ତାଙ୍କର ପ୍ରତିରୂପା ଭାବରେ ପୂଜା କରୁଛୁ। ଆମ ଆନନ୍ଦ ଓ ସୁଖ ପାଇଁ ନିଜର ସକଳ ଭାବ ଓ ସମ୍ପଦକୁ ସମର୍ପଣ କରୁଛୁ।

ଦଶହରାର ପବିତ୍ର ଅବସରରେ ଆମେ ତାଙ୍କ ଭାବ ଓ ରୂପକୁ ଦେଖୁଛୁ। କେଉଁଠି ସେ ଦଶଭୁଜା, କେଉଁଟି ବାରଭୁଜା ତ କେଉଁଠି ସହସ୍ରଭୁଜା। ସତରେ କ'ଣ ତାଙ୍କର ଦଶ, ବାର କି ସହସ୍ର ହାତ? ନା! ହାତଗୁଡ଼ିକ ତାଙ୍କ ଅକଳିତ ଶକ୍ତିର ପ୍ରତୀକ। ସିଂହ ତାଙ୍କର ବାହନ। ଅର୍ଥାତ୍ ସୃଷ୍ଟିର ସବୁଠାରୁ ଶକ୍ତିଶାଳୀ ଜୀବ ତାଙ୍କର ଆୟତ୍ତାଧୀନ। କେତେ କେତେ ବିଚିତ୍ର ରୂପ ତାଙ୍କର! ଭାବ ଅନୁରୂପା। ସେ ପୁଣି ମହାକାଳୀ, ମହାଲକ୍ଷ୍ମୀ, ମହାସରସ୍ୱତୀ। ଆସ ଆମେ ପ୍ରାର୍ଥନା କରିବା- ହେ ମା'! ଆବିର୍ଭୂତା ହୁଅ। ଆମ ଭିତରେ ଭରିଦିଅ ଜୀବନୀ ଶକ୍ତି ଓ ଉତ୍ସାହ। ଆମ ଚେତନାକୁ ଦିବ୍ୟ କରିଦିଅ।

bhagyalipimalla@gmail.com

## ଏଇ ଭାରତରେ

ଅନନ୍ତିତା ଚମତ୍କାରା। କ୍ଷୁଧା ଓ ଦାରିଦ୍ର୍ୟରେ ପେଷି ହେଉଥିବା ବ୍ୟକ୍ତି ହିତାହିତ ଜ୍ଞାନ ହରାଇବସେ। କ୍ଷୁଧା ପ୍ରପୀଡ଼ିତ ମା' ପାଖରେ ସ୍ନେହମମତାର ମୂଲ୍ୟ କିଛି ନାହିଁ। ପିଲାଙ୍କ ଭୋକିଲା ପେଟକୁ ଆହାର ଯୋଗାଇପାରୁ ନ ଥିବା ମା' ସେମାନଙ୍କ ଦୁଃଖକଷ୍ଟ ସହ୍ୟ କରି ନ ପାରି ବିନାଶ କରିଦେବାକୁ ବି ଇଚ୍ଛାକରେ। ଏପରି ଏକ ଦୁଃଖଦ ଘଟଣା ଗୁଜରାଟର ଅହମଦାବାଦଠାରେ ଘଟିଛି। ଗୁଜରାଟର ଭାବନଗର ବାସିନ୍ଦା ଏହି ମହିଳା ଜଣକ ହେଉଛନ୍ତି ଗୀତାବେନ୍ ଭାଲିଆ (୪୦)। ସ୍ୱାମୀଙ୍କୁ କଥାଦେଇ ସୋମବାର ସଂଧ୍ୟାରେ ୫ ପିଲାଙ୍କୁ ମନ୍ଦିର ବୁଲାଇ ନେଇଥିଲେ। ଘରଠାରୁ କିଛିଦୂର ପଞ୍ଚପିପ୍‌ଲାଠାରେ ପହଞ୍ଚିବା ପରେ ସେ ପିଲାଙ୍କୁ ଗୋଟି ଗୋଟି କରି ଏକ କୂଅ ଭିତରକୁ ପକାଇଦେଇ ନିଜେ କୂଅକୁ ଡେଇଁପଡିଲେ। ଏହି ଖବର ପ୍ରଚାର ହେବାକ୍ଷଣି ଗ୍ରାମବାସୀମାନେ ରୁଣ୍ଡ ହୋଇଯାଇଥିଲେ। ଦେଢ଼ବର୍ଷରୁ ୭ବର୍ଷ ବୟସ ମଧ୍ୟରେ ଗୋଟିଏ ଝିଅ ଏବଂ ୩ ପୁଅ କୂଅରେ ବୁଡି ପ୍ରାଣ ହରାଇଥିବା ବେଳେ ସମ୍ପୃକ୍ତ ମହିଳା ଏବଂ ୮ବର୍ଷ ବୟସର ବଡ଼ଝିଅକୁ ଉଦ୍ଧାର କରାଯାଇଥିଲା। ଗ୍ରାମବାସୀ ପୋଲିସକୁ ସୂଚନା ଦେବା ପରେ ମୃତ ୪ ପିଲାଙ୍କୁ କୂଅରୁ ଉଦ୍ଧାର କରାଯାଇଥିଲା। ହତ୍ୟା ଅଭିଯୋଗରେ ମହିଳାଙ୍କୁ ଗିରଫ କରାଯାଇଛି। ପୋଲିସ ଜେରା କରିବା ପରେ ଗୀତାବେନ୍ କହିଛନ୍ତି, ତାଙ୍କ ସ୍ୱାମୀ ହେଉଛନ୍ତି କୃଷି ଶ୍ରମିକ। ସବୁଦିନ ମଜୁରି ମିଳେନାହିଁ। ଦାରିଦ୍ର୍ୟ ଯୋଗୁ ୫ ପିଲାଙ୍କ ଭୋକିଲା ପେଟକୁ ଆହାର ଯୋଗାଇବାକୁ ସେ ଅସମର୍ଥ ହୋଇପଡ଼ିଥିଲେ। ଜୀବନ ପ୍ରତି ବୀତସ୍ପୃହ ହୋଇ ସେ ଆଉ ବଞ୍ଚିବାକୁ ଇଚ୍ଛା କରି ନ ଥିଲେ। ପିଲା ୪ଟିଙ୍କୁ ହରାଇବାର ଦୁଃଖରେ ମହିଳା ଜଣକ ମ୍ରିୟମାଣ ହୋଇପଡ଼ିଥିବା ବେଳେ ରୁଣ୍ଡ ହୋଇଥିବା ଗ୍ରାମବାସୀଙ୍କ ଆଖିରୁ ଲୁହ ଝରିଆସିଥିଲା।

## ୨୫ ବର୍ଷ ତଳର ଧରିତ୍ରୀ

୧୭ ଅକ୍ଟୋବର ୧୯୯୩

- ଚାଇନାର କୌଣସି ବ୍ୟକ୍ତି କିମ୍ବା ପରିବାର ବିଦେଶୀ ଟେଲିଭିଜନ ନ ଦେଖିବା ପାଇଁ ଏବଂ କୌଣସି କଳକାରଖାନାରେ ବିଦେଶୀ ଟେଲିଭିଜନ ପ୍ରସାରଣକୁ ନ ଦେଖାଇବା ପାଇଁ ଚାଇନା ସରକାର ଏକ ଅଧ୍ୟାଦେଶ ଜାରି କରିଛନ୍ତି।
- ସମ୍ବଲପୁର ଜିଲା ଲପଙ୍ଗାଠାରେ ଏକ ୫୦୦ ମେଗାୱାଟ ଶକ୍ତିସମ୍ପନ୍ନ ତାପଜ ବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାର ଏବଂ ଆମେରିକାର ପାୟୋନିୟର ଏଜେନ୍‌ସୀ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ।

## ଚିରନ୍ତନୀ

ଜଳର ଏ ଯେ କଳ-ବେଦନା
ତୁଟାଇ ତବ ସବୁ ସାଧନା
ଝିଲ୍ଲୀ ଭେକ ଚଉପାଶରେ କାନ୍ଦଇ
ପରାଣ ମନ ନିଗଡ଼ ପାଶେ ବାନ୍ଧଇ।
ଶୀତଳ ବାରି ଝରଇ ଭାଲେ
ଧରି ଚିବୁକ ଚୁମଇ ଗାଲେ,
ଶୀକର ବାଆ ବସ୍ତ୍ର କାଢ଼େ ଅଞ୍ଚଳ
ଆର୍ଦ୍ରତବ ବାହୁଯୁଗଳ କୁନ୍ତଳ।
(ବର୍ଷା ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | B | 0 | | | 7 | 5 | 4 | | A | | | |
| | | | 9 | | | | 6 | | 8 | E | | 4 | | |
| 2 | | 7 | | | | | | 4 | | | B | | | |
| | | A | | 5 | | 8 | | 3 | 2 | 6 | 1 | | B | |
| | 6 | | C | | | D | | | | 9 | | | | 0 |
| | C | | A | 6 | | 0 | | | | | 2 | E | | |
| 8 | | 3 | | | | | 4 | | | | | 7 | 0 | B |
| 7 | 5 | | | | | | | 6 | | | 0 | | | |
| | | 4 | 8 | 9 | | C | 2 | E | | | | A | 3 | |
| | | 9 | | | D | | | | | 4 | | | 1 | |
| | | 0 | | | | | | B | 3 | 5 | | | | A |
| | A | | D | | | 3 | | | 1 | | | | | 9 |
| | | E | | B | | | | 1 | | | | | 4 | |
| | 9 | | 3 | 2 | A | E | | C | | | | | | |
| | B | | | | | 4 | D | 7 | 9 | | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 3 | 0 | B | A | 2 | 6 | 4 | 7 | 9 | D | 5 | C | 8 | E |
| 7 | B | 6 | E | 0 | C | 3 | 8 | 5 | 2 | 1 | A | 4 | D | 9 |
| 8 | C | D | 1 | 5 | 6 | 9 | A | E | B | 4 | 3 | 7 | 2 | 0 |
| 2 | 4 | E | 8 | D | 9 | B | 0 | 1 | 7 | C | 6 | 3 | 5 | A |
| 9 | 5 | A | 7 | 4 | 3 | D | C | 2 | 0 | E | 8 | 1 | 6 | B |
| 5 | 7 | 9 | D | 6 | A | 4 | 2 | C | E | 0 | 1 | B | 3 | 8 |
| 3 | 0 | 1 | C | 8 | E | 7 | 9 | B | A | 5 | D | 6 | 4 | 2 |
| 4 | A | C | 2 | 3 | 1 | 0 | D | 8 | 6 | B | 9 | 5 | E | 7 |
| B | E | 2 | 0 | 9 | 7 | 5 | 3 | 6 | 4 | 8 | C | D | A | 1 |
| 6 | D | 8 | 5 | B | 4 | 1 | E | A | 3 | 7 | 2 | 0 | 9 | C |
| A | 1 | 4 | 3 | 2 | 0 | 8 | 5 | D | C | 9 | B | E | 7 | 6 |
| E | 6 | 5 | A | 1 | B | 2 | 7 | 9 | D | 3 | 0 | 8 | C | 4 |
| 0 | 9 | 7 | 6 | C | D | E | 1 | 3 | 8 | 2 | 4 | A | B | 5 |
| D | 8 | B | 9 | 7 | 5 | C | 6 | 4 | 1 | A | E | 2 | 0 | 3 |
| C | 2 | 3 | 4 | E | 8 | A | B | 0 | 5 | 6 | 7 | 9 | 1 | D |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରୀମନ୍ଦିରରେ ବଳିପ୍ରଥା

ମହାଶୟ,

ନ୍ୟାୟାଳୟ ଦ୍ୱାରା ନିଯୁକ୍ତ ଆମିକସକ୍ୟୁରି ଗୋପାଳ ସୁବ୍ରମଣ୍ୟମ୍ ଦୁଇଦିନିଆ ପୁରୀ ଗସ୍ତରେ ଆସି ଅନୁସନ୍ଧାନ କରିଥିଲେ। ଏହି ଅବସରରେ ସେ ସେବାୟତଙ୍କୁ ଉପଦେଶ ଦେଇ କହିଲେ ଯେ, ସେମାନେ ବେଦ, ଉପନିଷଦାଦି ପଢି ସଂସ୍କାରିତ ହେବା ସାଙ୍ଗକୁ ନିରାମିଷାଶୀ ହେବା ଦରକାର ଏବଂ ପାନ, ଗୁଟଖା ଖାଇ ମନ୍ଦିରକୁ ପ୍ରବେଶ କରିବା ଅନୁଚିତ। ଏହି ସମୟରେ ଜଣେ ସେବକ ତାଙ୍କୁ କହିଲେ ଯେ, ବିମଳାଙ୍କ ମନ୍ଦିରରେ ଜୀବ ବଳି ଦିଆଯାଏ। ଏହା ଶୁଣି ସେ ଆଶ୍ଚର୍ଯ୍ୟ ହୋଇ କହିଲେ ଯେ, ବିଷ୍ଣୁ ମନ୍ଦିରରେ ବଳି କିପରି ସମ୍ଭବ? ବଳିପ୍ରଥା ଜଗନ୍ନାଥ ସଂସ୍କୃତିରେ କେଉଁ ଶାସ୍ତ୍ରରେ ଲିପିବଦ୍ଧ ହୋଇଛି ଓ ବଳିପ୍ରଥା ଅନ୍ୟ ମନ୍ଦିରରେ ନିଷିଦ୍ଧ ହୋଇଥିବା ପରି ଶ୍ରୀମନ୍ଦିରରେ ନିଷିଦ୍ଧ ହୋଇପାରିବ କି ନାହିଁ, ଏ ବିଷୟରେ ମନ୍ଦିର ମୁଖ୍ୟ ପ୍ରଶାସକ ସ୍ପଷ୍ଟୀକରଣ ଦେବାକୁ ଅନୁରୋଧ।

ହାଡିବନ୍ଧୁ ଖଣ୍ଟୁଆଳ, କୋଟିତୀର୍ଥ, ଭୁବନେଶ୍ୱର

### ଭୋଟର ସାବଧାନ

ଆଜିକାଲି ବଡ଼ ବଡ଼ ବ୍ୟବସାୟ ପ୍ରତିଷ୍ଠାନ ଖୁଚୁରାଶୂନ୍ୟ ବେପାର କରୁଛନ୍ତି। ଛୋଟ ଛୋଟ ବେପାରୀ ମଧ୍ୟ ସେ ପଥ ଅନୁସରଣ କରି ଖୁଚୁରା ଫେରସ୍ତ ନ କରି କିଛି ଚକୋଲେଟ ଧରେଇ ଦେଇ ଏକା ସାଙ୍ଗରେ ୨ଟି ବେପାର କରୁଛନ୍ତି। ଯେପରି ରିହାତି ପ୍ରଥାରେ ୨୫% ଏକ୍ସଟ୍ରା ବିଜ୍ଞାପନ। ଏବେ ଭିକାରି ମଧ୍ୟ ୧, ୨ ଟଙ୍କା ନେବାକୁ ପସନ୍ଦ କରୁନାହାନ୍ତି। ୫୦, ୨୫ ପଇସା କଥା ପଚାରେ କିଏ? ଆଗକୁ ଭୋଟ ଆସୁଛି। ପିଲାଙ୍କୁ ଚକୋଲେଟ୍ ଦେଇ ଭଣ୍ଡେଇବା ପରି ଶିଳାନ୍ୟାସ, ଫଳକ, ଘୋଷଣା ରୂପକ ଚକୋଲେଟ୍ ଭୋଟରଙ୍କୁ ଭଣ୍ଡେଇବା ପାଇଁ ପ୍ରଯୁକ୍ତ ହେବ। ଭୋଟର ସାବଧାନ ହେବା ଦରକାର।

ରମାକାନ୍ତ ପୁରୋହିତ, ନିରାକାରପୁର, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନରେ ଅଭିନନ୍ଦନର ସୁଅ

## ଦଳୀୟ କାର୍ଯ୍ୟାଳୟରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ଦଳୀୟ କାର୍ଯ୍ୟାଳୟରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ ।

ଭୁବନେଶ୍ୱର,୧୬।୧୦(ବ୍ୟୁରୋ) ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ନିଜ ୭୩ତମ ଜନ୍ମ ଦିବସକୁ ନିରାଡ଼ମ୍ବର ଭାବେ ପାଳନ କରିଛନ୍ତି। ଏହି ଅବସରରେ ବହୁ ବିଶିଷ୍ଟ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୂର୍ବାହ୍ନରେ ଟୁଇଟ୍ କରି ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଉପଲକ୍ଷେ ଅଭିନନ୍ଦନ। ନବୀନ ବାବୁ ଭାରତବର୍ଷର ଜଣେ ବରିଷ୍ଠ ରାଜନେତା, ଯିଏକି ଦୀର୍ଘବର୍ଷ ଧରି ଓଡ଼ିଆ ଲୋକଙ୍କ ସେବା କରି ଆସୁଛନ୍ତି। ନବୀନ ସୁସ୍ଥ ଏବଂ ଦୀର୍ଘାୟୁ ଜୀବନ ବିତାନ୍ତୁ ବୋଲି ମୋଦି କହିଛନ୍ତି। ସେହିପରି ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ, ରାଉରକେଲା ବିଧାୟକ ଦିଲୀପ ରାୟ ପ୍ରମୁଖ ଟୁଇଟ୍ କରି ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବିଶିଷ୍ଟ ବ୍ୟକ୍ତିଙ୍କୁ ବାଦ୍ ଦେଲେ ବହୁ ବୁଦ୍ଧିଜୀବୀ, ସାଧାରଣ ଜନତା ଓ ଯୁବବର୍ଗ ଫେସବୁକ୍ ଏବଂ ଟୁଇଟର ମାଧ୍ୟମରେ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ପୁରୁଣା ଫଟୋକୁ ବିଭିନ୍ନ ବ୍ୟକ୍ତି ସାମାଜିକ ଗଣମାଧ୍ୟମରେ ଅପଲୋଡ୍ କରିଥିବା ଦେଖାଯାଇଛି। ସେହିପରି ଟୁଇଟର ଶୁଭେଚ୍ଛାର ମୁଖ୍ୟମନ୍ତ୍ରୀ ପ୍ରତିଉତ୍ତର ଦେଉଥିବା ପୋଷ୍ଟକୁ କପିକରି ଅନେକ ଫେସ୍‌ବୁକ୍‌ରେ ଅପଲୋଡ୍ କରୁଛନ୍ତି। ବାଲୁକାଶିଳ୍ପୀ ସୁଦର୍ଶନଙ୍କ ଦ୍ୱାରା କରାଯାଇଥିବା ପୋଷ୍ଟଟି ଟୁଇଟରରେ ବହୁସଂଖ୍ୟାରେ ରି-ଟୁଇଟ୍ ଏବଂ ପସନ୍ଦ କରାଯାଇଛି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଜନ୍ମଦିବସରେ ଦଳୀୟ କାର୍ଯ୍ୟାଳୟରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ର ବିଜେଡି ପକ୍ଷରୁ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଦଳର ନବ ନିଯୁକ୍ତ ମୁଖପାତ୍ର ଅମର ପଟ୍ଟନାୟକ ଯୋଗଦେଇ ରକ୍ତଦାନ କରିବା ସହ ଛାତ୍ରକର୍ମୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ମୋଟ ୧୧୭୩ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା। ଛାତ୍ର ସଭାପତି ରାଣା ପ୍ରତାପ ପାତ୍ର, ଦଳର ମୁଖପାତ୍ର ସୁଲୋଚନା ଦାସ, ପ୍ୟାନେଲିଷ୍ଟ ସୁଲତା ଦେଓ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଦନ୍ତା ଆକ୍ରମଣରେ ଜଣେ ମୃତ

ଢେଙ୍କାନାଳ ଅଫିସ,୧୬।୧୦: ଢେଙ୍କାନାଳ ଜିଲା ଗଁଦିଆ ଥାନା ଷଡ଼ଙ୍ଗୀ ରେଞ୍ଜ୍‌ରେ ମଙ୍ଗଳବାର ସନ୍ଧ୍ୟାରେ ଦନ୍ତାହାତୀ ଆକ୍ରମଣରେ ଜଣେ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ସେ ହେଲେ କୃଷ୍ଣଚନ୍ଦ୍ର ପ୍ରଧାନ (୪୫)। ଏହି ଘଟଣାରେ ବନ ବିଭାଗକୁ ଦାୟୀ କରି ସ୍ଥାନୀୟ ଲୋକେ ଲଙ୍କାକାଣ୍ଡ ଘଟାଇଛନ୍ତି। ସେମାନେ ରେଞ୍ଜ କାର୍ଯ୍ୟାଳୟ, ରେଞ୍ଜରଙ୍କ ସରକାରୀ ବାସଭବନରେ ଭଙ୍ଗାରୁଜା କରିଛନ୍ତି। ଏଥିରୁ ବାଦ୍ ପଡ଼ିନି ରେଞ୍ଜରଙ୍କ ବୋଲେରୋ ଏବଂ କର୍ମଚାରୀଙ୍କ ବାଇକ୍। ଭୟଭୀତ କର୍ମଚାରୀ ରେଞ୍ଜ କାର୍ଯ୍ୟାଳୟ ଛାଡ଼ି ଥାନାର ଶରଣାପନ୍ନ ହୋଇଥିଲେ। ଗଁଦିଆଠାରୁ ଷଡ଼ଙ୍ଗୀର ଦୂରତା ମାତ୍ର ୭ କିମି ହୋଇଥିଲେ ସୁଦ୍ଧା ଦୀର୍ଘ ସମୟ ଧରି ପୋଲିସ ପହଞ୍ଚି ନ ଥିଲା। ଜିଲା ପରିଷଦ ଉପସଭାପତି କୋଦଣ୍ଡଧର ସାହୁ ଏସ୍‌ପିଙ୍କୁ ଏ ସମ୍ପର୍କରେ ଅବଗତ କରାଇବା ପରେ ପୋଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚିଛି।



## ମୁଗଲସରାଇ ମଣ୍ଡଳର ଡ଼େହରୀ ଅନ ସୋନ ଷ୍ଟେସନଠାରେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ଟ୍ରେନ୍‌ଗୁଡ଼ିକର ରଦ୍ଦକରଣ/ଗତିପଥ ପରିବର୍ତ୍ତନ

ଟ୍ରେନ୍‌ଗୁଡ଼ିକର ରଦ୍ଦକରଣ

| ଟ୍ରେନ୍ ନଂ. | ଟ୍ରେନ୍ ନାମ | ଷ୍ଟେସନ ଠାରୁ | ଯାତ୍ରା ପ୍ରାରମ୍ଭ କରୁଥିବା ତାରିଖ |
|---|---|---|---|
| 18311 | ସମ୍ବଲପୁର-ବାରଣାସୀ ଦ୍ୱି-ସାପ୍ତାହିକ ଏକ୍ସପ୍ରେସ୍ | ସମ୍ବଲପୁର | 24.10.2018 ଏବଂ 28.10.2018 |
| 18312 | ବାରଣାସୀ-ସମ୍ବଲପୁର ଦ୍ୱି-ସାପ୍ତାହିକ ଏକ୍ସପ୍ରେସ୍ | ବାରଣାସୀ | 25.10.2018 ଏବଂ 29.10.2018 |
| 12875 | ପୁରୀ-ଆନନ୍ଦ ବିହାର ଟର୍ମିନାଲ ନୀଳାଚଳ ଏକ୍ସପ୍ରେସ୍ | ପୁରୀ | 23.10.2018, 26.10.2018 ଏବଂ 28.10.2018 |
| 12876 | ଆନନ୍ଦ ବିହାର ଟର୍ମିନାଲ-ପୁରୀ ନୀଳାଚଳ ଏକ୍ସପ୍ରେସ୍ | ଆନନ୍ଦ ବିହାର ଟର୍ମିନାଲ | 26.10.2018, 28.10.2018 ଏବଂ 30.10.2018 |

ଟ୍ରେନ୍‌ଗୁଡ଼ିକର ଗତିପଥ ପରିବର୍ତ୍ତନ

| ଟ୍ରେନ୍ ନଂ. | ଟ୍ରେନ୍ ନାମ | ଯାତ୍ରା ପ୍ରାରମ୍ଭ କରୁଥିବା ତାରିଖ | ଗତିପଥ ପରିବର୍ତ୍ତନ |
|---|---|---|---|
| 12801 | ପୁରୀ-ନୂଆ ଦିଲ୍ଲୀ ପୁରୁଷୋତ୍ତମ ଏକ୍ସପ୍ରେସ୍ | 23.10.2018 ଏବଂ 28.10.2018 | ମୁରୀ-ବରକାକାନା-ଗଢ଼ୱା ରୋଡ଼-ଚୁନାର |
| 12802 | ନୂଆ ଦିଲ୍ଲୀ-ପୁରୀ ପୁରୁଷୋତ୍ତମ ଏକ୍ସପ୍ରେସ୍ | 23.10.2018 ଏବଂ 28.10.2018 | ଚୁନାର-ଗଢ଼ୱା ରୋଡ଼ ବରକାକାନା-ମୁରୀ |



ପୂର୍ବ ତଟ ରେଳପଥ

PR-365/J/18-19



# ସାଇ କୋଚ୍‌ଙ୍କ ଆତ୍ମହତ୍ୟା

**ବେଙ୍ଗାଲୁରୁ,୧୬।୧୦:** ସ୍ଥାନୀୟ ସ୍ପୋର୍ଟ୍ସ ଅଥ୍‌ରିଟି ଅଫ୍ ଇଣ୍ଡିଆ (ସାଇ) କେନ୍ଦ୍ରରେ ୧୩ ବର୍ଷୀୟ ବାଳିକା ଆଥ୍‌ଲେଟଙ୍କୁ ଦୁର୍ବ୍ୟବହାର କରି ବିତାଡ଼ିତ ହୋଇଥିବା ସିନିୟର କବାଡ଼ି କୋଚ୍ ରୁଦ୍ରାପ୍ପା ଭି ହୋସାମାନି ଆତ୍ମହତ୍ୟା କରିଛନ୍ତି। ପୋଲିସ ତାଙ୍କ ମୃତଦେହକୁ ସୋମବାର ଠାବ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସାଇ କେନ୍ଦ୍ରଠାରେ କାର୍ଯ୍ୟରତ ୫୯ ବର୍ଷୀୟ କୋଚ୍‌ଙ୍କୁ ଗତ ସପ୍ତାହରେ ତଦନ୍ତ କରାଯିବା ପରେ ବିଦା କରାଯାଇଥିଲା। ସେ ରବିବାର ଦାବାନାଗେରେସ୍ଥିତ ହରିହର ସହରରେ ଏକ ହୋଟେଲରେ ରୁମ ନେଇଥିଲେ। ମାତ୍ର ରୁମକୁ ଯିବା ପରେ ସେ ଆଉ ବାହାରକୁ ଆସି ନ ଥିଲେ। ଏହାକୁ ସନ୍ଦେହ କରି ହୋଟେଲ ମ୍ୟାନେଜର ପୋଲିସ ଡକାଇଥିଲେ। ଉକ୍ତ ରୁମରୁ ମିଳିଥିବା ସୁଇସାଇଡ୍ ନୋଟରେ ଲେଖା ରହିଛି ''ମୋତେ ଅସହ୍ୟ ହେବାରୁ ମୁଁ ଚରମ ନିଷ୍ପତ୍ତି ନେବାକୁ ବାଧ ହୋଇଛି। ମୋତେ କ୍ଷମା କରିଦିଅ''। ପୋଷ୍ଟମର୍ଟମ ପରେ ହୋସାମାନିଙ୍କ ମୃତଦେହକୁ ତାଙ୍କ ପରିବାରକୁ ହସ୍ତାନ୍ତର କରି ଦିଆଯାଇଛି। ଘଟଣାଟି ଗତ ୯ ତାରିଖରେ ସାଇ କେନ୍ଦ୍ର ସ୍ଥିତ କବାଡି ଏରିନା ନିକଟରେ ଥିବା ବାଳିକାଙ୍କ ଡ୍ରେସିଂ ରୁମ୍‌ରେ ଘଟିଥିଲା। ଏ ସମ୍ପର୍କରେ ବାଳିକା ତାଙ୍କ ପରିବାରକୁ ଜଣାଇଥିଲେ। ପରେ ୧୦ ତାରିଖରେ ଏ ନେଇ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ ଦୋଷୀ ପ୍ରମାଣିତ ହୋଇ ସେ ସାଇରୁ ବିଦା ହୋଇଥିଲେ।



DHARITRI Puja Quiz- 2018 — Quiz No.5

Main Sponsor: TVS
Co-Sponsors: CENTRAL, Nikon

☑ Tick mark the box which is correct

୧. ଭାରତର 'ଗଜଲ ରାଣୀ' କାହାକୁ କୁହାଯାଏ ?
କ. ବେଗମ ଅଖତର ☐ ଖ. ନୁର ଜହାଁ ☐ ଗ. ଲତା ମଙ୍ଗେସକର ☐ ଘ. କେଉଁଟି ନୁହେଁ ☐

୨. ରାଜସ୍ଥାନରେ ଅନୁଷ୍ଠିତ ହେଉଥିବା ପୃଥିବୀ ପ୍ରସିଦ୍ଧ ପଶୁମେଳା (ଓଟ)ର ନାମ କ'ଣ ?
କ. ବୈଶାଖୀ ☐ ଖ. ମକର ☐ ଗ. ପୁଷ୍କର ☐ ଘ. କେଉଁଟି ନୁହେଁ ☐

୩. ମହାକୁମ୍ଭ ମେଳା କେଉଁଠାରେ ଅନୁଷ୍ଠିତ ହୁଏ ?
କ. ବାରାଣସୀ ☐ ଖ. ଆଲ୍ଲାହାବାଦ ☐ ଗ. ଗୟା ☐ ଘ. କେଉଁଟି ନୁହେଁ ☐

୪. ଅଲ୍ଲି ଆକବର ଖାନ୍ କେଉଁ ବାଦ୍ୟଯନ୍ତ୍ର ସହ ସମ୍ପୃକ୍ତ ?
କ. ସରୋଦ ☐ ଖ. ତବଲା ☐ ଗ. ଢୋଲ ☐ ଘ. କେଉଁଟି ନୁହେଁ ☐

୫. ନୋବେଲ ଶାନ୍ତି ପୁରସ୍କାର କେଉଁ ସହରରେ ଦିଆଯାଏ ?
କ. ଜେନେଭା ☐ ଖ. ଓସ୍‌ଲୋ ☐ ଗ. ଷ୍ଟକ୍‌ହୋମ ☐ ଘ. କେଉଁଟି ନୁହେଁ ☐

Participant's Name:....................
Address:....................
....................
Education ....................
Mobile.................... Age:..........
E-mail:....................

Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.

*Conditions apply

Prizes: 1st - TVS Apache 160cc 2nd - TVS Jupiter Scooter, 3rd - TVS Scooty Pep+,
Consolation Prizes : Gift Vouchers from CENTRAL, Digital Cameras from NIKON
Cut this coupon and send it to the following address:
DHARITRI Puja Quiz No. 5
B-15, Industrial Estate, Rasulgarh, Bhubaneswar-10











# THE BOLANGIR DISTRICT CENTRAL CO-OPERATIVE BANK LIMITED, BOLANGIR

ବଲାଙ୍ଗୀର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ.

**FORM - A**

## BALANCE SHEET AS ON 31.03.2018

(CAPITAL & LIABILITIES) (PROPERTIES & ASSETS)

| As on 31.03.2017 | Sl. No. | Particulars | As on 31.03.2018 | As on 31.03.2017 | Sl. No. | Particulars | As on 31.03.2018 |
|---|---|---|---|---|---|---|---|
| 1 | 2 | 3 | 4 | 1 | 2 | 3 | 4 |
| 771,502,617,28 | 1 | Share Capital | 848,325,451.78 | 567,529,941.61 | 1 | Cash & Bank Balance | 359,665,235.89 |
| 517,492,968.28 | 2 | Reserve Fund & Other reserves | 517,492,968.28 | | 2 | Money at Call & other Notice | |
| | 3 | Principal / Subsidiary | | 2,662,811,691.89 | 3 | Investment | 2,228,119,512,89 |
| 6,357,879,469.83 | 4 | Deposit & Other A/c | 6,224,098,819.60 | | 4 | Investment State Partnership Fund | |
| 2,645,820,849.00 | 5 | Borrowing | 3,386,998,490.00 | 7,828,439,262.91 | 5 | Other Advances | 9,329,721,285.35 |
| | 6 | Bills for Collection | | 699,719,529.14 | 6 | Interest receivable | 842,668,127,58 |
| | 7 | Branch Adjustment | | | 7 | Bills Receivable | |
| 573,157,255.05 | 8 | O.D. Interest Reserve | 656,981,257.05 | | 8 | Branch Adjustment | |
| 745,533,664.00 | 9 (i) | Provision for NPA | 747,297,464.00 | 3,956,193.41 | 9 | Land & Building | 3,762,514.07 |
| 17,281,391.00 | (ii) | Contigent Provision against standard assets | 21,263,391.00 | 8,011,241.87 | 10 | Furniture & Fixture | 7,246,266.66 |
| 6,615,909.49 | (iii) | Provision for unreconciled A/cs | 6,759,363.49 | 82,907,741.63 | 11 | Other Assets | 90,171,456.66 |
| 3,728,970.09 | (iv) | Provision for Audit Recovery | 3,728,970.09 | 398,805,111,26 | 12 | Net loss during the year 2011-12 | 117,301,597.20 |
| 78,300,000.00 | (v) | Provision for other assets | 79,606,000.00 | | | | |
| 2,859,995.00 | (vi) | Provision for Audit Fee | 2,999,930.00 | | | | |
| 350,000.00 | (vii) | Provision for Exposure visit fund | 400,000.00 | | | | |
| 32,847,495.00 | (viii) | Provision for Income Tax payable | 32,847,495.00 | | | | |
| 6,950,000.00 | (ix) | Provision for Leave Salary | 13,700,000.00 | | | | |
| 1,800,000.00 | (x) | Provision for Gratuity Premium | 2,500,000.00 | | | | |
| 300,000.00 | (xi) | Provision for Law Charges | 600,000.00 | | | | |
| 6,319,000.00 | (xii) | Provision for Matured FD | 4,602,000.00 | | | | |
| 449,117,395.87 | 10 | Interest Payable | 342,554,092.50 | | | | |
| 34,323,733.83 | 11 | Other Liabilities | 85,900,303.51 | | | | |
| | 12 | Profit 2017-18 | | | | | |
| **12,252,180,713.72** | | **Total** | **12,978,655,996.30** | **12,252,180,713.72** | | **Total** | **12,978,655,996.30** |

**FORM - B**

## PROFIT & LOSS ACCOUNTS OF BOLANGIR DIST. CENTRAL COOP. BANK LTD., BOLANGIR FOR THE YEAR 2017-2018

(EXPENDITURE) (INCOME)

| As on 31.03.2017 | Sl. No. | Particulars | As on 31.03.2018 | As on 31.03.2017 | Sl. No. | Particulars | As on 31.03.2018 |
|---|---|---|---|---|---|---|---|
| 1 | 2 | 3 | 4 | 1 | 2 | 3 | 4 |
| 548,752,638.70 | 1 | Interested Paid & Due | 548,600,541.22 | 888,498,987.96 | 1 | Interest on Loans & Investment | 1,047,990,760.91 |
| 76,862,541.00 | 2 | Salary & Allowances | 93,171,897.80 | 12,533,316.02 | 2 | Commission, Exchange & Brokerage | 2,330,066,70 |
| | 3 | Directors T.A. & Sitting Fees | 380,904.00 | | 3 | Subsidy & Donation | |
| 924,592.20 | 4 | Rent & Taxes | 1,629,035.20 | 14,396,946.80 | 4 | Misc. Income | 30,071,024.71 |
| 353,601.32 | 5 | Law Charges | 448,846.00 | 16,185,212.18 | 5 | Other Receipts | 1,416,150.50 |
| 58,003.50 | 6 | Postage & Telegram | 77,852.00 | | 6 | Loss during the year 2017-18 | |
| 2,639,448.10 | 7 | Depreciation & Repair | 3,319,348.07 | | | | |
| 1,469,596.44 | 8 | Printing & Stationary & Advertisement | 1,553,798.12 | | | | |
| - | 9 | Loss of OTS A/c | 15,633,308.00 | | | | |
| 33,120,439.91 | 10 | Other Expenditure | 37,345,704.35 | | | | |
| 116,893,000.00 | 11 | Provision for OD Interest Rev. 2017-18 | 83,812,000.00 | | | | |
| 1,565,000.00 | 12 | Provision for NPA 2017-18 | 1,763,800.00 | | | | |
| 2,026,000.00 | 13 | Contigent provision against standard assets | 3,982,000.00 | | | | |
| - | 14 | Provision for unreconciled A/cs | 143,454.00 | | | | |
| - | 15 | Provision for Reserve for Depreciation | - | | | | |
| 33,576,000.00 | 16 | Provision for other assets | 1,306,000.00 | | | | |
| 1,600,000.00 | 17 | Provision for Audit Fee | 1,053,000.00 | | | | |
| 50,000.00 | 18 | Provision for Exposure Visit Fund | 50,000.00 | | | | |
| 29,800,000.00 | 19 | Provision for Income Tax payable | | | | | |
| 6,950.000.00 | 20 | Provision for Leave Salary | 6,750,000.00 | | | | |
| 1,800.000.00 | 21 | Provision for Gratuity Premium | 700,000.00 | | | | |
| 300,000.00 | 22 | Provision for Law Charges | 300,000.00 | | | | |
| 8,319,000.00 | 23 | Provision for Matured FD | (1,717,000.00) | | | | |
| 66,554,601.79 | 24 | Balance of Profit during the year 2017-18 | 281,503,514.06 | | | | |
| **931,614,462.96** | | **Total** | **1,081,808,002.82** | **931,614,462.96** | | **Total** | **1,081,808,002.82** |

Sd./- B.N. Raiguru, Manager, Accounts
Sd./- H.C. Das, Chief Executive Officer
Sd./- P. M. Dash, Director
Sd./- J. Deep, Director
Sd./- L.K. Meher, President
Sd./- For S. Ginodia & Co., Chartered Accountants

## AUDITOR'S REPORT

We have examined the attached Balance Sheet of "BOLANGIR DISTRICT CENTRAL CO. OPERATIVE BANK LTD., BOLANGIR" as at 31st March, 2018 and the Profit & Loss Account for the year ended on that date annexed hereto, in which, are incorporated the return of 21 (twenty one) branches and Head Office audited by us. The branches audited by us, have been selected by the bank in accordance with the guide lines issued by the National Bank for Agriculture and Rural Development.

Management of the Bank is respomsible for the prepration of these Financial Statements that give true and fair view of the financial position and financial performance of the Bank in accordance with the Banking Regulation Act, complying with Reserve Bank of India Guidelines from time to time. This responsibility includes the design, implementation and maintenance of internal control relevant to the preparation and fair presentation of the financial statements that are free from material misstatement, whether due to fraud or error. Our responsibility is to express an opinion on these financial statements based on our audit.

We conducted our audit in accordance with auditing standards generally accepted in India. Those standards require that we plan and perform the audit to obtain reasonable assurance about whether the financial statements are free from material mistatement. An audit includes examining, on a test basis, evidence supporting the amounts and disclosures in the financial statements. An audit also includes assessing the accounting principles used and significant estimates made by the management, as well as evaluating the overall financial statement presentation. We believe that our audit provides a reasonable basis for our opinion.

The Balance sheet and profit and loss Account have been drawn up as per Orissa Cooperative Act. 1962.

On the basis of audit indicated in paragraph 1 above and as required by the provisions of the Co-operative Regulation and subject to the limitations of disclosure required therein and subject to our comments in the Annexure to Main Audit Report attached with principal Accounting Policies we report that :

a) In our opinion and to the best of our information and according to the explanations given to us and as shown by the books of the Bank :
(i) The Balance sheet is a full and fair balance sheet containing the necessary particulars and is properly drawn up so as to exhibit a true and fair view of the affairs of the bank as on 31st. March 2018 and
(ii) The Profit and loss Account shows a true balance of profit for the year ended on that date.
b) We have obtained all the information and explanations, which to the best of our knowledge and belief were necessary for the purpose of our audit and found them to be satisfied.
c) The transactions of the Bank, which have come to our notice have been within the powers of the bank.
d) The return received from the offices and branches of the Bank have been found adequate for the purpose of our audit.
e) There is no separate audit report besides the Long Form Audit Report & related annexures.

Place : Bolangir
Date : 26.09.2018

Sd./- M/s. S. Ginodia & Co.
Chartered Accountants

# ନାବାଳିକାଙ୍କୁ ଗଣବଳାତ୍କାର: ୨ ଅଟକ

ରାଉରକେଲା ଅଫିସ/ବେଦବ୍ୟାସ,୧୬।୧୦(ଡି.ଏନ୍.ଏ.)

ରାଉରକେଲା ବ୍ରାହ୍ମଣୀତରଙ୍ଗ ଥାନା ଅଞ୍ଚଳରେ ଜଣେ ନାବାଳିକା ଗଣବଳାତ୍କାରର ଶିକାର ହୋଇଛନ୍ତି। ତାଙ୍କୁ ଘରୁ ଡାକିନେଇ ୪ ଜଣ ଯୁବକ ବଳାତ୍କାର କରିଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୨୩୨/୧୮) ରୁଜୁ କରିଛି। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଅଟକ ରଖିଛି। ଡାକ୍ତରୀମାଇନା କରାଯିବା ପରେ ନାବାଳିକାଙ୍କୁ ଆଇଜିଏଚ୍‌ରେ ଭର୍ତ୍ତି କରାଯାଇଛି। ଗତ ଶନିବାର ରାତି ୧୦ଟାରେ ଜଣେ ଯୁବକ ଝାରତରଙ୍ଗ ଅଞ୍ଚଳର ଏହି ନାବାଳିକାଙ୍କୁ ପାଖ ପଡ଼ିଆକୁ ଡାକି ନେଇଥିଲେ। ପ୍ରଥମେ ସେ ନାବାଳିକାଙ୍କୁ ପ୍ରଲୋଭିତ କରି ବଳାତ୍କାର କରିଥିଲେ। ସେଠାରେ ପୂର୍ବରୁ ଲୁଚି ରହିଥିବା ଅନ୍ୟ ୩ ଯୁବକ ନାବାଳିକାଙ୍କୁ ଜଣକ ପରେ ଜଣେ ବଳାତ୍କାର କରିଥିଲେ। ତାଙ୍କୁ ସେଠାରେ ଛାଡ଼ି ଅଭିଯୁକ୍ତମାନେ ଚାଲି ଯାଇଥିଲେ। ଘରେ ପହଞ୍ଚି ନାବାଳିକା ଜଣକ ଏ ସମ୍ପର୍କରେ କହିଥିଲେ। ସୋମବାର ରାତିରେ ନାବାଳିକାଙ୍କ ଜଣେ ସମ୍ପର୍କୀୟ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ୨ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅନ୍ୟ ୨ ଜଣ ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ଧରିବାକୁ ପୋଲିସ ଉଦ୍ୟମ କରୁଛି।

# ୧୯ ଘଣ୍ଟା ପରେ ହେଲା ମା'ଙ୍କ ଅନ୍ତିମ ସତ୍କାର

ବାରିପଦା ଅଫିସ,୧୬।୧୦

ବଡପୁଅ ଘରକୁ ଆସି ମା'ଙ୍କୁ ମୁଖାଗ୍ନି ଦେବ। ପରିବାର ଲୋକେ ଅପେକ୍ଷା କରିଥିଲେ। ସେମାନେ ମୃତଦେହକୁ ସତ୍କାର ନ କରି ୧୯ ଘଣ୍ଟା ପକାଇ ରଖିଥିଲେ। ଚୋରାମଦ କାରବାରରେ ଗିରଫ ହୋଇ ଜେଲରେ ଥିବା ବଡପୁଅଙ୍କୁ ପାରୋଲରେ ଛାଡିବା ସକାଶେ କୋର୍ଟଙ୍କ ଅନୁମତି ଆବଶ୍ୟକ ରହିଥିଲା। ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଥିବାରୁ ତାଙ୍କୁ ଅନୁମତି ମିଳିପାରି ନ ଥିଲା। ଶବ ପଚିଶଢି ଯିବା ଭଳି ଅବସ୍ଥା ସୃଷ୍ଟି ହେବାରୁ ଶେଷରେ ସାନ ପୁଅ ମୁଖାଗ୍ନି ଦେଇ ମା'ଙ୍କ ଅନ୍ତିମ ସଂସ୍କାର ଶେଷ କରିଥିବା ସୂଚନା ମିଳିଛି।

ଏଭଳି ଏକ ଅଭାବନୀୟ ଘଟଣା ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଞ୍ଚଳରେ ମଙ୍ଗଳବାର ଘଟିଛି। ସୂଚନା ଅନୁଯାୟୀ, ଶିକରଘାଟି ଗ୍ରାମର ୬୦ ବର୍ଷର ବୃଦ୍ଧା ସୋମବାରୀ ସୋରେନଙ୍କର ସୋମବାର ରାତି ୮ଟା ୩୦ରେ ମୃତ୍ୟୁ ହୋଇଥିଲା । ସାମାଜିକ ପ୍ରଥା ଓ ବିଧି ବ୍ୟବସ୍ଥା ଅନୁସାରେ ମୁଖାଗ୍ନି ଦେବା ସକାଶେ ଜେଲ୍‌ରେ ଥିବା ବଡପୁଅ ସଞ୍ଜୟ ସୋରେନ (୩୫)ଙ୍କୁ ପାରୋଲରେ ଆଣିବା ଲାଗି ପରିବାର ଲୋକେ ଉଦ୍ୟମ କରିଥିଲେ। ସଞ୍ଜୟଙ୍କ ସ୍ତ୍ରୀ ବାସନ୍ତୀ ମଙ୍ଗଳବାର ବାରିପଦା ଆସି ମଣ୍ଡଳ କାରାଗାରର ଅଧୀକ୍ଷକଙ୍କୁ ଭେଟି ଆବେଦନ କରିଥିଲେ । ଏସବୁ ପ୍ରୟାସ ଫେଲ୍ ମାରିଥିଲା। ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ କୋର୍ଟରେ ଆବେଦନ ପହଞ୍ଚି ପାରି ନ ଥିଲା। ଶେଷରେ ପରିବାରବର୍ଗ ନିରାଶ ହୋଇ ଘରକୁ ଫେରିଥିଲେ। ଅପରାହ୍ନ ସାଢେ ୩ ଟା ବେଳକୁ ସାନ ପୁଅ ବୁଧରାୟ ମୁଖାଗ୍ନି ଦେଇ ମା'ଙ୍କ ଶେଷ କ୍ରିୟା ସମ୍ପନ୍ନ କରିଥିଲେ। ସଞ୍ଜୟଙ୍କ ସ୍ତ୍ରୀ ବାସନ୍ତୀ କହିଛନ୍ତି ଯେ, ମା' ଓ ବାପାଙ୍କ ମୃତ୍ୟୁ ପରେ ମୁଖାଗ୍ନି ଦେବା ଓ ଅନ୍ତ୍ୟେଷ୍ଟି କ୍ରିୟା କରିବା ନିମନ୍ତେ ସମସ୍ତଙ୍କର ଆଇନଗତ ଅଧିକାର ରହିଛି । ଏଥିରୁ କାହାକୁ ବଞ୍ଚିତ କରାଯିବା ମାନବାଧିକାରର ଖୋଲା ଉଲ୍ଲଘଂନ ।

ଉଲ୍ଲେଖନୀୟ ଯେ, ଚୋରା ଦେଶୀ ମଦ ବ୍ୟବସାୟରେ ଲିପ୍ତ ଥିବା ଅଭିଯୋଗରେ ଅବକାରୀ ବିଭାଗ ଶିକରଘାଟି ଗ୍ରାମର ଆଦିବାସୀ ଯୁବକ ସଞ୍ଜୟଙ୍କୁ ଗତ ୯ ତାରିଖରେ ଗିରଫ କରିଥିଲା। ସେବେଠାରୁ ସେ ବାରିପଦା ମଣ୍ଡଳ କାରାଗାରରେ ରହିଆସୁଛନ୍ତି ।



ମହିଳାଙ୍କ ମୃତଦେହକୁ ମଶାଣିକୁ ନିଆଯାଉଛି।

# ଉତ୍ତରକାଶୀରେ ଭୂକମ୍ପ

ନୂଆଦିଲ୍ଲୀ,୧୬।୧୦: ଉତ୍ତରାଞ୍ଚଳ ଉତ୍ତରକାଶୀ ଜିଲାରେ ମଙ୍ଗଳବାର ଭୋର୍ ୪ଟା ସମୟରେ ଭୂକମ୍ପ ଅନୁଭୁତ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୩.୨ ଥିଲା ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଭୂକମ୍ପ ହେବାରୁ ଘରେ ଶୋଇଥିବା ଲୋକେ ଭୟରେ ବାହାରକୁ ପଳାଇଆସିଥିଲେ। ଉତ୍ତରକାଶୀ ଏବଂ ରୁଦ୍ରପ୍ରୟାଗ ସୀମାରେ ଭୂକମ୍ପ ଘଟିଥିବା ପାଣିପାଗ ବିଭାଗ ପକ୍ଷରୁ ପ୍ରକାଶ।

## କିଛି ତଥ୍ୟ

୨୦୧୮-୧୯ ଆର୍ଥିକ ବର୍ଷ ସେପ୍ଟେମ୍ବର ମାସରେ ଘରୋଇ ବଜାରରୁ ରପ୍ତାନି ୨.୧୫% ହ୍ରାସ ଘଟି ୨୭.୯୫ ବିଲିୟନ ଡଲାର ରହିଛି। -ବାଣିଜ୍ୟ ମନ୍ତ୍ରଣାଳୟ

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଲାଗିବ ମହାପ୍ରସାଦ ଦର ତାଲିକା

ପୁରୀ ଅଫିସ,୧୬।୧୦



- ଖର୍ଚ୍ଚ, ଲାଭାଂଶକୁ ଦେଖି ସ୍ଥିର ହେବ ମୂଲ୍ୟ
- ପରୀକ୍ଷାମୂଳକ ରୋଷେଇ ପାଇଁ ସାମଗ୍ରୀ ଯୋଗାଇବ ମନ୍ଦିର ପ୍ରଶାସନ
- ଉପସ୍ଥିତ ରହିବେ ଦେଉଳକରଣ ଓ ସୁପରଭାଇଜର
- ଆନନ୍ଦବଜାରରେ ରହିବ ଅଭିଯୋଗ ପ୍ରକୋଷ୍ଠ

ଆନନ୍ଦବଜାର ସମେତ ଶ୍ରୀମନ୍ଦିରର ବିଭିନ୍ନ ସ୍ଥାନରେ ଲଗାଯିବ ମହାପ୍ରସାଦ ଦର ତାଲିକା। ଫଳରେ ଅବଢ଼ା କିଣିବାକୁ ନେଇ କାହାକୁ ଆଉ ମୂଲଚାଲ କରିବାକୁ ପଡ଼ିବ ନାହିଁ କି କେହି ଦୁର୍ବ୍ୟବହାରର ଶିକାର ହେବେ ନାହିଁ। ମହାପ୍ରସାଦ ଦର ନିର୍ଦ୍ଧାରଣ ନେଇ ମଙ୍ଗଳବାର ସୁଆର ମହାସୁଆର ନିଯୋଗ ସହ ଆଲୋଚନା କରିଛି ଶ୍ରୀମନ୍ଦିର ପ୍ରଶାସନ। ପରୀକ୍ଷାମୂଳକ ଭାବେ ଖୁବ୍‌ଶୀଘ୍ର ମହାପ୍ରସାଦ ରୋଷେଇ କରାଯିବ। ଖର୍ଚ୍ଚ ଓ ଲାଭାଂଶକୁ ଦୃଷ୍ଟିରେ ରଖି ଦର ନିର୍ଦ୍ଧାରଣ କରିବ ଶ୍ରୀମନ୍ଦିର ପ୍ରଶାସନ। ଦର ନିର୍ଦ୍ଧାରଣ ହେବାପରେ ଏହାକୁ ଶ୍ରୀମନ୍ଦିର ୱେବ ସାଇଟ୍‌ରେ ଛଡ଼ାଯିବ।

ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ହୋଇଥିବା ଆଲୋଚନା ମୁତାବକ ଦର ନିର୍ଦ୍ଧାରଣ ଲାଗି ପରୀକ୍ଷାମୂଳକ ଭାବେ ଥରେ ମହାପ୍ରସାଦ ପ୍ରସ୍ତୁତ ହେବ। ଶ୍ରୀମନ୍ଦିର ପ୍ରଶାସନ ଚାଉଳ, ଡାଲି, କୁଡୁଆ ଇତ୍ୟାଦି ଆବଶ୍ୟକ ସାମଗ୍ରୀ ଯୋଗାଇଦେବ। ମୂଳ ଖର୍ଚ୍ଚ ଆକଳନ କରାଗଲା ପରେ କେତେ ଲାଭାଂଶ ରଖାଯିବ ତାହା ପରବର୍ତ୍ତୀ ବୈଠକରେ ନିର୍ଦ୍ଧାରଣ ହେବ। ଏହାପରେ ଭକ୍ତଙ୍କ ଉଦ୍ଦେଶ୍ୟରେ ମହାପ୍ରସାଦ ଦର ତାଲିକା (କୁଡୁଆ ଚିତ୍ର ଥାଇ) ଆନନ୍ଦ ବଜାର ଓ ଶ୍ରୀମନ୍ଦିରର ବିଭିନ୍ନ ଦୃଷ୍ଟି ଆକର୍ଷଣ କରୁଥିବା ସ୍ଥାନରେ ଲଗାଯିବ। ପରୀକ୍ଷାମୂଳକ ଭାବେ ହେବାକୁ ଥିବା ଏହି ରୋଷେଇ ସମୟରେ ଶ୍ରୀମନ୍ଦିରର ଦେଉଳକରଣ ଏବଂ ସୁପରଭାଇଜର ଉପସ୍ଥିତ ରହି ନିରୀକ୍ଷଣ କରିବେ ବୋଲି ବୈଠକରେ ସ୍ଥିର ହୋଇଛି। ଏହାବ୍ୟତୀତ ଆନନ୍ଦବଜାର ପରିସରରେ ଶୃଙ୍ଖଳା ରକ୍ଷା ଲାଗି ଏକ ଅଭିଯୋଗ ପ୍ରକୋଷ୍ଠ (କ୍ୟାବିନ୍) ରହିବ। ଏଥିରେ ସୁଆର ମହାସୁଆର ନିଯୋଗ ପ୍ରତିନିଧି ଓ ଶ୍ରୀମନ୍ଦିର ପ୍ରଶାସନର ପ୍ରତିନିଧି ଉପସ୍ଥିତ ରହି ମହାପ୍ରସାଦ କ୍ରେତାଙ୍କର ଅଭିଯୋଗର ଆଶୁ ସମାଧାନ କରିବେ। ଏହି ପ୍ରକୋଷ୍ଠରେ ଜଣେ ପୋଲିସ ପ୍ରତିନିଧି ରଖିବା ଲାଗି ଏସ୍‌ପିଙ୍କୁ ଅନୁରୋଧ କରାଯାଇଛି।

ବୈଠକରେ ମୁଖ୍ୟ ପ୍ରଶାସକଙ୍କ ସମେତ ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଏସ୍‌ପି ଡା. ସାର୍ଥକ କୁମାର ଷଡ଼ଙ୍ଗୀ, ପରିଚାଳନା କମିଟି ସଦସ୍ୟ ଅନନ୍ତ ତିଆଡ଼ି, ସୁଆର ମହାସୁଆର ନିଯୋଗ ସମ୍ପାଦକ କୃଷ୍ଣଚନ୍ଦ୍ର ସାମନ୍ତରା ପ୍ରମୁଖ ଉପସ୍ଥିତ ଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳଦ୍ୱାର (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

## ପ୍ରଥମ ପୃଷ୍ଠାରୁ...

### ୬ ଘଣ୍ଟାର ଆତଙ୍କ...

ଟ୍ରେନରେ ଥିବା ଜଣେ ଯାତ୍ରୀ ଗିରିଜା କୁମାର ଚୌଧୁରୀ ଘଟଣା ସମ୍ପର୍କରେ ଫେସ୍‌ବୁକ୍‌ରେ ପୋଷ୍ଟ କରି ଯାତ୍ରୀମାନେ ଭୋଗିଥିବା ସମସ୍ୟା ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଯାତ୍ରୀମାନେ କିଭଳି ଘଟଣାସ୍ଥଳରୁ ଉଦ୍ଧାର ହେବେ ସେନେଇ ଚିନ୍ତାରେ ପଡ଼ିଯାଇଥିଲେ। ଟ୍ରେନରେ ବୟସ୍କ ବ୍ୟକ୍ତିମାନେ ଶ୍ୱାସକ୍ରିୟା ଏବଂ ଆଖି ଜଳିବା ଭଳି ସମସ୍ୟା ଭୋଗିଥିବାବେଳେ ପିଲାମାନେ ଅନ୍ଧାର ଯୋଗୁ ଭୟଭୀତ ହୋଇ କାନ୍ଦିଥିଲେ ବୋଲି ଗିରିଜା ଫେସ୍‌ବୁକ୍‌ରେ ପୋଷ୍ଟ କରିଛନ୍ତି।

ଅନ୍ୟପକ୍ଷରେ ହୀରାଖଣ୍ଡ ଟ୍ରେନ୍‌ରେ ସଂଯୋଗ ହୋଇ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଜୁନାଗଡ-ଭୁବନେଶ୍ୱର ଟ୍ରେନ୍ ରାୟଗଡା ଷ୍ଟେଶନ୍‌ରେ ସୋମବାର ରାତି ୧୦ଟାରେ ଯାତ୍ରୀଙ୍କୁ ନେଇ ପହଞ୍ଚିଲା। କିନ୍ତୁ ହୀରାଖଣ୍ଡ ଟ୍ରେନ୍‌କୁ ଅପେକ୍ଷା କରି ରାୟଗଡା ଷ୍ଟେଶନ୍‌ରେ ରାତିସାରା ଅଟକି ରହିଥିଲେ। ଫଳରେ ଯାତ୍ରୀମାନେ ଦୁର୍ଦ୍ଦଶା ଭୋଗିଥିଲେ। ହୀରାଖଣ୍ଡ ଏକ୍ସପ୍ରେସ୍ ପହଞ୍ଚିବା ପରେ ଜୁନାଗଡ ଟ୍ରେନ୍‌ଟି ସଂଯୋଗ ହୋଇ ସକାଳ ୫ଟାରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା ବୋଲି ରାୟଗଡା ଷ୍ଟେଶନ୍ ମ୍ୟାନେଜର ପି.କେ ସେଠୀ ସୂଚନା ଦେଇଛନ୍ତି । ସେଠୀଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ଘଟଣାର ତଦନ୍ତ ନିମନ୍ତେ ହୀରାଖଣ୍ଡ ଟ୍ରେନ୍‌ର ଗାର୍ଡ ଏ.କେ. ବେହେରାଙ୍କୁ ଡିଆର୍‌ଏମ୍ ବିଶାଖପାଟଣାକୁ ଡକାଇଥିଲେ। ତଦନୁଯାୟୀ ବେହେରା ମଙ୍ଗଳବାର ସମତା ଏକ୍ସପ୍ରେସ୍‌ରେ ବିଶାଖପାଟଣା ଯାଇଥିବା ସେଠୀ କହିଛନ୍ତି।

ଅପରପକ୍ଷରେ ଟ୍ରେନ୍ ଭୁବନେଶ୍ୱରରେ ବିଳମ୍ବରେ ପହଞ୍ଚିଥିବାରୁ ମଙ୍ଗଳବାର ଏହାର ଯାତ୍ରା ଆରମ୍ଭ ସମୟରେ ପରିବର୍ତ୍ତନ କରାଯାଇଥିଲା। ତଦନୁଯାୟୀ ଟ୍ରେନଟି ଭୁବନେଶ୍ୱରରୁ ଜଗ୍‌ଦଲପୁର ଅଭିମୁଖେ ମଙ୍ଗଳବାର ରାତି ୭.୩୫ ପରିବର୍ତ୍ତେ ରାତି ସାଢ଼େ ୧୦ଟାରେ ଯାତ୍ରା ଆରମ୍ଭ କରିଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

### #ମିଟୁ: ଚିତ୍ରଶିଳ୍ପୀ...

ଇଣ୍ଟରନ୍ୟାଶନାଲରେ ଆୟୋଜିତ ଏକ ଡିନର ପାର୍ଟିରେ ଯତୀନ୍ ଦାସଙ୍କ ସହ ମୋର ପ୍ରଥମ ଦେଖା ହୋଇଥିଲା। ଏହାପରେ ସେ ମୋତେ ତାଙ୍କ ସହ କାମ କରିବାକୁ ଅଫର୍ ଦେଇଥିଲେ। ସେତେବେଳ ମୋତେ ୨୮ ବର୍ଷ ହୋଇଥିଲା। ଜଣେ ପ୍ରତିଷ୍ଠିତ ଚିତ୍ରଶିଳ୍ପୀ ବିଶେଷକରି ଜଣାଶୁଣା ଅଭିନେତ୍ରୀ ନନ୍ଦିତା ଦାସଙ୍କ ବାପା ହୋଇଥିବାରୁ ତାଙ୍କ ସହ କାମ କରିବା ମୋ ପାଇଁ ଏକ ସୁଯୋଗ ଥିଲା। ତାଙ୍କ ଘରକୁ ଡାକି ସେ ତାଙ୍କର ଡ୍ରିମ୍ ପ୍ରୋଜେକ୍ଟ 'ପଙ୍ଖା' ଏବଂ ଓଡ଼ିଶାରେ କରିବାକୁ ଥିବା ଆର୍ଟ ସ୍କୁଲ ସମ୍ପର୍କରେ କହିଥିଲେ। ଏନେଇ ପ୍ରଥମେ ମୋ ଘରଲୋକଙ୍କ ସହ ଆଲୋଚନା କରିବା ପରେ କାମ କରିବାକୁ ରାଜି ହୋଇଥିଲି। ଖିଡ୍‌କି ଭିଲେଜ୍‌ରେ ଥିବା ତାଙ୍କ ଷ୍ଟୁଡିଓକୁ ଯେବେ ମୁଁ ପ୍ରଥମଥର ପାଇଁ ଯାଇଥିଲି ସେ ମୋତେ ମଦ ପିଇବାକୁ ଅଫର କରିଥିଲେ। ମୁଁ ରାଜି ନ ହେବାରୁ ସେ ମୋତେ ଟାଣି ଜବରଦସ୍ତ ଚୁମ୍ବନ ଦେବାକୁ ଚେଷ୍ଟା କରିଥିଲେ। ମୁଁ ଯେବେ ନିଜକୁ ଦୂରେଇ ନେବାକୁ ଚେଷ୍ଟା କରିଥିଲି ସେ ମୋତେ 'କମନ୍, ଇଟ୍ ଉଡ୍ ବି ନାଇସ୍' ବୋଲି କହିଥିଲେ। ଏହାପରେ ମୁଁ ଉକ୍ତ ସ୍ଥାନ ଛାଡ଼ି ଆସିଥିଲି। ମୁଁ ତାଙ୍କ ଝିଅ ନନ୍ଦିତା ଦାସଙ୍କଠାରୁ ସାନ ହୋଇ ବି ସେ ମୋ ସହ ଏଭଳି ବ୍ୟବହାର କରିବା ଦୁର୍ଭାଗ୍ୟଜନକ ଥିଲା ବୋଲି ନିଶା କହିଛନ୍ତି।

ଅଭିଯୋଗ ସଂକ୍ରାନ୍ତରେ ଯତୀନ ଦାସ ନିଜର ପକ୍ଷ ରଖି 'ଧରିତ୍ରୀ'କୁ କହିଛନ୍ତି, ମୋ ବିରୋଧରେ ଏଭଳି ଅଭିଯୋଗ ମୋତେ ଗଭୀର ଆଘାତ ଦେଇଛି। ଏଥିରେ ମୁଁ ସମ୍ପୂର୍ଣ୍ଣ ମର୍ମାହତ। ନିଶାଙ୍କ ସହ କେବେ ଦେଖାହୋଇଛି ବୋଲି ମୋର ମନେନାହିଁ। ହେଲେ ମୁଁ ଏତିକି ଜାଣିଛି ଯେ, ମୁଁ କେବେ କାହାକୁ ଏଭଳି ଦୁର୍ବ୍ୟବହାର କରିନି। ଏଭଳି କରିବା ନିହାତି ଅଶ୍ଳୀଳ ଓ ମୁଁ କେବେ ଏତେ ତଳକୁ ଖସି ପାରିବି ନାହିଁ। ଅନେକ ମହିଳା ଏବେ ଏଭଳି ଅଭିଯୋଗ ଆଣୁଛନ୍ତି। ଏହି ଏକତରଫା ଅଭିଯୋଗକୁ କେବେ ପ୍ରମାଣଭାବେ ଗ୍ରହଣ କରାଯିବା ଉଚିତ ନୁହେଁ ବୋଲି ଯତୀନ ନିଜ ପ୍ରତିକ୍ରିୟାରେ କହିଛନ୍ତି।

### ନଦୀବାଲିରେ ନିଖୋଜ...



ଉନ୍ଦେର ନଦୀ ବାଲିରୁ ମିଳିଥିବା ମୁଣ୍ଡ-ଗଣ୍ଡି ଅଲଗା ମୃତଦେହକୁ ପୋଲିସ ଉଦ୍ଧାର କରିଛି।

ଦୋକାନରୁ ଶିଙ୍ଗଡ଼ା କିଣି ଘରକୁ ଯାଇଥିଲେ ମଧ ମିଥୁନ ଘରେ ପହଞ୍ଚି ନ ଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ମିଥୁନ ଘରକୁ ନ ଫେରିବାରୁ ପରିବାର ଲୋକେ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିଥିଲେ ମଧ ତାଙ୍କର ପତ୍ତା ମିଳି ନ ଥିଲା। ଏହି ଘଟଣାକୁ ନେଇ ରବିବାର ମିଥୁନଙ୍କ ବାପା ସିନ୍ଧେକେଲା ଥାନାରେ ପୁଅର ନିଖୋଜ ସମ୍ପର୍କରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ତଦନ୍ତ କରିଥିଲେ ମଧ ମିଥୁନଙ୍କ ସମ୍ପର୍କରେ କିଛି ବି ସୁରାକ ମିଳି ନ ଥିଲା। ତିନିଦିନ ପରେ ମଙ୍ଗଳବାର ସିନ୍ଧେକେଲାଠାରୁ ପ୍ରାୟ ୩ କିଲୋମିଟର ଦୂର ଗନ୍ଧର୍ଲା ପଞ୍ଚାୟତ ଅନ୍ତର୍ଗତ ଶୁଣ୍ଠିମୁଣ୍ଡା ଗାଁର ଉନ୍ଦେର ନଦୀ ବାଲିରେ ଏକ ମୁଣ୍ଡବିହୀନ ମୃତଦେହ ଅଧା ପୋତା ଅବସ୍ଥାରେ ଥିବା କେତେଜଣ ମତ୍ସ୍ୟଜୀବୀ ଦେଖିଥିଲେ। ଖବର ପ୍ରଚାରିତ ହେବା ପରେ ସିନ୍ଧେକେଲା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପରେ ଟିଟିଲାଗଡ଼ ଏସ୍‌ଡିପିଓ ମହାପାତ୍ର, ସିନ୍ଧେକେଲା ଥାନାଧିକାରୀ ରଞ୍ଜନ ବରିହା ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଟିଟିଲାଗଡ଼ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ଅଧାପୋତା ମୃତଦେହ ଖୋଳାଯିବା ପରେ ବାଲିରେ ପୋତିହୋଇଥିବା କଟା ମୁଣ୍ଡ ମିଳିଥିଲା। ପରେ ଉକ୍ତ ମୃତଦେହ ସିନ୍ଧେକେଲାର ନିଖୋଜ ବାଳକ ମିଥୁନ ରଣାଙ୍କର ବୋଲି ଚିହ୍ନଟ ହୋଇଥିଲା। ତାଙ୍କୁ କେହି ଅପହରଣ କରି ହତ୍ୟା କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ତେବେ ମିଳିଥିବା ମୃତଦେହଟିର ମୁଣ୍ଡ ଗଣ୍ଡି ଅଲଗା ହୋଇଥିବାରୁ ଏହା ବଳି ଘଟଣା ବୋଲି ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଏ ନେଇ ଏସ୍‌ଡିପିଓ ମହାପାତ୍ରଙ୍କୁ ପଚାରିବାରୁ କହିଲେ, ଏହା ବଳି ଜନିତ ହତ୍ୟାକାଣ୍ଡ ବୋଲି ଏବେ କୁହାଯାଇପାରିବ ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସେ ସୂଚନା ଦେଇଛନ୍ତି। ଜଣେ ୯ ବର୍ଷର ବାଳକଙ୍କ ମୁଣ୍ଡ ଗଣ୍ଡି ଅଲଗା ହୋଇଥିବା ମୃତଦେହ ଉନ୍ଦେର ନଦୀ ବାଲିରୁ ମିଳିବା ଘଟଣାକୁ ନେଇ ଅଞ୍ଚଳରେ ଭିନ୍ନ ଚର୍ଚ୍ଚା ଆରମ୍ଭ ହୋଇଛି। ଅପହରଣ ପରେ ହତ୍ୟା କରାଯାଇଥିବା ସନ୍ଦେହ ଘନୀଭୂତ ହୋଇଥିଲେ ମଧ କିଏ କେଉଁ କାରଣରୁ ଏଭଳି କାଣ୍ଡ ଭିଆଇଲା ତାହା ସ୍ପଷ୍ଟ ହୋଇ ନ ଥିବାରୁ ଘଟଣାଟି ଅଞ୍ଚଳବ୍ୟାପୀ ଚର୍ଚ୍ଚାର ବିଷୟ ହେବା ସହ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SPOT ADMISSION
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
CT(D.El.Ed)
Equivalent to Board of Secondary Education Odisha
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

Vasundra Financial Services
(Govt. Registered)
(Regd. No.:- odhCPR0533821)
ଆଧାରକାର୍ଡ, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଗ୍ରୁପ୍ ଋଣ, କୃଷି ଏବଂ ସବୁ ପ୍ରକାର ଋଣ ସହଜ କିସ୍ତିରେ ସରକାରୀ ବ୍ୟାଙ୍କ ଦ୍ୱାରା ଘରେ ବସି ପାଆନ୍ତୁ 2% ସୁଧ 50% Govt. Subsidy. ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ ।
Mahatab Nagar, Bulandshahr, Sikandrabad, U.P.
8295842976
8295842985

Dhanlaxmi Finance Services
ସରକାରଙ୍କ ଦ୍ୱାରା ପଞ୍ଜୀକୃତ
(Reg No.- od6789dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ଗ୍ରୁପ୍ ଋଣ
72 ଘଣ୍ଟାରେ ପାଆନ୍ତୁ ।
1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ
ମାତ୍ର 1% ସୁଧ, 40% ରିହାତି।
For more details contact:
9193648139
SATAPADA, PURI, ODISHA - 752011

ଧନଲକ୍ଷ୍ମୀ ଫାଇନାନ୍ସ
!! ବିନା ଗ୍ୟାରେଣ୍ଟର !! ସ୍ୱରୋଜଗାର ପାଇଁ
8ମ/ 10ମ ପାସ୍ ମହିଳା/ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ 25% ରିହାତି
20 ବର୍ଷରେ ଫେରସ୍ତ
8448812163
8130564846
Add : - 41/14, Sec-1 Pushp Vihar, Delhi

ନିଜ ବ୍ୟବସାୟରେ ଅଭିବୃଦ୍ଧି ଆଣନ୍ତୁ
ITCT EDUCATION
ସହିତ
ଭାରତର ସର୍ବବୃହତ୍ ନେଟ୍‌ୱର୍କ
ନିଜ ବ୍ୟବସାୟରେ ଅତିରିକ୍ତ ଲାଭ ଉପାର୍ଜନ କରନ୍ତୁ। ଆଇଟିସିଟି ଲର୍ନିଂ ସିଷ୍ଟମ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଏକ ଫ୍ରାଞ୍ଚାଇଜି ପାର୍ଟନର ହୁଅନ୍ତୁ।
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ (ଭାରତ ସରକାର)
ଅଧିକ ସୂଚନା ପାଇଁ
0712-2223456 / 09422123456
www.itctedu.in

ଆଦର୍ଶ ଫାଇନାନ୍ସ
ଟଙ୍କା ନେଉନୁ, ଧୋକା ଦେଉନୁ
ଆଗେ କାମ, ପରେ ଦାମ୍
ଦୀପାବଳି ଧମାକା
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ, ଚାଷକାର୍ଯ୍ୟ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
୨୪ ଘଣ୍ଟାରେ ପାଆନ୍ତୁ
୨% ସୁଧ - ୪୦% ରିହାତି
୮୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
କମ୍ କାଗଜପତ୍ର କାମ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
168, Sector-30, Jagatpura, Jaipur, Rajasthan
73106-12716
89794-48754

T.C.F. FINANCE
ଋଣ ମାତ୍ର 6 ଘଣ୍ଟାରେ ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍, ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
08418002678
08859668547
39, Patel Nagar, Saharanpur Road, Dehradun - 248001

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଉତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବା କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୁରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଳେଶ, କିଆ କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଛି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ବୈଦିକ ବିଦ୍ୟାରେ ନିପୁଣ
9873361894, 9654673664

## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେ ହେଲେ ଅନିଷ୍ଟ ହୁଏ ନାହିଁ।

- ମହର୍ଷି ପରାଶର






## ସଂକ୍ଷେପରେ

### ଗଛତଳୁ ଗଳିତ ମୃତଦେହ ଉଦ୍ଧାର

**ବରଗଡ଼ ଅଫିସ୍,୧୬।୧୦-** ବରଗଡ଼ ସଦର ଥାନା ଅଧୀନ ଗୋବିନ୍ଦପୁର ଏକ ରାଇସ ମିଲ ନିକଟ ଗଛମୂଳରୁ ମଙ୍ଗଳବାର ପୋଲିସ ଏକ ଗଳିତ ମୃତଦେହ ଉଦ୍ଧାର କରିଛି। ମୃତଦେହ ପଚିଯାଇ ଥିବାବେଳେ ତାଙ୍କ ପରିଚୟ ମିଳିପାରି ନାହିଁ । ତେବେ ମୃତକଙ୍କ ବେକରେ ଏକ ଦଉଡ଼ି ବନ୍ଧାହୋଇ ରହିଥିବାବେଳେ ସେ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ପୋଲିସ ଅନୁମାନ କରୁଛି। ମୃତଦେହ ଗଛମୂଳେ ଏକକାତରେ ବସିବା ଅବସ୍ଥାରେ ରହିଥିବା ଯୋଗୁ ବ୍ୟକ୍ତି ଜଣଙ୍କୁ କେହି ହତ୍ୟା କରି ଆତ୍ମହତ୍ୟାରୁ ରୂପ ଦିଆଯାଇଥିବା ସନ୍ଦେହ କରାଯାଉଛି । ବରଗଡ଼ ସଦର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ପଠାଯାଇଛି। ଥାନାରେ ଏକ ଅପମୃତ୍ୟୁ ମାମଲାରୁଜୁ ହୋଇଥିବା ସଦର ଥାନା ଆଇଆଇସି ମମତା ନାୟକ ସୂଚନା ଦେଇଛନ୍ତି ।

# ହଜିଯାଉଛେ ଧୁନ୍‌କେଲ ସୋର

**କାମଟିକ୍ରା, ୧୬।୧୦ (ଡି.ଏନ.ଏ)**

ସମିଆର ଗତି ସଂଗେ ବହୁତ୍ ଜିନିସ ବଦ୍‌ଲି ଯାଉଛେ। ଆଘ ଏନ୍‌ତା ଶାରଦୀୟ ପୂଜା ଅବ୍‌ଛରରେ ଗାଁ ଗାଁରେ ଶୁନ୍‌ବାକେ ମିଲୁଥିଲା ଭିନେ ଭିନେ ରକମର ବଜାର ଶବଦ୍। ସେ ଭିତ୍‌ରୁ ଧୁନ୍‌କେଲ ହେଉଛେ ସବୁଠାନୁ ଅଲଗ୍। ଦିନ୍‌ଥିଲା ସାମାଜିକ୍ ଜୀବନ୍‌କେ ସରସ ସୁଁଦର କରିଥିବାର ଧୁନ୍‌କେଲ ସୋର ଅଏଜ୍ ତାର ପରିଚଏ ଖୁଜୁଛେ। ଅଶିନ୍ ମାସେ ଗୁଟେ ଘରେ ଦୁର୍ଗା ଆର୍ କେତେ ଦେବୀଦେବାଙ୍କର ଚିତ୍‌ର ଅଁକା ଯାଉଥିଲା। ସେଟାକେ କୁଠି ବଲୁଥିଲେ। ଆଘ ପିଠଉଥି ଚିତ୍‌ର ଆଁକୁଥିଲେ। ଏହେଦେ ସମିଆ ବଦିଲ୍‌ବାର ସଂଗେ ନାନା ପରକାର ରଂଗ୍‌ଥି ଚିତ୍‌ରା ଯାଉଛେ। ମହାଷ୍ଟମୀ ତିଥିନେ ଦିନର ଦୁଇପହରେ ଧାଁଗ୍‌ରି ଟୁକେଲମାନେ ଆସି କୁଠିରେ ଠୋଲ୍ ହେଇ ଧିଆନ୍‌ରେ ବସୁଥିଲେ। ପଛେ ଝନେ ଧୁନ୍‌କେଲ ବଜାବାର ସଂଗେ ଗୀତ୍ ଗାଉଥିଲେ। ଇ ଧୁନ୍‌କେଲ ସୋର ଆର୍ ଗୀତ୍‌ରେ ଧାଁଗ୍‌ରି ଟୁକେଲମାନେ ଧିଆନ୍‌ରେ ଦେବୀ ପାର୍ବତୀଙ୍କୁ ଆବାହନ କରୁଥିଲେ।

ଧୁନିକତାର ଛାପ୍‌ରେ କାଁ ଭାଁ ଧୁନ୍‌କେଲ ସୋର୍ ଆର୍ ଗୀତ୍ ଶୁନ୍‌ବାକେ ମିଲୁଛେ। ତାର ସଂଗେ ଧୁନ୍‌କେଲ ସୋର୍ ଆର୍ ଗୀତ୍ ବି ଲୁକ୍‌କର ଲାଗି ପୁର୍‌ନା ହେଇଯାଇଛେ। ହେଲେ ଆଏଜ୍ ବି ଅତାବିରା ବ୍ଲକ୍ ପତ୍ରାପାଲିର ଜଗନ୍ନାଥ ଭୋଇ ଆର୍ ଦୁର୍ଯ୍ୟୋଧନ ଝାଙ୍କର ଧୁନ୍‌କେଲ ବଜାବାରେ ଆର୍ ଗୀତ୍ ଗାଏବାରେ ଉସ୍‌ତାଦ୍ ଆଏ। ସେମାନକର କହେବାର ହିସାବେ ଇ ପୁର୍‌ନା ବଜା, ଗୀତ୍ ସବୁକେ ବଁଚେଇ ରଖବାକେ ହେଲେ ସରକାରୀ, ବେସରକାରୀ ସ୍ତରରେ ଚେଷ୍ଟା କରାଯିବା କଥା ବଲି ମତ୍ ଦେଇଛନ୍।



କୁଠିଘରେ ପୂଜା ଲାଗି ସଭେ ଠୋଲ ହେଇଛନ୍।

## ଜିଲାସ୍ତରୀୟ ଫୁଟବଲ ପ୍ରତିଯୋଗିତା

# ଘେଁସକୁ ହରାଇ ପଦ୍ମପୁର ଫାଇନାଲରେ

**ସୋହେଲା,୧୬।୧୦ (ଡି.ଏନ୍.ଏ.)**

ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଚାଲିଥିବା ଜିଲାସ୍ତରୀୟ ନକ୍‌ଆଉଟ ଫୁଟବଲ ପ୍ରତିଯୋଗୀତାର ମଙ୍ଗଳବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଘେଁସ ଓ ପଦ୍ମପୁର ମଧ୍ୟରେ ହୋଇଥିଲା। ଘେଁସକୁ ୧-୦ ଗୋଲରେ ହରାଇ ପଦ୍ମପୁର ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ ଆରମ୍ଭରୁ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଉଭୟ ଦଳର ଖେଳାଳିମାନେ ବିପକ୍ଷ ଦଳ ଉପରେ ଘନଘନ ଆକ୍ରମଣ କରିଥିଲେ। ପଦ୍ମପୁର ଦଳର ଖେଳାଳିମାନେ ଗୋଲ ଦେବାର ଅନେକ ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ଘେଁସ ଦଳର ଗୋଲ ରକ୍ଷକ ଗୋପାଲ ସାହୁଙ୍କ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ ଯୋଗୁ ଗୋଲ କରିବାରେ ସଫଳ ହୋଇ ନ ଥିଲେ । ମ୍ୟାଚର ପ୍ରଥମାର୍ଦ୍ଧ ଖେଳ ଗୋଲ ଶୂନ୍ୟ ରହିବା ପରେ ଦ୍ୱିତୀୟାର୍ଦ୍ଧ ଖେଳର ୧୫ତମ ମିନିଟରେ ପଦ୍ମପୁର ଦଳର ଫଟୁ ଓରାମ ମ୍ୟାଚର ଏକମାତ୍ର ଗୋଲକରି ଦଳକୁ ୧-୦ ଗୋଲରେ ବିଜୟୀ କରିଥିଲେ। ଘେଁସ ଦଳର ଗୋଲ ରକ୍ଷକ ଗୋପାଲ ସାହୁଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା । ମ୍ୟାଚକୁ ରେଫରି ସୁରେଶ କୁମାର ଦାସ ପରିଚାଳନା କରିଥିବା ବେଳେ ରେଫରି ଅଶ୍ୱିନୀ ମେହେର, ଶ୍ରିନିବାସ ରାଓ ତାଙ୍କୁ ଲାଇନରେ ସହାୟତା କରିଥିଲେ। ପଞ୍ଚାନନ ପାତ୍ର ଚତୁର୍ଥ ରେଫରି ଦାୟିତ୍ୱରେ ରହିଥିଲେ। ବୁଧବାର ପଦ୍ମପୁର ଓ ଅଇଁଠାପାଲି ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

## ଫଟୋରେ ଖବର



ବରଗଡ଼ ସରକାରୀ ବସଷ୍ଟାଣ୍ଡ ପରିସରରେ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ।



ବରଗଡ଼ ଗାନ୍ଧୀଛକରେ ପୂଜିତ ମା' ଦୁର୍ଗାଙ୍କ ପ୍ରତିମା।

# ଥଇଥାନ ପାଇଁ ଜିଲାପାଳଙ୍କୁ ଗୁହାରି

**ବରଗଡ଼ ଅଫିସ୍,୧୬।୧୦**

ନାଁ ତାଙ୍କର ଗୋବିନ୍ଦ ଚନ୍ଦ୍ର କୁମ୍ଭାର। ବରଗଡ଼ ଜିଲା ସାନ ବାଉଁସେନ ଗ୍ରାମରେ ତାଙ୍କ ଘର । ସେ ଜଣେ ଉଚ୍ଚଶିକ୍ଷିତ ଯୁବକ । ସ୍ନାତକ ତାଙ୍କର ଯୋଗ୍ୟତା । ନିହାତି ଗରୀବ ଶ୍ରେଣୀର ପରିବାରର ପୁଅ ହୋଇଥିଲେ ମଧ ସେ ଜଣେ ହୋମଗାର୍ଡ଼ଭାବେ ନିଯୁକ୍ତି ପାଇ ପରିବାର ପୋଷଣ କରୁଥିଲେ । ତେବେ ପରେ ଏକ ସାଇକେଲ ଚୋରି କେଶରେ ଛନ୍ଦି ହୋଇ ପଡ଼ିଥିଲେ ଏବଂ ହୋମଗାର୍ଡ଼ ଚାକିରି ହରାଇଥିଲେ ଗୋବିନ୍ଦ। ମାତ୍ର ସେହି ସାଇକେଲ ଚୋରି ମାମଲାରେ ତାଙ୍କ କୌଣସି ସମ୍ପୃକ୍ତି ନ ଥିବା ସତ୍ତ୍ୱେ ତାଙ୍କୁ ଚାକିରିରୁ ବାହାର କରି ଦିଆଗଲା ଏବଂ ଏହାପରେ ସେ ଦୁର୍ବିସହ ଜୀବନ ଅତିବାହିତ କରୁଥିବା ଗୋବିନ୍ଦ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ ନେଇ ସୋମବାର ଗୋବିନ୍ଦ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ତ୍ରିପାଠୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ତପିରାମ ମାଝିଙ୍କୁ ଭେଟି ତାଙ୍କୁ ଥଇଥାନ କରିବା ପାଇଁ ନିବେଦନ କରିଛନ୍ତି । ଏ ନେଇ ସେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସ୍ମାରକପତ୍ରରେ ସେ ଉଲ୍ଲେଖିତ କରିଛନ୍ତି, ସେ ବିଜେପୁର ଥାନାରେ ହୋମଗାର୍ଡ଼ଭାବେ କାର୍ଯ୍ୟରତ ଥିଲେ । ପରବର୍ତ୍ତୀ ସମୟରେ ରିଜର୍ଭ ପୋଲିସ ପରୀକ୍ଷା ମଧ ଦେଇଥିଲେ । ସେଥିରେ ଉତ୍ତୀର୍ଣ୍ଣ ହୋଇଥିଲେ ମଧ୍ୟ ତାଙ୍କୁ ଚାକିରୀ ମିଳି ନ ଥିଲା । ରିଜର୍ଭ ପୋଲିସରେ ଚାକିରି ଖଣ୍ଡିଏ ପାଇ ପରିବାର ପୋଷଣ କରିବେ ବୋଲି ସେ ଆଶା ବାନ୍ଧିଥିଲେ । ମାତ୍ର ତାହା ବି ପୂରଣ ହେଲା ନାହିଁ, ଅନ୍ୟଥା ସେ ଚୋରି ମାମଲାରେ ସମ୍ପୃକ୍ତ ନ ଥିଲେ ମଧ୍ୟ ତାଙ୍କୁ ସେଥିରେ ଛନ୍ଦି ଦିଆଗଲା ବୋଲି ସେ ଅଭିଯୋଗ କରିଛନ୍ତି । ଏହାପରେ ତାଙ୍କ ପରିବାର ଦୁର୍ବିସହ ଜୀବନ ଅତିବାହିତ କରୁଛନ୍ତି । ଫଳରେ ଘଟଣାର ବିଧିବଦ୍ଧ ତଦନ୍ତ ପୂର୍ବକ ତାଙ୍କୁ ଥଇଥାନ କରିବା ପାଇଁ ଗୋବିନ୍ଦ ଜିଲା ପ୍ରଶାସନକୁ ନିବେଦନ କରିଛନ୍ତି, ନଚେତ୍ ସେ ମାଓବାଦୀ ସଂଗଠନରେ ଯୋଗଦେବା ପାଇଁ ବାଧ ହେବେ ବୋଲି ସ୍ମାରକପତ୍ରରେ ଦର୍ଶାଇଛନ୍ତି ।



ଥଇଥାନ ପାଇଁ ଜିଲାପାଳଙ୍କୁ ଫେରାଦ ହୋଇଥିବା ଯୁବକ ।

## ନୂଆଁଖାଇ ଭେଟ୍‌ଘାଟ୍

# ବିଧାୟକ ପ୍ରଦୀପ ପୁରୋହିତ ସମ୍ବର୍ଦ୍ଧିତ

**ପଦ୍ମପୁର,୧୬।୧୦ (ଡି.ଏନ.ଏ)**

ନୂଆଁଖାଇ ଜୁହାର ସମିତି ସତୀଭଟାର ତ୍ରୟୋଦଶତମ ନୂଆଁଖାଇ ଭେଟ୍‌ଘାଟ୍ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶ୍ରେଷ୍ଠ ବିଧାୟକ ଭାବେ ପ୍ରଦୀପ ପୁରୋହିତଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହିତ ପଦ୍ମପୁର ଅଞ୍ଚଳର ୭୦ଜଣ କଳାକାରଙ୍କୁ ବିଧାୟକ ପୁରୋହିତ ପୁରସ୍କୃତ କରିଥିଲେ। ଅବାଧ ନିଶା କାରବାର ଦମନ ପାଇଁ ଶତାଧିକ ଲୋକଙ୍କ ସ୍ୱାକ୍ଷର ଥିବା ଏକ ଦରଖାସ୍ତ ବିଧାୟକଙ୍କୁ ପ୍ରଦାନ କରାଯାଇଥିଲା। ଏନେଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ବିଧାୟକ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସଂଯୋଜକ ବିଭୁତିଭୂଷଣ ନାଏକ, ଗୋବିନ୍ଦ ଧରୁଆ, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ସଞ୍ଜୀବ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ମହେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ରଞ୍ଜନ ସାହୁ, ମଣି ଲୁହାର, ଭାସତ ସାହୁ, ଝସକେତନ ନାଏକ, ଚନ୍ଦ୍ରମଣି ସାହୁ, ରମେଶ ସିର୍ଦ୍ଧାର, ସୁବାଷ ପଟେଲ, ଦେବେନ୍ଦ୍ର ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ। ସଭା ଶେଷରେ ବିଧାୟକ ଗାଁ ସ୍କୁଲ ପରିଦର୍ଶନ କରି ମୋ ସ୍କୁଲ ଅଭିଯାନ ପାଇଁ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ।

## ସୁନାରି ସମାଜ କର୍ମକର୍ତ୍ତା ନିର୍ବାଚନ

**ପଦ୍ମପୁର, ୧୬।୧୦ (ଡି.ଏନ.ଏ.)**

ସ୍ଥାନୀୟ ଲକ୍ଷ୍ମୀ କଲ୍ୟାଣ ମଣ୍ଡପଠାରେ ପଦ୍ମପୁର ବ୍ଲକସ୍ତରୀୟ ସୁନାରି ସମାଜର ବୈଠକ ହୋଇଯାଇଛି । କ୍ଷେତ୍ରବାସୀ ଚିନ୍ଦ୍ରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମାଜର ଉନ୍ନତି ଉପରେ ଆଲୋଚନା ହୋଇଥିଲା । ପରେ ସମାଜର ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ସଭାପତି କ୍ଷେତ୍ରବାସୀ ଚିନ୍ଦ୍ରା, ଉପସଭାପତି ହର୍ଷବର୍ଦ୍ଧନ ସାହୁ, ସମ୍ପାଦକ ହିରାଲାଲ ସାଥୁଆ, ସହ ସମ୍ପାଦକ କିଶୋର ସରାଫ ଓ ଗିରିଶ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ମୋହନ ସରାଫ, କାର୍ଯ୍ୟକାରୀ କମିଟିରେ ନେପାଲ ମହାରଣା, ମାଧବ ସାହୁ, ଚନ୍ଦ୍ରମଣି ସାହୁ, ଉପେନ୍ଦ୍ର ସାହୁ, ରବି ମହାରଣା, ସଚୀନ ସରାଫ, ଶରତ ପୃଷ୍ଟି, ବଳରାମ ସରାଫ, ଙ୍କୁ ମନୋନୀତ କରାଯାଇଥିଲା ।


## JAWAHAR NAVODAYA VIDYALAYA, KHATIGUDA, DIST-NABARANGPUR (ODISHA)

**WALK-IN-INTERVIEW FOR APPOINTMENT OF TEACHER ON CONTRACT BASIS DT. 16.10.2018**

Jawahar Navodaya Vidyalaya, Khatiguda, Dist-Nabarangpur Odisha (residential co-educational Vidyalaya) invites eligible candidates to attend the Walk-in-interview for appointment of 01 (one) Post of PGT (Mathematics) purely on contract basis for the academic session 2018-19 scheduled to be conducted in the Jawahar Navodaya Vidyalaya, Khatiguda on 5th November, 2018 at 10.00 A.M.

**REMUNERATION OFFERED:** Rs. 27500/- P.M.

**UPPER AGE LIMIT:** 60 YEARS AS ON 30.09.2017.

**ELIGIBILITY CRITERIA:** Two years Integrated Post Graduate M.Sc. Course from Regional College of Education of NCERT in the subject of Mathematics with at least 50% marks in aggregate.

OR

Master's Degree from a recognized University with at least 50% marks in agreegate in the subject of Mathematics and (a) B.Ed. or equivalent qualification from a recognized University (b) Proficiency in Teaching in Hindi and English.

The candidates are advised to bring one set self attested testimonials alongwith original in support of his/her age, qualification, experience, scholastic/non-scholastic achievements etc., one passport size photographs. No travelling expenses will be paid to candidate for appearing before the Appointment Committee. Please not that, attending the walk-in-interview does not confer any right to the candidate for appointment.

**Sd./- Principal**
**J.N.V., Khatiguda, Dist-Nabarangpur**

## ROURKELA SMART CITY LTD

**Udit Nagar, Rourkela - 769012, Odisha**

**Notice No. 604/ 2018** **Dt.15.10.2018**

**Tender Quotation Call Notice**

Chief Executive Officer, Rourkela Smart City Ltd. (RSCL) invites sealed tenders from reputed Companies / OEMs/Authorized Dealer / Contractor having HT / MV license for supply, installation and commissioning of 125 KVA D.G. set of reputed Brand like Kirloskar / Mahindra or equivalent make. The details of BOQ and other terms & conditions are available at RMC website i.e. **www.rmc.nic.in**. The last date of receipt of tender is **27th October 2018**.

**Sd./- Chief Executive Officer, RSCL**

## GOVERNMENT OF ORISSA, DEPARTMENT OF WATER RESOURCES

**Office of the Executive Engineer, Balasore Minor Irrigation Division**

**'e' Procurement Notice No.M.I-E-08/18-19 dated: 12.10.2018 (Online)**

616-A

www.mibalasore@yahoo.co.in, 06782-262146

1. Name of the work : Improvement to Minor Irrigation Projects at different Places of Balasore District.
2. No. of Works : 4 Nos .
3. Estimated Cost : Varies from Rs.80.11 Lakhs to Rs.88.49 lakhs (approximately)
4. Class of Contractor : "A" & "B" Class.
5. Period of Completion : 03 (Three) Calendar months (90 days)
6. Other details are as follows:-

| Bid inviting authority | Bid Identification No. | No. of Works | Availability of tender online for bidding | | Last date of receipt of original Affidavit towards authenticity of the documents | Date & time of opening of tender | Date & Time of Transparent Lottery if necessary |
|---|---|---|---|---|---|---|---|
| | | | From | To | | | |
| Executive Engineer, M.I Division, Balasore | M.I-E-08/ 2018-19 | 04 Nos. | 29.10.2018 at 11.00AM | 09.11.2018 upto 5.00PM | 13.11.2018 upto 5.00 PM in the box located at M.I Division Office, Balasore. | 14.11.2018 at 11.00AM | 22.11.2018 at 11.00 AM |

Further details can be seen from the Govt. website www.tendersodisha.gov.in

32014/11/0017/1819 *Sd./- Executive Engineer, Minor Irrigation Division, Balasore*

## GOVT. OF ODISHA

0602-A

**OFFICE OF THE ENGINEER-IN-CHIEF, WATER RESOURCES, ODISHA, BHUBANESWAR**

**'e' Procurement Notice No.CELMB 48 OF 2018-19**

1. Name of the work : Construction of bridge over Gobkund cut at its off taking point near village Gobkund under NABARD Assistance RIDF-XXIV.
2. Amount put to Tender : Rs.17,11,40,552.00
3. Bid Document Cost : Rs.10, 000.00 (online)
4. E.M.D. : Rs.17,11,500.00 (online)
5. Class of Contractor : Super Class
6. Period of Completion : 24 calendar months (730 Days)
7. Other details are as follows.

| Procurement Officer | Bid Identification No. | Availability of Tender Online for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer FC & Basin Manager, LMB, Bhubaneswar | CELMB PID 01 OF 2018-19 | 20.10.2018 10.00hrs | 09.11.2018 17.00hrs | 12.11.2018 11.00hrs |

8. e-mail Id : celmbbbsr@yahoo.co.in

Further detail conditions can be seen from the Govt. website www.tendersorissa.gov.in

32252/11/0061/1819 *Sd./- Chief Engineer FC & Basin Manager, Lower Mahanadi Basin*

## GOVT. OF ODISHA

618-A

**OFFICE OF THE EXECUTIVE ENGINEER MAHANADI BARRAGE DIVISION, CUTTACK**

Phone No. 0671–2440118, Email– eembarragedivnctc@gmail.com

**'e'-Procurement Notice No.EEMBD-10/2018-19**

1. Name of work : "Improvement to Road on left bank of PLBC from RD7.00km. to 7.35km. under MCII Project for the year 2019-20".
2. Total No. of works : 08 (Eight) Nos. of works.
3. Estimated Cost : Varies from Rs.9.41 lakhs to Rs.39.64 lakhs
4. Mode of Payment of EMD (Bid Security) & Bid Cost : The bidder shall transfer the required amount of EMD (Bid Security) and cost of Bid by online through electronic payment as per Govt. of Odisha WDOM No.17254/W dtd.05.12.2017 as mentioned in DTCN.
5. Period of completion : 06 (six) Calendar Month.
6. Other details as follows :
   (i) Procurement Officer : Executive Engineer, Mahanadi Barrage Division, Cuttack.
   (ii) Availability of Tender online for Bidding : 25.10.2018 from 10.00 AM to 05.11.2018 upto 5.00 PM
   (iii) Date & time of opening of Bid through Online : On 06.11.2018 at 11.00 AM in the Office of the Executive Engineer, Mahanadi Barrage Division, Cuttack.
   (iv) Date of Transparent Lottery to be Conducted (if required) : On 12.11.2018 at 11.00 AM in the office Chamber of the Executive Engineer, Mahanadi Barrage Division, Cuttack.

Further details can be seen from the Govt. website www.tendersodisha.gov.in.

32165/11/0008/1819 *Sd./- Executive Engineer, Mahanadi Barrage Division, Cuttack*



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।

- ସାମୁଏଲ୍ ଜନ୍‌ସନ

## ସଂକ୍ଷେପରେ

### ଅଷ୍ଟମୀ ପୂଜା, ଭାଇଜିଉଁତିଆ

**ସମ୍ବଲପୁର,୧୬।୧୦ (ବ୍ୟୁରୋ)**- ପଶ୍ଚିମ ଓଡିଶାର ନିଆରା ପରମ୍ପରା ଭାଇଜିଉଁତିଆ ମଙ୍ଗଳବାର ରାତିରେ ପାଳିତ ହୋଇଯାଇଛି। ଭଉଣୀମାନେ ନିର୍ଜଳା ଉପବାସ ରହି ସନ୍ଧ୍ୟାରେ ଦୁର୍ଗାମଣ୍ଡପଗୁଡିକରେ ଅଷ୍ଟମୀ ପୂଜା କରିଛନ୍ତି। ଦୁବ, ଚାଉଳ, ବେଲପତ୍ର ଦେବୀଙ୍କୁ ଚଢ଼ାଇ ପୂଜାଥାଳିରେ ରଖି ଘରକୁ ଫେରିଛନ୍ତି। ବୁଧବାର ପ୍ରାତଃରେ ସ୍ନାନ ପରେ ସେମାନେ ଭାଇମାନଙ୍କ ଦୀର୍ଘ ଜୀବନ କାମନା କରି ଦୁବ ଛୁଆଁଇବେ। ଏହାକୁ ଦୃଷ୍ଟିରେ ରଖି ଧନୁପାଲି, ଗୋବିନ୍ଦତୋଲା, ଫାଟକ, ଜେଲଛକ, ଲକ୍ଷ୍ମୀଟକିଜ ଛକ, ସାକ୍ଷୀପଡ଼ା, ଜିଲା ସ୍କୁଲ ଛକ, ଦଲେଇପଡ଼ା, ନନ୍ଦପଡ଼ା, ଝାଡୁଆପଡା, କୁଞ୍ଜେଲପଡା, ଘୁନଘୁଟିପଡା, ଚେରୁଆପଡା, ବଡବଜାର, ଗୋପାଲମାଲ, କାଳୀବାଡି, ଗୁରୁଦ୍ୱାରା, ଠେଲକୋପଡା, ଢୁକୁପଡା, ଅଇଁଠାପାଲି, ଧୁତୁରାପଡ଼ା, ଧନକଉଡ଼ା ଆଦି ଦୁର୍ଗାମଣ୍ଡପରେ ଆୟୋଜକମାନେ ସ୍ୱତନ୍ତ୍ର ବ୍ୟବସ୍ଥା କରିଥିଲେ। ଭଉଣୀମାନେ ଧାଡ଼ିରେ ରହି ଦେବୀଙ୍କ ଦର୍ଶନ କରିଥିଲେ। ରାତିରେ ବିଭିନ୍ନ ଅଞ୍ଚଳରୁ ଭଉଣୀ ଓ ମାଆମାନେ ଇଷ୍ଟଦେବୀ ସମଲେଶ୍ୱରୀଙ୍କ ଦର୍ଶନ କରିଛନ୍ତି।

### ୬ ମଣ୍ଡପରେ ମହାଷ୍ଟମୀ, ଭାଇଜିଉନ୍ତିଆ ପୂଜା

**ଦେବଗଡ଼,୧୬।୧୦(ସ୍ୱ.ପ୍ର.)**- ଦେବଗଡ଼ ସହରର ୬ଟି ମଣ୍ଡପରେ ଶାରଦୀୟ ଦୁର୍ଗାପୂଜା ଚାଲିଥିବା ବେଳେ ମଙ୍ଗଳବାର ମହାଷ୍ଟମୀ ଓ ଭାଇଜିଉନ୍ତିଆ ପୂଜା ଅନୁଷ୍ଠିତ ହୋଇଛି। ପୋଷ୍ଟ ଅଫିସ ଛକ ଉତ୍କଳ ଦୁର୍ଗାପୂଜା କମିଟି, ଡେଲି ମାର୍କେଟ, ଖପରସାହି, ମଠସାହି ମନୋରମା କ୍ଲବ, ଶାସନସାହି ଫ୍ରେଣ୍ଡ୍‌ସ କ୍ଲବ, ନୀଳବର୍ଣ୍ଣୀ ସାହି ଦୁର୍ଗାପୂଜା କମିଟି ପକ୍ଷରୁ ରୀତିନୀତି ଅନୁଯାୟୀ ମା'ଙ୍କ ପୂଜାକାର୍ଯ୍ୟ କରାଯାଉଛି। ସମସ୍ତ ମଣ୍ଡପର ପ୍ରବେଶପଥରେ ବିଦ୍ୟୁତ ଆଲୋକର ତୋରଣ ଲଗାଯାଇଛି। ରଙ୍ଗୀନ ଆଲୋକମାଳାରେ ସହର ଝଲସୁଛି। ଏହି ଅବସରରେ ପୂଜା ମଣ୍ଡପଗୁଡ଼ିକରେ ଖିରି ଭୋଗ, ଅନ୍ନ ଭୋଗ, ପିଠା ଭୋଗ ଆଦି ବ୍ୟବସ୍ଥା କରାଯାଇ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଉଛି। ସେହିପରି ମହିଳାମାନେ ମଙ୍ଗଳବାର ଭାଇଜିଉନ୍ତିଆ ବ୍ରତ ରଖିଥିଲେ।

## ବଡ଼ଛାପଲ ଫୁଟବଲ ଟୁର୍ନାମେଣ୍ଟ

# କୁଣ୍ଡାପିଠାକୁ ହରାଇ ଭାଟସିଂ ଚାମ୍ପିୟନ

**ଦେବଗଡ଼,୧୬।୧୦(ସ୍ୱ.ପ୍ର.)**



ଚାମ୍ପିୟନ ଖେଳାଳିଙ୍କ ଗହଣରେ ଅତିଥି।

ଦେବଗଡ଼ ଜିଲାର ତିଲେଇବଣି ବ୍ଲକ ଅନ୍ତର୍ଗତ ବଡ଼ଛାପଲ ଗ୍ରାମ ଖେଳପଡ଼ିଆରେ ଗତ ୩ ଧରି ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏଥିରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଭାଟସିଂ ଓ କୁଣ୍ଡାପିଠା ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ କୁଣ୍ଡାପିଠାକୁ ୧-୦ ଗୋଲରେ ହରାଇ ଭାଟସିଂ ଚାମ୍ପିୟନ ହୋଇଛି। ଧ୍ରୁବ ଦାସ, ପ୍ରଦୀପ ବେହେରା, ପ୍ରଦୀପ ସ୍ୱାଇଁ ଖେଳ ପରିଚାଳନା କରିଥିଲେ। କ୍ଲବର ବିରଞ୍ଚି ନାରାୟଣ ନନ୍ଦ, ଅମିତ ବେହେରା, ଯୁଗଳକିଶୋର କିଷାନ, ତ୍ରିଲୋଚନ କିଷାନ, ଧରଣୀଧର ନାଏକ, ଦୁଃଖବନ୍ଧୁ କିଷାନ, ଉଗ୍ରସେନ ବାଘ, ଦୁର୍ଯ୍ୟୋଧନ ନାଏକ ପ୍ରମୁଖ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ଼ ବିଧାୟକ ନିତେଶ ଗଙ୍ଗଦେବ, ସମ୍ମାନିତ ଅତିଥି ଭାବେ ତିଲେଇବଣି ବ୍ଲକ ଅଧକ୍ଷା ସୁବାସିନୀ ଦେହୁରୀ, ଜିଲା ପରିଷଦ ଉପାଧକ୍ଷ ଜୟକୃଷ୍ଣ ପ୍ରଧାନ, ଡିଏସ୍‌ପି ଆଣ୍ଟୋନି ତିର୍କୀ, ଯୋଗେଶ ପ୍ରଧାନ, ପ୍ରେମାନନ୍ଦ ସାମଲ ଯୋଗଦେଇଥିଲେ। ମୁଖ୍ୟଅତିଥି ବିଧାୟକ ଗଙ୍ଗଦେବ ଚାମ୍ପିୟନ ଭାଟସିଂ ଦଳକୁ ୮୦୦୧ ଓ ରନର୍ସଅପ୍ କୁଣ୍ଡାପିଠା ଦଳକୁ ୭୦୦୧ ଟଙ୍କା ସହ ଟ୍ରଫି ପୁରସ୍କୃତ କରିଥିଲେ। ବଡ଼ଛାପଲ ସରପଞ୍ଚ ଅଜିତ କୁମାର ଭୋଇ ଧନ୍ୟବାଦ ଦେଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ୭୩ତମ ଜନ୍ମଦିନ ପାଳିତ

## ସମଲେଇ ମନ୍ଦିରରେ ଦୀପଦାନ

**ସମ୍ବଲପୁର,୧୬।୧୦ (ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୩ତମ ଜନ୍ମ ଦିବସ ସୋମବାର ସମ୍ବଲପୁରରେ ନିରାଡମ୍ବର ଭାବେ ପାଳନ କରାଯାଇଛି। ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ଦଳୀୟ କର୍ମୀ ଓ ନେତାମାନେ ସମଲେଇ ମନ୍ଦିରରେ ତାଙ୍କର ଦୀର୍ଘ ଜୀବନ କାମନ କରି ପୂଜାର୍ଚ୍ଚନା କରିବା ସହ ଦୀପ ଦାନ କରିଥିଲେ। ଏହାପରେ ପେନଶନପଡ଼ାସ୍ଥିତ କଲ୍ୟାଣ ମଣ୍ଡପଠାରେ ରକ୍ତଦାନ ଶିବିର ହୋଇଥିଲା। ୭୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ବିଜେଡି ଜିଲା ସଭାପତି ପ୍ରମୋଦ ରଥ, ଟାଉନ ସଭାପତି ପ୍ରଫୁଲ୍ଲ କୁମାର ଦାଶ, ଜିଲା ସଭାନେତ୍ରୀ ରାଜଲକ୍ଷ୍ମୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର କୁଚିଣ୍ଡାଠାରେ ମଧ୍ୟ ସ୍ଥାନୀୟ ଏକ ଧର୍ମଶାଳାରେ ଜନ୍ମଦିନ ପାଳିତ ହୋଇଥିଲା। ଏହି ଅବସରରେ ରକ୍ତଦାନ ଶିବିର ହୋଇଥିଲା। ମୋଟ ୩୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । କୁଚିଣ୍ଡା ବ୍ଲକ ବିଜେଡି ସଭାପତି ଅମୁଲ୍ୟ ମିଶ୍ର, ଜୀବନ ବିନ୍ଦୁ କାର୍ଯ୍ୟକ୍ରମର ଜିଲା ସଂଯୋଜିକା କବିତା ପୁରୋହିତ, କୁଚିଣ୍ଡା ବ୍ଲକ ଉପାଧକ୍ଷ ପୂର୍ଣ୍ଣଚନ୍ଦ୍ର କିସାନ, ଦୀନବନ୍ଧୁ ଅଗ୍ରୱାଲ, ନବୀନ ହୋତା, ଅଭିଲାଷ ଅଗ୍ରୱାଲ, ମିଳନ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।



ମଙ୍ଗଳବାର ସମ୍ବଲପୁର ପେନସନପଡ଼ା କଲ୍ୟାଣ ମଣ୍ଡପଠାରେ ରକ୍ତଦାନ ଶିବିର ।

# ମଛିନ୍ଦ୍ର ଘାଟରେ ଖଣ୍ଡାଧୁଆ ନୀତି

**ସମ୍ବଲପୁର,୧୬।୧୦ (ବ୍ୟୁରୋ)**

ମହାଷ୍ଟମୀ ତିଥିରେ ସମଲେଇଙ୍କ ଖଣ୍ଡାଧୁଆ ନୀତି ମଙ୍ଗଳବାର ରାତିରେ ସମ୍ପନ୍ନ ହୋଇଛି। ସମଲେଇ ମନ୍ଦିର ପରିସରରୁ ପୂଜକମାନେ ଖଣ୍ଡା ନେଇ ଶୋଭାଯାତ୍ରାରେ ବଡ଼ବଜାର ଅଞ୍ଚଳ ପରିକ୍ରମା କରିଥିଲେ। ବୀରବାଦ୍ୟର ତାଳରେ ମହାନଦୀ ମଛିନ୍ଦ୍ର ଘାଟରେ ଖଣ୍ଡାଧୂଆ ନୀତି ହୋଇଥିଲା। ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ ଝଣ୍ଡା ଓ ଖଣ୍ଡାକୁ ପୂର୍ଜାର୍ଚ୍ଚନା କରିଥିଲେ। ଏହାପରେ ପୂଜକମାନେ ମହାନଦୀ ମଛିନ୍ଦ୍ର ଘାଟକୁ ଯାଇ ପୁଣି ଶୋଭାଯାତ୍ରାରେ ମନ୍ଦିରକୁ ଫେରିଥିଲେ। ପରେ ମା'ଙ୍କ ପୀଠରେ ଖଣ୍ଡା ସ୍ଥାପନ କରାଯାଇଥିଲା।



ସମଲେଇ ମନ୍ଦିର ପରିସରରୁ ପୂଜକମାନେ ଖଣ୍ଡା ନେଇ ଶୋଭାଯାତ୍ରାରେ ବାହାରିଛନ୍ତି।

# ଦୁର୍ଗା ବାହିନୀ ପକ୍ଷରୁ ସଙ୍କଳ୍ପ କଳସ ଶୋଭାଯାତ୍ରା

**ଦେବଗଡ଼,୧୬।୧୦(ସ୍ୱ.ପ୍ର.)**

ବିଶ୍ୱହିନ୍ଦୁ ପରିଷଦର ମହିଳା ସଂଗଠନ ଦୁର୍ଗା ବାହିନୀ ଦେବଗଡ଼ ଶାଖା ପକ୍ଷରୁ ମଙ୍ଗଳବାର ପୌରାଞ୍ଚଳସ୍ଥିତ ୱାର୍ଡ ନଂ-୩ ମଠସାହି ମନୋରମା କ୍ଲବରୁ ନବନିର୍ମିତ ମା' କନକଦୁର୍ଗା ମନ୍ଦିରକୁ ଏକ ସଙ୍କଳ୍ପ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ହାଡ଼ି ବାଜା, ହୁଳହୁଳି, ଆତସବାଜି ଶବ୍ଦ ମଧ୍ୟରେ ମହିଳାମାନେ ପ୍ରଧାନପାଟସ୍ଥିତ ଜଳପ୍ରପାତରୁ କଳସରେ ପବିତ୍ର ଜଳ ସଂଗ୍ରହ କରି ମା' ପଧାନୀଙ୍କ ପୀଠରେ ପୂଜାର୍ଚ୍ଚନା କରିବା ପରେ ହାତରେ ଖଣ୍ଡା ଓ ଗେରୁଆ ଝଣ୍ଡା ଧରି ନଗର ପରିକ୍ରମା କରି ମନ୍ଦିରରେ କଳସ ସ୍ଥାପନ କରିଥିଲେ। ଦୁର୍ଗା ବାହିନୀର ଜିଲା ସଂଯୋଜିକା ହରିପ୍ରିୟା ନାଏକଙ୍କ ନେତୃତ୍ୱରେ ସହରର ମହିଳାମାନେ ଏଥିରେ ସାମିଲ ହୋଇଥିଲେ। ମନ୍ଦିରରେ ସପ୍ତଶ୍ଳୋକି ପାଠ କରାଯାଇଥିଲା। ବିଶ୍ୱହିନ୍ଦୁ ପରିଷଦ ସଭାପତି ପୂର୍ଣ୍ଣଚନ୍ଦ୍ର ଭୁକ୍ତା, ଉପସଭାପତି ସୁବାସ କୁମାର ମହାପାତ୍ର, ବବି ପଟ୍ଟନାୟକ, ବଜରଙ୍ଗ ଦଳର ନଗର ସଂଯୋଜକ କାଳିଆ ମାଝି ପ୍ରମୁଖ ସହଯୋଗ କରିଥିଲେ।

# ବଳମ ଦୁର୍ଗାପୂଜା: ମା'ଙ୍କ ସପ୍ତମୀ ପୂଜା

**ବାରକୋଟ, ୧୬।୧୦ (ଡି.ଏନ.ଏ)**



ବଳମଠାରେ ଜାଗୃତି କ୍ଲବ ଦୁର୍ଗାପୂଜା କମିଟି ଆନୁକୂଲ୍ୟରେ ଶାରଦୀୟ ଦୁର୍ଗାପୂଜା।

ଦେବଗଡ ଜିଲା ବାରକୋଟ ବ୍ଲକ ବଳମଠାରେ ଜାଗୃତି କ୍ଲବ ଦୁର୍ଗାପୂଜା କମିଟି ଆନୁକୂଲ୍ୟରେ ଶାରଦୀୟ ଦୁର୍ଗାପୂଜା ଆରମ୍ଭ ହୋଇଯାଇଛି। କମିଟି ପକ୍ଷରୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସୋମବାର ଅପରାହ୍ନରେ କଳସ ଯାତ୍ରାରେ ଢ଼ୋଲବାଜା, ଅସନନାଳୀ ଗ୍ରାମର ସଂକୀର୍ତ୍ତନ୍ୟ ମଣ୍ଡଳୀ, ଗୌଡ ନାଳୀଗ୍ରାମର ମହିଳା ସଂକୀର୍ତ୍ତନ ମଣ୍ଡଳୀ, ଅତସବାଜି ବାଣରେ ଚର୍ତୁଦିଗ ପ୍ରକମ୍ପିତ ହୋଇଥିଲା। କଳାଜିରାକଟାଠାରେ ପୂଜକ ପଣ୍ଡିତ ସନ୍ତୋଷ କୁମାର ତ୍ରିପାଠୀଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ କମିଟି ସଦସ୍ୟମାନେ ଜଳ ଲାଗି କଳସ ଧରି ଶୋଭାଯାତ୍ରାରେ ପୂଜା ମଣ୍ଡପକୁ ଆସିଥିଲେ। ସନ୍ଧ୍ୟାରେ ବିଲ୍ୱବରଣ ପରେ ଅଧିବାସ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ମଙ୍ଗଳବାର ସକାଳ ବେଳା ମହାସପ୍ତମୀ ପୂଜା କରାଯାଇ ମା'ଙ୍କୁ ଧରାପୃଷ୍ଠକୁ ଆହ୍ୱାନ କରାଯାଇଥିଲା। ସନ୍ଧ୍ୟାରେ ଆଳତୀ ପରେ ଭଜନ ସମାରୋହ ଅନୁଷ୍ଠିତ କରାଯାଇଥିଲା । ଚଳିତ ବର୍ଷ ପୂଜାକୁ ଅଧିକ ଆର୍କଷଣୀୟ କରିବା ପାଇଁ କମିଟି ପକ୍ଷରୁ ୧୨ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରଖାଯାଇଥିବା ଜଣାଯାଇଛି। କଟକରେ ମୂର୍ତ୍ତି କାରିଗର ସାଙ୍ଗକୁ କେନ୍ଦୁଝରର ତୋରଣ ରଙ୍ଗୀନ ଆଲୋକ ଆକର୍ଷଣୀୟ ହୋଇଛି। ୧୦ଦିନ ଧରି ହେବାକୁ ଥିବା ପୂଜାର ପ୍ରତିଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ରଖାଯାଇଛି। ଖେଳପ୍ରେମୀଙ୍କୁ ଆକୃଷ୍ଟ କରିବା ପାଇଁ ୨୦ ତାରିଖରୁ ଫୁଟବଲ ଟୁର୍ନାମେଣ୍ଟ କମିଟି ପକ୍ଷରୁ ଆୟୋଜନ କରାଯାଇଛି। ୨୧ ତାରିଖରୁ ଅପେରା ପ୍ରେମୀଙ୍କ ପାଇଁ ରଙ୍ଗମହଲ ଅପେରାରେ ଲଟିରେ କାର୍ଯ୍ୟକ୍ରମର ୬ଟି ପୁରସ୍କାର ରଖାଯାଇଛି। ଦର୍ଶକମାନେ ଅପେରା ଦେଖା ସାଙ୍ଗକୁ ଭାଗ୍ୟ ପରୀକ୍ଷା କରିବେ। ଚଳିତ ବର୍ଷ ବିଶେଷ ଆକର୍ଷଣ ଭାବେ କମିଟି ଦ୍ୱାରା ଅତିଥି କଳାକାର ଭାବେ ଚଳଚ୍ଚିତ୍ର ଅଭିନେତା ସବ୍ୟସାଚୀ, ଅଭିନେତ୍ରୀ ଭୂମୀ ଏବଂ ଶୀତଳ ଆସିବାର କାର୍ଯ୍ୟକ୍ରମ ରହିଛି। ପୂଜାକୁ ଶାନ୍ତିଶୃଙ୍ଖଳାର ସହିତ ଉପଭୋଗ କରିବା ପାଇଁ କମିଟି ସଭାପତି ପ୍ରଦୀପ ମୁଣ୍ଡା ଏବଂ ସମ୍ପାଦକ ମହେଶ୍ୱର ପ୍ରଧାନ ଅନୁରୋଧ କରିଛନ୍ତି।

# ଜାମୁନାଳୀ ଫୁଟବଲ ଟୁର୍ନାମେଣ୍ଟ : ତାବଡ଼ା ଚାମ୍ପିୟନ

**ବାରକୋଟ, ୧୬।୧୦ (ଡି.ଏନ.ଏ)**

ଦେବଗଡ ଜିଲା ବାରକୋଟ ବ୍ଲକ ଜାମୁନାଳୀ କଲୋନୀଠାରେ ଭାଇଭାଇ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ୪ଦିନ ଧରି ଚାଲିଥିବା ଟୁର୍ନାମେଣ୍ଟରେ ମୋଟ ୪୮ଟି ଆଞ୍ଚଳିକ ଦଳ ଯୋଗଦେଇଥିଲେ। ଫାଇନାଲ ଖେଳରେ ତାବଡା ଦଳ ଖଳିନାଳୀ ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେଡି ରାଜ୍ୟ ଯୁବ ସାଧାରଣ ସମ୍ପାଦକ ରୋମାଞ୍ଚରଞ୍ଜନ ବିଶ୍ୱାଳ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଭୁପେନ କୁମାର ନାୟକ, ବିଭୂତି ଗଙ୍ଗଦେବ, ମୁଖ୍ୟବକ୍ତା ଭାବେ ପ୍ରମୋଦ ଝାଙ୍କର ଯୋଗଦେଇଥିଲେ । ଖେଳ ପରିଚାଳନା ପଦ୍ମଚରଣ ଗୁରୁ, ପ୍ରଶାନ୍ତ ଏବଂ ନିରୋଜ କରିଥିଲେ । ଭାଇଭାଇ ଯୁବକ ସଂଘର ସଭାପତି ବାଉରିବନ୍ଧୁ ସାହୁ, ସମ୍ପାଦକ ରଞ୍ଜନ କୁମାର ବିଶ୍ୱାଳ, କିଶୋର ଚନ୍ଦ୍ର ବେହେରା, ଗିରିଧାରୀ ନାୟକ, ସୁଧିର ବେହେରା, ପ୍ରତାପ ବେହେରା, ଇନ୍ଦ୍ରମଣି ସାହୁ, ସିପୁନ ନାୟକ, ସୁଦାମ ପ୍ରଧାନ ସହିତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।



ଅତିଥିଙ୍କ ସହ ଖେଳାଳିମାନେ।

## ଫଟୋରେ ଖବର



ଦଲେଇପଡା



ହାଟପଡା



ନନ୍ଦପଡା



ଝାଡୁଆପଡା



ଜୱାନ ଓ କିଷାନ୍‌ର ଜୟ ହିଁ ଦେଶ ଏବଂ ଜାତିର ଜୟ।

- ଲାଲ୍ ବାହାଦୁର ଶାସ୍ତ୍ରୀ



# ମଙ୍ଗଳବାର ସମ୍ବଲପୁରରେ ଶାରଦୀୟ ଦୁର୍ଗାପୂଜା ଝଲକ...



ଗୋବିନ୍ଦଟୋଲା ।



ବୁଢ଼ାରଜା ।



ଢୁକୁପଡ଼ା ।



ଅଇଁଠାପାଲି ।



ଗୁରୁଦ୍ୱାରା ଛକ ।



ଧୁତୁରାପଡ଼ା ।



ଗୋପାଲମାଲ ।



ଜିଲା ସ୍କୁଲ ଛକ ।



ସାକ୍ଷୀପଡ଼ା ।



ଧନୁପାଲି ।

## ସଂକ୍ଷେପରେ



### ପାଟଣେଶ୍ୱରୀଙ୍କ ସୁନାବେଶ

ସମ୍ବଲପୁର,୧୬।୧୦(ବ୍ୟୁରୋ)

ପାଟଣେଶ୍ୱରୀ ଦେବୀ ସୁନାବେଶରେ ମଙ୍ଗଳବାର ସନ୍ଧ୍ୟାରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ରୀତିନୀତି ଓ ପରମ୍ପରା ଅନୁଯାୟୀ ପୂଜକମାନେ ଦେବୀଙ୍କ ପୂଜାର୍ଚ୍ଚନା କରିବା ପରେ ପାଟଣେଶ୍ୱରୀଙ୍କୁ ସ୍ୱର୍ଣ୍ଣ ଆଳଙ୍କାରରେ ସଜ୍ଜିତ କରିଥିଲେ। ସନ୍ଧ୍ୟା ୫ଟାରେ ଭକ୍ତଙ୍କ ଦର୍ଶନ ନିମନ୍ତେ ଦ୍ୱାର ଉନ୍ମୋକ୍ତ କରାଯାଇଥିଲା। ପୂଜକ ଦଧିବାମନ ପଣ୍ଡା, ରମେଶ ପୁରୋହିତ ଓ ସୁଶୀଳ ତ୍ରିପାଠୀ ବେଶ କରିଥିଲେ। ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଟ୍ରଷ୍ଟ ପକ୍ଷରୁ ପାଟଣେଶ୍ୱରୀଙ୍କ ରୂପା ଖଚିତ ମେଢ଼ ତିଆରା ହୋଇଛି। ମହାଳୟା ତିଥିରେ ଏହି ରୂପା ଖଚିତ ମେଢ଼ରେ ଦେବୀ ଉପବିଷ୍ଟ ହୋଇ ଧବଳମୁଖୀ ବେଶରେ ଦର୍ଶନ ଦେଇଥିଲେ।

### ଭିମସାର ମେଡିକାଲ ପରିସରରେ ନିଶାଦ୍ରବ୍ୟ ବିକ୍ରି ଅଭିଯୋଗ, ମହିଳା ଗିରଫ

ବୁର୍ଲା,୧୬।୧୦(ଡି.ଏନ.ଏ)

ବୁର୍ଲା ଭୀମସାର ମେଡିକାଲ ପରିସରରେ ନିଶାଦ୍ରବ୍ୟ ବିକ୍ରି ଅଭିଯୋଗରେ ଜଣେ ମହିଳାଙ୍କୁ ମଙ୍ଗଳବାର ମେଡିକାଲ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ମହିଳାଜଣକ ହେଲେ ବୁର୍ଲା କଣ୍ଟ୍ରାକ୍ଟର କଲୋନୀର କୃତାଞ୍ଜଳୀ ପଟେଲ (୫୫)। ମେଡିକାଲ ପରିସରରେ ନିଶାଦ୍ରବ୍ୟ ବିକ୍ରି ଉପରେ ନିଷେଧାଦେଶ ଜାରି କରାଯାଇଛି। ହେଲେ ମହିଳାଜଣକ ଏହାକୁ ଅଣଦେଖା କରି ଖୁଲମଖୁଲ୍ଲା ଗୁଟ୍‌ଖା, ସିଗାରେଟ ବେପାର କରିଆସୁଥିଲେ। ଏ ନେଇ ବୁର୍ଲା ଥାନାରେ ଏକ ମାମଲା (ନଂ.୩୮୧/୧୮) ରୁଜୁ ହୋଇଛି।

### ଆସଫ ଖାଁଙ୍କ ପ୍ରତି ଆସ୍ଥା ରହିଛି

ନାକଟିଦେଉଳ,୧୬।୧୦(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଢ଼ାଖୋଲ ବିଧାନସଭା କ୍ଷେତ୍ରର କଂଗ୍ରେସ ପ୍ରାର୍ଥୀ ଆସଫ ଅଲ୍ଲି ଖାଁଙ୍କ ଦକ୍ଷତା ଉପରେ ନାକଟିଦେଉଳ ବ୍ଲକ କଂଗ୍ରେସର ଦୃଢ଼ ଆସ୍ଥା ରହିଛି। ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଏଭଳି ବିବୃତ୍ତି ଦିଆଯାଇଛି। ଦୀର୍ଘ ୧୭ ବର୍ଷ ଧରି ଆସଫଙ୍କ ନେତୃତ୍ୱରେ ବ୍ଲକ କଂଗ୍ରେସ ନେତୃବୃନ୍ଦ ଏକାଠି ହୋଇ କାମ କରୁଥିବା କୁହାଯାଇଛି। ବ୍ଲକର ସମସ୍ତ ବର୍ଗର ଜନସାଧାରଣଙ୍କ ସୁଖଦୁଃଖରେ ସେ ସାମିଲ୍ ହୋଇଛନ୍ତି। ତେବେ ବିଧାନସଭା ନିର୍ବାଚନ ମଣ୍ଡଳୀର କେତେକ ନେତା ଆସଫଙ୍କ ସାଙ୍ଗଠନିକ ନେତୃତ୍ୱରେ ଅସନ୍ତୁଷ୍ଟ ଥିବା ଜଣାଯାଇଛି। ପ୍ରଶ୍ନଚିହ୍ନ ଲଗାଇଛନ୍ତି। ତେବେ ଦଳ ତାଙ୍କୁ ବିଧାୟକ ପ୍ରାର୍ଥୀ ଭାବେ ଘୋଷଣା କରିଛି। ବ୍ଲକ କଂଗ୍ରେସ ଏହାକୁ ସ୍ୱାଗତ କରିଛି। ଆଗାମୀ ନିର୍ବାଚନରେ କଂଗ୍ରେସ ବହୁମତ ହାସଲ କରି ବିଜୟୀ ହେବ ଏଥିରେ ସନ୍ଦେହ ନାହିଁ ବୋଲି କଂଗ୍ରେସର ନାକଟିଦେଉଳ ଜୋନ ସଭାପତି ଉଗ୍ରେସନ ଦେହୁରୀ, କିସିଣ୍ଡା ଜୋନ ସଭାପତି ମୋତିଲାଲ ବିଶ୍ୱାଳ, ବ୍ଲକ ଯୁବ କଂଗ୍ରେସ ସଭାପତି ବାବୁଲା ସାହୁ, ଡିସିସି ସଭ୍ୟ ପ୍ରମୋଦ କୁମାର ପ୍ରଧାନ ଏକ ଖବରଦାତା ସମ୍ମିଳନୀରେ ଜଣାଇଛନ୍ତି ।

## ସିଆର୍‌ପିଏଫ୍‌ର ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି



କାର୍ଯ୍ୟକ୍ରମରେ ଶହୀଦ ଯବାନଙ୍କ ସ୍ତ୍ରୀ ଦୀପ୍ତିବାଳା ସାହୁ, ପିତା ଧନଞ୍ଜୟ ସାହୁଙ୍କ ସମେତ ସରପଞ୍ଚ ଓ ସିଆରପିଏଫ୍ ଯବାନମାନେ ।

ନାକଟିଦେଉଳ,୧୬।୧୦(ଡି.ଏନ.ଏ)

ସମ୍ବଲପୁର ଜିଲା ନାକଟିଦେଉଳ ଥାନା ବାଟଗାଁଠାରେ ମଙ୍ଗଳବାର ଶହୀଦ ଦିବସ ଅବସରରେ ସିଆରପିଏଫ୍‌ର ଶହୀଦ ଯବାନ ରଞ୍ଜନ କୁମାର ସାହୁଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି । ନାକଟିଦେଉଳ ସ୍ଥିତ ସି/୧୨ ସିଆର୍‌ପିଏଫ୍ ବାଟାଲିୟନର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଜଗଦୀଶ ବିଶି ବାଟଗାଁ ଖେଳପଡ଼ିଆସ୍ଥିତ ଯବାନ ସାହୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଜଣାଇଥିଲେ । ଏହି ଅବସରରେ ସେ ତାଙ୍କ ବୀରତ୍ୱର ବାର୍ତ୍ତା ଦେଇଥିଲେ । ସିଆରପିଏଫ ଏବଂ ସମଗ୍ର ନାକଟିଦେଉଳ ଅଞ୍ଚଳ ଆଜି ତାଙ୍କ ପାଇଁ ଗର୍ବିତ ବୋଲି କହିଥିଲେ । ଛତିଶଗଡ଼ରେ ମାଓବାଦୀଙ୍କ ସହ ଲଢ଼େଇ ବେଳେ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ତାଙ୍କର ମୃତ୍ୟୁ ଘଟିଥିଲା । କାର୍ଯ୍ୟକ୍ରମରେ ଶହୀଦ ଯବାନଙ୍କ ବିଧବା ସ୍ତ୍ରୀ ଦୀପ୍ତିବାଳା ସାହୁ, ପିତା ଧନଞ୍ଜୟ ସାହୁଙ୍କ ସମେତ ବାଟଗାଁ ସରପଞ୍ଚ ବେଦମତୀ କିସାନ, ନାକଟିଦେଉଳ ସରପଞ୍ଚ ଶଙ୍କର୍ଷଣ ବିଶି, ଶିକ୍ଷକ ଗୁରୁଚରଣ ବିଶ୍ୱାଳ, ଜାମୁଯୋରୀର ପୂର୍ବତନ ସରପଞ୍ଚ ହରିହର ପ୍ରଧାନ ଉପସ୍ଥିତ ରହିଥିଲେ ।

## ନିର୍ମାଣାଧୀନ ମଦଭାଟିକୁ ବିରୋଧ

ବୁର୍ଲା,୧୬।୧୦(ଡି.ଏନ.ଏ.)

ସମ୍ବଲପୁର ଧନକଉଡ଼ା ବ୍ଲକ କଳାମାଟି ପଞ୍ଚାୟତ କର୍ଣ୍ଣପାଲି ଗାଁ ନିକଟ (ଚକ ନଂ. ୩୦୬ ପ୍ଲଟ ନଂ. ୧୨୮୭ ଖାତା ନଂ. ୬୮୨) ୬୭ ଡିସିମିଲ ଜାଗାରେ ଦେଶୀ ମଦଭାଟି ନିର୍ମାଣ କରାଯାଉଛି। ଏହାକୁ ଅଞ୍ଚଳବାସୀ ବିରୋଧ କରିଛନ୍ତି। ବ୍ଲକ ଉପାଧ୍ୟକ୍ଷା ସୁଷମା ସାହୁ, ଜିଲା ପରିଷଦ ସଭ୍ୟା ସଂଯୁକ୍ତା ପ୍ରଧାନ, ୱାର୍ଡ ସଭ୍ୟା ମନ୍ଦାକିନୀ କଣ୍ଟାଙ୍କ ନେତୃତ୍ୱରେ ଅଞ୍ଚଳର ଶତାଧିକ ମହିଳା ଏକଜୁଟ ହୋଇ କାର୍ଯ୍ୟ ବନ୍ଦ କରିଛନ୍ତି। ମଦଭାଟି ନିର୍ମାଣ ପାଇଁ ପଞ୍ଚାୟତରୁ ଏନଓସି ନିଆଯାଇ ନାହିଁ। ଏ ସଂକ୍ରାନ୍ତରେ ପଲ୍ଲୀସଭା ମଧ୍ୟ ହୋଇ ନ ଥିବା ଅଭିଯୋଗ ହୋଇଛି। ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଗଣମାଧ୍ୟମ ଜରିଆରେ ଅନୁରୋଧ କରିଛନ୍ତି । ନଚେତ୍ ଆଗାମୀ ଦିନରେ ଏହି ଆନ୍ଦୋଳନ ଯେ ଉଗ୍ରରୂପ ନେବ ଚେତାବନୀ ଦିଆଯାଇଛି ।

ପୂର୍ବତନ ସରପଞ୍ଚଙ୍କୁ ହତ୍ୟା ମାମଲା, ଫେରାର୍ ଅଭିଯୁକ୍ତଙ୍କୁ ଗିରଫ ଦାବି

## ଥାନା ସମ୍ମୁଖରେ ପରିବାର ଲୋକଙ୍କ ଅନଶନ ଚେତାବନୀ

ନାକଟିଦେଉଳ,୧୬।୧୦(ଡି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ଥାନା ସାଲେଭଟା ଗ୍ରାମ ପଞ୍ଚାୟତ ପୂର୍ବତନ ସରପଞ୍ଚ ପର୍ଶୁରାମ ପ୍ରଧାନଙ୍କୁ ସଂଘବଦ୍ଧ ଆକ୍ରମଣ ଓ ହତ୍ୟା ଘଟଣା ଆଜିକୁ ଦେଢ଼ ମାସ ପୂରିଛି। ମାତ୍ର ପୋଲିସ ଏବେ ବି ଫେରାର୍ ଅଭିଯୁକ୍ତମାନଙ୍କୁ ଖୋଜୁଛି। ଏଥିରେ ପରିବାର ଲୋକେ ଭାଙ୍ଗିପଡ଼ିଛନ୍ତି। ଥାନାଅଧିକାରୀଙ୍କଠୁଁ ନେଇ ଜିଲା ଏସ୍‌ପିଙ୍କ ନିକଟରେ ସେମାନଙ୍କ ଗୁହାରୀ ବ୍ୟର୍ଥ ଯାଇଛି। ନିରାଶାର କୋହ ଅସମ୍ଭାଳ ହୋଇଛି। ଏଣୁ ସେମାନେ ଅନଶନ କରିବାକୁ ସଜବାଜ ହୋଇଛନ୍ତି। ଆଗାମୀ ୨୦ ତାରିଖ ସୁଦ୍ଧା ଅଭିଯୁକ୍ତମାନଙ୍କୁ ଗିରଫ କରାନଗଲେ ୨୨ ତାରିଖ ପୂର୍ବାହ୍ନ ୧୦ଟାରୁ ସ୍ତ୍ରୀ କୁନି ପ୍ରଧାନ ସପରିବାର କେତେକ ଅଞ୍ଚଳବାସୀଙ୍କ ସହ ନାକଟିଦେଉଳ ଥାନା ସମ୍ମୁଖରେ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସେ ସମ୍ବଲପୁର ଜିଲାପାଳ, ଏସ୍‌ପି, ରେଢ଼ାଖୋଲ ଏସ୍‌ଡିପିଓ, ଉପଜିଲାପାଳ ଏବଂ ନାକଟିଦେଉଳ ଥାନା ଅଧିକାରୀଙ୍କୁ ଲିଖିତ ଜଣାଇଛନ୍ତି।

ଗତ ଅଗଷ୍ଟ ୨୭ ତାରିଖରେ ଦୁର୍ବୃତ୍ତମାନେ ମାରଣାସ୍ତ୍ର ଧରି ପର୍ଶୁରାମଙ୍କୁ ଗୋଡ଼ାଇ ଆକ୍ରମଣ କରିଥିଲେ। ଟାଙ୍ଗିଆ ଚୋଟରେ ପର୍ଶୁରାମଙ୍କ ରକ୍ତ ଜୁଡୁବୁଡୁ ମରଶରୀର ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରିଥିଲା। ପୁଅ ଟୁନା ପ୍ରଧାନ ୨୮ ତାରିଖ ସକାଳେ ଥାନାରେ ଏ ସମ୍ପର୍କରେ ରିପୋର୍ଟ କରିଥିଲେ। ୬ଜଣଙ୍କ ନାମରେ ହତ୍ୟା ମାମଲା ରୁଜୁ ହୋଇଥିଲା। ୨ ଅଭିଯୁକ୍ତଙ୍କୁ ଗିରଫ ମଧ୍ୟ କରାଯାଇଥିଲା। ଅଥଚ, ସେବେଠାରୁ ଫେରାର୍ ଥିବା ଅନ୍ୟ ୪ ମୁଖ୍ୟ ଅଭିଯୁକ୍ତଙ୍କ କୌଣସି ଖବର ପୋଲିସ ନିକଟରେ ଏଯାବତ୍ ନାହିଁ ଯାହା ସାଧାରଣଙ୍କୁ ହତଚମ୍ଭିତ କରିଛି। ଗତ ସେପ୍ଟେମ୍ବର ୧୨ ତାରିଖରେ ଅଞ୍ଚଳବାସୀ ଏସ୍‌ପି ଓ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ସେତେବେଳେ ଫେରାର ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି ଭରସା ଦେଇଥିଲେ। ଏହା ନିଷ୍ଫଳ ହୋଇଛି। ଅଭିଯୁକ୍ତ ଦଶରଥ ଧଳ, ରିତିଶ ଧଳ, ଋଷି ଧଳ ଏବଂ ରାକେଶ ଧଳଙ୍କ ନିକଟରେ ପୋଲିସ ପହଞ୍ଚିପାରି ନାହିଁ।

## ଶିଶୁ ମନ୍ଦିରରେ ପୁରାତନ ଛାତ୍ରୀଛାତ୍ର ସମ୍ମିଳନୀ



ନାକଟିଦେଉଳ,୧୬।୧୦(ଡି.ଏନ.ଏ.) - ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଜଗନ୍ନାଥ ପ୍ରସାଦସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ବିଦ୍ୟାଳୟର ପଞ୍ଚମ ପୁରାତନ ଛାତ୍ରୀଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଶିଶୁ ମନ୍ଦିର ପରିଚାଳନା କମିଟି ସଭାପତି ବିରଞ୍ଚି ନାରାୟଣ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଯୁଗ୍ମ ସମ୍ପାଦକ ମୁନି ସାହୁ ଦୀପ ପ୍ରଜ୍ଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରମାନଙ୍କ ଶୁଭମନାସୀ ଥିଲେ। ମୁଖ୍ୟ ଅତିଥି କମିଟିର ପୂର୍ବତନ ସମ୍ପାଦକ ସଞ୍ଜୀବ କୁମାର ଦାସ ଛାତ୍ରୀଛାତ୍ରୀଙ୍କୁ ଉତ୍ତମ ଚରିତ୍ର ଗଠନ ପ୍ରତି ଯତ୍ନଶୀଳ ହେବାକୁ ପରାମର୍ଶ ଦେଇଥିଲେ। ଶିଶୁ ମନ୍ଦିରର ଶିକ୍ଷୟିତ୍ରୀ ମଧୁସ୍ମିତା ରଣା ଅତିଥି ପରିଚୟ, ଗୁରୁଜୀ ରଞ୍ଜନ ନାଏକ ବୋଧ କଥା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ସାହୁ ବିବରଣୀ ପାଠ ଓ ଗୁରୁମା ମମତା ଦେହୁରୀ ଧନ୍ୟବାଦ ଦେଇଥିଲେ। ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଏବଂ ଗୁରୁମା ଗୁରୁଜୀମାନେ ଉପସ୍ଥିତ ରହିଥିଲେ।

## ଉଜ୍ଜ୍ୱଳା ଯୋଜନା ସଚେତନତା ସଭା

ନାକଟିଦେଉଳ,୧୬।୧୦(ଡି.ଏନ.ଏ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସରାପାଲି ଶିବ ମନ୍ଦିର ପ୍ରାଙ୍ଗଣରେ ସୋମବାର ଭାରତ ଗ୍ୟାସ ପକ୍ଷରୁ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ହିତାଧିକାରୀମାନଙ୍କୁ ନେଇ ଏକ ସଚେତନତା ସଭା ଆୟୋଜନ କରାଯାଇଥିଲା। ଛେଣ୍ଡିପଦାର ସରଳିଆ ଭାରତ ଗ୍ୟାସ ଏଜେନ୍ସିର ସତ୍ତ୍ୱାଧିକାରୀ ମନୀଶ ସରଳିଆଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସରାପାଲି ସରପଞ୍ଚ ପ୍ରିୟମ୍ବଦା ସାହୁ ମୁଖ୍ୟ ଅତିଥି, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୋବିନ୍ଦ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ହିତାଧିକାରୀମାନେ ଏହାର ସୁଫଳ ନେବାକୁ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ୩୪୦ ଟଙ୍କାରେ ୫କିଗ୍ରା. ଗ୍ୟାସ ସିଲିଣ୍ଡର ଉପଲବ୍ଧ ହେଉଥିବା କହିଥିଲେ। ଗ୍ୟାସ ସିଲିଣ୍ଡର ଓ ଚୁଲାର ବ୍ୟବହାର ଉପରେ ସଚେତନ କରାଇଥିଲେ। ଅନୁଗୋଳ ଜିଲା ଉଜ୍ଜ୍ୱଳା ଯୋଜନା ସଂଯୋଜକ ଜଗତାମୋହନ ପଣ୍ଡା ଏହା ଉପରେ ଆଲୋକପାତ କରିଥିଲେ। ତିଲେଶ୍ୱର ଅଗ୍ରୱାଲ, ଶାନ୍ତନୁ ମିଶ୍ର ଉପସ୍ଥିତ ଥିଲେ।



ନାକଟିଦେଉଳ ବ୍ଲକ ସରାପାଲି ଶିବ ମନ୍ଦିର ପ୍ରାଙ୍ଗଣରେ ହିତାଧିକାରୀମାନଙ୍କୁ ନେଇ ହୋଇଥିବା ସଚେତନତା ସଭା ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ଅକ୍ଟୋବର ୧୭/୨୦୧୮



ଦୁଷ୍ଟଙ୍କର ସାରା ଶରୀରରେ ବିଷ ରହିଛି। ଦୁଷ୍ଟ ତଥା କଣ୍ଟାର ଦୁଇପ୍ରକାର ଉପଚାର ରହିଛି ; ଜୋତାରେ ମଳି, ମକଚି ଦିଅ ନତୁବା ତାକୁ ଦୂରରେ ଛାଡି ଦେଇଆସ।
- ଚାଣକ୍ୟ



## ସଂକ୍ଷେପରେ

### ଜଗତ୍‌ସିଂହପୁର ଜିଲ୍ଲାକୁ ଜେଆର୍‌ଡି ଟାଟା ମେମୋରିଆଲ ପୁରସ୍କାର

■ ପରିବାର ନିୟୋଜନ ଓ ଡାକ୍ତରଖାନାରେ ପ୍ରସବ କ୍ଷେତ୍ରରେ ଆଗୁଆ

ଭୁବନେଶ୍ୱର, ୧୬।୧୦(ବ୍ୟୁରୋ): ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଓଡ଼ିଶାକୁ ପୁଣି ଥରେ ଏକ ସଫଳତା ମିଳିଛି। ଉନ୍ନତମାନର ସ୍ୱାସ୍ଥ୍ୟସେବା ଲାଗି ପପୁଲେଶନ ଫାଉଣ୍ଡେଶନ୍ ଅଫ୍ ଇଣ୍ଡିଆ ପକ୍ଷରୁ ଜଗତ୍‌ସିଂହପୁର ଜିଲ୍ଲାକୁ ସମ୍ମାନଜନକ ଜେଆର୍‌ଡି ଟାଟା ମେମୋରିଆଲ ପୁରସ୍କାର ପ୍ରଦାନ କରାଯାଇଛି। ଗତ ୧୨ ତାରିଖରେ ନୂଆଦିଲ୍ଲୀର ଇଣ୍ଡିଆ ହାବିଟାଟ ସେଣ୍ଟରରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାରଙ୍କଠାରୁ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅଶୋକ କୁମାର ପଟ୍ଟନାୟକ ପୁରସ୍କାର ଗ୍ରହଣ କରିଛନ୍ତି। ପରିବାର ନିୟୋଜନ ସହିତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜିଲ୍ଲାକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ପପୁଲେଶନ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ ତରଫରୁ ସମଗ୍ର ଦେଶରେ ଏ ନେଇ ସର୍ବେକ୍ଷଣ କରାଯାଇଥିଲା। ଜଗତସିଂହପୁର ଜିଲ୍ଲା ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିଲା। ଏଥିପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା ଜଗତସିଂହପୁର ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନକୁ ଅଭିନନ୍ଦନ ଜଣାଇଛନ୍ତି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟ ଅନୁଯାୟୀ, ଜଗତ୍‌ସିଂହପୁର ଜିଲ୍ଲାରେ ପରିବାର ନିୟୋଜନ ହାର ରାଜ୍ୟର ଅନ୍ୟ ଜିଲ୍ଲା ତୁଳନାରେ ଅଧିକ। ରାଜ୍ୟରେ ୫୭.୩ ପ୍ରତିଶତ ମହିଳା ପରିବାର କଲ୍ୟାଣ ଯୋଜନାରେ ସାମିଲ ହୋଇଥିବା ବେଳେ ଜଗତସିଂହପୁର ଜିଲ୍ଲାରେ ତାହା ୬୩.୮ ପ୍ରତିଶତ। ଜିଲ୍ଲାର ୪୫.୨ ପ୍ରତିଶତ ମହିଳା ଅତ୍ୟାଧୁନିକ ପରିବାର କଲ୍ୟାଣ ବ୍ୟବସ୍ଥାକୁ ଆପଣେଇଛନ୍ତି। ସେହିଭଳି ଡାକ୍ତରଖାନାରେ ପ୍ରସବ ହାର ରାଜ୍ୟରେ ୮୫.୩ ପ୍ରତିଶତ ହୋଇଥିବା ବେଳେ ଜଗତସିଂହପୁର ଜିଲ୍ଲାରେ ଏହା ୯୭ ପ୍ରତିଶତରୁ ଅଧିକ। ଏଥିସହିତ ୫ ବର୍ଷ ବୟସରୁ କମ୍ ଶିଶୁଙ୍କ ଜନ୍ମ ପଞ୍ଜୀକରଣ ହାର ୮୭ ପ୍ରତିଶତ ରହିଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଜଗତ୍‌ସିଂହପୁର ଜିଲ୍ଲାର ଏଭଳି ପ୍ରଦର୍ଶନକୁ ଜାତୀୟ ସ୍ତରରେ ପୁରସ୍କୃତ କରାଯାଇଥିବାରୁ ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ପ୍ରମୁଖ ପ୍ରଶଂସା କରିଛନ୍ତି।

### ଆଜି ମୁଖ୍ୟମନ୍ତ୍ରୀଙ୍କ ଭୂସ୍ଖଳନ ଅଞ୍ଚଳ ଗସ୍ତ

ଭୁବନେଶ୍ୱର,୧୬।୧୦(ବ୍ୟୁରୋ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ବାତ୍ୟା ତିତ୍‌ଲି ଓ ବନ୍ୟା ପ୍ରଭାବିତ ଗଞ୍ଜାମ ଓ ଗଜପତି ଜିଲ୍ଲା ଗସ୍ତ କରିବେ। ଗତ ୧୧ତାରିଖରେ ଭୂସ୍ଖଳନ ଯୋଗୁ ଗଜପତି ଜିଲ୍ଲା ରାୟଗଡ଼ ବ୍ଲକର ବାରଘର ଗ୍ରାମର ୧୫ ଜଣ ବ୍ୟକ୍ତି ପ୍ରାଣ ହରାଇଥିଲେ। ମୁଖ୍ୟମନ୍ତ୍ରୀ ସେହି ଗ୍ରାମକୁ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ଏଥିସହିତ ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ଗସ୍ତକରି କ୍ଷୟକ୍ଷତି ଆକଳନ କରିବା ସହ ରିଲିଫ, ଉଦ୍ଧାର ଓ ପୁନଃଥଇଥାନ କାର୍ଯ୍ୟ କିପରି ଚାଲିଛି ସେ ନେଇ ସମୀକ୍ଷା କରିବେ ବୋଲି ଜଣାପଡ଼ିଛି।




### ପାର୍ବଣରେ ପ୍ଲାଷ୍ଟିକ୍ ବ୍ୟବହାର ବନ୍ଦ ହେଉ

ଭୁବନେଶ୍ୱର, ୧୬।୧୦(ବ୍ୟୁରୋ)

ପବିତ୍ର ଦଶହରା ଏବଂ ନବରାତ୍ରି ପୂଜା ଉପଲକ୍ଷେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ସମସ୍ତ ଜନସାଧାରଣଙ୍କୁ ଶାରଦୀୟ ଅଭିନନ୍ଦନ ଜ୍ଞାପନ କରିଛନ୍ତି। 'ଅଧର୍ମ ଉପରେ ଧର୍ମର ଜୟ'ର ପ୍ରତୀକ ଭାବେ ପାଳନ କରାଯାଉଥିବା ଏହି ପର୍ବ ରାଜ୍ୟରୁ ହିଂସା, ଦୁର୍ନୀତି, ଦାରିଦ୍ର୍ୟ ଦୂରକରି ରାଜ୍ୟବାସୀଙ୍କ ପାଇଁ ସୁଖ, ସମୃଦ୍ଧି ଆଣି ଦେଉ ବୋଲି ସେ କାମନା କରିଛନ୍ତି। ମା' ଦୁର୍ଗା ସମସ୍ତଙ୍କୁ ସାହା ହେବାକୁ ମଧ୍ୟ ସେ ପ୍ରାର୍ଥନା କରିଛନ୍ତି। ଏହି ଅବସରରେ ଭ୍ରାତୃତ୍ୱଭାବ ନେଇ ପାର୍ବଣ ପାଳନ କରିବା, ପାର୍ବଣ ସମୟରେ ଶୃଙ୍ଖଳା ବଜାୟ ରଖିବା ଏବଂ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ସେ ସମସ୍ତଙ୍କୁ ନିବେଦନ କରିଛନ୍ତି।

## ଆଇନଜୀବୀଙ୍କ ଆନ୍ଦୋଳନକୁ ଧକ୍କା

■ ପଦାକୁ ଆସିଲା ମତପାର୍ଥକ୍ୟ
■ ୧୭ ଜଣ ଆଡ୍‌ଭୋକେଟଙ୍କୁ କାରଣଦର୍ଶାଅ ନୋଟିସ

କଟକ ଅଫିସ, ୧୬।୧୦

ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ଦେଢ଼ମାସ ହେବ ରାଜ୍ୟର ନ୍ୟାୟିକ ବ୍ୟବସ୍ଥାରେ ଏକ ପ୍ରକାର ଅଚଳାବସ୍ଥା ଜାରି ରହିଛି। ଏପରିକି ଆଇନଜୀବୀମାନେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ନ ମାନି ଜିଦ୍‌ରେ ଅଟଳ ରହିଛନ୍ତି। ଆନ୍ଦୋଳନକୁ ଆହୁରି ବ୍ୟାପକ କରିବାକୁ ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ବାରମ୍ବାର ବୈଠକ ବସୁଥିବାବେଳେ ଏହାଭିତରେ ଆଇନଜୀବୀଙ୍କ ମଧ୍ୟରେ ମତପାର୍ଥକ୍ୟ ଦେଖାଦେଇଛି। କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁଥିବାବେଳେ ଆସୋସିଏଶନର ନିର୍ଦ୍ଦେଶ ନ ମାନି କେତେଜଣ ଆଇନଜୀବୀ ନୂଆ ମାମଲା ହାତକୁ ନେଇଛନ୍ତି। ଏଥିପାଇଁ ୧୭ଜଣ ଆଇନଜୀବୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ବାର୍ ଆସୋସିଏଶନ ସମ୍ପାଦକ ସତ୍ୟବ୍ରତ ମହାନ୍ତି ସୂଚନା ଦେଇଛନ୍ତି। ଏହି ଘଟଣା ପଦାକୁ ଆସିବା ପରେ ଆଇନଜୀବୀଙ୍କ ଆନ୍ଦୋଳନକୁ ଶକ୍ତ ଧକ୍କା ଲାଗିଛି।

ମଙ୍ଗଳବାର ହାଇକୋର୍ଟ ବାର୍ ଆସୋସିଏଶନ ଆକ୍ସନ କମିଟି ବୈଠକରେ ଏହାକୁ ନେଇ ଗରମାଗରମ ପରିସ୍ଥିତି ସୃଷ୍ଟି ହୋଇଥିଲା। ମିଳିଥିବା ସୂଚନାନୁସାରେ, ନୋଟିସ ହୋଇଥିବା ଆଇନଜୀବୀଙ୍କ ମଧ୍ୟରେ ଆଡ୍‌ଭୋକେଟ ଜୟଦୀପ ପାଲ୍ ଶିଳ୍ପପତି ମହିମାନନ୍ଦ ମିଶ୍ରଙ୍କ ମାମଲା ପରିଚାଳନା କରିଥିବାବେଳେ ବିଦ୍ୟାଲୋକ ମହାପାତ୍ର ମନ୍ତ୍ରୀ ବଦ୍ରି ପାତ୍ରଙ୍କ ପୁଅର ମାମଲା ଓ ବରିଷ୍ଠ କଂଗ୍ରେସ ନେତା ମହମ୍ମଦ ମୋକିମଙ୍କ ଗିରଫଦାରି ମାମଲା ହାତକୁ ନେଇଥିଲେ। ସେହିଭଳି ନୋଟିସ୍ ତାଲିକାରେ ଥିବା ଅନ୍ୟମାନେ ହେଲେ ଆଡ୍‌ଭୋକେଟ ଦେବାଶିଷ ପଣ୍ଡା, ସଙ୍ଗିତା ମହାନ୍ତି, ରଘୁନାଥ ବିଶ୍ୱାଳ, ଏସ୍.ଡି. ଦାସ, ଏନ୍.ସି. ପତି, ପ୍ରକାଶ ଚନ୍ଦ୍ର ସେଠୀ, ଅଶ୍ୱିନୀ କୁମାର ଦାସ, ବି.ଏନ. ବେହେରା, ବିପ୍ଳବ ପି.ବି. ବାହାଲି, ଶାଶ୍ୱତୀ ମହାପାତ୍ର, ଭାର୍ଗବ ଶ୍ରୀକାନ୍ତ ହସୁରକର, ସିଦ୍ଧାର୍ଥ ରାୟ, ଜ୍ୟୋତିର୍ମୟ ଗୁପ୍ତା, ଶିବ ଶଙ୍କର ମହାନ୍ତି ଓ ଶୁଭ ନାରାୟଣ ଦାସ।

ତେବେ ନୋଟିସ ସଂକ୍ରାନ୍ତରେ ଆଡ୍‌ଭୋକେଟ ମହାପାତ୍ର କହିଛନ୍ତି, କୋର୍ଟ କାର୍ଯ୍ୟ ଦୀର୍ଘଦିନ ବନ୍ଦ ରହିବାରୁ ସାଧାରଣ ଲୋକ ନ୍ୟାୟ ପାଇବାରେ ବିଳମ୍ବ ହେଉଛି। ଏକଥାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଯଦି ଏଥିପାଇଁ ଆମକୁ ନୋଟିସ ଜାରି କରାଯାଏ ତେବେ ତାହା କେତେଦୂର ଠିକ୍ ତାହା ଆସୋସିଏଶନ କର୍ମକର୍ତ୍ତା ଚିନ୍ତା କରନ୍ତୁ। ତେବେ ଏ ସମ୍ପର୍କରେ ବାର ଆସୋସିଏଶନ ଆଡ୍‌ଭୋକେଟ ସମ୍ପାଦକ ସତ୍ୟବ୍ରତ ମହାନ୍ତି କହିଛନ୍ତି, ସଂଘର ନିଷ୍ପତ୍ତିରୁ ବାହାରକୁ ଯାଇ ମାମଲା ପରିଚାଳନା କରିବାକୁ ଉଦ୍ୟମ କରିବା ସଂଘ ବିରୋଧ କାର୍ଯ୍ୟ। ସାଧାରଣ ପରିଷଦ ବୈଠକରେ ସମସ୍ତ ଆଇନଜୀବୀଙ୍କୁ ସେମାନଙ୍କ ମତ ରଖିବାକୁ ଅନୁମତି ଅଛି, ହେଲେ ଏହା ନ କରି କେତେଜଣ ନୂଆ ମାମଲା ଫାଇଲ କରିଛନ୍ତି। ତେଣୁ ଯେଉଁମାନେ ସଂଘର ନିର୍ଦ୍ଦେଶକୁ ଅମାନ୍ୟ କରିଛନ୍ତି ସେମାନଙ୍କୁ ନୋଟିସ ଜାରି କରାଯାଇଛି ବୋଲି ସେ ଜଣାଇଛନ୍ତି।

## ବାତ୍ୟା, ବନ୍ୟାରେ ୨୬ ଜଣଙ୍କ ମୃତ୍ୟୁ ହୋଇଛି

ସରକାର ମାନିଲେ

■ ୩ ଦିନ ମଧ୍ୟରେ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୬।୧୦(ବ୍ୟୁରୋ)

ସାମୁଦ୍ରିକ ଝଡ 'ତିତଲି' ଓ ଏହାର ପରବର୍ତ୍ତୀ ବର୍ଷାରେ ଘଟିଥିବା ମୃତ୍ୟୁ ସଂଖ୍ୟା ବଢିବାରେ ଲାଗିଛି। ସରକାରୀ ଭାବେ ସୋମବାର ମୃତ୍ୟୁସଂଖ୍ୟା ୧୫ ଥିବାବେଳେ ୩ ଜଣ ନିଖୋଜ ଥିବା କୁହାଯାଇଥିଲା। ମଙ୍ଗଳବାର ମୃତ୍ୟୁସଂଖ୍ୟା ୨୬ରେ ପହଞ୍ଚିଛି। ସେଥିମଧ୍ୟରେ ଗଜପତି ଜିଲ୍ଲାରେ ସର୍ବାଧିକ ୧୮ ଜଣଙ୍କ ମୃତ୍ୟୁ ହୋଇଛି। ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍ଆର୍‌ସି) ବିଷ୍ଣୁପଦ ସେଠୀ ଜିଲ୍ଲାପାଳଙ୍କ ତଥ୍ୟ ଆଧାରରେ ଉକ୍ତ ମୃତ୍ୟୁକୁ ସ୍ୱୀକାର କରିଛନ୍ତି।

ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇ ଏସ୍ଆର୍‌ସି ସେଠୀ କହିଛନ୍ତି ଯେ, ଜିଲ୍ଲାପାଳଙ୍କ ରିପୋର୍ଟ ଅନୁଯାୟୀ ୧୬ ଜିଲ୍ଲାର ୧୪୪ ବ୍ଲକରେ ୫୭ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ୩୦ ପୌର ଅଞ୍ଚଳ ଏବଂ ୭୪୦୨ ଗ୍ରାମ କ୍ଷତିଗ୍ରସ୍ତ ହୋଇଛି। ୩.୬ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବାବେଳେ ୧୬୧୪ ରିଲିଫ କ୍ୟାମ୍ପ ଖୋଲାଯାଇଛି। ଅନୁଗୋଳ ଜିଲ୍ଲାର ସମ୍ପେଇ ଦାସ ପାଣିରେ ବୁଡି ଏବଂ କଟକ ଜିଲ୍ଲାର ପାଣୁ ସାହୁ କାନ୍ଥ ପଡ଼ି ପ୍ରାଣ ହରାଇଛନ୍ତି। ଗଜପତି ଜିଲ୍ଲାରେ ଭୂସ୍ଖଳନ ଯୋଗୁ ୧୫ ଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଲକ୍ଷ୍ମୀ ଶବର, ଶ୍ରୀନିବାସ ଶବର, ସୁମିତ୍ରା ଭୂୟାଁ, ଦଣ୍ଡପାଣି ଭୂୟାଁ, ଲୁଲୁ ବେହେରା, ଗଙ୍ଗାଧର ବେହେରା, ଦିଲ୍ଲୀ ଶବର, ଗଙ୍ଗା ଜାନି, ଜୟଚନ୍ଦ୍ର ଭୂୟାଁ , ବାସନ୍ତୀ ଭୂୟାଁ, ମୀନାକ୍ଷୀ ଶବର, ଦୀନେଶ ଭୂୟାଁ, ସୋମନାଥ ଜାନି, ଦେବେନ୍ଦ୍ର ଭୂୟାଁ ଏବଂ ଶିରିମାନି ଜାନି। ଏହି ମୃତକମାନେ ସମସ୍ତେ ରାୟଗଡ଼ ବ୍ଲକର ବାରଘର ଗ୍ରାମବାସୀ ବୋଲି ଏସ୍ଆରସି ସୂଚନା ଦେଇଛନ୍ତି। ଗଞ୍ଜାମ ଜିଲ୍ଲାର ରାଜେଶ୍ୱରୀ ନାୟକଙ୍କ ଗଛ ପଡ଼ି ମୃତ୍ୟୁ ହୋଇଥିବାବେଳେ ପ୍ରଫୁଲ୍ଲ ମଲିକ ଓ ଅନ୍ୟ ଜଣେ ବ୍ୟକ୍ତି (ପରିଚୟ ମିଳି ପାରି ନାହିଁ)ବୁଡ଼ି ପ୍ରାଣ ହରାଇଛନ୍ତି। କନ୍ଧମାଳ ଜିଲ୍ଲାରେ ଜନକ ବନହର ଓ କେନ୍ଦୁଝର ଜିଲ୍ଲାରେ ଶୁଭଲକ୍ଷ୍ମୀ ମହାନ୍ତଙ୍କର କାନ୍ଥପଡ଼ି ମୃତ୍ୟୁ ହୋଇଛି। ନୟାଗଡ଼ ଜିଲ୍ଲାର କନିକା ନାଳରେ ଅଭିମନ୍ୟୁ ମାଝି ବୁଡ଼ି ପ୍ରାଣ ହରାଇଛନ୍ତି। ଉପଯୁକ୍ତ ତଦନ୍ତ ହେବା ପରେ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଏସଆରସି ସେଠୀ କହିଛନ୍ତି। ପୂର୍ବରୁ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଏସ୍ଆରସି କହିଛନ୍ତି ଯେ, ଏହି ପ୍ରାକୃତିକ ବିପତ୍ତିରେ ଗଞ୍ଜାମ, ଗଜପତି, କନ୍ଧମାଳ ଏବଂ ରାୟଗଡ଼ା ଜିଲ୍ଲାର ୩୫ ବ୍ଲକରେ ୯୦୦ କିଲୋମିଟର ରାସ୍ତା ନଷ୍ଟ ହୋଇଛି। ୧.୪୮ ଲକ୍ଷ ହେକ୍ଟର ଧାନ ଜମି ଓ ୬୫ ହଜାର ହେକ୍ଟର ଅନ୍ୟାନ୍ୟ ଫସଲ ଚାଷ ହୋଇଥିବା ଜମି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ବିଭିନ୍ନ ଜିଲ୍ଲାରେ ଓଡ୍ରାଫ ଓ ଏନଡିଆରଏଫ ଟିମ୍‌କୁ ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ମୁତୟନ କରାଯାଇଥିଲା। ଗଜପତି ଜିଲ୍ଲା ଅଧିକ କ୍ଷତିଗ୍ରସ୍ତ ହୋଇଥିବାରୁ ୨୬ଟି ଓଡ୍ରାଫ ଓ ୧୪ଟି ଏନଡିଆରଏଫ ଟିମ୍‌କୁ ସେଠାରେ ମୁତୟନ କରାଯାଇଛି। ୧୦୭ ରାସ୍ତାରୁ ଅବରୋଧ ହଟାଯାଇ ଯାତାୟାତ ସୁବିଧା କରାଯାଇଛି। ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଗଞ୍ଜାମ, ଗଜପତି ଓ ରାୟଗଡ଼ା ଜିଲ୍ଲାରେ ଅନୁକମ୍ପାମୂଳକ ରାଶି ଆସନ୍ତା ୩ ଦିନ ମଧ୍ୟରେ ପ୍ରଦାନ କରିବାକୁ ଏସଆରସି ଜିଲ୍ଲାପାଳଙ୍କୁ ଚିଠି ଲେଖି ଜଣାଇଛନ୍ତି। ରାଜସ୍ୱ ନିରୀକ୍ଷକ ଏବଂ ତହସିଲଦାର ମୃତକଙ୍କ ପରିବାରବର୍ଗଙ୍କୁ ସାକ୍ଷାତ୍ କରି ନିଶ୍ଚିତ ହୋଇ ଅନୁକମ୍ପାମୂଳକ ରାଶି ଦେବାକୁ ପରାମର୍ଶ ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତେଜ ଘରର ପେଜ ପିଇ,**
**ମାଇ ଗୁଲିଆର ଭାତ ନ ଖାଇ ।**

ରାଗୀ ଲୋକ ଚିଡ଼ଚିଡ଼ା ପ୍ରକୃତିର ହୋଇଥାନ୍ତି। ଗାଳିମନ୍ଦ କରୁଥିଲେ ମଧ୍ୟ ତାହା ଗ୍ରହଣୀୟ। ଏପରି ବ୍ୟକ୍ତିଙ୍କ ପାଖରେ ପଛେ ଚାକିରି କରିବା ଶ୍ରେୟସ୍କର। ପରନ୍ତୁ ସ୍ତ୍ରୀ ବୁଦ୍ଧିରେ ଚାଲୁଥିବା ବ୍ୟକ୍ତି ପାଖରେ ଚାକିରି କରିବା ବା ମୁଣ୍ଡବିକିବା ଅନୁଚିତ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଦାଣ୍ଡକୁ ଗଲେ ତ ମାଇନ ନାହିଁ,**
**ଘର ଭିତରେ ହାତେ ଲମ୍ବ ଓଢ଼ଣା ପଡୁଛି କାହିଁ ?**

ଲଜ୍ଜା ନାରୀର ଭୂଷଣ। ସାଧାରଣତଃ ଶାଶୁଘରେ ବୋହୂ ମୁଣ୍ଡରେ ଓଢ଼ଣା ପକେଇ ରହିଥାଏ, ଯାହାକି ତା'ର ଲଜ୍ଜାଶୀଳା ଗୁଣକୁ ସୂଚାଇଥାଏ। ତେବେ ଯେଉଁ ବୋହୂ ବାହାରେ ନିଜର ଶାଳୀନତା ରକ୍ଷା କରି ନ ଥାଏ, ମର୍ଯ୍ୟାଦା, ସମ୍ମାନକୁ ନ ଜଗି ଅତି ଉଚ୍ଚସ୍ୱରରେ କଥା ହୋଇ ଔଦ୍ଧତ୍ୟ ଦେଖାଇଥାଏ ସେହି ବୋହୂ ଘର ଭିତରେ ଓଢ଼ଣା ପକେଇ ରହିବା ପଛରେ କି ଆବଶ୍ୟକତା ଅଛି ବୋଲି ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ଏପରିସ୍ଥଳେ ମୁଖରା ବୋହୂ ପ୍ରତି ଅନାଦର ଭାବ ପ୍ରକାଶ ପାଇବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ବନ୍ୟା ପ୍ରଭାବିତ ଅଞ୍ଚଳରେ ନିରଞ୍ଜନ

■ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଦାବି

ଭୁବନେଶ୍ୱର, ୧୬।୧୦(ବ୍ୟୁରୋ)

ସାମୁଦ୍ରିକ ଝଡ଼ ତିତ୍‌ଲି ଦ୍ୱାରା କ୍ଷତିଗ୍ରସ୍ତ ଏବଂ ବନ୍ୟା ପ୍ରଭାବିତ ଅଞ୍ଚଳକୁ ସୋମବାର ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ନିରଞ୍ଜନ ବ୍ରହ୍ମପୁର ଏବଂ ଏହାର ନିକଟବର୍ତ୍ତୀ ସ୍ଥାନ ଗସ୍ତ କରି ବାତ୍ୟା ଓ ବନ୍ୟା ପ୍ରଭାବିତ ପରିବାର ସଦସ୍ୟଙ୍କୁ ଭେଟି ସେମାନଙ୍କ ସହ ଆଲୋଚନା କରିଛନ୍ତି। ମଙ୍ଗଳବାର ସେ ପାରଳାଖେମୁଣ୍ଡି ଏବଂ ମୋହନା ନିର୍ବାଚନମଣ୍ଡଳୀର ମାଚମରା, ବୁସୁକୁଡି, ତଟିକାଟି, ଗୁରୁଣ୍ଡି, ଭାସୁଣି, ଗଙ୍ଗାବାଡ, ଲାବଣ୍ୟକୋଟ୍ଟା, ସାନପଡା, ବରୁଣେଇ ଏବଂ କାଇନପୁର ଆଦି ଗ୍ରାମପଞ୍ଚାୟତକୁ ଯାଇ କ୍ଷତିଗ୍ରସ୍ତ ଲୋକଙ୍କୁ ଭେଟିବା ସହ କ୍ଷୟକ୍ଷତିର ଅନୁଧ୍ୟାନ କରିଛନ୍ତି। ଏହି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବାରେ ରାଜ୍ୟ ସରକାର ହୋଇଥିବା ନିରଞ୍ଜନ ଦର୍ଶାଇଛନ୍ତି। ସେ କହିଛନ୍ତି, ରାଜ୍ୟ ସରକାରଙ୍କ ଅପରିଣାମଦର୍ଶୀ କାର୍ଯ୍ୟ ଯୋଗୁ ରାଜ୍ୟରେ ବାତ୍ୟା ଓ ବର୍ଷା ବିପାତରେ ବହୁ ଲୋକ ପ୍ରାଣ ହରାଇଛନ୍ତି। ମୃତ୍ୟୁସଂଖ୍ୟା ମଧ୍ୟ ଧୀରେଧୀରେ ବୃଦ୍ଧି ପାଇବାରେ ଲାଗିଛି। ଏହାଛଡ଼ା ୧ ହଜାର ପରିବାର ପ୍ରଭାବିତ ହୋଇଛନ୍ତି। ସରକାର ସୁଚିନ୍ତିତ ପଦକ୍ଷେପ ନେଇଥିଲେ ବହୁ ଧନ ଜୀବନ ସୁରକ୍ଷିତ ହୋଇଥାଆନ୍ତା। ମୃତକଙ୍କ ପରିବାରକୁ ରାଜ୍ୟ ସରକାର ୧୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରନ୍ତୁ। ଆହତମାନଙ୍କ ଉପଯୁକ୍ତ ଚିକିତ୍ସା ଏବଂ ଅନୁରୂପ ସହାୟତା ପ୍ରଦାନ କରନ୍ତୁ। ଏହାସହ କ୍ଷତିଗ୍ରସ୍ତ ଅଞ୍ଚଳରେ ରିଲିଫ୍ ଏବଂ ପ୍ରାଥମିକ ଥଇଥାନ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିରଞ୍ଜନ ଦାବି କରିଛନ୍ତି। ଏହା ସହ ବିପର୍ଯ୍ୟୟରେ ହୋଇଥିବା କ୍ଷୟକ୍ଷତିର ସଠିକ ଆକଳନ କରି ପ୍ରଭାବିତ ପରିବାରଗୁଡିକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ, ଭାଙ୍ଗି ଯାଇଥିବା ରାସ୍ତାଘାଟ ଏବଂ ସେତୁଗୁଡିକର ପୁନଃ ନିର୍ମାଣ, ବାସହରା ଲୋକଙ୍କ ପାଇଁ ବାସଗୃହ ଯୋଗାଣ କରିବାକୁ ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ସମସ୍ତ କାର୍ଯ୍ୟକୁ ରାଜ୍ୟ ସରକାର ରାଜନୈତିକ ରୂପ ନ ଦେଇ ମାନବିକ ଦୃଷ୍ଟିରୁ କାର୍ଯ୍ୟକାରୀ କରିବାକୁ ନିରଞ୍ଜନ ଦାବି କରିଛନ୍ତି।



ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଅନ୍ୟ ନେତୃବୃନ୍ଦ ଗଙ୍ଗାବାଡ଼ ଅଞ୍ଚଳ ପରିଦର୍ଶନ କରୁଛନ୍ତି।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ smbselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।








@ ନରସିଂହ



@ ଜୟଶ୍ରୀ



@ ପ୍ରତାପ



@ ନିର୍ମଳ



@ ମନୋରଞ୍ଜନ



@ ସମ୍ୟକ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)



"ଆତଙ୍କବାଦୀମାନେ ଆକ୍ରମଣ ପାଇଁ ନୂଆ ରଣନୀତି ଆପଣାଇବାରେ ଲାଗିଛନ୍ତି। ସୋସିଆଲ ମିଡିଆରେ ରାଷ୍ଟ୍ର ବିରୋଧୀ ଶକ୍ତି ଅଧିକ ସକ୍ରିୟ ହେବା ବିପଜ୍ଜନକ।

- ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ

## ସଂକ୍ଷେପରେ

### ରାମପାଲଙ୍କୁ ଆଜୀବନ କାରାଦଣ୍ଡ



**ହିସାର,୧୬।୧୦(ପି.ଟି.):** ଆଶ୍ରମରେ କେଳେଙ୍କାରୀ କରି ଗିରଫ ହୋଇଥିବା ଆତ୍ମଘୋଷିତ ବାବା ରାମପାଲଙ୍କୁ ମିଳିଛି ଶାସ୍ତି। ଏକ ହତ୍ୟା ମାମଲାରେ ମଙ୍ଗଳବାର ଏକ କୋର୍ଟ ତାଙ୍କୁ ଆଜୀବନ କାରାଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି। ତାଙ୍କ ସମେତ ଦୋଷୀ ସାବ୍ୟସ୍ତ ହୋଇଥିବା ଅନ୍ୟ ୧୪ ଅନୁଗାମୀଙ୍କୁ ସମାନ ଦଣ୍ଡ ମିଳିଛି। ଦିଲ୍ଲୀର ମିଠାପୁର ନିବାସୀ ଶିବପାଲ ରାମପାଲ ଓ ଅନ୍ୟମାନଙ୍କ ନାଁରେ ହତ୍ୟା ଅଭିଯୋଗ ଆଣିଥିଲେ। ମାମଲାର ଶୁଣାଣି କରି ହିସାର ଅତିରିକ୍ତ ଜିଲା ଓ ଦୌରା ଜଜ୍ ଡି.ଆର୍. ଚାଲିୟା ଏହି ଦଣ୍ଡବିଧାନ କରିଛନ୍ତି। ଆଉ ଏକ ହତ୍ୟା ମାମଲାରେ ମଧ ରାମପାଲ ଦୋଷୀ ସାବ୍ୟସ୍ତ ହୋଇଛନ୍ତି, ଯାହାର ଦଣ୍ଡବିଧାନ ଅକ୍ଟୋବର ୧୭ରେ ହେବ। ଦୁଇଟି ମାମଲାରେ ରାମପାଲ ଓ ଅନ୍ୟ ୨୬ ଜଣ ଦୋଷୀ ପ୍ରମାଣିତ ହୋଇଛନ୍ତି।

### ମଡେଲ ମାନସୀଙ୍କୁ ହତ୍ୟା

**ମୁମ୍ବାଇ,୧୬।୧୦:** ରାଜସ୍ଥାନରୁ ମୁମ୍ବାଇକୁ ମଡେଲ ହେବା ପାଇଁ ଆସିଥିବା ମାନସୀ ଦୀକ୍ଷିତଙ୍କ ମୃତଦେହ ଏକ ସୁଟ୍‌କେସରୁ ଉଦ୍ଧାର ହୋଇଛି।



ତାଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଜଣେ ଛାତ୍ରଙ୍କୁ ସୋମବାର ରାତିରେ ପୋଲିସ ଗିରଫ କରିଛି। ପୋଲିସର ସୂଚନାନୁସାରେ, ୨୦ ବର୍ଷୀୟ ମାନସୀଙ୍କ ସହ ଫେସ୍‌ବୁକ୍‌ରେ ମୁଜାମ୍ମିଲ ସୟଦ ନାମକ ଛାତ୍ରଙ୍କ ବନ୍ଧୁତା ହୋଇଥିଲା। ସୟଦ ଓ ମାନସୀ ସୋମବାର ଅପରାହ୍ନରେ ଅନ୍ଧେରିରେ ପରସ୍ପରକୁ ଭେଟିଥିଲେ। କୌଣସି କାରଣରୁ ବିବାଦ ହୋଇଥିଲା। ଏହାକୁ ନେଇ ସୟଦ ତାଙ୍କୁ ତଣ୍ଟିଚିପି ହତ୍ୟା କରିଥିଲେ। ପରେ ସେ ତାଙ୍କ ମୃତଦେହକୁ ଏକ ସୁଟ୍‌କେସରେ ପୂରାଇ ମାଲାଡ୍‌ରେ ଫିଙ୍ଗିଦେଇଥିଲେ।

### ପ୍ରଶାନ୍ତ ଜେଡିୟୁର ନଂ. ୨



**ନୂଆଦିଲ୍ଲୀ,୧୬।୧୦(ପି.ଟି.):** ନିକଟରେ ସଂଯୁକ୍ତ ଜନତା ଦଳ (ଜେଡିୟୁ)ରେ ଯୋଗଦେଇଥିବା ପ୍ରଶାନ୍ତ କିଶୋର ଦଳର ଉପସଭାପତି ନିଯୁକ୍ତ ହୋଇଛନ୍ତି। ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ଅଧକ୍ଷ ନୀତୀଶ କୁମାର ମଙ୍ଗଳବାର ତାଙ୍କୁ ଏହି ନିଯୁକ୍ତି ଦେଇଛନ୍ତି। ଫଳରେ ପ୍ରଶାନ୍ତ କିଶୋର ଜେଡିୟୁର ଦ୍ୱିତୀୟ ପ୍ରଭାବଶାଳୀ ନେତାର ମାନ୍ୟତା ପାଇଛନ୍ତି।

## ■ ଯୁଦ୍ଧ ପ୍ରଭାବିତ ୟେମେନରେ ଆର୍ଥିକ ସଙ୍କଟ

# ଅବହେଳା ପାଇଁ ପ୍ରଧାନମନ୍ତ୍ରୀ ବହିଷ୍କୃତ

**ସାନା,୧୬।୧୦**

ୟେମେନ ରାଷ୍ଟ୍ରପତି ଅବ୍ଦରବ୍ବୋ ମନ୍‌ସୁର ହାଦି ପ୍ରଧାନମନ୍ତ୍ରୀ ଅହମ୍ମଦ ବିନ୍ ଦାଘେରଙ୍କୁ ସୋମବାର ବିଳମ୍ବିତ ରାତିରେ ବହିଷ୍କାର କରିଛନ୍ତି। ଆର୍ଥିକ କ୍ଷେତ୍ରରେ ଖରାପ ପ୍ରଦର୍ଶନ ପାଇଁ ଦାଘେରଙ୍କୁ ଦାୟୀ କରାଯାଇ ତାଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ମୁଦ୍ରାର ଅବମୂଲ୍ୟାୟନ ରୋକିବାରେ ବିଫଳତା ପାଇଁ ମଧ ତାଙ୍କ ମୁଣ୍ଡରେ ଦୋଷ ଲଦିଛନ୍ତି ରାଷ୍ଟ୍ରପତି। ଏଥିସହ ତାଙ୍କ ସ୍ଥାନରେ ମୋଇନ୍ ଅବ୍‌ଦୁଲ ମଲିକ୍ ସୟିଦ୍‌ଙ୍କୁ ସେ ଦେଶର ନୂଆ ପ୍ରଧାନମନ୍ତ୍ରୀ ନିଯୁକ୍ତ କରିଛନ୍ତି।

ୟେମେନ ହେଉଛି ଆରବ ଉପଦ୍ୱୀପର ଅନ୍ୟତମ ଦରିଦ୍ର ଦେଶ। ଯୁଦ୍ଧ ଏହି ଦେଶର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗିଦେଇଛି। ସଂଘର୍ଷ ଯୋଗୁ ସେଠାରେ ଅଦ୍ୟାବଧି ୧୦,୦୦୦ ଜଣ ପ୍ରାଣ ହରାଇ ସାରିଲେଣି। ଆଗକୁ ୮.୪ ନିୟୁତ ଲୋକ ଅନାହାରରେ ପଡ଼ିବାକୁ ଯାଉଛନ୍ତି। ସେହିପରି ୨୨ ନିୟୁତ ଲୋକ ସହାୟତାକୁ ଅପେକ୍ଷା କରିଛନ୍ତି। ଜାତିସଂଘ ଏହାକୁ ସବୁଠୁ ଖରାପ ମାନବିକ ସଙ୍କଟର ଆଖ୍ୟା ଦେଇଛି। ସୌଦୀ ଆରବ



ଅହମ୍ମଦ ବିନ୍ ଦାଘେର



ଅବ୍ଦରବ୍ବୋ ମନ୍‌ସୁର ହାଦି



ମୋଇନ୍ ଅବ୍‌ଦୁଲ ମଲିକ୍ ସୟିଦ୍

ନେତୃତ୍ୱାଧୀନ ମେଣ୍ଟ ୨୦୧୫ ମାର୍ଚ୍ଚରୁ ହୁଥି ବିଦ୍ରୋହୀଙ୍କ ବିରୋଧରେ ହାଦି ସରକାରଙ୍କୁ ସମର୍ଥନ କରୁଛି। ବିଦ୍ରୋହୀମାନେ ରାଜଧାନୀ ସାନାକୁ ନିଜ ଦଖଲରେ ରଖିଥିବାରୁ ୟେମେନ ସରକାର ମୁଖ୍ୟତଃ ସୌଦୀ ଆରବରୁ ପରିଚାଳିତ ହେଉଛି। ପ୍ରାୟ ୩ ବର୍ଷ ହେଲା ୟେମେନ ମୁଦ୍ରା ରିୟାଲର କ୍ରମଶଃ ଅବମୂଲ୍ୟାୟନ ଘଟିବାରେ ଲାଗିଛି। ଫଳରେ ଏହାର ମୂଲ୍ୟ ଡଲାର ତୁଳନାରେ ଦୁଇ-ତୃତୀୟାଂଶ ହ୍ରାସ ପାଇଛି। ଦାଘେର ଏହାକୁ ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଅଭିଯୋଗ ଆଣି ରାଷ୍ଟ୍ରପତି ତାଙ୍କୁ ବରଖାସ୍ତ କରିଛନ୍ତି।

କେବଳ ଏତିକି ନୁହେଁ, ଆର୍ଥିକ ସଙ୍କଟର ସମାଧାନ କରିବାରେ ଅବହେଳାକୁ ନେଇ ତାଙ୍କୁ ତଦନ୍ତର ସମ୍ମୁଖୀନ ହେବାକୁ

**ମୋଇନ୍ ଅବ୍‌ଦୁଲ ମଲିକ୍ ସୟିଦ୍‌ଙ୍କୁ ନୂଆ ପ୍ରଧାନମନ୍ତ୍ରୀ ନିଯୁକ୍ତ କଲେ ରାଷ୍ଟ୍ରପତି**

ପଡ଼ିବ ବୋଲି ମଧ ରାଷ୍ଟ୍ରପତି ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ପୂର୍ତ୍ତ ଓ ସଡ଼କ ମନ୍ତ୍ରୀ ଥିବା ୩୭ ବର୍ଷୀୟ ମୋଇନ୍ ଅବ୍‌ଦୁଲ ମଲିକ୍ ସୟିଦ୍‌ଙ୍କୁ ସେ ୟେମେନର ନୂଆ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ଦେଇଛନ୍ତି। ଦାଘେରଙ୍କ କ୍ୟାବିନେଟରେ ସ୍ଥାନ ପାଇବା ପୂର୍ବରୁ ସେ ଧମାରସ୍ଥିତ ଥମାର ୟୁନିଭର୍ସିଟିର ଇଞ୍ଜିନିୟରିଂ ବିଭାଗରେ ସହକାରୀ ପ୍ରଫେସର ଭାବେ ଅଧାପନା କରୁଥିଲେ। ସୌଦି ଆରବ ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ସହିତ ସୟିଦ୍‌ଙ୍କ ଉତ୍ତମ ସମ୍ପର୍କ ଥିବା ଦୃଷ୍ଟିରୁ ତାଙ୍କୁ ଏହି ନୂଆ ଦାୟିତ୍ୱ ଦିଆଯାଇଥିବା ରାଜନୈତିକ ସୂତ୍ରରୁ ପ୍ରକାଶ। ଜଣେ ଦୂରଦୃଷ୍ଟିସମ୍ପନ୍ନ ନେତା ଭାବେ ଜଣାଶୁଣା ସୟିଦ୍ ୟେମେନକୁ ଏହି ସଙ୍କଟରୁ ମୁକ୍ତକରି ଅଚଳାବସ୍ଥା ଦୂରକରିବାରେ ସକ୍ଷମ ହେବେ ବୋଲି ଦେଶବାସୀ ଆଶାବାଦୀ।

## ■ ଜୋର ଧରିଲା ଆକବରଙ୍କ ଇସ୍ତଫା ଦାବି

# ରାଷ୍ଟ୍ରପତିଙ୍କୁ ଚିଠି ଲେଖିଲେ ସାମ୍ବାଦିକା

**ନୂଆଦିଲ୍ଲୀ,୧୬।୧୦(ପି.ଟି.)**

ଦେଶରେ ଏବେ '# ମିଟୁ' ଅଭିଯାନକୁ ନେଇ ଚର୍ଚ୍ଚା ଜୋର୍ ଧରିଥିବାବେଳେ ପ୍ରତିଦିନ ନୂଆ ନୂଆ ତଥ୍ୟ ପ୍ରଘଟ ହେଉଛି। କେନ୍ଦ୍ରମନ୍ତ୍ରୀ ଏମ୍.ଜେ. ଆକବରଙ୍କ ବିରୋଧରେ ଆସିଥିବା ଯୌନ ନିର୍ଯାତନା ଅଭିଯୋଗ ଅଧିକ ଚାଞ୍ଚଲ୍ୟ ସୃଷ୍ଟି କରିଛି। ସେ ଗାଦି ଛାଡ଼ନ୍ତୁ କିମ୍ବା କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ତାଙ୍କୁ ବହିଷ୍କାର କରନ୍ତୁ ବୋଲି ବିରୋଧୀ ଅଡ଼ିବସିଥିଲେ ସୁଦ୍ଧା ପ୍ରଭାବ ଶୂନ। ଆକବରଙ୍କ ବିରୋଧରେ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଏବେ ସାମ୍ବାଦିକାମାନେ ପାଦ ବଢ଼ାଇଛନ୍ତି। ସାମ୍ବାଦିକାଙ୍କ ଏକ ଗୋଷ୍ଠୀ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଚିଠି ଲେଖି ତାଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ମଙ୍ଗଳବାର ଆକବରଙ୍କ ବିରୋଧରେ ଆଉ ଦୁଇ ମହିଳା ମୁହଁ ଖୋଲିଛନ୍ତି। ଦୁଇ ସାମ୍ବାଦିକାଙ୍କୁ ଆକବର ଯୌନ ଶୋଷଣ କରିଥିବା ପ୍ରଘଟ ହେବା ସତ୍ତ୍ୱେ ଆକବର ମନ୍ତ୍ରୀପଦରେ ରହିବା ଚିନ୍ତାଜନକ ବିଷୟ। କ୍ଷମତାରେ ଥିବାରୁ ସେ ତଦନ୍ତକୁ ପ୍ରଭାବିତ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ମହିଳାଙ୍କ ସମ୍ମାନ ରକ୍ଷା ଏବଂ ନିରପେକ୍ଷ ତଦନ୍ତ ଲାଗି ରାଷ୍ଟ୍ରପତି ବିହିତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ନେଟୱର୍କ ଅଫ ୱିମେନ ଇନ୍ ମିଡିଆ ଇନ୍ ଇଣ୍ଡିଆ (ଏନ୍‌ଡବ୍ଲ୍ୟୁଏମ୍‌ଆଇ) ସଦସ୍ୟମାନେ ଚିଠି ଜରିଆରେ ଅନୁରୋଧ କରିଛନ୍ତି। ସେପଟେ ଅଭିଯୋଗକାରୀ



**# ମିଟୁ: ଅଭିଯୋଗ ଆଣିଲେ ଆଉ ୨ ମହିଳା**

ସାମ୍ବାଦିକା ପ୍ରିୟା ରମଣୀଙ୍କ ବିରୋଧରେ ମାନହାନି ମକଦ୍ଦମା କରିଛନ୍ତି ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଆକବର। ତେବେ ସମସ୍ତଙ୍କୁ ଭକୁଆ ବନାଇବା ପାଇଁ ମନ୍ତ୍ରୀ ଏହି ବାଟ ଆପଣାଇଥିବା ଏନ୍‌ଡବ୍ଲ୍ୟୁଏମ୍‌ଆଇ ପକ୍ଷରୁ କୁହାଯାଇଛି। ପୂର୍ବତନ ଖବରକାଗଜ ସମ୍ପାଦକ ଆକବରଙ୍କୁ କାଠଗଡ଼ାକୁ ଆଣିବା ଲାଗି ପ୍ରିୟାଙ୍କ ସମର୍ଥନରେ ବାହାରିପଡ଼ିଛନ୍ତି ୧୭ ସାମ୍ବାଦିକା। ସେହିପରି ମଙ୍ଗଳବାର ଆକବରଙ୍କ ବିରୋଧରେ ଆଉ ଦୁଇ ମହିଳା ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ସେମାନେ ହେଲେ ସାମ୍ବାଦିକା ତୁଷିତା ପଟେଲ ଓ ବ୍ୟବସାୟୀ ସ୍ୱାତୀ ଗୌତମ। '# ମିଟୁ' ଝଡ଼ ଯୋଗୁ ମଙ୍ଗଳବାର ବଲିଉଡ୍ ଜଗତରେ ଦୁଇ ଜଣ କାର୍ଯ୍ୟରୁ ବହିଷ୍କୃତ ହୋଇଛନ୍ତି। ମାଲୟାଲମ୍ ଅଭିନେତା ଆଲେନ୍ସିଅର ଲି ଲୋପେଜ୍‌ଙ୍କ ନାଁରେ ମଧ ଯୌନ ନିର୍ଯାତନା ଅଭିଯୋଗ ଆସିଛି।

## 'ମୁଁ ପ୍ରଚାର କଲେ କଂଗ୍ରେସ ଭୋଟ କମୁଛି'

**ଭୋପାଳ,୧୬।୧୦(ପି.ଟି.):** ବିଧାନସଭା ନିର୍ବାଚନ ପାଇଁ ମଧ୍ୟପ୍ରଦେଶ ରାଜନୀତି ସରଗରମ ଥିବାବେଳେ ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂଙ୍କ ଏକ ଭିଡିଓକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ମୁଁ କଂଗ୍ରେସ ପାଇଁ ପ୍ରଚାର କଲେ ଦଳର ଭୋଟ କମିଯିବ। ଏଥିଯୋଗୁ ଦଳୀୟ ସଭାସମିତିରେ ମୁଁ ଯୋଗ ଦେଉନାହିଁ ବୋଲି ଦିଗ୍‌ବିଜୟ କହୁଥିବା ଉକ୍ତ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି। ଭିଡିଓକୁ



ଗତ ୧୩ ତାରିଖରେ ରେକର୍ଡିଂ କରାଯାଇଥିବାବେଳେ ସୋମବାର କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ମଧ୍ୟପ୍ରଦେଶ ଗସ୍ତବେଳେ ଏହା ସାମ୍ନାକୁ ଆସିଛି। ପୂର୍ବରୁ ୨ ଥର ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଥିବା ଦିଗ୍‌ବିଜୟଙ୍କୁ ଏବେ ରାଜ୍ୟରେ ଦଳୀୟ ସଭାସମିତିରେ ଦେଖିବାକୁ ମିଳୁନାହିଁ।

## ଭାଜପାରେ ଗୋଆର ୨ କଂଗ୍ରେସ ବିଧାୟକ

**ପଣଜୀ/ନୂଆଦିଲ୍ଲୀ,୧୬।୧୦(ପି.ଟି.):** ଗୋଆର ୨ ଜଣ କଂଗ୍ରେସ ବିଧାୟକ ମଙ୍ଗଳବାର ଭାଜପାରେ ସାମିଲ ହୋଇଛନ୍ତି। ରାଜ୍ୟରେ ମନୋହର ପାରିକରଙ୍କ ନେତୃତ୍ୱାଧୀନ ମେଣ୍ଟ ସରକାର ସଂଖ୍ୟାଲଘୁ ଅବସ୍ଥାକୁ ଚାଲିଆସିଥିବା ଅଭିଯୋଗ ଆଣି ସରକାର ଗଢ଼ିବାକୁ ଅଣ୍ଟା ଭିଡୁଥିବାବେଳେ ୨ ବିଧାୟକଙ୍କ ଏହି ପଦକ୍ଷେପ କଂଗ୍ରେସ ପାଇଁ ଶକ୍ତ ଝଟକା ଦେଇଛି। ବିଧାୟକ ଦୟାନନ୍ଦ ସୋପ୍ତେ ଓ ସୁଭାଷ ଶିରୋଦ୍‌କର



ମଙ୍ଗଳବାର କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ଉଭୟେ ନୂଆଦିଲ୍ଲୀରେ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ୍ ଶାହଙ୍କୁ ଭେଟି ଗୈରିକ ଦଳରେ ସାମିଲ ହୋଇଛନ୍ତି। ଅନ୍ୟପକ୍ଷରେ ଭାଜପା ଗୋଆରେ ଗଣତନ୍ତ୍ରକୁ ହତ୍ୟା କରିଥିବା ଅଭିଯୋଗ ଆଣିଛି କଂଗ୍ରେସ।

## ଏନ୍‌ଏସ୍‌ୟୁଆଇ ସଭାପତିଙ୍କ ଇସ୍ତଫା

**ନୂଆଦିଲ୍ଲୀ,୧୬।୧୦(ପି.ଟି.)**

କଂଗ୍ରେସର ଛାତ୍ର ଶାଖା ଏନ୍‌ଏସ୍‌ୟୁଆଇ ସଭାପତି ଫିରୋଜ୍ ଖାନ୍‌ଙ୍କ ନାଁରେ ଛତିଶଗଡ଼ର ଜଣେ ମହିଳା କଂଗ୍ରେସ କର୍ମୀ ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ଏହାକୁ ନେଇ ଖାନ୍ ପଦ ଛାଡ଼ିଛନ୍ତି। ସୋମବାର ସେ ଇସ୍ତଫାପତ୍ର ଦେବା ପରେ ତାହାକୁ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ଗ୍ରହଣ



ବ୍ୟଭିଚାର ଅଭିଯୋଗ

କରିଛନ୍ତି ବୋଲି ମଙ୍ଗଳବାର ଦଳ ପକ୍ଷରୁ କୁହାଯାଇଛି। ଜମ୍ମୁ-କଶ୍ମୀର ନିବାସୀ ଖାନ୍ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଦଳର ଛବି ମଳିନ ହେଉଥିବାରୁ ସେ ପଦ ଛାଡ଼ିଥିବା କହିଛନ୍ତି। ତେବେ ମହିଳା କର୍ମୀଙ୍କ ଅଭିଯୋଗ ଉପରେ ତର୍ଜମା ଲାଗି ଏକ ତିନିଜଣିଆ କମିଟି ଗଠନ ହୋଇଛି ବୋଲି ଦଳୀୟ ସୂତ୍ରରୁ ପ୍ରକାଶ।

## ଫୁରସତ

# ବିଶ୍ୱରେ ୮୨ କୋଟି ଭୋକିଲା

**ନୂଆଦିଲ୍ଲୀ/ଜେନେଭା:** ଅକ୍ଟୋବର ୧୬ରେ ପାଳିତ ହେଉଛି ବିଶ୍ୱ ଖାଦ୍ୟ ଦିବସ। ତେବେ ୨୦୧୮ କ୍ଷୁଧା ସୂଚକାଙ୍କରେ ପ୍ରକାଶ ପାଇଛି ଯେ, ବିଶ୍ୱରେ ଏବେ ମଧ ୮୨ କୋଟି ଲୋକ ଭୋକିଲା ରହିଛନ୍ତି। ୧୧୯ ରାଷ୍ଟ୍ରକୁ ନେଇ ପ୍ରକାଶ ପାଇଥିବା ଏହି ରିପୋର୍ଟରେ ଭାରତ ୧୦୩ ତମ ସ୍ଥାନରେ ରହିଛି। କେତେକ ଅଞ୍ଚଳରେ ସାମରିକ କାର୍ଯ୍ୟାନୁଷ୍ଠାନ ପରିସ୍ଥିତିକୁ ଅଧିକ ଗମ୍ଭୀର କରିବାରେ ଲାଗିଛି ବୋଲି ରିପୋର୍ଟ ଦର୍ଶାଯାଇଛି। ସେହିପରି ପରିବର୍ତ୍ତିତ ରାଜନୈତିକ ସ୍ଥିତି ଅନେକ ଦେଶରେ ଭୋକିଲାଙ୍କ ସଂଖ୍ୟା ବଢ଼ାଉଛି ବୋଲି

**ଖାଦ୍ୟ ସୁରକ୍ଷା ଏବେ ବି ଅପହଞ୍ଚ**



ଏହି ରିପୋର୍ଟରେ ପ୍ରକାଶ ପାଇଛି। ଇତିମଧ୍ୟରେ ପୃଥିବୀର ବିଭିନ୍ନ ରାଷ୍ଟ୍ରରେ ୬୮ ନିୟୁତ ଶରଣାର୍ଥୀ ଆଶ୍ରୟ ନେଇଥିବା ଏହି ରିପୋର୍ଟରେ ସୂଚିତ କରାଯାଇଛି।

# ନୂଆ ନକ୍ଷତ୍ରମଣ୍ଡଳରେ ବୃହତ୍ ଗ୍ରହ

**ଲଣ୍ଡନ:** ବୈଜ୍ଞାନିକମାନେ ଏକ ନୂଆ ନକ୍ଷତ୍ରମଣ୍ଡଳରେ ୪ଟି ବୃହତ୍ ଗ୍ରହ ଆବିଷ୍କାର କରିଛନ୍ତି। ଏଗୁଡିକର ଆକୃତି ବୃହସ୍ପତି ଓ ଶନିଗ୍ରହ ସହିତ ସମାନ। ଉକ୍ତ ନକ୍ଷତ୍ର 'ସିଆଇ ଟାଉ' ୫୦୦ ଆଲୋକବର୍ଷ ଦୂରତାରେ ଅବସ୍ଥିତ। ଏହା ଗାଲାକ୍ସିର 'ନର୍ସରି' ରିଜିୟନ୍ ମଧ୍ୟରେ ରହିଥିବା କେମ୍ବ୍ରିଜ ୟୁନିଭର୍ସିଟିର ଗବେଷକମାନେ ପ୍ରକାଶ କରିଛନ୍ତି। ଏଗୁଡିକ ନିଜସ୍ୱ ନକ୍ଷତ୍ରଠାରୁ ସର୍ବାଧିକ ଦୂରତାରେ ରହି ପରିକ୍ରମା କରୁଥିବା ପର୍ଯ୍ୟବେକ୍ଷଣରୁ ଜଣାପଡିଛି।

ଏ ସମ୍ପର୍କିତ ବିସ୍ତୃତ ଅଧ୍ୟୟନ ଆଷ୍ଟ୍ରୋଲୋଜିକାଲ୍ ଜର୍ନାଲ ଲେଟର୍ସରେ ପ୍ରକାଶ ପାଇଛି। ଏହି ନକ୍ଷତ୍ରମଣ୍ଡଳରେ ସବୁଠୁ ବାହ୍ୟତମ ଗ୍ରହର ଦୂରତା ନିକଟତମ ଗ୍ରହର ଦୂରତାଠାରୁ ହଜାର ଗୁଣ ଅଧିକ। ଏଭଳି ମଣ୍ଡଳ ତିଷ୍ଠି ରହିଥିବା ନେଇ ଗବେଷକମାନେ ଆଶ୍ଚର୍ଯ୍ୟ



ପ୍ରକାଶ କରିଛନ୍ତି। ଉକ୍ତ ସୌରମଣ୍ଡଳର ନକ୍ଷତ୍ର ମାତ୍ର ୨ ନିୟୁତ ବର୍ଷ ତଳର। ସେଥିପାଇଁ ଏହାକୁ ଜ୍ୟୋତିର୍ବିଜ୍ଞାନ ଭାଷାରେ 'ଟଡ୍‌ଲର' ନାମକରଣ କରାଯାଇଛି। ଏହାର ଚତୁର୍ଦ୍ଦିଗରେ ଧୂଳି ଓ ବରଫର ଆସ୍ତରଣ ଦୃଶ୍ୟମାନ। ଏହି ପରିବେଶରେ ଗ୍ରହ, ଚନ୍ଦ୍ର, ଆଷ୍ଟରଏଡ ଏବଂ ଅନ୍ୟ ମହାକାଶୀୟ ବସ୍ତୁ ରହିଛନ୍ତି। ଏହା ବୃହସ୍ପତି ଭଳି ଗ୍ରହଗୁଡ଼ିକୁ ଆକର୍ଷଣ କରି ରଖିଛି। ଗବେଷକଙ୍କର ଏକ ଟିମ୍ ଆଟାକାମା ଲାର୍ଜ ମିଲିମିଟର/ସବ୍‌ମିଲିମିଟର ଆରେ (ଏଏଲ୍‌ଏମ୍‌ଏ) ବ୍ୟବହାର କରି ଏହି ଗ୍ରହର ସମକକ୍ଷ ଗ୍ରହଗୁଡିକୁ ଆବିଷ୍କାର କରିଛନ୍ତି। ୪ଟି ଗ୍ରହ ନିଜସ୍ୱ ନକ୍ଷତ୍ରଠାରୁ ଢ଼େର ଦୂରତାରେ ରହିଛନ୍ତି। ସବୁଠୁ ନିକଟବର୍ତ୍ତୀ ଗ୍ରହ (ହଟ୍ ଜୁପିଟର) ସୂର୍ଯ୍ୟ-ବୁଧ ମଧ୍ୟବର୍ତ୍ତୀ ଦୂରତାରେ ରହିଥିବା ବେଳେ ସବୁଠୁ ଦୂରତମ ଗ୍ରହ ସୂର୍ଯ୍ୟ-ନେପ୍‌ଚୁନ୍ ଦୂରତାର ୩ଗୁଣରୁ ଅଧିକ ଦୂରତାରେ ଅବସ୍ଥାନ କରୁଛି। ଦୁଇଟି ବାହ୍ୟଗ୍ରହ ଶନିର ବସ୍ତୁତ୍ୱ ସହ ସମାନ ହୋଇଥିବା ବେଳେ ନିକଟବର୍ତ୍ତୀ ଦୁଇ ଗ୍ରହର ବସ୍ତୁତ୍ୱ ଯଥାକ୍ରମେ ବୃହସ୍ପତିର ୧ଗୁଣ ଏବଂ ୧୦ଗୁଣ ସହିତ ସମାନ।

## ଇତିହାସର ଆଇନାରେ

### ଅକ୍ଟୋବର ୧୭ର ପ୍ରମୁଖ ଘଟଣା

୧୯୭୯ ଅକ୍ଟୋବର ୧୭ରେ ମଦର ଟେରେସାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା। ୧୯୫୦ରେ କୋଲକାତାରେ ମଦର ଟେରେସା ଫାଉଣ୍ଡେଶନ୍ ପ୍ରତିଷ୍ଠା କରି ସେ ଏଡସ୍, କୁଷ୍ଠ ଏବଂ ଯକ୍ଷ୍ମାରୋଗୀଙ୍କ ସେବାରେ ଜୀବନ ଉତ୍ସର୍ଗୀକୃତ କରିଥିଲେ।

୧୯୯୪ ଅକ୍ଟୋବର ୧୭ରେ ସେନାରେ ଦୁର୍ନୀତି ସମ୍ପର୍କିତ ଘଟଣାର ତଦନ୍ତ ବେଳେ ରୁଷିଆର ସାମ୍ବାଦିକ ଦ୍ମିତ୍ରି ଖୋଲଡୋଭଙ୍କୁ ହତ୍ୟା କରାଯାଇଥିଲା। ସେନା ପାଣ୍ଠି ଅପବ୍ୟବହାର କରାଯାଉଥିବା ନେଇ ବହୁବାର ସେ ଖବର ପ୍ରକାଶ କରିଥିଲେ। ଏହି ଘଟଣା ପରେ ତାଙ୍କ ଖବରକାଗଜର ସମ୍ପାଦକ ଅଭିଯୋଗ କରିଥିଲେ ଯେ, ତତ୍କାଳୀନ ପ୍ରତିରକ୍ଷା ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସେନା ଅଧିକାରୀମାନେ ହତ୍ୟା କରିଛନ୍ତି।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ଉପକୂଳବର୍ତ୍ତୀ ଅଞ୍ଚଳରେ ସକାଳେ କୁହୁଡି ହେବା ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ସକାଳେ କୁହୁଡି ହୋଇପାରେ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି।

ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୪ | ୨୧.୨ |
| ଚାନ୍ଦବାଲି | ୩୨.୮ | ୨୫.୨ |
| କଟକ | ୩୨.୬ | ୨୧.୦ |
| ପାରାଦ୍ୱୀପ | ୩୧.୮ | ୨୪.୫ |
| ଭୁବନେଶ୍ୱର | ୩୩.୪ | ୨୧.୮ |
| ଗୋପାଳପୁର | ୩୪.୩ | ୨୩.୬ |
| ପୁରୀ | ୩୩.୦ | ୨୫.୦ |
| ଅନୁଗୋଳ | ୩୩.୧ | ୧୯.୦ |
| ବାରିପଦା | ୩୧.୪ | ୨୧.୦ |
| ଝାରସୁଗୁଡ଼ା | ୩୪.୬ | ୨୦.୨ |
| କେନ୍ଦୁଝର | ୩୧.୪ | ୧୮.୪ |
| ସମ୍ବଲପୁର | ୩୩.୮ | ୨୦.୮ |
| ସୁନ୍ଦରଗଡ଼ | ୩୩.୫ | --- |
| ହୀରାକୁଦ | ୩୪.୦ | ୨୧.୬ |
| ତାଳଚେର | ୩୫.୨ | ୨୦.୩ |
| ଭବାନୀପାଟଣା | ୩୧.୪ | ୧୮.୫ |
| ବଲାଙ୍ଗୀର | ୩୩.୦ | ୨୦.୬ |
| କୋରାପୁଟ | ୨୯.୦ | ୧୭.୬ |
| ଫୁଲବାଣୀ | ୩୧.୦ | ୧୫.୦ |
| ଟିଟିଲାଗଡ଼ | --- | ୧୮.୫ |
| ମାଲକାନଗିରି | ୩୩.୦ | --- |
| ସୋନପୁର | ୩୪.୨ | ୧୮.୨ |
| ଦାରିଙ୍ଗିବାଡ଼ି | ୨୮.୫ | ୧୫.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## 'ୟୋର୍ସ ଟ୍ରୁଲି' ପାଇଁ ଖୁସି



ଆହାନା କୁମ୍ରା

**ନୂଆଦିଲ୍ଲୀ:** 'ୟୋର୍ସ ଟ୍ରୁଲି'ରେ ମହେଶ ଭଟ୍ଟ, ସୋନି ରାଜଦାନ୍ ଏବଂ ପଙ୍କଜ ତ୍ରିପାଠୀଙ୍କ ସହିତ କାର୍ଯ୍ୟ କରି ବେଶ୍ ଖୁସି ଅନୁଭବ କରିଛନ୍ତି ଅଭିନେତ୍ରୀ ଆହାନା କୁମ୍ରା। ପଙ୍କଜ ତ୍ରିପାଠୀଙ୍କ ଭଳି ଅଭିନେତାଙ୍କୁ ଖୁବ୍ ପସନ୍ଦ କରେ ଏବଂ ଅଭିନୟ କ୍ଷେତ୍ରରେ ସୋନି ରାଜଦାନ୍ ଜଣେ ଚମତ୍କାର ତଥା ସ୍ୱାଗତଯୋଗ୍ୟ କଳାକାର। ଫିଲ୍ମରେ ଆମ୍ଭମାନଙ୍କର କେମିଷ୍ଟ୍ରି ବେଶ୍ ଦୃଶ୍ୟମାନ ବୋଲି ଆହାନା ପ୍ରକାଶ କରିଛନ୍ତି। ଆହାନାଙ୍କ 'ୟୋର୍ସ ଟ୍ରୁଲି'ର ପ୍ରିମିୟର ଅକ୍ଟୋବର ୯ରେ ୨୩ତମ ବୁସାନ ଇଣ୍ଟରନ୍ୟାଶନାଲ୍ ଫିଲ୍ମ ଫେଷ୍ଟିଭାଲ୍‌ରେ ପ୍ରଦର୍ଶିତ ହୋଇଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ସଞ୍ଜୟ ନାଗ। କୋରିଆରେ ପ୍ରଦର୍ଶିତ ଏହି ଫିଲ୍ମକୁ ଭରପୂର ଦର୍ଶକ ଉପଭୋଗ କରିଥିଲେ। ଫିଲ୍ମରେ 'ମିଠି' ଚରିତ୍ରକୁ ଆବର୍ତ୍ତ କରି ଏକ ପ୍ରେମ କାହାଣୀ ଗଢ଼ିଉଠିଛି, ଯିଏ ଜାଣେ ପ୍ରେମ ପାଇଁ ବୟସ, ପ୍ରତିପତ୍ତି ଏବଂ ସାମାଜିକ ନୀତିନିୟମ କିଛି ପ୍ରତିବନ୍ଧକ ସୃଷ୍ଟି କରେନାହିଁ। ପଛରେ କାହାରି ମଧୁର ସ୍ୱର ଯଦି ମନ ଛୁଇଁଲା ତା' ହେଲେ ପ୍ରେମ ହେଲା। ନିଜ ଅଭିନୟ ବିଷୟରେ ଆହାନା କହନ୍ତି, କେବଳ ଗୋଟିଏ ଜିନିଷ ପାଇଁ ମୋତେ ପ୍ରସ୍ତୁତ ହେବାକୁ ପଡିଥିଲା। ତାହା ହେଉଛି ଏକ ବେଙ୍ଗଲୀ ଗୀତ। ଏହି ଗୀତ ଗାଇବାରେ ଏତେ ମଜା ଥିଲା ଯେ ମୁଁ ଏବଂ ସୋନି ଏହି ଗୀତକୁ କୌଣସି ସମୟରେ ଏବଂ କୌଣସିଠାରେ ଗୁଣୁଗୁଣଉଥିଲୁ।


**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

ଜ୍ୟୋତିଷ ବାଚସ୍ପତି ବ୍ରହ୍ମାନନ୍ଦ ପଣ୍ଡା

**ଆଦ୍ୟାଶକ୍ତିଙ୍କର ଅନ୍ୟ ନାମ ପ୍ରକୃତି। ସେ ଐଶ୍ୱର୍ଯ୍ୟ, ଯଶ, ଶ୍ରୀ, ଜ୍ଞାନ ଆଦି ଷଡ଼ ଐଶ୍ୱର୍ଯ୍ୟ (ଭଗ)ର ଅଧିକାରିଣୀ ହେତୁ ଭଗବତୀ ନାମରେ ପୂଜିତା। ସମସ୍ତ ଜୀବଙ୍କୁ ମା' ରୂପରେ ପାଳନ କରନ୍ତି ବୋଲି ସେ ଜଗଦମ୍ବା ବା ଜଗତର ମାତା। ସେହି ମାଆଙ୍କର ପୂଜା ଅବସରରେ...**

# ଦୁର୍ଗାପୂଜା ହିଁ ଶକ୍ତିପୂଜା



ସମସ୍ତ ବସ୍ତୁରେ ଶକ୍ତି ବିଦ୍ୟମାନ। ବିଭିନ୍ନ ରାସାୟନିକ, ଆଣବିକ ଆଦି କ୍ରିୟା ପ୍ରତିକ୍ରିୟା ମାଧ୍ୟମରେ ବସ୍ତୁରୁ ଶକ୍ତି ଏବଂ ଶକ୍ତିରୁ ବସ୍ତୁର ରୂପାନ୍ତର ଅହରହ ଘଟିଚାଲିଛି। ମୋଟାମୋଟି କହିଲେ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ହେଉଛି ପରସ୍ପରଠାରୁ ଅଭିନ୍ନ ବସ୍ତୁ ଓ ଶକ୍ତିର ପ୍ରୟୋଗ କ୍ଷେତ୍ର।

ଅଧ୍ୟାତ୍ମ ବିଜ୍ଞାନ ଓ ଦର୍ଶନ ମତରେ ଚେତନଶକ୍ତି ବା ଚିତ୍‌ଶକ୍ତିଯୁକ୍ତ ବୃହତ୍ତମ ବସ୍ତୁ ହେଉଛି ପରଂବ୍ରହ୍ମ। ଜୀବଜଗତ ହେଉଛି ଏହି ଚେତନଶକ୍ତି ଯୁକ୍ତ ବ୍ରହ୍ମଙ୍କର ଅଂଶବିଶେଷ। ଏହି ଚିତ୍‌ଶକ୍ତି ହେଉଛି ସୃଷ୍ଟିର ଆଦ୍ୟାଶକ୍ତି, ମହାମାୟା, ଜଗଦମ୍ବା। ଏହି ଶକ୍ତି ଦୃଶ୍ୟ-ଅଦୃଶ୍ୟ ଭାବରେ ସର୍ବତ୍ର ବ୍ୟାପ୍ତ। ସବୁ ବସ୍ତୁ ଦେହରେ ବା ଜୀବଠାରେ ଏହି ଶକ୍ତି ବିଦ୍ୟମାନ। ବିଶ୍ୱର ସର୍ବତ୍ର ପୂଜିତ ମାତୃକା ଶକ୍ତି- କାଳୀ, ଦୁର୍ଗା, ତାରା, ଚଣ୍ଡୀ, ଷୋଡଶୀ, ଭୁବନେଶ୍ୱରୀ, ବିରଜା, ବିମଳା, ସମଲେଇ, ସୀତା, ରାଧା, ଅନ୍ନପୂର୍ଣ୍ଣା ଆଦି ସମସ୍ତେ ସେହି ଆଦ୍ୟାଶକ୍ତି, ମହାଲକ୍ଷ୍ମୀଙ୍କର ଅଂଶ। ଦେବୀ ତ୍ରିଗୁଣାତ୍ମିକା। ସତ୍ତ୍ୱଗୁଣରେ ସେ ବୈଷ୍ଣବୀ ଶକ୍ତି, ରଜୋଗୁଣରେ ବ୍ରାହ୍ମୀ ଶକ୍ତି (ପୁରୁଷ ବ୍ରହ୍ମା) ଓ ତମୋଗୁଣରେ ମାହେଶ୍ୱରୀ। ବ୍ରହ୍ମ ହେଉଛନ୍ତି ଶକ୍ତିର ଆଧାର। ଶକ୍ତି ହେଉଛନ୍ତି ବ୍ରହ୍ମଙ୍କର ଅସ୍ତିତ୍ୱ। ଆଦି ଶଙ୍କରଙ୍କ ମତରେ ଶକ୍ତି ବିନା ଶିବ ଶବତୁଲ୍ୟ। ଶକ୍ତିଯୁକ୍ତ ହେଲେ ଶିବ କଲ୍ୟାଣକାରକ ହୁଅନ୍ତି।

ଋଗ୍‌ବେଦ ଦଶମ ମଣ୍ଡଳରେ ଆଦିଶକ୍ତି ଜଗଦମ୍ବାଙ୍କର ବର୍ଣ୍ଣନା ଅଛି। ଉପନିଷଦରେ ସେ ସଂସାରର ସୃଷ୍ଟିକର୍ତ୍ତା, ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ବାୟୁ, କିନ୍ନର, ଗନ୍ଧର୍ବ, ଅପ୍‌ସରା ଆଦିଙ୍କର ଜନ୍ମଦାତା, ସମସ୍ତ ପ୍ରକାର ଶକ୍ତିର ଆଧାର। ଅଣ୍ଡଜ, ସ୍ୱେଦଜ, ଜରାୟୁଜ ଓ ଉଦ୍ଭିଜ୍ଜମାନଙ୍କର ସେ ସୃଷ୍ଟିକର୍ତ୍ତା, ପାଳନକର୍ତ୍ତା ଓ ରକ୍ଷାକର୍ତ୍ତା। ଦେବୀ ଭାଗବତ, କାଳିକା, ବ୍ରହ୍ମବୈବର୍ତ୍ତ, ମାର୍କଣ୍ଡେୟ ଆଦି ପୁରାଣରେ ବ୍ୟାସଦେବ ବିଶଦ ଭାବରେ ଶକ୍ତିଙ୍କ ବର୍ଣ୍ଣନା କରିଛନ୍ତି।

ଆଦ୍ୟାଶକ୍ତିଙ୍କର ଅନ୍ୟ ନାମ ପ୍ରକୃତି। ସେ ଐଶ୍ୱର୍ଯ୍ୟ, ଯଶ, ଶ୍ରୀ, ଜ୍ଞାନ ଆଦି ଷଡ଼ ଐଶ୍ୱର୍ଯ୍ୟ (ଭଗ)ର ଅଧିକାରିଣୀ ହେତୁ ଭଗବତୀ ନାମରେ ପୂଜିତା। ସମସ୍ତ ଜୀବଙ୍କୁ ମା' ରୂପରେ ପାଳନ କରନ୍ତି ବୋଲି ସେ ଜଗଦମ୍ବା ବା ଜଗତର ମାତା।

ଆଦି ଶଙ୍କର, ବାଦରାୟଣ, ରାମାନୁଜ, ବଲ୍ଲଭାଚାର୍ଯ୍ୟ, ମାଧବାଚାର୍ଯ୍ୟ ଆଦି ମନୀଷୀମାନେ ସ୍ଥିର କରିଥିବା ବ୍ରହ୍ମଙ୍କର ସ୍ୱରୂପ ତଥା ଲକ୍ଷଣ ଆଦ୍ୟାଶକ୍ତିଙ୍କଠାରେ ବିଦ୍ୟମାନ ଥିବାରୁ ସେ ବିଶ୍ୱମାତା, ବିଶ୍ୱବନ୍ଦ୍ୟା ଓ ବ୍ରହ୍ମସ୍ୱରୂପିଣୀ। ମା ଭଗବତୀ ବିଶ୍ୱର ସମସ୍ତ ପ୍ରକାର ବିଦ୍ୟାର ଅଧିକାରୀ ହେତୁ ତାଙ୍କୁ ମହାବିଦ୍ୟା କୁହାଯାଏ।

ସେହି ଆଦ୍ୟାଶକ୍ତି ମା ଭଗବତୀ ପ୍ରସନ୍ନ ହେଲେ ମେଧାଋଷି, ରାଜା ସୁରଥ ଓ ସମାଧି ବୈଶ୍ୟ ପରି ଭକ୍ତମାନଙ୍କର ମନସ୍କାମନା ପୂରଣ ପାଇଁ ବର ଦିଅନ୍ତି। ଆଦ୍ୟାଶକ୍ତିଙ୍କର ଦୁଇଟି ରୂପ ଅଛି। ବ୍ରହ୍ମ ସ୍ୱରୂପିଣୀ ପରାଶକ୍ତି ଓ ଜଗତ୍ ସ୍ୱରୂପିଣୀ ଅପରା ଶକ୍ତି। ପରାଶକ୍ତି ଭକ୍ତମାନଙ୍କ ସହ ତାଦାତ୍ମ୍ୟ ସୃଷ୍ଟି କରି ମୁକ୍ତି ଓ ତତ୍ତ୍ୱଜ୍ଞାନ ଦେଇଥାନ୍ତି। ଅପରା ଶକ୍ତି ଜନ୍ମଚକ୍ର ମଧ୍ୟରେ ସଂସାରର ମାୟା-ମୋହ-ବନ୍ଧନ ଭିତରେ ସୁଖର ସ୍ୱପ୍ନ ଦେଖାଇଥାନ୍ତି। ଅବିଦ୍ୟା ଓ ଅପରାଶକ୍ତି ପ୍ରରୋଚିତ ଜୀବ କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ, ପରିଗ୍ରହ ଓ ବୃଥା ଅହଂକାର ସୃଷ୍ଟି କରୁଥିବା ମାୟା ମରୀଚିକା ପଛରେ ଧାବମାନ ହୋଇ ଶାଶ୍ୱତ ସୁଖ-ଶାନ୍ତିଠାରୁ ଦୂରେଇଯାଇ ବାରମ୍ବାର ଜନ୍ମ ନେଇ କଷ୍ଟ ପାଇଥାଏ। ଯେତେବେଳେ ବିଶ୍ୱରେ କାମରୂପୀ ରକ୍ତବୀର୍ଯ୍ୟ, କ୍ରୋଧରୂପୀ ମହିଷାସୁର, ଲୋଭରୂପୀ ଚଣ୍ଡ, ମୋହରୂପୀ ମୁଣ୍ଡ, ମଦରୂପୀ ଧୂମ୍ରଲୋଚନ, ମାତ୍ସର୍ଯ୍ୟରୂପୀ ମଧୁକୈଟଭ, ପରିଗ୍ରହରୂପୀ ଦୁର୍ଯ୍ୟୋଧନ ଏବଂ ଅହଂକାରରୂପୀ ରାବଣମାନଙ୍କର ଉତ୍ପାତ ଓ ଅତ୍ୟାଚାର ଅସହ୍ୟ ହୁଏ ସେତେବେଳେ ଆଦ୍ୟାଶକ୍ତି ସେମାନଙ୍କୁ ବିନାଶ କରିବା ପାଇଁ ଦଶମହାବିଦ୍ୟା ରୂପ ନେଇ ଅବତାରୀ ହୋଇଥାନ୍ତି।

# ଶ୍ରୀକ୍ଷେତ୍ରରେ ତାନ୍ତ୍ରିକ ପରଂପରା ଓ ଗୋଷାଣୀ ପର୍ବ

ଯୋଗାଚାର୍ଯ୍ୟ ଡ. ରମାକାନ୍ତ କର



ଶ୍ରୀକ୍ଷେତ୍ର ଏକ ତନ୍ତ୍ରପୀଠ ଭାବରେ ପରିଚିତ। ଏହି କ୍ଷେତ୍ରରେ ତାନ୍ତ୍ରିକ ପରମ୍ପରା ପ୍ରଚଳନର ବହୁ ଦୃଷ୍ଟାନ୍ତ ବିଭିନ୍ନ ଶାସ୍ତ୍ରରେ ପରିଦୃଷ୍ଟ ହୁଏ। ତନ୍ତ୍ରଶାସ୍ତ୍ରରେ ଚତୁଃଷଷ୍ଠୀ ଯୋଗିନୀ, ଦଶମହାବିଦ୍ୟା, ପୁରୁଷ-ପ୍ରକୃତି ଉପାସନା, ଭୈରବ-ଭୈରବୀ ତତ୍ତ୍ୱାଦିର ବର୍ଣ୍ଣନା ରହିଛି। ଏହି ଯୋଗିନୀର ଅନ୍ୟନାମ ହେଲା ଗୋଷାଣୀ। ଏହି ଗୋଷାଣୀମାନଙ୍କ ମୃଣ୍ମୟୀ ମୂର୍ତ୍ତି ଆଶ୍ୱିନ ଶୁକ୍ଳ ୭ମୀ, ୮ମୀ ଓ ୯ମୀ ତିନିଦିନ ଷୋଡଶ ଉପଚାରରେ ପୂଜିତ ହୋଇଥାନ୍ତି। ଆଉ କେହି କେହି କୃଷ୍ଣପକ୍ଷ ଅଷ୍ଟମୀଠାରୁ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ ୧୬ ଦିନ ଧରି ପୂଜା କରନ୍ତି।

ଏହି ଯୋଗିନୀମାନେ ବିଭିନ୍ନ ରୂପରେ ବିଭିନ୍ନ ନାମରେ ପୂଜିତ ହୋଇ ଏକାଦଶୀ ଦିନ ବିସର୍ଜିତ ହୁଅନ୍ତି। ଶ୍ରୀକ୍ଷେତ୍ରରେ ଏହି ପୂଜା ମଧ୍ୟ ପାରମ୍ପରିକ ରୀତିରେ ପ୍ରଚଳିତ ହୋଇଆସୁଛି। ପୁରୀରେ ଶ୍ରୀଜଗନ୍ନାଥ ମନ୍ଦିରର ସେବକମାନଙ୍କ ପରିବାରର କୁମାରୀମାନେ ଯୋଗିନୀ ବେଶ ସାଜି ନାନା ଅଳଙ୍କାରରେ ଭୂଷିତ ହୋଇ ନାରୀ ଶକ୍ତିର ବିକାଶ ନିମିତ୍ତ ବାସୁଆ ବା ବୃଷଭ ଉପାସନା କରନ୍ତି। ଏହି ପୂଜାକୁ ବଳିପୂଜା କୁହାଯାଏ ଓ ସେହି କୁମାରୀମାନଙ୍କୁ ନେତପିଲା କୁହନ୍ତି। ଯେଉଁମାନେ ବଳିପୂଜା କରନ୍ତି ସମସ୍ତେ ନେତପିଲା ସାଜନ୍ତି ନାହିଁ। କେବଳ ଯାଚ୍‌ଞା କରିଥିବା କୁମାରୀମାନେ 'ନେତପିଲା' ବେଶ ହୁଅନ୍ତି। ସମସ୍ତ କୁମାରୀ ସମବେତ ହୋଇ ମିଳିତ କଣ୍ଠରେ ବଳିପୂଜା ଗୀତ ଗାନ କରନ୍ତି- 'ବଳିରେ ବଳି ନକର କଳି କାଲି ଆଣିଦେବି ସରୁଚକୁଳି' ଇତ୍ୟାଦି। ଏହି ଗୀତକୁ ବୋଲି ଓଳି ତଳକୁ ଓ ଚାଳ ଉପରକୁ ଫୁଲ ଫୋପାଡ଼ିଥାନ୍ତି।

**ଯୋଗିନୀମାନେ ବିଭିନ୍ନ ରୂପରେ ବିଭିନ୍ନ ନାମରେ ପୂଜିତ ହୋଇ ଏକାଦଶୀ ଦିନ ବିସର୍ଜିତ ହୁଅନ୍ତି। ଶ୍ରୀକ୍ଷେତ୍ରରେ ଏହି ପୂଜା ପାରମ୍ପରିକ ରୀତିରେ ପ୍ରଚଳିତ ହୋଇଆସୁଛି।**

ଏହା ବ୍ୟତୀତ ପ୍ରତ୍ୟେକ ସାହି ଓ ଗଳିକନ୍ଦିରେ ଠାକୁରାଣୀମାନଙ୍କର ମୃଣ୍ମୟୀ ମୂର୍ତ୍ତିମାନ, ନାଗା, ହାଡ଼ିଆବଣିଆ ଭୂତ, ବୁଢ଼ାବୁଢ଼ୀ, ମହାଦେବ-ପାର୍ବତୀ ଇତ୍ୟାଦି ମୃଣ୍ମୟୀ ମୂର୍ତ୍ତି ପୂଜିତ ହୁଅନ୍ତି। ଗୃହେ ଗୃହେ ଦୁର୍ଗାପୂଜା ମହାସମାରୋହରେ ପାଳିତ ହୁଏ। ଘଣ୍ଟ ଘଣ୍ଟା, ବାଦ୍ୟ, ଶଙ୍ଖ, ହୁଳହୁଳିରେ ଚତୁର୍ଦ୍ଦିଗ ମୁଖରିତ ହୋଇଉଠେ। ପ୍ରତ୍ୟେକ ମୃଣ୍ମୟୀ ମୂର୍ତ୍ତି ଜରିଜମ୍ବୁରା, ମେଢାଦିରେ ସୁସଜ୍ଜିତ ହୋଇଥାନ୍ତି ଏବଂ ତାଙ୍କ ସମ୍ମୁଖରେ ଭକ୍ତିଭଜନ, ଓଡ଼ିଶୀ ସଙ୍ଗୀତର ଚର୍ଚ୍ଚା ସଙ୍ଗୀତ ବିଶାରଦମାନଙ୍କ ଦ୍ୱାରା କରାଯାଇଥାଏ। ଏହିପରି ସପ୍ତମୀଠାରୁ ଦଶହରା ପର୍ଯ୍ୟନ୍ତ କଟିଯାଏ। ତା' ପରଦିନ ଆସେ ଏକାଦଶୀ । ଏହି ଦିନ ଗୋଷାଣୀ ଯାତ୍ରାର ବୈଶିଷ୍ଟ୍ୟ ପରିଲକ୍ଷିତ ହୁଏ।

ଗୋଷାଣୀ ଯାତ୍ରା ଦିନ ସିଂହଦ୍ୱାର ନିକଟରେ ପ୍ରତ୍ୟେକ ଠାକୁରାଣୀଙ୍କ ପାଇଁ ଖଣ୍ଡିଏ ଖଣ୍ଡିଏ ଜାଗା ନିଆଯାଇଥାଏ। ଏହି ସ୍ଥାନରେ ପ୍ରାୟ ଦିନ ୪ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସମସ୍ତ ସାହି ଓ ଗଳିକନ୍ଦିରୁ ମୃଣ୍ମୟୀ ମୂର୍ତ୍ତିମାନ ଗୋଟି ଗୋଟି ହୋଇ ଆସି ସ୍ୱସ୍ୱ ଆସ୍ଥାନ ଉପରେ ଅବସ୍ଥାନ କରନ୍ତି। ପ୍ରାୟ ୧୦ଟା ସୁଦ୍ଧା ସମସ୍ତ ମୂର୍ତ୍ତି ସିଂହଦ୍ୱାର ସାମନାରେ ଧାଡ଼ି ଧାଡ଼ି ହୋଇ ବସି ସାରିଥାନ୍ତି। ଗୋଷାଣୀମାନଙ୍କ ବ୍ୟତୀତ ପ୍ରାୟ ୩ଟି ବଡ଼ନାଗା ଓ ୨ଟି ରାବଣ, ୧ଟି ବୁଢ଼ାବୁଢ଼ୀ ଆସି ସେଠାରେ ପହଞ୍ଚନ୍ତି। ବଡ଼ନାଗା ମଧ୍ୟରୁ ଗୋଟିଏ ବାଲିସାହିର, ଦ୍ୱିତୀୟଟି ହରଚଣ୍ଡୀ ସାହିର ଓ ତୃତୀୟଟି ଦୋଳମଣ୍ଡପ ସାହିର। ଏହି ନାଗାମାନଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଏ। ଠାକୁରାଣୀ ମୂର୍ତ୍ତି ଓ ସାଜସଜ୍ଜା ଉପରେ ମଧ୍ୟ ସ୍ୱତନ୍ତ୍ର ପୁରସ୍କାର ଦିଆଯାଏ। ମାର୍କଣ୍ଡେଶ୍ୱର ସାହିର ସମ୍ପାତି ମଧ୍ୟ ସ୍ୱତନ୍ତ୍ର ସ୍ଥାନ ଅଧିକାର କରେ। ସମୁଦାୟ ୩୦୦/୪୦୦ ମୃଣ୍ମୟୀ ମୂର୍ତ୍ତି ଏକତ୍ର ଆସି ଜମା ହୁଅନ୍ତି। ପଞ୍ଚକୋଶୀ ତଥା ବହୁ ଦୂରରୁ ଦର୍ଶକମାନେ ଆସି ସେ ସ୍ଥାନକୁ କୋଳାହଳରେ ମୁଖରିତ କରନ୍ତି।

## ବାଡ଼ିଯାତ୍ରା ପାଇଁ ଗହଳ ଚହଳ ପୁରପଲ୍ଲୀ

# ଦିନବେଳା ହେଲା ମାହେଶ୍ୱରୀଙ୍କ ସ୍ନାନ ଶୋଭାଯାତ୍ରା



ମେଣ୍ଡାମାଳ ମାହେଶ୍ୱରୀ ପୀଠରୁ ଦେବୀଙ୍କ ପ୍ରତୀକକୁ ସ୍ନାନ ପାଇଁ ଶୋଭାଯାତ୍ରାରେ ମହାନଦୀକୁ ନିଆଯାଉଛି।

ବୀରମହାରାଜପୁର, ୧୬।୧୦(ଡି.ଏନ.ଏ.)

ପୀଠ ଦେବୀମାନଙ୍କର ମହାଷ୍ଟମୀ ପୂଜା ହେତୁ ମଙ୍ଗଳବାର ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ମା' ମାହେଶ୍ୱରୀଙ୍କର ବାଡିଯାତ୍ରା ଅନୁଷ୍ଠିତ ହୋଇଛି। ଫି ବର୍ଷ ସନ୍ଧ୍ୟାବେଳେ ଏହି ଉତ୍ସବ ପାଳିତ ହେଉଥିବା ବେଳେ ବିଳମ୍ବିତ ରାତି ଭାଇ ଜିଉଁତିଆଁ ଓଷା ପାଳନର ପରମ୍ପରା ରହି ଆସିଛି। ତେବେ ରାତି ପାହିଲେ ବୁଧବାର ସଂକ୍ରାନ୍ତି ତିଥି ପଡୁଥିବାରୁ ମାହେଶ୍ୱରୀଙ୍କ ମନ୍ଦିର ପରିଚାଳନା କମିଟିଗୁଡିକ ପକ୍ଷରୁ ସକାଳେ ଦେବୀଙ୍କ ନୀତିକ୍ରାନ୍ତି ସାରିବାକୁ ସ୍ଥିର ହୋଇଥିଲା। ଏହି ପରିପ୍ରେକ୍ଷୀରେ ବୀରମହାରାଜପୁର ଉପଖଣ୍ଡରେ ଥିବା ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଗ୍ରାମସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମାହେଶ୍ୱରୀଙ୍କ ପୀଠରେ ଶାରଦୀୟ ମହାଷ୍ଟମୀ ପୂଜା ଆୟୋଜିତ ହୋଇଛି। ମଙ୍ଗଳବାର ମଧ୍ୟାହ୍ନ ସୁଦ୍ଧା ବୀରମହାରାଜପୁର ବସ୍ତି ମଧ୍ୟଦେଇ ମେଣ୍ଡାମାଳ, ଉଫୁଲା ଓ ହିଲୁଙ୍ଗ ପୀଠର ମହେଶ୍ୱରୀଙ୍କ ସ୍ନାନ ଶୋଭାଯାତ୍ରା ମହାନଦୀ ଅଭିମୁଖେ ଅତିକ୍ରମ କରିଥିଲା। ସେହିଭଳି ଅନ୍ୟାନ୍ୟ ସ୍ଥାନ ମାନଙ୍କରେ ମଧ୍ୟ ଦିନବେଳା ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ଏଥିଯୋଗୁଁ ଢ଼ୋଲ, ନିଶାନ, ମହୁରୀ, ତାସା ଓ ଝାଞ୍ଜ ଆଦି ପଞ୍ଚବାଦ୍ୟରେ ରାସ୍ତାଘାଟ ପ୍ରକମ୍ପିତ ହେଉଥିବା ବେଳେ ବାଡି ଖେଳ ଯୋଗୁଁ ଗାଁ ଦାଣ୍ଡ ଉଛୁଳି ପଡୁଛି। ଏ ସବୁ ଭିତରେ ପ୍ରାଚୀନ ପୀଠ କାନପୁରଠାରେ ମହାଷ୍ଟମୀ ପରିବର୍ତ୍ତେ କୁମାର ପୂର୍ଣ୍ଣିମାରେ ମାହେଶ୍ୱରୀଙ୍କ ସ୍ନାନ ଯାତ୍ରା ହେବାର ପରମ୍ପରା ରହିଛି।

# ପୋଲିସ ଚଢ଼ାଉ: ମଦ ସହ ୪ ଗିରଫ

ବରପାଲି,୧୬।୧୦(ଡି.ଏନ୍.ଏ.)

ବରପାଲି ଅଞ୍ଚଳରେ ମଦକାରବାର ବୃଦ୍ଧି ପାଉଥିବା ଅଭିଯୋଗ ହୋଇଥିଲା। ଏନେଇ ବରପାଲି ପୋଲିସ ସ୍ଥାନୀୟ ବୁଢ଼ାରଜା ମନ୍ଦିର ନିକଟରେ ଚଢ଼ାଉ କରି ସେଠାରୁ ବ୍ୟାପକ ପରିମାଣରେ ମଦ ଜବତ କରିବା ସହ ୪ଜଣଙ୍କୁ ଗିରଫ କରିଥିଲା। ସେମାନେ ହେଲେ ବରପାଲିର ସୁରୁ ସୁନା, ତେଜଙ୍ଗର ନିମାଇଁ ନାଏକ, କୁସନପୁରୀର ବୈଷ୍ଣବ ବେହେରା ଏବଂ ଘନଶ୍ୟାମ ବେହେରା। ଏନେଇ ପୋଲିସ ପୃଥକ ମାମଲା(ନଂ.୨୪୫/୧୮, ୨୪୬/୧୮, ୨୪୯/୧୮) ରୁଜୁ କରି ଗିରଫ ୩ଜଣଙ୍କୁ କୋର୍ଟ ଚାଲାଣ କରିଛି। ଥାନା ଅଧିକାରୀ ସୁବ୍ରତ ବେହେରାଙ୍କ ନିର୍ଦ୍ଦେଶରେ ଏହି ଚଢ଼ାଉ ହୋଇଥିଲା ।


ଧରିତ୍ରୀ DHARITRI **CAREER APPOINTMENT**
every Wednesday & Saturday

ଭୁବନେଶ୍ୱରରେ ଗ୍ରୀଲ୍ ଦୋକାନରେ କାମ କରିବା ପାଇଁ ଗ୍ରୀଲ୍ ମିସ୍ତ୍ରି, ୱେଲ୍‌ଡର ଏବଂ ହେଲ୍‌ପର ଆବଶ୍ୟକ, ରହିବା ସୁବିଧା ଅଛି। ଆକର୍ଷଣୀୟ ବେତନ। ଶୀଘ୍ର ଯୋଗାଯୋଗ–
9861123082, 9178852435

**WANTED**
2 Room Service Boys for Guest House and 1 Maid for House. Labella Guest House, Bhubaneswar.
9437016540

ISW TECH SOLUTIONS PVT LTD REQUIRED
40 candidates for its Domestic (Regional language preferred)/ International BPO sector for Bhubaneswar location, free fooding & good incentives.
**Walk in 20th & 21st Oct. 10 A.M. to 4 P.M.**
at: 71/C, Jayadurga Nagar, Bomikhal, BBSR-6 (Near Lenskart Showroom)
Mob: 9692645566

**ଏଚ୍‌ଡିପି ପାଇଁ ଆବଶ୍ୟକ**
ଗ୍ରାମୀଣ ବ୍ଲକ୍ ସୁପରଭାଇଜର ଜିଲ୍ଲା ସ୍ତରରେ ଆବେଦନ ଆମନ୍ତ୍ରିତ, 325 ମହିଳା 220 ପୁରୁଷ, ଯୋଗ୍ୟତା ଦ୍ୱାଦଶ ଉତ୍ତୀର୍ଣ୍ଣ, ବେତନ - 29700/- ଫଣ୍ଡ + ବୋନସ। ନିଜର ଆଧାରକାର୍ଡ ଓ ଦ୍ୱାଦଶ ମାର୍କଶିଟ୍, ବାୟୋଡାଟା ପଠାନ୍ତୁ।
WhatsApp No-09598301277

ନିଶୁଳ୍କ ଭର୍ତ୍ତି OASIS ରେ ପୁଅ/ ଝିଅର ଆବଶ୍ୟକତା
**BRANCH MANAGER -30 NOS,**
**ASSISTANCE MANAGER - 20 NOS**
**OFFICE EXECUTIVE - 15 NOS**
Qualification - 10th to Graduation Free ନିଯୁକ୍ତି Permanent Job . (Age 18-28) ଟ୍ରେନିଂ + ରହିବା (Free) ଆୟ - 6500-8500 ଟ୍ରେନିଂ ପରେ 25000/- ରୁ 45000/-
**OASIS MANAGEMENT**
Plot no : 551, Samantarapur Chhak, Behind Reliance Fresh, Bhubaneswar
Ph : 9114237051, 9078415615

**ଫ୍ରଣ୍ଟଲାଇନ ସେଲସ ଅଫିସର ଓ କଲେକ୍ସନ ଅଫିସର ଆବଶ୍ୟକ**
ଏଲ&ଟି ଫାଇନାନ୍‌ସିଆଲ ସର୍ଭିସେସ, ଏଲ&ଟି ଗ୍ରୁପର ଏକ ଅଂଶ, ଓଡ଼ିଶାରେ ଏହାର ଅଣୁ ଋଣ ବ୍ୟବସାୟ ପାଇଁ ଅଭିଜ୍ଞ/ନବୀନ ଫ୍ରଣ୍ଟଲାଇନ ସେଲସ ଅଫିସର ଏବଂ କଲେକ୍ସନ ଅଫିସର ପଦ ପାଇଁ ୱାକ ଇନ ଇଣ୍ଟରଭ୍ୟୁ ଆୟୋଜନ କରୁଛନ୍ତି।

| | |
|---|---|
| **ଯୋଗ୍ୟତା** | : ସ୍ନାତକ |
| **ବୟସ** | : 20ରୁ 30 ବର୍ଷ |
| **କାର୍ଯ୍ୟର ପ୍ରକୃତି** | : ଫିଲଡ ୱାର୍କ |
| **ବେତନ** | : ଆକର୍ଷଣୀୟ ବେତନ ସହିତ ଶ୍ରେଷ୍ଠ ପାରିତୋଷିକ ଯୋଜନା |
| **କାର୍ଯ୍ୟର ଅବସ୍ଥାନ** | : ଓଡ଼ିଶା ବ୍ୟାପୀ |

**ସାକ୍ଷାତକାର ଠିକଣା:**
**ବରଗଡ଼:** ଏଲ&ଟି ଫାଇନାନ୍‌ସିଆଲ ସର୍ଭିସେସ ଲିମିଟେଡ, ବରଗଡ ରୋଟାରୀ ପବ୍ଲିକ୍ ସ୍କୁଲ୍ ପଛ, ଭାଟ୍‌ଲି ଚୌକ୍ ନିକଟ, ବରଗଡ -768 028
ଯୋଗାଯୋଗ ପାଇଁ ବ୍ୟକ୍ତି - ଶ୍ରୀଚନ୍ଦନ ମହାରଣା (9937090449)
**ବଲାଙ୍ଗିର:** ଏଲ&ଟି ଫାଇନାନ୍‌ସିଆଲ ସର୍ଭିସେସ ଲିମିଟେଡ, ସା: ଟିକରପଡା, ମସ୍‌ଜିଦ ଛକ, ପୋଷ୍ଟ ବଲାଙ୍ଗିର
ଯୋଗାଯୋଗ ପାଇଁ ବ୍ୟକ୍ତି - ରଘୁନାଥ ସ୍ୱାଇଁ (9658082924)
**ସୋନପୁର:** ଏଲ&ଟି ଫାଇନାନ୍‌ସିଆଲ ସର୍ଭିସେସ ଲିମିଟେଡ, ସୁଦାମ ଜଗଦଳ ବିବେକାନନ୍ଦ ନଗର, ଗ୍ରୀଡକୋ କଲୋନି ନିକଟ, ସୋନପୁର, (ମିନର୍ଭା ଟିଭିଏସ ସୋରୁମ ନିକଟରେ) 767 017
ଯୋଗାଯୋଗ ପାଇଁ ବ୍ୟକ୍ତି - ରିପନ ରଥ (9778049999)
**ଓଡଗାଁ:** ଏଲ&ଟି ଫାଇନାନ୍‌ସିଆଲ ସର୍ଭିସେସ ଲିମିଟେଡ, ପ୍ରଥମ ମହଲା, ରବିନ୍ଦ୍ର ମାର୍କେଟ୍ କମ୍ପ୍ଲେକ୍ସ, ସିନେମା ହଲ୍ ଛକ ନିକଟର ଓଡ଼ଗାଁ, ନୟାଗଡ଼, ଓଡ଼ିଶା 752 081
ଯୋଗାଯୋଗ ପାଇଁ ବ୍ୟକ୍ତି - ଶମ୍ଭୁ ସାହୁ (9386922041)
**ସମ୍ବଲପୁର:** ଏଲ&ଟି ଫାଇନାନ୍‌ସିଆଲ ସର୍ଭିସେସ ଲିମିଟେଡ, ତୃତୀୟ ମହଲା, ବାଲାଜୀ ବିଜନେସ୍ ସେଣ୍ଟର, ବୁଢ଼ାରାଜା, ସମ୍ବଲପୁର 768 004
ଯୋଗାଯୋଗ ପାଇଁ ବ୍ୟକ୍ତି - ସୌଭାଗ୍ୟ ପାଣି (9178740152)
**କୋରାପୁଟ୍:** ଏଲ&ଟି ଫାଇନାନ୍‌ସିଆଲ ସର୍ଭିସେସ ଲିମିଟେଡ, ଫରେଷ୍ଟ ଚେକ୍ ଗେଟ୍ ବାଟମଙ୍ଗଳା ଛକ, ଏମଏମ ରେସିଡେନ୍‌ସି ନିକଟବର୍ତ୍ତୀ, କୋରାପୁଟ ।
ଯୋଗାଯୋଗ ପାଇଁ ବ୍ୟକ୍ତି - ସୂର୍ଯ୍ୟନାରାୟଣ ସାହୁ - (9078708644)
**କଳାହାଣ୍ଡି:** ଏଲ&ଟି ଫାଇନାନ୍‌ସିଆଲ ସର୍ଭିସେସ ଲିମିଟେଡ, ପ୍ଲଟ ନମ୍ବର 109, ପ୍ରଥମ ମହଲା ନାକଟିଗୁଡା ଚୌକ, ପୁରୁଣା ଆୟକର କାର୍ଯ୍ୟାଳୟ ନିକଟ, ଭବାନୀପାଟଣା, ଜିଲ୍ଲା: କଳାହାଣ୍ଡି
ଯୋଗାଯୋଗ ପାଇଁ ବ୍ୟକ୍ତି - ମନୋଜ କୁମାର ବଡତିଆ (9937429185)
**ଢେଙ୍କାନାଳ:** ଏଲ&ଟି ଫାଇନାନ୍‌ସିଆଲ ସର୍ଭିସେସ ଲିମିଟେଡ, ମାର୍ଫତ ବିଷ୍ଣୁ ପ୍ରସାଦ କର, କୁଞ୍ଜକାନ୍ତ, ରେବଣ୍ଡ କୋଚିଂ ଲେନ୍, ଢେଙ୍କାନାଳ, ଓଡ଼ିଶା 759 001
ଯୋଗାଯୋଗ ପାଇଁ ବ୍ୟକ୍ତି - ସତ୍ୟବ୍ରତ ବିଶ୍ୱାଳ (9777457631)

ଆଗ୍ରହୀ ପ୍ରାର୍ଥୀମାନଙ୍କୁ **13, 14 ଏବଂ 15, 16, 17, 18 ଅକ୍ଟୋବର, 2018** ରେ ସେମାନଙ୍କର ରିଜ୍ୟୁମ, ଦୁଇଟି ପାସପୋର୍ଟ ସାଇଜ ଫଟୋଗ୍ରାଫ, ପ୍ୟାନ କାର୍ଡ, ଠିକଣା ପ୍ରମାଣ ଏବଂ ଦଶମ, ଦ୍ୱାଦଶ ଓ ସ୍ନାତକ ମାର୍କସିଟ ସାଙ୍ଗରେ ନେଇ ଦିନ 10ଟାରୁ ଅପରାହ୍ନ 4ଟା ମଧ୍ୟରେ ଉପରୋକ୍ତ ସ୍ଥାନକୁ ଆସିବା ପାଇଁ ଅନୁରୋଧ କରାଯାଉଛି। **ଦୁଇ ଚକିଆ ଯାନ, ଡ୍ରାଇଭିଂ ଲାଇସେନସ ଏବଂ ସ୍ମାର୍ଟ ଫୋନ ଥିବା ପୁରୁଷ ପ୍ରାର୍ଥୀମାନଙ୍କୁ ଅଗ୍ରାଧିକାର ଦିଆଯିବ।**

www.ltfs.com
CIN: U65910WB1993FLC060810
L&T Financial Services

See **CAREER APPOINTMENT**
on every **Wednesday** & **Saturday**

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା।
CONSULTANT
09319634873

**ଆବଶ୍ୟକ**
Bhubaneswar, Cuttack, Berhampur, Rourkela ଏବଂ Balasore ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.25000/-.
Contact: 9938676412

ସୁବର୍ଣ୍ଣ ଅବସର "ଭୁବନେଶ୍ୱର"
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
**Rs. 18000/-** ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. Monthly Salary upto Rs.25000/-.
Contact Immediately:
Mob: 8763257042

- **Operation Exe. (M) : 2 Nos**
  Qua.: Matric / Under Matric
- **Relationship Mgr. (F): 5 Nos**
  Qua.: Graduate and above
- **Front Office Exe. (F) : 1 No**
  Qua.: Graduate with Computer Knowledge

**Salary Negotiable.** BBSR based candidates will be given preference
For 1st & 2nd Post 2 Wheeler is a must
Walk-in with CV to :
**Jeevan Pradeep**
71, Bapuji Nagar, Bhubaneswar
Contact : 0674 - 2598909

ଧରିତ୍ରୀ DHARITRI
**ଆବଶ୍ୟକ କରୁଛି**
ଖବରଦାତା (ବିଜ୍‌ନେସ୍ ଡେସ୍କ)
- ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ।
- ପ୍ରାର୍ଥୀ ରାଜ୍ୟର ଯେକୌଣସି ଜିଲାରେ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ଥିବେ।

ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ।
Apply immediately to
Email: recruitment@dharitri.com

MCL
**Mahanadi Coalfields Limited**
(A Subsidiary of Coal India Limited)
Jagruti Vihar, Burla-768020, Dist-Sambalpur, Odisha
Ph.(EPABX):0663-2542461 to 469, Website: www.mahanadicoal.in

**REQUIRES SECRETARY-CUM-ADMN. NODAL OFFICER FOR CLAIMS COMMISSION, BHUBANESWAR**
Applications with complete bio-data are invited from **intending retired IAS Officers** in the rank of Selection Grade / Super Time Scale having field experience as Collector, ADM in the district conversant with land acquisition, consolidation, tenancy and other related revenue laws for their selection to be engaged as Secretary-cum-Admn. Nodal Officer in the Claims Commission set up by the Hon'ble Supreme Court of India vide order dated 19.07.2010 passed in SLP(C) No. 6933 of 2007 for supervision of matters relating to disbursement of compensation to the land losers and other affected persons of Basundhara Area, Sundargarh and to look after the administrative matter of the Office of the Claims Commission at a **monthly consolidated remuneration of Rs.60,000/- besides conveyance allowance of Rs.12,000/-** within 15 days from the date of advertisement. The engagement will co-terminate with the Commission. Further, the engagement is purely temporary and terminable at any time giving one month prior notice. Interested persons may send their applications to the General Manager (P-Coordination) in the following address within 15 days of publication of this advertisement.

**Address**
General Manager (P-Coordination)
Mahanadi Coalfields Ltd.
P.O : Jagriti Vihar, Burla
Dist : Sambalpur, Odisha-768 020

R-4852

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

> ମୁଁ ଏପର୍ଯ୍ୟନ୍ତ ମୋ ପ୍ରଦର୍ଶନରେ ସନ୍ତୁଷ୍ଟ ନୁହେଁ। ବିଶ୍ୱର ଜଣେ ଶ୍ରେଷ୍ଠ ଖେଳାଳି ହେବାକୁ ଲକ୍ଷ୍ୟ ରଖିଛି ।
> –ପୃଥ୍ୱୀ ଶ', ଭାରତୀୟ ଯୁବ ବ୍ୟାଟ୍ସମ୍ୟାନ



> ମୁଁ ସବୁବେଳେ ସଚ୍ଚୋଟପଣିଆ ଓ ସ୍ୱଚ୍ଛତା ବଜାୟ ରଖିଆସିଛି। ମୋ ବିରୋଧରେ ଦୁର୍ନୀତି ଅଭିଯୋଗ ଭିତ୍ତିହୀନ ।
> –ସନତ୍ ଜୟସୁରିୟା, ଶ୍ରୀଲଙ୍କା କ୍ରିକେଟ କିମ୍ବଦନ୍ତୀ



## ସଂକ୍ଷେପରେ

### ୮ ଫୁଟର ହକି ବିଶ୍ୱକପ୍ ଟ୍ରଫି ପ୍ରତିକୃତି ଉନ୍ମୋଚିତ

ହକି ବିଶ୍ୱକପ୍



ଆଉ ୪୦ ଦିନ

ହକି ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ ମାତ୍ର କେତେ ସପ୍ତାହ ବାକିଥିବା ବେଳେ ରାଜଧାନୀ ଭୁବନେଶ୍ୱରରେ ହକିକୁ ନେଇ କ୍ରେଜ୍ ବଢ଼ିବାରେ ଲାଗିଛି। ମଙ୍ଗଳବାର ସ୍ଥାନୀୟ ୟୁନିଟ-୨ ମାର୍କେଟ ବିଲ୍ଡିଂରେ ୮ ଫୁଟ ଉଚ୍ଚତା ବିଶିଷ୍ଟ ଏକ ବିଶ୍ୱକପ୍ ଟ୍ରଫି ଉନ୍ମୋଚିତ ହୋଇଛି। ଭୁବନେଶ୍ୱର ମେୟର ଅନନ୍ତ ନାରାୟଣ ଜେନା ଏହି ବିଶାଳକାୟ ଟ୍ରଫିକୁ ଉନ୍ମୋଚିତ କରିଥିଲେ। ବିଶ୍ୱକପ୍ ଆରମ୍ଭ ହେବା ପର୍ଯ୍ୟନ୍ତ ଅର୍ଥାତ୍ ନଭେମ୍ବର ୨୮ ତାରିଖ ପର୍ଯ୍ୟନ୍ତ ପ୍ରଶଂସକମାନେ ଏହି ଟ୍ରଫିକୁ ପାଖରୁ ଦେଖିବାର ସୁଯୋଗ ହାସଲ କରିବେ। ଏହାକୁ ବାଦ୍ ଦେଲେ ବିଶ୍ୱକପ୍‌ର ଆହୁରି ୬ଟି ଛୋଟ ପ୍ରତିକୃତି ସହରର ବିଭିନ୍ନ ଭାଗରେ ରଖାଯାଇଛି। ବିଶ୍ୱକପ୍ ନଭେମ୍ବର ୨୮ରୁ ଆରମ୍ଭ ହୋଇ ଡିସେମ୍ବର ୧୬ ତାରିଖରେ ଶେଷ ହେବ। କଳିଙ୍ଗ ଷ୍ଟାଡିୟମ ଭିତରେ ନିର୍ମାଣ କରାଯାଇଥିବା ଫ୍ୟାନ ଭିଲେଜରେ ଏହି ବିଶାଳକାୟ ଟ୍ରଫିକୁ ରଖାଯିବ। ତେବେ ସେ ପର୍ଯ୍ୟନ୍ତ ପ୍ରଶଂସକମାନେ ମାର୍କେଟ ବିଲ୍ଡିଂରେ ଏହାକୁ ପାଖରୁ ଦେଖିବା ସହ ଫଟୋ ଉଠାଇ ସେଲ୍‌ଫି ନେଇପାରିବେ। ପ୍ରଶଂସକ ତଥା ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ଏହି ଟ୍ରଫି ଉନ୍ମୋଚନ କରି ମୁଁ ବେଶ୍ ଖୁସି ବୋଲି ଅନନ୍ତ କହିଛନ୍ତି। ଏଥିପାଇଁ ସେ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନ (ବିଏମ୍‌ସି), ମାର୍କେଟ ବିଲ୍ଡିଂ ଆସୋସିଏଶନ ଓ ରାଜ୍ୟ କ୍ରୀଡ଼ା ବିଭାଗକୁ କୁ ଧନ୍ୟବାଦ ଜଣାଇଛନ୍ତି। ଭାରତ ପ୍ରକୃତ ଟ୍ରଫି ଜିତିବ ବୋଲି ଓ ଏହାକୁ ଆମେ ଦେଶର ରଖିବୁ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ହକି ବିଶ୍ୱକପ୍‌ର ସଫଳ ଆୟୋଜନ ପାଇଁ ଓଡ଼ିଶା ସରକାର ସବୁମତେ ଚେଷ୍ଟିତ ରହିଛନ୍ତି। ଏଥିପାଇଁ ବିଶ୍ୱସ୍ତରୀୟ ଆନୁଷଙ୍ଗିକ ସୁବିଧାସୁଯୋଗ ଯୋଗାଇଦେବାକୁ ସରକାର ପ୍ରତିଶ୍ରୁତି ବଦ୍ଧ ରହିଛନ୍ତି।

### ଭିନୁ ମଙ୍କଡ ଟ୍ରଫି: ବିହାର, ଉତ୍ତରାଖଣ୍ଡ, ନାଗାଲାଣ୍ଡ ବିଜୟୀ

**ଭୁବନେଶ୍ୱର, ୧୬।୧୦ (ସ୍ପୋର୍ଟ୍ସ ବ୍ୟୁରୋ):** ୧୯ ବର୍ଷରୁ କମ୍ ଭିନୁ ମଙ୍କଡ ଟ୍ରଫିରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ଗୁଡ଼ିକରେ ବିହାର, ଉତ୍ତରାଖଣ୍ଡ ଓ ନାଗାଲାଣ୍ଡ ବିଜୟ ହାସଲ କରିଛନ୍ତି। କିଟ୍ କ୍ରିକେଟ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ବିହାର ୨୭୭ ରନରେ ସିକ୍କିମ୍‌କୁ ହରାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂକରି ବିହାର ପୀୟୁଷ କୁମାରଙ୍କ ୧୪୫ ରନର ଶତକୀୟ ପାଳି ବଳରେ ୫୦ ଓଭରରେ ୨ ଉଇକେଟ ହରାଇ ୩୫୪ ରନ ସଂଗ୍ରହ କରିଥିଲା। ଜବାବରେ ସିକ୍କିମ ୮ ଉଇକେଟ ହରାଇ ୭୭ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ସେହିପରି ରେଲୱେ ଷ୍ଟାଡିୟମରେ ଉତ୍ତରାଖଣ୍ଡ ୧୧୬ ରନରେ ମେଘାଳୟକୁ ହରାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଉତ୍ତରାଖଣ୍ଡ ୫୦ ଓଭରରେ ୭ ଉଇକେଟ ହରାଇ ୨୫୫ ରନ ସଂଗ୍ରହ କରିଥିଲା। ଜବାବରେ ମେଘାଳୟ ୪୪.୫ ଓଭରରେ ୧୩୯ ରନ କରି ଅଲଆଉଟ ହୋଇ ପରାସ୍ତ ହୋଇଛି। ଅପରପକ୍ଷେ ବିକାଶ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ନାଗାଲାଣ୍ଡ ୫ ଉଇକେଟରେ ମଣିପୁରକୁ ହରାଇଛି। ଟସ୍ ଜିତି ମଣିପୁର ପ୍ରଥମେ ବ୍ୟାଟିଂକରି ୪୫.୩ ଓଭରରେ ୧୪୯ ରନ କରି ଅଲଆଉଟ ହୋଇଥିଲା। ଜବାବରେ ନାଗାଲାଣ୍ଡ ୩୭.୫ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା।

## ଗୁରୁକୁଳ ଜୁନିୟର ଟେନିସ ଉଦ୍‌ଯାପିତ

# ରାହୁଲ ବେହେରାଙ୍କୁ ଦ୍ୱିମୁକୁଟ

**ଭୁବନେଶ୍ୱର, ୧୬।୧୦(କ୍ରୀଡ଼ା ପ୍ରତିନିଧି)**

ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସର୍ଟରେ ମଙ୍ଗଳବାର ଜୁନିୟର ଟେନିସ ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଛି। ୧୬ ବର୍ଷରୁ କମ୍ ବାଳକ ବର୍ଗରେ ରାହୁଲ ବେହେରା ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ଟାଇଟଲ ଜିତି ଦ୍ୱିମୁକୁଟ ହାସଲ କରିଛନ୍ତି। ୧୬ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ଫାଇନାଲରେ ରିୟା ମର୍ଦ୍ଦରାଜ ୯-୧ରେ ଆକୃତିଙ୍କୁ ଏବଂ ତୀବ୍ର ସଂଘର୍ଷପୂର୍ଣ୍ଣ ବାଳକ ସିଙ୍ଗଲ୍ସରେ ରାହୁଲ ବେହେରା ୯-୮(ଟାଇବ୍ରେକ୍ ୭-୫)ରେ ସଂଗ୍ରାମ କୁମାର ପାତ୍ରଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ରାହୁଲ ଏକଦା ୧-୬ରେ ପଛୁଆ ଥିଲେ ହେଁ ସଫଳ ପ୍ରତ୍ୟାବର୍ତ୍ତନ କରି ବିଜୟ ହାସଲ କରିଥିଲେ। ବାଳକ ଡବଲ୍ସରେ ରାହୁଲ ବେହେରା ଓ ଏସ. ପାତ୍ର ଯୋଡ଼ି ୮-୪ରେ ବି.ବେହେରା ଓ ଏ.ମହାପାତ୍ରଙ୍କୁ ହରାଇ ଟାଇଟଲ ହାସଲ କରିଛନ୍ତି। ୧୨ ବର୍ଷରୁ କମ୍ ବାଳକ ବର୍ଗର ଫାଇନାଲରେ ଲଳିତ ଟୁଡୁ ୯-୧ରେ ଅକ୍ଷତ ବେଉରିଆଙ୍କୁ ଏବଂ ବାଳିକାରେ ଆହାନ ୯-୨ରେ ଏନ.ବୈଷ୍ଣବୀଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ବାଳକ ଡବଲ୍ସରେ ଶୁଭ୍ରନିଲ ବର୍ମନ ଓ ଆଦିତ୍ୟ ଜାଡନ ଯୋଡ଼ି ୮-୫ରେ କମଲେଶ୍ ରଥ ଓ ଅଙ୍କିତ ସାହୁଙ୍କୁ ହରାଇ ଟାଇଟଲ ହାସଲ କରିଛନ୍ତି।

୧୨ ବର୍ଷରୁ କମ୍ ବର୍ଗର ଚାମ୍ପିୟନ ଓ ରନର୍ସଅପ୍‌ଙ୍କୁ ଯଥାକ୍ରମେ ୧୫୦୦ ଓ ୧୦୦୦ଟଙ୍କା ଲେଖାଏ ଏବଂ ଦୁଇ ପରାଜିତ ସେମିଫାଇନାଲିଷ୍ଟଙ୍କୁ ୫୦୦ଟଙ୍କା ଲେଖାଏ ଦିଆଯାଇଥିଲା। ସେହିପରି ୧୬ ବର୍ଷରୁ କମ୍ ବର୍ଗର ଚାମ୍ପିୟନ ଓ ରନର୍ସଅପ୍‌ଙ୍କୁ ଯଥାକ୍ରମେ ୨୦୦୦ ଓ ୧୫୦୦ଟଙ୍କା ଲେଖାଏ ଏବଂ ଦୁଇ ପରାଜିତ ସେମିଫାଇନାଲିଷ୍ଟଙ୍କୁ ୫୦୦ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ଡବଲ୍ସରେ ଚାମ୍ପିୟନଙ୍କୁ ୨୦୦୦ ଓ ରନର୍ସଅପ୍‌ଙ୍କୁ ୧୦୦୦ଟଙ୍କା ଦିଆଯାଇ ସମ୍ମାନିତ କରାଯାଇଥିଲା। ବିଶିଷ୍ଟ ହୃଦ୍‌ରୋଗ ବିଶେଷଜ୍ଞ ଡ. ପ୍ରତାପ କୁମାର ପ୍ରଧାନ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଜେ.କେ. କଲେଜ ଅଫ୍ ବ୍ୟାଙ୍କିଙ୍ଗର ନିର୍ଦ୍ଦେଶକ ଜିତେନ କୁମାର ନାଥ, ଗୁରୁକୁଳ ଟେନିସ ଏକାଡେମୀର ନିର୍ଦ୍ଦେଶକ ସନ୍ତୋଷ କୁମାର ମଲିକ ଏବଂ ରାଜ୍ୟର ନମ୍ବରୱାନ ଟେନିସ ଖେଳାଳି ଚିନ୍ମୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିଙ୍କ ଗହଣରେ ଟ୍ରଫି ଓ ସାର୍ଟିଫିକେଟ୍ ସହ କୃତୀ ପ୍ରତିଯୋଗୀ।

## ଦ୍ୱିତୀୟ ଟେଷ୍ଟ: ପାକିସ୍ତାନ ୨୮୨ରେ ଅଲଆଉଟ୍

**ଆବୁଧାବି,୧୬।୧୦ (ଏଏଫ୍‌ପି)**

ସ୍ଥାନୀୟ ଶେଖ ଜାୟେଦ ଷ୍ଟାଡିୟମରେ ପାକିସ୍ତାନ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ ଆରମ୍ଭ ହୋଇଛି। ଟସ୍ ଜିତି ପାକିସ୍ତାନ ପ୍ରଥମ ଇନିଂସରେ ଓପନର ଫଖାର ଜମାନ ଓ ଅଧିନାୟକ ସର୍ଫରାଜ ଅହମ୍ମଦଙ୍କ ଅର୍ଦ୍ଧଶତକୀୟ ପାଳି ସହ ୮୧ ଓଭରରେ ୨୮୨ ରନ କରି ଅଲଆଉଟ ହୋଇଛି। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ଅଷ୍ଟ୍ରେଲିଆ ପ୍ରଥମ ଦିନ ଖେଳ ଶେଷସୁଦ୍ଧା ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୭ ଓଭରରେ ଦୁଇ ଉଇକେଟ ହରାଇ ୨୦ ରନ ସଂଗ୍ରହ କରିଛି। ୮ ଉଇକେଟ ହାତରେ ଥାଇ ଅଷ୍ଟ୍ରେଲିଆ ୨୬୨ ରନ ପଛରେ ରହିଛି। ଷ୍ଟମ୍ପ ଅପସାରଣ ବେଳକୁ ଓପନର ଅରୋନ ଫିଞ୍ଚ୍ ୧୩ ରନ କରି ଅପରାଜିତ ରହିଛନ୍ତି। ପ୍ରଥମ ଟେଷ୍ଟରେ ଦମ୍‌ଦାର ପ୍ରଦର୍ଶନ କରିଥିବା ତାରକା ଓପନର ଉସ୍‌ମାନ ଖ୍ୱାଜା ୩ ଓ ପିଟର ସିଡଲ ୪ ରନ କରି ମହମ୍ମଦ ଆବାସଙ୍କ ଦ୍ୱାରା ଆଉଟ ହୋଇ ପ୍ୟାଭିଲିୟନ ଫେରିଛନ୍ତି।

ପାକିସ୍ତାନ ପକ୍ଷରୁ ଜମାନ ଓ ସର୍ଫରାଜ ୯୪ ରନର ପାଳି ଖେଳି ଆଉଟ ହେବା ସହ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ପାକିସ୍ତାନ ମିଡଲ ଅର୍ଡରର ବିପର୍ଯ୍ୟୟ ଘଟିଥିଲା। ତେବେ ଟେଲଏଣ୍ଡରମାନେ ଲଢୁଆ ପ୍ରଦର୍ଶନ କରିଥିଲେ। ୟାସିର ଶାହ ୨୮, ଅଝାର ଅଲୀ ୧୫, ବିଲାଲ ଆସିଫ ୧୨, ଆବାସ ୧୦ ରନ କରି ଆଉଟ ହୋଇଥିବା ବେଳେ ମୀର ହମଜା ୪ ରନ କରି ଅପରାଜିତ ରହିଥିଲେ। ହାରିଶ ସୋହେଲ, ଆସାଦ ସାଫିକ ଓ ବାବର ଆଜମ ଖାତା ଖେଳିବା ପୂର୍ବରୁ ଆଉଟ ହୋଇଥିଲେ। ମହମ୍ମଦ ହାଫିଜ୍ ୪ ରନ କରି ପ୍ରଥମେ ଆଉଟ ହୋଇଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ଅଭିଜ୍ଞ ସ୍ପିନର ନାଥନ ଲିୟନ ସର୍ବାଧିକ ୪, ମାର୍ନସ ଲାବୁସଚାଗ୍ନେ ୩, ମିଚେଲ ଷ୍ଟାର୍କ ୨ ଓ ମିଚେଲ ମାର୍ଶ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

### ସଂକ୍ଷିପ୍ତ ସ୍କୋର

ପାକିସ୍ତାନ ପ୍ରଥମ ଇନିଂସ- ୮୧ ଓଭରରେ ୨୮୨ (ଜମାନ- ୯୪, ସର୍ଫରାଜ- ୯୪, ୟାସିର- ୨୮, ଲିୟନ- ୪/୭୮, ଲାବୁସଚାଗ୍ନେ- ୩/୪୫, ଷ୍ଟାର୍କ- ୨/୩୭)। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୭ ଓଭରରେ ୨୦/୨ (ଫିଞ୍ଚ୍- ୧୩*, ଆବାସ- ୨/୯)।

## ଦ୍ୱିତୀୟ ରାଉଣ୍ଡରେ ସାଇନା, ସିନ୍ଧୁଙ୍କ ବିଦାୟ

**ଓଡେନସେ (ଡେନମାର୍କ), ୧୬।୧୦(ପି.ଟି.)**

ଡେନମାର୍କ ଓପନ୍

ଏଠାରେ ଅନୁଷ୍ଠିତ ଡେନମାର୍କ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ପ୍ରଥମ ରାଉଣ୍ଡରେ ଭାରତୀୟ ସଟ୍‌ଲରଙ୍କୁ ମିଶ୍ରିତ ସଫଳତା ମିଳିଛି। ମହିଳା ସିଙ୍ଗଲ୍ସରେ ସାଇନା ନେହ୍ୱାଲ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିବାବେଳେ ପି.ଭି. ସିନ୍ଧୁ ପରାଜୟ ସହ ଅଭିଯାନ ଶେଷ କରିଛନ୍ତି। ସାଇନା ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ୨୦-୨୨, ୨୧-୧୭, ୨୪-୨୨ ଗେମ୍‌ରେ ହଂକଂର ୟିପେଉଙ୍ଗ୍‌ଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍‌ର ପ୍ରଥମ ଗେମ୍‌କୁ ସାଇନା ହାରିଯାଇଥିଲେ ମଧ୍ୟ ପରବର୍ତ୍ତୀ ଦୁଇ ଗେମ୍‌କୁ ଜିତି ୨ୟ ରାଉଣ୍ଡରେ ସ୍ଥାନ ପକ୍କା କରିନେଇଛନ୍ତି। ଏହି ମ୍ୟାଚ୍‌ଟି ଜିତିବାକୁ ସାଇନାଙ୍କୁ ଏକ ଘଣ୍ଟା ୨୧ ମିନିଟ୍ ସମୟ ଲାଗିଥିଲା। ଅପରପକ୍ଷରେ ମଙ୍ଗଳବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସର ଅନ୍ୟ ଏକ ମ୍ୟାଚ୍‌ରେ କିନ୍ତୁ ୩ୟ ସିଡ୍ ସିନ୍ଧୁଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଛି। ସିନ୍ଧୁ ୫୬ ମିନିଟ୍ ଧରି ଲଢ଼େଇ କରିଥିଲେ ମଧ୍ୟ ୧୭-୨୧, ୨୧-୧୬, ୧୮-୨୧ ଗେମ୍‌ରେ ଆମେରିକାର ବେଇୱେନ ଝାଙ୍ଗ୍‌ଙ୍କ ନିକଟରୁ ହାରିଯାଇଛନ୍ତି। ଝାଙ୍ଗ୍ ଏଥିସହ ଲଗାତର ୩ୟଥର ପାଇଁ ସିନ୍ଧୁଙ୍କ ବିପକ୍ଷରେ ବିଜୟ ଲାଭ କରିଛନ୍ତି। ଶେଷଥର ପାଇଁ ଉଭୟ ଗତ ଫେବ୍ରୁୟାରୀରେ ଇଣ୍ଡିଆନ୍ ଓପନ୍‌ରେ ପରସ୍ପରକୁ ଭେଟିଥିଲେ।

## ଭାରତ-ଚାଇନା ଚେସ୍ ସମ୍ମିଳନୀ ଆରମ୍ଭ



ଭାରତ-ଚାଇନା ଚେସ୍ ସମ୍ମିଳନୀରେ ଭାଗ ନେଇଥିବା ଖେଳାଳିମାନେ ଅତିଥିଙ୍କ ସହ।

**ଭୁବନେଶ୍ୱର, ୧୬।୧୦(କ୍ରୀଡ଼ା ପ୍ରତିନିଧି)**

ଭାରତ-ଚାଇନା ଚେସ୍ ସମ୍ମିଳନୀର ତୃତୀୟ ସଂସ୍କରଣ ମଙ୍ଗଳବାର କିଟ୍ ବିଶ୍ୱବିଦ୍ୟାଳୟର ଚେସ୍ ହଲ୍‌ରେ ଆରମ୍ଭ ହୋଇଛି। ୧୦ ଲକ୍ଷ ଟଙ୍କା ପୁରସ୍କାର ରାଶି ବିଶିଷ୍ଟ ଏହି ପ୍ରତିଯୋଗିତାରେ ଉଭୟ ଭାରତ ଓ ଚାଇନାର ଶୀର୍ଷସ୍ଥାନୀୟ ୪ ଜଣ ଲେଖାଏ ଗ୍ରାଣ୍ଡମାଷ୍ଟର ଅଂଶଗ୍ରହଣ କରିଛନ୍ତି। ସେମାନେ ହେଲେ ଭାରତୀୟ ଗ୍ରାଣ୍ଡମାଷ୍ଟର ଆର୍ଯ୍ୟନ ଚୋପ୍ରା(୨୫୪୧ ରେଟିଂ), ଶ୍ରୀନାଥ ନାରାୟଣ (୨୫୬୫), ଅରବିନ୍ଦ ଚିଦାମ୍ବରମ (୨୫୭୮) ଓ ମୁରଲୀ କାର୍ତ୍ତିକେୟନ (୨୬୦୫) ଏବଂ ଚାଇନାର ଲୁ ଶାଙ୍ଗଲେଇ (୨୬୩୫), ଜୁ ଜିଆଙ୍ଗ୍‌ୟୁ (୨୫୮୬), ବାଇ ଜିନ୍‌ଶି (୨୫୫୬) ଓ ଜୁ ୟିନ୍‌ଗ୍ଲୁନ୍ (୨୫୩୩)। ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ(ଓସ୍‌ଜା) ସମ୍ପାଦକ ସନାତନ ପାଣୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କିଟ୍ ଓ କିସ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ, ଅଲ୍‌ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ଅନ୍ତର୍ଜାତୀୟ ମାଷ୍ଟର ଶେଖର ଚନ୍ଦ୍ର ସାହୁ, ଉପସଭାପତି ରଞ୍ଜନ ମହାନ୍ତି, ସମ୍ପାଦକ କୃଷ୍ଣ କୁମାର ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖେଳାଳିମାନଙ୍କୁ ସ୍ୱାଗତ କରିବା ସହ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ ପାଇଁ ଶୁଭେଚ୍ଛା ଜଣାଇଥିଲେ।

## ଦୀପକଙ୍କ ଶତକ: ଭାରତ ବିଜୟୀ




ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଦୀପକ ମଲିକ ।

**ଭୁବନେଶ୍ୱର, ୧୬।୧୦(କ୍ରୀଡ଼ା ପ୍ରତିନିଧି)**

ଦୃଷ୍ଟିହୀନ ଟି୨୦ କ୍ରିକେଟ ସିରିଜ

ମୁମ୍ବାଇରେ ମଙ୍ଗଳବାର ଅନୁଷ୍ଠିତ ଦୃଷ୍ଟିହୀନ ଟି୨୦ କ୍ରିକେଟ ସିରିଜର ଦ୍ୱିତୀୟ ମ୍ୟାଚରେ ଭାରତ ୩୪ ରନରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଏଥିସହିତ ଭାରତ ୨-୦ରେ ସିରିଜ ଅଗ୍ରଣୀଲାଭ କରିଛି। ଦୀପକ ମଲିକଙ୍କ ଶତକ ସହାୟତାରେ ଭାରତ ୨୦ ଓଭରରେ ୨ ଉଇକେଟ ହରାଇ ୨୩୬ ରନ କରିଥିବାବେଳେ ଶ୍ରୀଲଙ୍କା ୨୦ ଓଭରରେ ୯ ଉଇକେଟ ହରାଇ ୨୦୨ ରନ କରିବାକୁ ସକ୍ଷମ ହୋଇଥିଲା। ଦୀପକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। **ସଂକ୍ଷିପ୍ତ ସ୍କୋର:** ଭାରତ ୨୦ ଓଭରରେ ୨୩୬/୬(ଦୀପକ-୧୦୬*, ସୁନୀଲ ରମେଶ-୬୬, ଆର.ଭେଙ୍କଟେଶ୍ୱର-୪୭)। ଶ୍ରୀଲଙ୍କା ୨୦ ଓଭରରେ ୨୦୨/୯(କେ.ସିଲ୍‌ଭା-୬୦, ଅଜୟ ରେଡ୍ଡୀ-୨/୧୮, ସୁନୀଲ ରମେଶ-୨/୨୦)।

## ଦିନିକିଆ କ୍ରିକେଟରେ ଅବିଶ୍ୱସନୀୟ ସ୍କୋର

**ଆଡିଲେଡ୍,୧୬।୧୦:** ଦିନିକିଆ କ୍ରିକେଟରେ ସୋମବାର ଏକ ଅବିଶ୍ୱସନୀୟ ଦଳଗତ ସ୍କୋର ଦେଖିବାକୁ ମିଳିଛି। ଅଷ୍ଟ୍ରେଲିଆର ଏକ ମହିଳା ଦଳ ୫୦ ଓଭରରେ ୩ ଉଇକେଟ ହରାଇ ୫୯୬ ରନ୍ କରିଛି। ଏହା ଦିନିକିଆ କ୍ରିକେଟ ଇତିହାସରେ ସର୍ବାଧିକ ଦଳଗତ ସ୍କୋର। ଏହାପରେ ପ୍ରତିପକ୍ଷ ଦଳକୁ ମାତ୍ର ୨୫ ରନ୍‌ରେ ଅଲ୍‌ଆଉଟ୍ କରି ୫୭୧ ରନ୍‌ର ଦିନିକିଆ ଇତିହାସର ସର୍ବବୃହତ୍ ବ୍ୟବଧାନର ବିଜୟ ଲାଭ କରିଛି। ସୋମବାର ଏସ୍‌ଏସିଏ ପିସି ଷ୍ଟେଟ୍ ୱାଇଡ ସୁପର ଓମେନ ପ୍ରଥମ ଶ୍ରେଣୀ ଟୁର୍ନାମେଣ୍ଟରେ ନର୍ଦର୍ନ ଡିଷ୍ଟ୍ରିକ୍ଟ ଓ ପୋର୍ଟ ଆଡିଲେଡ୍ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ନର୍ଦର୍ନ ଡିଷ୍ଟ୍ରିକ୍ଟ ପକ୍ଷରୁ ଟେଗାନ ମାକଫାର୍ଲିନ, ସାମ ବେଟ୍ଟସ, ତାବିଥା ସାବିଲେ ଓ ଡାର୍ସି ବ୍ରାଉନ ଶତକ ମାରିଥିଲେ।

## ଉମେଶଙ୍କ ପ୍ରତ୍ୟାବର୍ତ୍ତନ

**ନୂଆଦିଲ୍ଲୀ,୧୬।୧୦(ପି.ଟି.)**




କୋଚ୍ ରବି ଶାସ୍ତ୍ରୀଙ୍କ ସହ ଉମେଶ ଯାଦବ।

ଦ୍ରୁତ ବୋଲର ଉମେଶ ଯାଦବ ଦିନିକିଆ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ୧୦ ଉଇକେଟ ସଫଳତା ପାଇବା ପରେ ତାଙ୍କୁ ଦିନିକିଆ ଦଳରେ ସ୍ଥାନ ମିଳିଛି। ଆହତ ହୋଇଥିବା ଦ୍ରୁତ ବୋଲର ଶାର୍ଦ୍ଦୁଳ ଠାକୁରଙ୍କ ବଦଳରେ ତାଙ୍କୁ ଏହି ସୁଯୋଗ ମିଳିଛି। ଆଗକୁ ଖେଳାଯିବାକୁ ଥିବା ୫ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜର ପ୍ରଥମ ଦୁଇଟି ମ୍ୟାଚ୍ ପାଇଁ ଚୟନକର୍ତ୍ତାମାନେ ଦଳ ଘୋଷଣା କରିଥିଲେ। ତେବେ ଆହତ ହେବାରୁ ଠାକୁର ପୂରା ସିରିଜରୁ ବାଦ ପଡିଛନ୍ତି।

ହାଇଦ୍ରାବାଦରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଠାକୁର ପଦାର୍ପଣ କରିଥିଲେ ମଧ୍ୟ ଏହା ତାଙ୍କ ପାଇଁ ଏକ ଦୁଃସ୍ୱପ୍ନ ସାବ୍ୟସ୍ତ ହୋଇଥିଲା। ମାତ୍ର ୧୦ଟି ବଲ ପକାଇବା ପରେ ସେ ଗ୍ରୋନ୍ ଇଞ୍ଜୁରୀର ଶିକାର ହୋଇଥିଲେ। ଫଳରେ ଟେଷ୍ଟରେ ପଦାର୍ପଣ କରିବା ପୂର୍ବରୁ ସେ ସମ୍ପୂର୍ଣ୍ଣ ଫିଟ୍ ନ ଥିଲେ ବୋଲି କୁହାଯାଉଛି।

ହାଇଦ୍ରାବାଦ ଟେଷ୍ଟରେ ଉମେଶ ପ୍ରଥମ ଇନିଂସରେ ୮୮ ରନ ବିନିମୟରେ ୬ ଓ ଦ୍ୱିତୀୟ ଇନିଂସରେ ୪୫ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ଏପର୍ଯ୍ୟନ୍ତ ସେ ୭୩ଟି ଦିନିକିଆ ଖେଳି ୧୦୫ଟି ଉଇକେଟ ହାସଲ କରିଛନ୍ତି। ଶେଷଥର ପାଇଁ ସେ ଲର୍ଡ୍ସରେ ଗତ ଜୁଲାଇରେ ଇଂଲଣ୍ଡ ବିପକ୍ଷରେ ଦିନିକିଆ ଖେଳିଥିଲେ।

### ଭାରତୀୟ ଦଳ

**ପ୍ରଥମ ଦୁଇଟି ଦିନିକିଆ**

ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା (ଉପଅଧିନାୟକ), ଶିଖର ଧାୱନ, ଲୋକେଶ ରାହୁଲ, ଅମ୍ବାତି ରାୟୁଡୁ, ମନୀଷ ପାଣ୍ଡେ, ମହେନ୍ଦ୍ର ସିଂ ଧୋନୀ (ଉଇକେଟକିପର), ରିଷଭ ପନ୍ତ, ରବୀନ୍ଦ୍ର ଜାଡେଜା, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ମହମ୍ମଦ ସାମି, ଖଲିଲ ଅହମ୍ମଦ ଓ ଉମେଶ ଯାଦବ।

## ରେସ୍ ୱାକ୍‌ରେ ପନୱାରଙ୍କୁ ରୌପ୍ୟ

**ବୁଏନ୍ସ ଏୟାର୍ସ,୧୬।୧୦ (ପି.ଟି.)**

ସୂରଜ ପନୱାର ଚଳିତ ୟୁଥ ଅଲିମ୍ପିକ୍ସର ୫,୦୦୦ ମିଟର ରେସ୍ ୱାକ୍ ଇଭେଣ୍ଟରେ ରୌପ୍ୟ ପଦକ ଜିତି ଆଥ୍‌ଲେଟିକ୍ସରେ ଭାରତର ପଦକ ଖାତା ଖୋଲିଛନ୍ତି। ପନୱାର ୨ୟ ପର୍ଯ୍ୟାୟରେ ୨୦ ମିନିଟ୍ ୩୫.୮୭ ସେକେଣ୍ଡ ଟାଇମିଂ ହାସଲ କରି ମୋଟ ଉପରେ ୨ୟ ସ୍ଥାନ ଅଧିକାର କରିଥିଲେ। ନୂତନ ଫର୍ମାଟରେ ଟ୍ରାକ ଓ ଫିଲ୍ଡ ଇଭେଣ୍ଟରେ ଫାଇନାଲ ଖେଳାଯାଏ ନାହିଁ। ଏହା ପରିବର୍ତ୍ତେ ପ୍ରତ୍ୟେକ ଇଭେଣ୍ଟକୁ ଦୁଇ ଥର ଅନୁଷ୍ଠିତ କରାଯାଉଛି। ଉଭୟ ରେସ୍‌ର ଫଳାଫଳକୁ ନେଇ ପଦକ ତାଲିକା ଧାର୍ଯ୍ୟ କରାଯାଉଛି। ୧୭ବର୍ଷୀୟ ପନୱାର ପ୍ରଥମ ରେସ୍‌କୁ ୨୦ ମିନିଟ ୨୩.୩୦ ସେକେଣ୍ଡ ଟାଇମିଂରେ ଶେଷକରି ୨ୟ ସ୍ଥାନରେ ରହିଥିଲେ। ସେ ଉଭୟ ରେସ୍‌କୁ ଶେଷ କରିବା ପାଇଁ ମୋଟ ୪୦.୫୯.୧୭ ସେକେଣ୍ଡ ଟାଇମ ନେଇଥିଲେ। ଚଳିତ ପ୍ରତିଯୋଗିତାର ଫିଲ୍ଡ ଓ ଟ୍ରାକ ଇଭେଣ୍ଟରେ ଏହା ପ୍ରଥମ ଏବଂ ମୋଟ ଉପରେ ୩ୟ ପଦକ। ଏଥିପୂର୍ବରୁ ୨୦୧୦ ସଂସ୍କରଣରେ ପୁରୁଷ (ଡିସ୍‌କସ୍ ଥ୍ରୋ) ଓ ଦୁର୍ଗେଶ କୁମାର (ପୁରୁଷ ୪୦୦ ମି. ବାଧାଦୌଡ଼) ରୌପ୍ୟ ପଦକ ଜିତିଥିଲେ। ୫୦୦୦ ୱାକ ଇଭେଣ୍ଟରେ ଇକ୍ୱାଡର ୱାକର ପାଟିନ ଓସ୍କାର ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ଉଭୟ ରେସ୍‌କୁ ୪୦:୫୧.୮୬ ସେକେଣ୍ଡରେ ଶେଷ କରିଥିଲେ। ଇଭେଣ୍ଟରେ ରିକୋର ଜାନ ମୋରେଉ ୩ୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ଜିତିଛନ୍ତି।



ପଦକ ସହ ସୂରଜ ପନୱାର।




# କେନାଲରେ ବୁଡ଼ି ଯୁବକ ମୃତ

ବରଗଡ଼ ଅଫିସ୍, ୧୬।୧୦

ବରଗଡ଼ ସହର ଘରୋଇ ବସଷ୍ଟାଣ୍ଡ ନିକଟ ଦେଇ ଯାଇଥିବା କେନାଲରେ ଭାସି ମଙ୍ଗଳବାର ସକାଳେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ କେନାଲପଡ଼ାର ସଞ୍ଜୟ ନାଗ(୪୫)। ପ୍ରକାଶ ଯେ, ସଞ୍ଜୟ ସକାଳୁ କେନାଲକୁ ଗାଧୋଇବା ପାଇଁ ଯାଇଥିଲେ। କୌଣସି କ୍ରମେ ସେ କେନାଲ ପାଣିରେ ଭାସି ଯାଇଥିଲେ। ଖବର ପାଇ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେ। ଘଟଣାସ୍ଥଳରୁ ପ୍ରାୟ ୪୦୦ ମିଟର ଦୂରରୁ ସଞ୍ଜୟଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଏ ନେଇ ବରଗଡ଼ ଟାଉନ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜିଲା ମୁଖ୍ୟ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସଞ୍ଜୟଙ୍କ ସ୍ତ୍ରୀ, ୨ପୁଅ ଏବଂ ଜଣେ ଝିଅ ଅଛନ୍ତି।

FEW SEATS LEFT
Hurry-Up !!
B.Ed, B.P.Ed, B.H.Ed.
10th, +2, +3 (UG, PG, All stream)
PGDCA, BCA, MCA, MSW, B.BA,
MBA, BLib,MLib, MEd., MPhil, Ph.D
Regular & Distance at lower rate
Approved by UGC, NCTE & Equivalent to Odisha Board & University
ADHYAN INSTITUTE OF EDUCATION
Jharsuguda, Sundargarh, Sambalpur, Deogarh, Boudh
Mob: 9937693353, 7008624254, 9337325436









"ଆଗାମୀ ୩ ଦଶନ୍ଧି ପର୍ଯ୍ୟନ୍ତ ଦେଶର ରପ୍ତାନିରେ ବାର୍ଷିକ ୯ରୁ ୧୦% ଅଭିବୃଦ୍ଧିର ଆବଶ୍ୟକତା ରହିଛି।
– ଅମିତାଭ୍ କାନ୍ତ, ସିଇଓ, ନୀତି ଆୟୋଗ



"ଡିଜିଟାଲ ଡାଟା ଏବଂ ରାଇଟ ଟୁ ପ୍ରିଭେସି ଉପରେ ସର୍ବୋଚ୍ଚ ନ୍ୟାୟାଳୟ ଶୁଣାଣି କରି ସାରିଥିବା ବେଳେ ଡାଟାର ସ୍ଥାନୀୟକରଣର ତର୍କବିତର୍କ ବନ୍ଦ ହେବା ଉଚିତ।
– ଟି.ଭି.ମୋହନ ଦାସ୍ ପାଇ, ପୂର୍ବତନ ସିଏଫଓ, ଇନ୍‌ଫୋସିସ୍



## ସଂକ୍ଷେପରେ

### ଜିପିଏଫ୍ ସୁଧ ହାର ୮%କୁ ବୃଦ୍ଧି

**ନୂଆଦିଲ୍ଲୀ,୧୬-୧୦:** କେନ୍ଦ୍ର ସରକାର ଅକ୍ଟୋବର-ଡିସେମ୍ବର ତ୍ରୈମାସ ଲାଗି ଜେନେରାଲ ପ୍ରୋଭିଡେଣ୍ଟ ଫଣ୍ଡ(ଜିପିଏଫ୍) ଏବଂ ଏଭଳି ଅନ୍ୟ ଯୋଜନାର ସୁଧ ହାର ୮%କୁ ବୃଦ୍ଧି କରିଛନ୍ତି। ଏଥିପୂର୍ବର ତ୍ରୈମାସ(ଜୁଲାଇ-ସେପ୍ଟେମ୍ବର)ରେ ଜିପିଏଫ୍‌ର ସୁଧ ହାର ୭.୬% ଥିଲା। ସ୍ଥାୟୀ ଆୟ ଲାଗି ଏଭଳି ଯୋଜନାରେ ନିବେଶ କରୁଥିବା ବ୍ୟକ୍ତିବିଶେଷ ଦୀର୍ଘଦିନ ହେଲା ସୁଧ ହାର ବୃଦ୍ଧି ପାଇବା ଅପେକ୍ଷାରେ ଥିଲେ। ଗତ ଦୁଇଟି ତ୍ରୈମାସରେ ସୁଧ ହାର ସ୍ଥିର ରହିଥିଲା। ଏଥିପୂର୍ବରୁ ଚଳିତ ବର୍ଷର ଜାନୁୟାରୀ-ମାର୍ଚ୍ଚ ତ୍ରୈମାସରେ ସୁଧ ହାରକୁ କମାଇ ଦିଆଯାଇଥିଲା।

### ଶୀର୍ଷ ୧୦୦ ବ୍ୟାଙ୍କ ଠକେଇ ତଦନ୍ତକାରୀ ସଂସ୍ଥାକୁ ରିପୋର୍ଟ ଦେଲେ ସିଭିସି

**ନୂଆଦିଲ୍ଲୀ,୧୬-୧୦:** ଦେଶରେ ହୋଇଥିବା ୧୦୦ଟି ଶୀର୍ଷ ବ୍ୟାଙ୍କ ଠକେଇର ବିଶ୍ଳେଷଣ କରି ମୁଖ୍ୟ ଭିଜିଲାନ୍ସ କମିଶନର(ସିଭିସି) ପ୍ରଥମଥର ଏହାର ରିପୋର୍ଟ ରିଜର୍ଭ ବ୍ୟାଙ୍କ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଏବଂ ସିବିଆଇକୁ ହସ୍ତାନ୍ତର କରିଛନ୍ତି। ଭିଜିଲାନ୍ସ କମିଶନର ଟି.ଏମ୍ ଭାସିନ ମଙ୍ଗଳବାର ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ସିଭିସି ବ୍ୟାଙ୍କ ଠକେଇର କାର୍ଯ୍ୟଧାରା, ଠକେଇର ପରିମାଣ, ଋଣଦାତାଙ୍କ ସୂଚନା, ଠକେଇର ପ୍ରକାରଭେଦ, ବ୍ୟାଙ୍କିଙ୍ଗ ସେବାରେ ରହିଥିବା ତ୍ରୁଟି, ଏହାକୁ ସୁଧାରିବାର ଉପାୟ ଆଦି ସମ୍ପର୍କରେ ବିଶ୍ଳେଷଣାତ୍ମକ ରିପୋର୍ଟ ଉକ୍ତ ୩ ସଂସ୍ଥାକୁ ଦିଆଯାଇଛି। ଜେମ୍ସ ଆଣ୍ଡ୍ ଜୁଏଲେରି, ମାନୁଫାକଚରିଂ ଏବଂ ଉଦ୍ୟୋଗ, କୃଷି, ମିଡିଆ, ଆଭିଏଶନ, ସେବା ଏବଂ ପ୍ରକଳ୍ପ, ଚେକ୍ ପ୍ରଦାନ, ଟ୍ରେଡିଂ, ଆଇଟି, ରପ୍ତାନି, ସ୍ଥାୟୀ ଜମା, ଡିମାଣ୍ଡ ଲୋନ୍ ଏବଂ ଲେଟର ଅଫ୍ କମ୍ଫର୍ଟ ଆଦି ୧୩ଟି ସେକ୍ଟରରେ ହୋଇଥିବା ବ୍ୟାଙ୍କ ଠକେଇର ବିଶ୍ଳେଷଣ କରାଯାଇଛି।

### ପଳାତକ ଶିଳ୍ପପତିଙ୍କୁ ଇଣ୍ଡୋନେସିଆରୁ ପ୍ରତ୍ୟର୍ପଣ

**ନୂଆଦିଲ୍ଲୀ,୧୬-୧୦:** ସାତଟି ବ୍ୟାଙ୍କରୁ ପ୍ରାୟ ୪୦ କୋଟି ଟଙ୍କା ଠକି ବିଦେଶ ପଳାଇଥିବା ଶିଳ୍ପପତି ବିନୟ ମିତ୍ତଲଙ୍କୁ ଇଣ୍ଡୋନେସିଆରୁ ଭାରତକୁ ପ୍ରତ୍ୟର୍ପଣ କରାଯାଇଛି। ବିଜୟ ମାଲ୍ୟା, ନୀତିନ ସନ୍ଦେଶରା, ନୀରବ ମୋଦି, ମେହୁଲ ଚୋକ୍ସି, ଯତିନ ମେହେଟ୍ଟା ଭଳି ବଡ଼ ଆର୍ଥିକ ଅପରାଧୀଙ୍କ ତାଲିକାରେ ମିତ୍ତଲଙ୍କୁ ସାମିଲ କରାଯାଇଥିଲା। କର୍ପୋରେଶନ ବ୍ୟାଙ୍କ ଏବଂ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ଅଭିଯୋଗ ଭିତ୍ତିରେ ସିବିଆଇ ୨୦୧୪ ଓ ୨୦୧୬ରେ ମିତ୍ତଲଙ୍କ ବିରୋଧରେ ମାମଲା ଦାଏର କରିଥିଲେ। ଅଦାଲତ ତାଙ୍କୁ ପଳାତକ ଘୋଷଣା କରିବା ପରେ ତାଙ୍କ ବିରୋଧରେ ରେଡ୍‌କର୍ନର ନୋଟିସ ଜାରି କରାଯାଇଥିଲା। ବହୁ ଦିନ ଧରି ଖୋଜାଖୋଜି ପରେ ସେ ଇଣ୍ଡୋନେସିଆର ବାଲି ଠାରେ ପରିବାର ସହ ରହୁଥିବା ଜଣାପଡିଥିଲା। ଏହାପରେ ତାଙ୍କୁ ପ୍ରତ୍ୟର୍ପଣ ଲାଗି ଭାରତ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିଲା।

### ଫୋର୍ବସ୍ ତାଲିକା: ୨୨ତମ ସ୍ଥାନରେ ଏଲ୍‌ଆଣ୍ଡ୍‌ଟି

**ନୂଆଦିଲ୍ଲୀ,୧୬-୧୦:** ଇଞ୍ଜିନିୟରିଂ ଓ ନିର୍ମାଣ କ୍ଷେତ୍ରରେ ଦେଶର ଅନ୍ୟତମ ଅଗ୍ରଣୀ କମ୍ପାନୀ ଲାର୍ସେନ ଆଣ୍ଡ୍ ଟବ୍ରୋ(ଏଲ୍‌ଆଣ୍ଡ୍‌ଟି) ଫୋର୍ବସ୍‌ର ୨୦୦୦ ନିଯୁକ୍ତିଦାତା ତାଲିକାରେ ଶୀର୍ଷ ୨୫ କମ୍ପାନୀ ତାଲିକାରେ ସ୍ଥାନ ପାଇଛି। ଏହି ତାଲିକାରେ ଗୁଗୁଲ୍‌ର ମୂଳ କମ୍ପାନୀ ଆଲ୍‌ଫାବେଟ୍ ଶୀର୍ଷରେ ରହିଛି। ଏଲ୍‌ଆଣ୍ଡ୍‌ଟି ୨୨ତମ ସ୍ଥାନରେ ରହିଥିଲେ ହେଁ ୪ଟି ଭାରତୀୟ କମ୍ପାନୀ ଶୀର୍ଷ ୧୦୦ କମ୍ପାନୀ ମଧ୍ୟରେ ରହିଛନ୍ତି। ଅନ୍ୟ ତିନୋଟି କମ୍ପାନୀ ହେଲେ ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା(୫୫ତମ), ଗ୍ରାସିମ ଇଣ୍ଡଷ୍ଟ୍ରିଜ(୫୯ତମ), ଏଚ୍‌ଡିଏଫ୍‌ସି (୯୧ତମ)। ଏହାଛଡ଼ା ମୋଟ୍ ୨୪ଟି ଘରୋଇ କମ୍ପାନୀ ଫୋର୍ବସ୍ ତାଲିକାରେ ସ୍ଥାନ ପାଇଛନ୍ତି।

### ଚିନ୍ତାରେ ଏନ୍‌ଡିଏ ସରକାର

# ବଜେଟ ବିଗାଡ଼ିବ ଶସ୍ତା ଖାଦ୍ୟଶସ୍ୟ

- ବଜାର ଦର କମିଲେ ସରକାର ଚାଷୀଙ୍କୁ କ୍ଷତିପୂରଣ ଦେବେ
- ବିତ୍ତୀୟ ନିଅଣ୍ଟ ବଢ଼ିଯିବ
- ସରକାରଙ୍କ ଉପରେ ଅତିରିକ୍ତ ୧୫ ହଜାର କୋଟିର ବୋଝ ବଢ଼ିବ



**ନୂଆଦିଲ୍ଲୀ,୧୬-୧୦**

କେନ୍ଦ୍ର ହେଉ ଅଥବା ରାଜ୍ୟ ସରକାର ସମସ୍ତେ ଚାହାନ୍ତି ଲୋକଙ୍କୁ ଶସ୍ତା ଖାଦ୍ୟଶସ୍ୟ ମିଳୁ। କମ୍ ମୁଦ୍ରାସ୍ଫୀତି ହାର ସରକାରଙ୍କ ଆର୍ଥିକ ପରିଚାଳନାର ସଫଳତା ଦର୍ଶାଇଥାଏ। ନିର୍ବାଚନ ଜିତିବାର ଏହା ମୂଳ ଚାବି ହୋଇଥିଲେ ହେଁ ବର୍ତ୍ତମାନର ଭାଜପା ନେତୃତ୍ୱାଧୀନ କେନ୍ଦ୍ରର ଏନ୍‌ଡିଏ ସରକାର ପାଇଁ ଶସ୍ତା ଖାଦ୍ୟଶସ୍ୟ ମୁଣ୍ଡବିନ୍ଧାର କାରଣ ହୋଇଛି। ଏହା ସରକାରଙ୍କ ବଜେଟ ଲକ୍ଷ୍ୟକୁ ବିଗାଡିବାକୁ ଯାଉଛି। ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା ସୌମ୍ୟକାନ୍ତି ଘୋଷଙ୍କ ବକ୍ତବ୍ୟକୁ ଉଦ୍ଧାର କରି ବ୍ଲୁମ୍‌ବର୍ଗରେ ଏକ ରିପୋର୍ଟ ପ୍ରକାଶ ପାଇଛି। ଘୋଷ କହିଛନ୍ତି ଯେ, ଦେଶର ଚାଷୀକୁଳର ଆୟକୁ ୨୦୨୨ ସୁଦ୍ଧା ଡବଲ୍ କରିବା ଲାଗି କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ଅଧିକ ଉତ୍ପାଦନ ଯୋଗୁ ଖାଦ୍ୟଶସ୍ୟ ଦାମ୍ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି)ରୁ କମିଗଲେ ସରକାର ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ବାଧ ହେବେ। ୨୦୧୯ ନିର୍ବାଚନୀ ବର୍ଷ ହେବାକୁ ଯାଉଥିବାରୁ କେନ୍ଦ୍ର ସରକାର ସେମାନଙ୍କୁ ଅସନ୍ତୁଷ୍ଟ କରିବାକୁ ଚାହିଁବେ ନାହିଁ।

ସୂଚନାଥାଉ କି, ଜୁଲାଇରେ ସରକାର ତୁଳା, ସୋୟାବିନ,ଧାନ ଓ ଗହମ ଆଦିର ସର୍ବନିମ୍ନ ସହାୟକ ମୂଲ୍ୟ ବଢ଼ାଇଥିଲେ। ଏହାଦ୍ୱାରା ଚାଷୀମାନେ ସେମାନଙ୍କ ଉତ୍ପାଦନ ଖର୍ଚ୍ଚରୁ ଅତିକମ୍‌ରେ ୫୦ ପ୍ରତିଶତରୁ ଅଧିକ ଲାଭ ପାଇପାରିବେ, ଏହା ଲକ୍ଷ୍ୟ ଥିଲା। ଏହାର ଅର୍ଥ ଅଧିକ ଉତ୍ପାଦନ କ୍ଷେତ୍ରରେ ଚାଷୀମାନଙ୍କୁ ଅଭାବୀ ବିକ୍ରିରୁ ରକ୍ଷା କରିବା ଲାଗି ସରକାର ନିର୍ଦ୍ଧାରିତ ଦରରେ ସେମାନଙ୍କଠାରୁ ଖାଦ୍ୟଶସ୍ୟ କିଣିବାକୁ ବାଧ ହେବେ। ଏହି କାରଣରୁ କେନ୍ଦ୍ର ସରକାରଙ୍କୁ ୧୫ ହଜାର କୋଟି ଟଙ୍କାର ଅତିରିକ୍ତ ବୋଝ ବୋହିବାକୁ ପଡିବ ବୋଲି କେନ୍ଦ୍ର ଗୃହମନ୍ତ୍ରୀ ରାଜନାଥ ସିଂ ଜୁଲାଇରେ କହିଥିଲେ। ଅନ୍ୟପକ୍ଷରେ ସରକାର ଚାହୁଁଛନ୍ତି ବିତ୍ତୀୟ ନିଅଣ୍ଟ ପରିମାଣ ଜିଡିପିର ୩.୩% ମଧ୍ୟରେ ସୀମିତ ରହୁ। ଏହି କାରଣରୁ ୨୦୧୯ ନିର୍ବାଚନୀ ବର୍ଷ ପରିପ୍ରେକ୍ଷୀରେ ଲକ୍ଷ୍ୟ ହାସଲ ସମ୍ଭବ ହୋଇ ନ ପାରେ। ସେପ୍ଟେମ୍ବରରେ ଦେଶର ଖାଦ୍ୟଶସ୍ୟ ମୁଦ୍ରାସ୍ଫୀତି ୦.୫%କୁ ହ୍ରାସ ପାଇଛି, ଯାହାକି ଏପ୍ରିଲରେ ୨.୮% ଥିଲା। ଏହାକୁ ଦୃଷ୍ଟିରେ ରଖି ରିଜର୍ଭ ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷରେ ଦେଶର ମୁଦ୍ରାସ୍ଫୀତି ୪% ଆଖପାଖରେ ରହିବ ବୋଲି ଅନୁମାନ କରିଛି। ସହର ଅପେକ୍ଷା ଖାଦ୍ୟଶସ୍ୟ ମୂଲ୍ୟ ଗ୍ରାମାଞ୍ଚଳରେ ଅଧିକ ହ୍ରାସ ପାଇବା ସରକାରଙ୍କ ମୁଣ୍ଡବ୍ୟଥା ବଢ଼ାଇବ ବୋଲି ଘୋଷ କହିଛନ୍ତି। ଚାଷୀକୁଳକୁ କେତେ ପରିମାଣ କ୍ଷତିପୂରଣ ଦିଆଯିବ ଯାହାଦ୍ୱାରା ସେମାନେ ୫୦% ଲାଭ ପାଇବେ ସେନେଇ କେନ୍ଦ୍ର ୩ଟି ମାର୍ଗ ସୂଚାଇଛି। ପ୍ରଥମ ମାର୍ଗ ଅନ୍ତର୍ଗତରେ ଦର ସହାୟକ ଯୋଜନାରେ ସରକାରୀ ଏଜେନ୍ସିଗୁଡିକ ରାଜ୍ୟ ସରକାରଙ୍କ ସହାୟତାରେ ଡାଲି, ତୈଳବୀଜ ଜାତୀୟ, ଗହମ ଏବଂ ଧାନ ଆଦିକୁ କିଣିବେ। ଏହି କିଣା ବାବଦରେ ହୋଇଥିବା କ୍ଷତିର ବୋଝ କେନ୍ଦ୍ର ସରକାର ବହନ କରିବେ। ଦ୍ୱିତୀୟତଃ କେବଳ ତୈଳବୀଜ ପାଇଁ ମୂଲ୍ୟାନ୍ତର ପଦ୍ଧତିର ବିଚାର କରାଯିବ। ଏହି ପଦ୍ଧତିରେ ସର୍ବନିମ୍ନ ସହାୟକ ମୂଲ୍ୟ ଏବଂ ବଜାର ମୂଲ୍ୟ ମଧ୍ୟରେ ଥିବା ପାର୍ଥକ୍ୟକୁ ସରକାର କ୍ଷତିଭରଣା ଆକାରରେ ଦେବେ। କିଛି ଫସଲ କିଣିବା ଲାଗି ଘରୋଇ କମ୍ପାନୀଙ୍କୁ ଅନୁମତି ଦିଆଯିବ। ତୃତୀୟତଃ ଧାନ,ଗହମ,ତୁଳା ସହିତ ଅନ୍ୟାନ୍ୟ ଶସ୍ୟର କ୍ରୟ ଲାଗି ସରକାର ପୂର୍ବର ଧାରା ଜାରି ରଖିବେ। ବ୍ୟାପକ ହାରରେ ଖାଦ୍ୟଶସ୍ୟ କିଣା ଯୋଗୁ ସରକାରଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ବଢ଼ିବ ଏବଂ ବଜେଟ ଲକ୍ଷ୍ୟ ପୂରଣ ହୋଇପାରିବନି ବୋଲି ପୂର୍ବତନ ଫାର୍ମ ସଚିବ ତଥା ଇଣ୍ଡିଆନ କାଉନସିଲ ଫର୍ ରିସର୍ଚ୍ଚ ଅନ୍ ଇଣ୍ଟରନ୍ୟାଶନାଲ ଇକନୋମିକ ରିଲେସନ୍ସର ମୁଖ୍ୟ ସାଇରାଜ ହୁସେନ ଚେତାଇ ଦେଇଛନ୍ତି। ଏହାଦ୍ୱାରା ବଜାରରେ ମୂଲ୍ୟ ପ୍ରଭାବିତ ହେବ ବୋଲି ସେ କହିଛନ୍ତି। କ୍ଷତିପୂରଣ ଦେବା ବଦଳରେ ଖାଦ୍ୟଶସ୍ୟର ଦର କାହିଁକି କମୁଛି, ସରକାର ଏହାର ଯାଞ୍ଚ କରିବା ଉଚିତ୍ ବୋଲି ସେ ମତ ଦେଇଛନ୍ତି।

## ରିଲାଏନ୍ସ ଜୁଏଲ୍ସର ପାର୍ବଣ ଅଫର



**ଭୁବନେଶ୍ୱର,୧୬-୧୦**

ରିଲାଏନ୍ସ ଜୁଏଲ୍ସ ପକ୍ଷରୁ ପାର୍ବଣ ଧମାକା ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ୧୨ ଅକ୍ଟୋବରଠାରୁ ୧୧ ନଭେମ୍ବର ଯାଏ ଏହି ଅଫରର ଲାଭ ଗ୍ରାହକ ଉଠାଇ ପାରିବେ। ଏହି ସମୟରେ ୭୫,୦୦୦ ଟଙ୍କାରୁ ଅଧିକ ଦାମ୍‌ର ସୁନା ଗହଣା କ୍ରୟ ଉପରେ ଗଢାମୂଲ୍ୟରେ ଫ୍ଲାଟ ୫୦% ରିହାତି ଉପଲବ୍ଧ। ଅପରପକ୍ଷରେ ୭୫,୦୦୦ ଟଙ୍କାରୁ ଅଧିକ ଦାମ୍‌ର ହୀରା ଗହଣା କ୍ରୟରେ ଫ୍ଲାଟ ଜିରୋ ମେକିଂ ଚାର୍ଜ ସୁବିଧା ଦିଆଯାଉଛି। ପୁରୁଣା ଗହଣା ବଦଳାଇଲେ ସମ୍ପୂର୍ଣ୍ଣ ରିଟର୍ନ ଭାଲ୍ୟୁ ଏବଂ ମାଗଣା ଗହଣା ବୀମା ସୁବିଧା ଦିଆଯାଉଛି। ଫେଷ୍ଟିଭ ସପିଂ ତଥା ଗିଫ୍ଟ ଲାଗି ରିଲାଏନ୍ସ ଏକ ୱାନଷ୍ଟପ ସଲ୍ୟୁଶନ ଭାବେ କାର୍ଯ୍ୟ କରୁଛି। ଗ୍ରାହକଙ୍କୁ ଗୁଣବତ୍ତା ବିଶିଷ୍ଟ ସେବା ଯୋଗାଣ ନେଇ କମ୍ପାନୀ କାର୍ଯ୍ୟ କରୁଛି। ସ୍ୱତନ୍ତ୍ର ଅଫର ଏବଂ ସେବା ଯୋଗାଣ ଦ୍ୱାରା ଗ୍ରାହକଙ୍କ ପାର୍ବଣ ପାଳନର ଅବସର ପ୍ରଦାନ କରୁଛୁ ବୋଲି ରିଲାଏନ୍ସ ଜୁଏଲ୍ସର ସିଇଓ ସୁନିଲ ନାୟକ ସୂଚନା ଦେଇଛନ୍ତି।

## ଓଡ଼ିଶାରେ ଆଇଡି ବ୍ରାଣ୍ଡର ପୁନଃ ପ୍ରବେଶ

**ଭୁବନେଶ୍ୱର,୧୬-୧୦**





ପ୍ରମୁଖ ସୁ' ବ୍ରାଣ୍ଡ ଆଇଡି ଓଡିଶାରେ ଏହାର ସ୍ଥିତି ଦୃଢୀକରଣ ପଦକ୍ଷେପ ଅନ୍ତର୍ଗତ ବଜାରରେ ପୁନଃ ପ୍ରବେଶ କରିଛି। ସାରା ରାଜ୍ୟରେ ଏହି ବ୍ରାଣ୍ଡ ଡିଲର ତଥା ଗ୍ରାହକଙ୍କଠାରୁ ଭଲ ରେସପନ୍ସ ପାଇବ ବୋଲି କମ୍ପାନୀ ଆଶାବାଦୀ ରହିଛି। ଓଡିଶା ପାଇଁ କମ୍ପାନୀ ଏହାର ବିତରଣକାରୀ ଭାବେ ରାମଜୀ ଏଣ୍ଟରପ୍ରାଇଜେସର ସଞ୍ଜୟ ଲୋହିଆଙ୍କ ସହ ଯୋଡି ହୋଇଛି। ଆଇଡିର ନୂଆ କଲେକ୍ସନଗୁଡିକ ଆକର୍ଷକ ହୋଇଥିବା କମ୍ପାନୀ ପ୍ରକାଶ କରିଛି। କମ୍ପାନୀର ନୂଆ ଏଡ୍‌ବ୍ଲୁ-୧୮ କଲେକ୍ସନ ବର୍ତ୍ତମାନ ସାରା ଦେଶରେ ସପର୍‌ଷ୍ଟପ, ଲାଇଫ ଷ୍ଟାଇଲ, ସେଣ୍ଟ୍ରାଲ, ମେଟ୍ରୋ, ମୋଚି, ରିଲାଏନ୍ସ, ପାଣ୍ଟାଲୁନ ଭଳି ପ୍ରମୁଖ ଷ୍ଟୋରଗୁଡିକରେ ଉପଲବ୍ଧ ହେଉଛି। ପ୍ରଡକ୍ଟ ଡିଜାଇନ, ଉତ୍ପାଦନ ବୃଦ୍ଧି, ବିତରଣ ନେଟ୍‌ୱର୍କରେ ଉନ୍ନତିକରଣ ନେଇ କାର୍ଯ୍ୟ କରୁଛୁ ବୋଲି କମ୍ପାନୀର ପ୍ରତିଷ୍ଠାତା ଇନ୍ଦର୍‌ଦେବ ଏସ୍.ମୁସାଫିର ସୂଚନା ଦେଇଛନ୍ତି। ବ୍ରାଣ୍ଡର ଉପସ୍ଥିତିକୁ ଦୃଢ କରିବାକୁ ବିଭିନ୍ନ ପଦକ୍ଷେପ ନେଉଛୁ ବୋଲି ସେ ସୂଚନା ଦେଇଛନ୍ତି। ଚାହିଦାକୁ ଧ୍ୟାନରେ ରଖାଯାଇଥିବା କମ୍ପାନୀର ବ୍ରାଣ୍ଡ ମୁଖ୍ୟ ଯୋଗେଶ ଖୁଲ୍‌ବେ ସୂଚନା ଦେଇଛନ୍ତି।

## ଡ୍ୟୁକ୍‌ର ନୂଆ କଲେକ୍ସନ

**ଭୁବନେଶ୍ୱର,୧୬-୧୦**

ପ୍ରମୁଖ ଫ୍ୟାଶନ ବ୍ରାଣ୍ଡ ଡ୍ୟୁକ୍ ପକ୍ଷରୁ ନୂଆ ଶରତ-ଶୀତ କଲେକ୍ସନ ବଜାରକୁ ଆସିଛି। ଯୁବବର୍ଗଙ୍କୁ ଧ୍ୟାନରେ ରଖି କମ୍ପାନୀ ଏଭଳି ପଦକ୍ଷେପ ଗ୍ରହଣ କରିଛି। ଗ୍ଲୋବାଲ ଟ୍ରେଣ୍ଡକୁ ନଜରରେ ରଖି କମ୍ପାନୀ ପୁରୁଷ, ମହିଳା ଏବଂ ଶିଶୁଙ୍କ ଲାଗି ନୂଆ କଲେକ୍ସନ ଆଣିଛି। ଏହା ମଧ୍ୟରେ ଉଲେନ ଟପ୍ସ, ସ୍ୱେଟର, ସ୍ୱିଟ ସାର୍ଟ, ଜ୍ୟାକେଟ, ଥର୍ମାଲ୍ସ, ଟ୍ରାକ୍ ସୁଟ ଏବଂ ଫୁଟୱେର ରହିଛି। ଯୁବବର୍ଗଙ୍କୁ ଧ୍ୟାନରେ ରଖି ଟ୍ରେଣ୍ଡି ତଥା ଷ୍ଟାଇଲିସ ରେଞ୍ଜର ପୋଷାକ ପତ୍ର ପ୍ରଦାନ ଲାଗି ଏଭଳି କଲେକ୍ସନ ଆସିଥିବା ଡ୍ୟୁକ୍ ଫ୍ୟାସନ୍ସ ଲିମିଟେଡର ନିର୍ଦ୍ଦେଶକ କୁନ୍ତଲ ରାଜ ଜୈନ ସୂଚନା ଦେଇଛନ୍ତି।





ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ବଜାରକୁ ଆସିଛି ନୂଆ ସାଣ୍ଟ୍ରୋ। ଏହା ସମ୍ପର୍କରେ ଗ୍ରାହକଙ୍କୁ ଜଣାଇବା ଲାଗି କମ୍ପାନୀ ପକ୍ଷରୁ ଓଡିଶାରେ ଡିଜିଟାଲ ଫ୍ଲୋଟ୍ ଆକ୍ଟିଭିଟି ଚଳିତ ମାସ ୧୨ରୁ ୧୮ ତାରିଖ ମଧ୍ୟରେ ହାତକୁ ନିଆଯାଇଛି। ଏହା ୩ ମାସ ମଧ୍ୟରେ ରାଜ୍ୟର ସମସ୍ତ ଜିଲାକୁ ପରିକ୍ରମା କରିବ।

### ନବୀନ ଜିନ୍ଦଲଙ୍କୁ ବିଦେଶ ଯିବାକୁ ଅନୁମତି

**ନୂଆଦିଲ୍ଲୀ,୧୬-୧୦:** ବରିଷ୍ଠ କଂଗ୍ରେସ ଏମ୍‌ପି ତଥା ଜିନ୍ଦଲ ଗ୍ରୁପ୍ ଅଫ୍ କମ୍ପାନୀ ମାଲିକ ନବୀନ ଜିନ୍ଦଲଙ୍କୁ କୋଇଲ ଦୁର୍ନୀତି ମାମଲାରେ ସ୍ଥାନୀୟ ସ୍ୱତନ୍ତ୍ର ଅଦାଲତ ବିଦେଶ ଯିବାକୁ ଅନୁମତି ପ୍ରଦାନ କରିଛନ୍ତି। ସ୍ୱତନ୍ତ୍ର ବିଚାରପତି ଭରତ ପରାଶର ଜିନ୍ଦଲଙ୍କୁ ଅକ୍ଟୋବର ୧୫ରୁ ୧୯ ତାରିଖ ଯାଏ ଜାପାନ ଗସ୍ତରେ ଯିବାକୁ ଅନୁମତି ଦେଇଛନ୍ତି। ତେବେ ସରକାରୀ ଓକିଲ ଏହାକୁ ବିରୋଧ କରିବାରୁ ଅଦାଲତ ଏନେଇ କେତେକ ସର୍ତ୍ତାରୋପ କରିଛନ୍ତି। ସେ ବିଦେଶ ଗସ୍ତରେ କେଉଁ ସ୍ଥାନକୁ ଯାଇଥିଲେ ସେ ସମ୍ପର୍କରେ ତଦନ୍ତକାରୀ ସଂସ୍ଥାକୁ ୭ ଦିନ ମଧ୍ୟରେ ସୂଚନା ଦେବାକୁ ଅଦାଲତ ଜିନ୍ଦଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଅଶୋଧିତ ତେଲ ଦର ବୃଦ୍ଧିର କାରଣ ବୁଝାଇଲେ ଧର୍ମେନ୍ଦ୍ର



**ନୂଆଦିଲ୍ଲୀ,୧୬-୧୦**

ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦାମ୍ କାହିଁକି ବଢୁଛି ସେ ନେଇ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଝାଇଛନ୍ତି। ସେ କହିଛନ୍ତି ଯେ, ଆସନ୍ତା ନଭେମ୍ବରରେ ଇରାନ ବିରୋଧରେ ଆମେରିକାର କଟକଣା ସମ୍ପୂର୍ଣ୍ଣ ରୂପେ ଲାଗୁ ହୋଇଯିବ। ଏହି କାରଣରୁ ଅଶୋଧିତ ତୈଳ ଦାମ୍ ବଢୁଛି। ବାସ୍ତବରେ ଉତ୍ପାଦନ ହ୍ରାସ ଭୟ ହିଁ ଏକମାତ୍ର କାରଣ। ଇରାନରୁ ତେଲ କିଣିବା ନେଇ କଟକଣା କୋହଳ କରିବାକୁ ଆମେରିକାକୁ ଭାରତ ଅନୁରୋଧ କରିଛି କି ବୋଲି ପ୍ରଶ୍ନର ଉତ୍ତର ଏଡ଼ାଇ ପ୍ରଧାନ କହିଛନ୍ତି ଯେ, ନଭେମ୍ବର ପରେ ପାରସ୍ୟ ଉପସାଗରରୁ ତେଲ କିଣା ନେଇ ଭାରତ ତା'ର ମତାମତ ପୂର୍ବରୁ ରଖିସାରିଛି। ଏନେଇ ବାରମ୍ବାର କହିବାର ଆବଶ୍ୟକତା ନାହିଁ। ଇତିପୂର୍ବରୁ ସେ କହିଥିଲେ ଯେ, ନଭେମ୍ବରରେ ଭାରତୀ ଦୁଇଟି ତୈଳ ବିପଣନ କମ୍ପାନୀ ଇରାନରୁ ତେଲ କିଣିବ। ସେ କହିଛନ୍ତି ଯେ, ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲର ଅଭାବ ନାହିଁ। ତେବେ ଭୂ-ରାଜନୈତିକ ଅସ୍ଥିରତା କାରଣରୁ ଭୟର ବାତାବରଣ ଖେଳିଯାଇଛି। ଏହା ହିଁ ଏବେ ସମସ୍ତଙ୍କ ପାଇଁ ପ୍ରାରମ୍ଭିକ ଚ୍ୟାଲେଞ୍ଜ। ଇଣ୍ଡିଆ ଏନର୍ଜି ଫୋରମ୍‌ର ବୈଠକରେ ଯୋଗଦେବାକୁ ଆସିବା ଅବସରରେ ଏଠାରେ ଖବରଦାତାଙ୍କ ସହ ସେ ଆଲୋଚନା କରୁଥିଲେ। ସେ କହିଛନ୍ତି ଯେ, ଇରାନ ବିରୋଧରେ କଟକଣା ଲାଗୁ ହେବ ବୋଲି ଯେଉଁ ଦିନ ସୂଚନା ମିଳିଲା ସେହିଦିନଠାରୁ ଭାରତ ନିଶ୍ଚିତ ଥିଲା ଯେ ଦେଶ ପାଇଁ ଅଶୋଧିତ ତେଲର ଅଭାବ ହେବନି।

## ଓଟିପି ଜରିଆରେ ଆକାଉଣ୍ଟରୁ ଗାଏବ ହୋଇଯାଉଛି ଟଙ୍କା

**ନୂଆଦିଲ୍ଲୀ,୧୬-୧୦**

ବ୍ୟାଙ୍କ କାରବାରକୁ ସୁରକ୍ଷିତ ରଖିବା ଲାଗି ୱାନ୍ ଟାଇମ ପାସ୍‌ୱାର୍ଡ (ଓଟିପି)କୁ ସୁରକ୍ଷିତ ବୋଲି କୁହାଯାଉଥିଲେ ହେଁ ବାସ୍ତବରେ ଏଭଳି ଧାରଣା ଭୁଲ୍ ପ୍ରମାଣିତ ହୋଇଛି। ବହୁ ଅପରାଧୀ ଏହାକୁ ଅସ୍ତ୍ର କରି ଗ୍ରାହକଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ କରି ନେଉଥିବାବେଳେ ଗ୍ରାହକ ଜାଣିପାରୁନାହାନ୍ତି। ପେସାଦାର ହ୍ୟାକରଙ୍କ ସହାୟତାରେ ମୋବାଇଲ ଫୋନକୁ ହ୍ୟାକ୍ କରି ଓଟିପିକୁ ଚୋରାଇ ଆକାଉଣ୍ଟରୁ ଟଙ୍କା ଗାଏବ୍ କରୁଛନ୍ତି। ଏହାଛଡା ସେମାନେ ନକଲି ଗ୍ରାହକ ସାଜି ବ୍ୟାଙ୍କରେ ପହଞ୍ଚି ଟାର୍ଗେଟ ଗ୍ରାହକଙ୍କ ପଞ୍ଜୀକୃତ ମୋବାଇଲ ନମ୍ବର ବଦଳାଇ ଦେଉଛନ୍ତି। ଏଭଳି ପ୍ରକ୍ରିୟାରେ ସମ୍ପୃକ୍ତ ବ୍ୟାଙ୍କର କର୍ମଚାରୀ ମଧ୍ୟ ସାମିଲ ଥିବା ଜଣାପଡ଼ିଛି। ଫଳରେ ସେମାନେ ନୂଆ ନମ୍ବର ମାଧ୍ୟମରେ ଆଉ ଏକ ଓଟିପି ହାସଲ କରୁଛନ୍ତି। ଦିଲ୍ଲୀର ଜନକପୁରୀ ଅଞ୍ଚଳର ଜଣେ ନିବାସୀଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୧୧.୫ ଲକ୍ଷ ଟଙ୍କା ଅଚାନକ ଗାଏବ ହୋଇଯିବା ଘଟଣା ଜଣାପଡିବା ପରେ ଏଭଳି ଓଟିପି ଗ୍ୟାଙ୍ଗ ସକ୍ରିୟ ଥିବା ଜଣାପଡିଥିଲା। ଆଉ ଏକ ବାଟ ହେଲା, ଅପରାଧୀମାନେ ନିଜକୁ ମୋବାଇଲ ଗ୍ରାହକ ସାଜି ଟେଲିକମ୍ ଅପରେଟରଙ୍କ ଠାରୁ ନମ୍ବର ବଦଳାଇ ନୂଆ ଓଟିପି ସଂଗ୍ରହ କରୁଛନ୍ତି।

**ନାଲକୋ NALCO**
**National Aluminium Company Limited**
(A Government of India Enterprise)
Smelter Plant, Nalco Nagar, Angul-759145, Odisha, India
CIN : L27203OR1981GOI000920
A NAVRATNA COMPANY

**NOTICE INVITING TENDERS**
Online tenders are being invited from experienced bidders on OPEN / Two- part (E-tender) mode for the following jobs at NALCO, Smelter Plant at Angul, Odisha :

1- NIT No. OMC-4919
**Name of the work:** Unloading and Feeding of CPCoke in Smelter Plant.

2- NIT No. OMC-4926
**Name of the work:** Sanitary & Conservancy Work at Nalco Hospital.

3- NIT No. OMC-4930
**Name of the work:** Catering & Housekeeping of Nalco Atithi Niwas (NAN) in Nalconagar Township.
**AGM (Mech.)-T&C**

4- E-Tender No. SMLT/408/3000005465 Dt. 28/09/2018, Tender ID: 2018_NALCO_389090_1
**Name of the work:** Bids invited from Indian Manufacturers for Manufacture & Supply of 86 nos. Riser Damper for Anode Baking Furnace-I. The last date & time for bid submission: **05.11.2018, 10.00 AM.**
**DGM (Materials)-Smelter**

For details of NITs like contract period, EMD, Date and time of E-submission, Part-I Bid Opening, Modification/ Amendments (if any) please log in to www.nalcoindia.com & http://eprocure.gov.in

**ପୌର ପରିଷଦ, ବେଲପାହାଡ଼**

ଶ୍ରୀ ଶ୍ରୀ ଦୁର୍ଗା ପୂଜା ଅବସରରେ ବେଲପାହାଡ଼ ପୌର ପରିଷଦ ତରଫରୁ ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ଜଗତ୍‌ଜନନୀ ମାଁ ଦୁର୍ଗାଙ୍କ ଆଶୀର୍ବାଦରୁ ସମସ୍ତଙ୍କ ଜୀବନ ସୁଖ ଶାନ୍ତିରେ ପରିପୂର୍ଣ୍ଣ ହେଉ ଏହା ହିଁ ମା'ଙ୍କ ନିକଟରେ ପ୍ରାର୍ଥନା।

**ପୌରବାସୀଙ୍କୁ ନିବେଦନ:**
- ପୌର ପରିଷଦର ଦେୟ ଯଥା ସମୟରେ ପୈଠ କରନ୍ତୁ।
- ସର୍ବସାଧାରଣ ରାସ୍ତା ଏବଂ ନାଳ ଉପରେ ନିର୍ମାଣ ସାମଗ୍ରୀ ଯଥା: ଇଟା, ବାଲି ରଖି ରାସ୍ତା ଓ ନାଳ ଅବରୋଧ କରନ୍ତୁ ନାହିଁ।
- ଗୃହପାଳିତ ପଶୁମାନଙ୍କୁ ରାସ୍ତା ଉପରେ ଏଣେତେଣେ ବୁଲିବାକୁ ଛାଡ଼ନ୍ତୁ ନାହିଁ।
- ପୌର ପରିଷଦର ସମ୍ପତ୍ତି ଆପଣଙ୍କ ସମ୍ପତ୍ତି, ଏଣୁ ଏହାର ସୁରକ୍ଷା କରନ୍ତୁ।

| ଶ୍ରୀ ଲୋକନାଥ କୁମାର ତିୱାରୀ | ଶ୍ରୀମତୀ ଅନୁପମା ଭଏଁସା | ଶ୍ରୀ ପର୍ଶୁରାମ ସାହୁ |
|---|---|---|
| କାର୍ଯ୍ୟନିର୍ବାହୀ ଅଧିକାରୀ | ଉପାଧ୍ୟକ୍ଷା | ଅଧ୍ୟକ୍ଷ |
| ପୌର ପରିଷଦ, | ଏବଂ ପରିଷଦର ସମସ୍ତ | ପୌର ପରିଷଦ, |
| ବେଲପାହାଡ଼ | ସଭ୍ୟ/ସଭ୍ୟା ବୃନ୍ଦ | ବେଲପାହାଡ଼ |

**ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ**
**AIRPORTS AUTHORITY OF INDIA**
**ଇ-ଟେଣ୍ଡର ନୋଟିସ୍**

ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆର ଅଧ୍ୟକ୍ଷଙ୍କ ତରଫରୁ ଏୟାରପୋର୍ଟ ନିର୍ଦ୍ଦେଶକ **'ବିଜୁ ପଟ୍ଟନାୟକ ଇଣ୍ଟରନ୍ୟାସନାଲ ଏୟାରପୋର୍ଟ, ଭୁବନେଶ୍ୱରରେ SITC ଅଫ୍ ଅପ୍‌ଟିକାଲ ଫାଇବର କମ୍ୟୁନିକେସନ ନେଟୱାର୍କ'** ପାଇଁ ଇ-ଟେଣ୍ଡର ଆମନ୍ତ୍ରିତ କରୁଛନ୍ତି। ଆକଳନ ଖର୍ଚ୍ଚ: **ଟ. 1,44,67,465.00** (ଟିକସ/ଜିଏସ୍‌ଟି କୁ ବାଦ ଦେଇ)। ଟେଣ୍ଡର ଆଇଡି ନଂ. **2018_AAI_16562**। ସିପିପି ପୋର୍ଟାଲରେ ଟେଣ୍ଡର ଦାଖଲର ଅନ୍ତିମ ତାରିଖ 29.10.2018 ସମୟ ଦିନ 3 ଟା ପର୍ଯ୍ୟନ୍ତ। ଅଧିକ ବିବରଣୀ ନିମନ୍ତେ ଲଗ୍ ଅନ କରନ୍ତୁ **www.aai.aero** କିମ୍ବା **https://etenders.gov.in/eprocure/app**ରେ ଏ ସମ୍ବନ୍ଧରେ ଅଧିକ ସ୍ପଷ୍ଟିକରଣ/ଭ୍ରମ ସଂଶୋଧନ, ଯଦି କିଛି ଥାଏ, କେବଳ **https://etenders.gov.in/eprocure/app** ରେ ଅପଲୋଡ କରାଯିବ।

**idco** Your power to grow | ISO 9001 & 14001 CORPORATION
**ODISHA** NEW OPPORTUNITIES
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022
**OFFICE OF THE CHIEF GENERAL MANAGER (CIVIL) IDCO, IDCO TOWER, BHUBANESWAR.**
**Tender Call Notice No. Civil/EST-46/2018-19/20932** Dt. 11.10.2018

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work:** Construction of Sport Complex at Burla, Sambalpur (Phase-1).

| Procurement Officer | Bid Identification No. | Period of Completion | Value of Work | Availability of Tender on-Line for Bidding | |
|---|---|---|---|---|---|
| | | | | From | To |
| 1 | 2 | 3 | 4 | 5 | 6 |
| CGM (Civil), IDCO, IDCO Towers, Janpath, Bhubaneswar | Bid ID. No. Civil - EST-46 /2018-19 | 11 (Eleven) Calendar Months | Rs.13,14,98,613/- | 18.00 Hours of 22.10.2018 | 17.00 Hours of 12.11.2018 |

Further details can be seen from the e-procurement portal. **www.tendersodisha.gov.in.** Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website.**

**Sd/-**
**Chief General Manager (Civil) (I/C)**
**IDCO, Bhubaneswar**

**C.D.A.**
**CUTTACK DEVELOPMENT AUTHORITY**
**ARUNODAYA BHAWAN, LINK ROAD, CUTTACK - 12 (ORISSA)**
**Government of Odisha "e" procurement Notice**
**Bid Identification No. - EM/CDA/Cuttack - 07 / 2018-19**

| | | |
|---|---|---|
| 1. **Nature** of Work | : | Civil & Sewerage works |
| 2. No. of work | : | 1 No. Civil and Sewerage in NIT |
| 3. Estimated Cost | : | Rs.1,56,32,000.00 |
| 4. Tender Paper Cost | : | 1 No. tender Rs.10,000.00 |
| 5. Class of Contractor | : | B & A Class |
| 6. Available of bid document | : | From 10.00 A.M of 23.10.2018 to 4.00 PM of 08.11.2018 |
| 7. Date of opening of Bid | : | Dt.14.11.2018 at 12.30 PM |

8. The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum/ corrigendum / cancellation of tender can also be seen in the said website :

**Sd/-**
**Engineer Member**
**Cuttack Development Authority, Cuttack**

**idco** Your power to grow
**ODISHA** NEW OPPORTUNITIES
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022
**Tender Call Notice No.: IDCO/BCD-II/Civil/Estm/D-1030/04/2018-19/1309** **Date: 11.10.2018**

**TENDER CALL NOTICE**

| | | |
|---|---|---|
| Name of the Work | : | Construction of Boundary wall 160Mtr length over Plot No-50 near Utkal Bipanna Sahayata Samiti in Mancheswar I/E, Bhubaneswar. |
| Estimated Cost of the Work | : | Rs. 21,24,000/- |
| Period of Completion | : | 45 (Fourty Five) days |
| EMD Amount | : | Rs.21,240/- |
| Cost of Bid Document | : | Rs. 6000.00 + 18% (GST)= Rs. 7080.00 |
| Date of Availability of Tender | : | 11.00 Hrs of 22.10.2018 to 16.00 Hrs of 27.10.2018 |
| Last Date of Submission of Tender | : | Before 16.00 Hrs of 31.10.2018 |
| Date of Opening of Tender | : | 11.30 Hrs of Date 02.11.2018 |
| Procurement Officer | : | Divisional Head, (BCD-II), IDCO, Bhubaneswar |

Further details can be seen from the IDCO website **www.idco.in** or, contact Er. Sukumari Singh, A.E.E (Civil) at Telephone 0674-2542780 during office hours.

**Sd/-**
**Divisional Head, BCD-II Division, IDCO**


MARUTI SUZUKI
SHUBH NAVRATRI
CELEBRATE NAVRATRI
WITH OUR INCREDIBLE OFFERS.
Buy your favourite Maruti Suzuki Car this festive season and get assured exciting prizes and a chance to win a trip to Paris.
DZIRE
SWIFT
Scratch & win Contest
GET SURPRISE GIFT
★ Mega Bumper Prize CelerioX* ★ A Trip To Paris ★ LED TV
★ Apple iPhone 7 ★ Apple iPad ★ Phillips Speaker
★ More Exciting Prizes
Dzire Save Upto ₹40,000* | Swift Save Upto ₹35,000*
E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.
DZIRE | SWIFT
LEGEND CARS
• JEYPORE: 7894335551
• BHAWANIPATNA: 7894442910
SKY AUTOMOBILES
• BERHAMPUR: 7381261000
ODYSSEY MOTORS
• SAMBALPUR: 9439018805 • BOLANGIR: 9438068327
• BARGARH: 8895094616 • NUAPADA: 8895094633
• SONEPUR: 9437421356 • JHARSUGUDA: 9439892153 • BOUDH: 8594908009
ORBIT MOTORS
• ROURKELA: 9040404444, 9040404333
• SUNDARGARH: 9437049161
• DEOGARH: 9437492369
*Terms and conditions applicable. The Terms and Conditions are subject to change without any prior notice. All offers are brought to you by Maruti Suzuki Dealers only. Offers are applicable on selected car models. Car models and accessories shown may vary from the actual product. Images used are for illustration purpose only. Savings mentioned above includes consumer offer and exchange bonus. All offers and the savings given above are applicable for the month of October'18 only. Scratch and Win Offer is applicable on all models and is valid from 5th – 31st October'18. In lucky draw, the mega bumper prize is CelerioX VXI AGS. Refer terms and conditions for Lucky draw in lucky draw coupon provided during the time of delivery. Offers as shown above may change without any prior notice.


www.tvsxl.com tvsxl
TVS
ପ୍ରତିଦିନ ଆହୁରି ଆରାମଦାୟକ
ଏବେ ମାତ୍ର ₹30,913#
ଏବେ ନୂଆ ଫୀଚର୍ସ ସହିତ
ଆରାମଦାୟକ ବସିବା
ଆରାମଦାୟକ ଓ ଷ୍ଟାଇଲିଶ୍
ସର୍ବୋତ୍ତମ ସୁରକ୍ଷା
ପ୍ରିମିଅମ୍ ଚଉଡା ସୀଟ୍
କ୍ରୋମ୍ ସାଇଲେନ୍ସର୍ ଗାର୍ଡ
ଷ୍ଟାଇଲିଶ୍ LED DRL
କମ ଡାଉନ ପେମେଣ୍ଟ ₹3999##
1 ବର୍ଷ ଇନ୍ସ୍ୟୁରାନ୍ସ ମାଗଣା (OD)*
Paytm mall Benefits up to ₹6000**
ମିସ୍‌ଡ କଲ୍ : 1800 3157 100
XL 100 COMFORT
#Ex-showroom price of XL100 Comfort variant. ##Finance at the sole discretion of the financier. Finance scheme mentioned is for XL100 Comfort only. ** Cashback+vouchers worth `6000/- only through Paytm at select dealership only. Offers cannot be clubbed. * GST & any other additional cover will be extra. Offers cannot be clubbed together. T&C apply.
TVS 3 YEAR WARRANTY
FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: SAMBALPUR: Kishore TVS, Ph.: 9778371171. BOLANGIR: Rajlaxmi TVS, Ph.: 918260437538. BARGARH: Subhamm TVS, Ph.: 8860625628. BHAWANIPATNA: Barun TVS, Ph: 8260430746; ROURKELA: Gurugobind TVS, Ph: 8260566699; JHARSUGUDA: Gunnu TVS, Ph: 8586977624; SONEPUR: Minerva TVS, Ph : 6370700730, 6370700734. Authorised Dealers: Rengali, Kalinga Automobiles, Ph.: 943705283 1; Deogarh, Saswati Motors, Ph : 9437392892; Charbahal, RB Motors, Ph.: 9853406294; Junagarh, Indian Automobiles, Ph.: 9437092284, 9437939586; Nuapara, G K Motors, Ph.: 9937653638; Raj Khariar, Classic Auto, 9439144433; Muniguda, Bhagabati Motors, Ph : 9583860028; Dharmagarh, Gayatri Enterprises, Ph : 9938883405; Belpahar, Sova Automobiles, Ph.: 9238581791; Binka, Chandralata Motors, Ph : 7894255589; Attabira, Swati Auto, Ph : 9853157276; Barpali, Shree Krishna Motors, Ph.: 9777703149; Patnagarh, Samleshwari Motors, Ph.: 9938621078; Dungripally, Pabnee Motors, Ph.: 9937926986; Sundergarh, S. B. Automobiles, Ph.: 06622-274361, 9437139011; Rajgangpur, Bramha Motors, Ph : 9861265188 ; San Balichuan, Gayatri Motors, Ph : 8658502167; Khariar Road, Nanesh Auto, Ph.: 9938098888; Sohela, Khamari Auto, Ph.: 9938739550; Thuvapali, Goyal Auto, Ph : 9937452169 ; Bhatli, Saraswati Motors, Ph : 9090140103; Titlagarh, Maruti, 9438096285; Boudh, M.D. Motors, Ph.: 9439238768; Kantabanji, Nownit Auto Agency, Ph : 9437210599; Gaisilat, Akankshya Motors, Ph : 9937408645; Jaipatna, Kaveri Motors, Ph : 9178280401;Padampur, Alisha Motors, Ph : 9938110070; Sambalpur, Shakti Motors, Ph : 9337016000; Bamra, Regent Motors, Ph : 9437535172; Kuchinda, Jay Maa Automobiles, Ph : 9437058129; Tarbha : Deosar Motors, Ph : 9439135679 ; Redhakhol : Palak Trading Company, Ph : 7978349822; Saintala : Balaji Motors, Ph : 9853781372; Gaisilat, Akankshya Motors, Ph: 7683848645, A Kantapali, Hariom Automobiles, Ph: 8342939695; Paikmal, Mangal Motors, Ph : 9938119999; Laikera, Ritesh Automobiles, Ph : 9938465363 Narla Road, Niladri Motors, Ph : 7326933067; Bheden, Mohit Automobiles, Ph : 7008024042.
dentsuindia/dhr sam/33/17

## ଧାରୁଆ ଅସ୍ତ୍ରରେ ହାଣି ହତ୍ୟା

ବରଗଡ଼ ଅଫିସ୍,୧୬।୧୦–ବରଗଡ଼ ସଦର ଥାନା ଅଧୀନ ସ୍.ତୁମ୍ଭେରପାଲି ନିକଟ ଏକ ବିଲରୁ ମଙ୍ଗଳବାର ସକାଳେ ପୋଲିସ ଜଣେ ବୃଦ୍ଧଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର କରିଛି। ସେ ହେଲେ, ବିଭୀଷଣ ବିଶି (୬୦)। ତାଙ୍କୁ କୌଣସି ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏ ନେଇ ପୋଲିସ ଦଫା ୩୦୨ରେ ଏକ ମାମଲା (ନଂ.୨୩୯/୧୮) ରୁଜୁକରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନା ପଠାଯାଇଛି। ବିଭୀଷଣ ସୋମବାର ଛେଳି ଚରାଇବାକୁ ଯାଇ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିବାବେଳେ ତାଙ୍କ କୌଣସି ପତ୍ତା ମିଳି ନ ଥିଲା। ମଙ୍ଗଳବାର ଗ୍ରାମ ନିକଟ ଏକ ବିଲରେ ବିଭୀଷଣଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ସଦର ଥାନା ଆଇଆଇସି ମମତା ନାୟକ ଘଟଣାର ତଦନ୍ତ କରୁଛନ୍ତି।


















Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେ ହେଲେ ଅନିଷ୍ଟ ହୁଏ ନାହିଁ।
- ମହର୍ଷି ପରାଶର








## ସଂକ୍ଷେପରେ

### ଗଛତଳୁ ଗଳିତ ମୃତଦେହ ଉଦ୍ଧାର

**ବରଗଡ଼ ଅଫିସ୍,୧୬।୧୦-** ବରଗଡ଼ ସଦର ଥାନା ଅଧୀନ ଗୋବିନ୍ଦପୁର ଏକ ରାଇସ ମିଲ ନିକଟ ଗଛମୂଳରୁ ମଙ୍ଗଳବାର ପୋଲିସ ଏକ ଗଳିତ ମୃତଦେହ ଉଦ୍ଧାର କରିଛି। ମୃତଦେହ ପଚିଯାଇ ଥିବାବେଳେ ତାଙ୍କ ପରିଚୟ ମିଳିପାରି ନାହିଁ । ତେବେ ମୃତକଙ୍କ ବେକରେ ଏକ ଦଉଡ଼ି ବନ୍ଧାହୋଇ ରହିଥିବାବେଳେ ସେ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ପୋଲିସ ଅନୁମାନ କରୁଛି। ମୃତଦେହ ଗଛମୂଳେ ଏକକାନ୍ଥରେ ବସିବା ଅବସ୍ଥାରେ ରହିଥିବା ଯୋଗୁ ବ୍ୟକ୍ତି ଜଣଙ୍କୁ କେହି ହତ୍ୟା କରି ଆତ୍ମହତ୍ୟାରୁ ରୂପ ଦିଆଯାଇଥିବା ସନ୍ଦେହ କରାଯାଉଛି । ବରଗଡ଼ ସଦର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ପଠାଯାଇଛି। ଥାନାରେ ଏକ ଅପମୃତ୍ୟୁ ମାମଲାରୁଜୁ ହୋଇଥିବା ସଦର ଥାନା ଆଇଆଇସି ମମତା ନାୟକ ସୂଚନା ଦେଇଛନ୍ତି ।

# ହଜିଯାଉଛେ ଧୁନ୍‌କେଲ ସୋର

**ଜାମଟିକ୍ରା, ୧୬।୧୦ (ଡି.ଏନ.ଏ)**

ସମିଆର ଗତି ସଂଗେ ବହୁତ୍ ଜିନିସ ବଦ୍‌ଲି ଯାଉଛେ। ଆଘ ଏନ୍‌ତା ଶାରଦୀୟ ପୂଜା ଅବ୍‌ଛରରେ ଗାଁ ଗାଁରେ ଶୁନ୍‌ବାକେ ମିଲୁଥିଲା ଭିନେ ଭିନେ ରକମର ବଜାର ଶବଦ୍। ସେ ଭିତ୍‌ରୁ ଧୁନ୍‌କେଲ ହେଉଛେ ସବୁଠାନୁ ଅଲଗ୍। ଦିନ୍‌ଥିଲା ସାମାଜିକ୍ ଜୀବନ୍‌କେ ସରସ ସୁଁଦର କରିଥିବାର ଧୁନ୍‌କେଲ ସୋର ଅଏଜ୍ ତାର ପରିଚଏ ଖୁଜୁଛେ। ଅଶିନ୍ ମାସେ ଗୁଟେ ଘରେ ଦୁର୍ଗା ଆର୍ କେତେ ଦେବୀଦେବାଙ୍କର ଚିତ୍‌ର ଅଁକା ଯାଉଥିଲା। ସେଟାକେ କୁଠି ବଲୁଥିଲେ। ଆଘ ପିଠଉଥି ଚିତ୍‌ର ଆଁକୁଥିଲେ। ଏହେଦେ ସମିଆ ବଦିଲ୍‌ବାର ସଂଗେ ନାନା ପରକାର ରଂଗ୍‌ଥି ଚିତ୍‌ରା ଯାଉଛେ। ମହାଷ୍ଟମୀ ତିଥିନେ ଦିନର ଦୁଇପହରେ ଧାଁଗ୍‌ରି ଟୁକେଲମାନେ ଆସି କୁଠିରେ ଠୋଲ୍ ହେଇ ଧିଆନ୍‌ରେ ବସୁଥିଲେ। ପଛେ ଝନେ ଧୁନ୍‌କେଲ ବଜାବାର ସଂଗେ ଗୀତ୍ ଗାଉଥିଲେ। ଇ ଧୁନ୍‌କେଲ ସୋର ଆର୍ ଗୀତ୍‌ରେ ଧାଁଗ୍‌ରି ଟୁକେଲମାନେ ଧିଆନ୍‌ରେ ଦେବୀ ପାର୍ବତୀଙ୍କୁ ଆବାହନ କରୁଥିଲେ।

ଧୁନିକତାର ଛାପ୍‌ରେ କାଁ ଭାଁ ଧୁନ୍‌କେଲ ସୋର୍ ଆର୍ ଗୀତ୍ ଶୁନ୍‌ବାକେ ମିଲୁଛେ। ତାର ସଂଗେ ଧୁନ୍‌କେଲ ସୋର୍ ଆର୍ ଗୀତ୍ ବି ଲୁକ୍‌କର ଲାଗି ପୁର୍‌ନା ହେଇଯାଇଛେ। ହେଲେ ଆଏଜ୍ ବି ଅତାବିରା ବ୍ଲକ୍ ପତ୍ରାପାଲିର ଜଗନ୍ନାଥ ଭୋଇ ଆର୍ ଦୁର୍ଯ୍ୟୋଧନ ଝାଙ୍କର ଧୁନ୍‌କେଲ ବଜାବାରେ ଆର୍ ଗୀତ୍ ଗାଏବାରେ ଉସ୍‌ତାଦ୍ ଆଏ। ସେମାନକର କହେବାର ହିସାବେ ଇ ପୁର୍‌ନା ବଜା, ଗୀତ୍ ସବୁକେ ବଁଚେଇ ରଖବାକେ ହେଲେ ସରକାରୀ, ବେସରକାରୀ ସ୍ତରରେ ଚେଷ୍‌ଟା କରାଯିବା କଥା ବଲି ମତ୍ ଦେଇଛନ୍।



କୁଠିଘରେ ପୂଜା ଲାଗି ସଭେ ଠୋଲ ହେଇଛନ୍।

ଜିଲାସ୍ତରୀୟ ଫୁଟବଲ ପ୍ରତିଯୋଗିତା

# ଘେଁସକୁ ହରାଇ ପଦ୍ମପୁର ଫାଇନାଲରେ

**ସୋହେଲା,୧୬।୧୦ (ଡି.ଏନ୍.ଏ.)**

ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଚାଲିଥିବା ଜିଲାସ୍ତରୀୟ ନକ୍‌ଆଉଟ ଫୁଟବଲ ପ୍ରତିଯୋଗୀତାର ମଙ୍ଗଳବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଘେଁସ ଓ ପଦ୍ମପୁର ମଧ୍ୟରେ ହୋଇଥିଲା। ଘେଁସକୁ ୧-୦ ଗୋଲରେ ହରାଇ ପଦ୍ମପୁର ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ ଆରମ୍ଭରୁ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଉଭୟ ଦଳର ଖେଳାଳିମାନେ ବିପକ୍ଷ ଦଳ ଉପରେ ଘନଘନ ଆକ୍ରମଣ କରିଥିଲେ। ପଦ୍ମପୁର ଦଳର ଖେଳାଳିମାନେ ଗୋଲ ଦେବାର ଅନେକ ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ଘେଁସ ଦଳର ଗୋଲ ରକ୍ଷକ ଗୋପାଳ ସାହୁଙ୍କ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ ଯୋଗୁ ଗୋଲ କରିବାରେ ସଫଳ ହୋଇ ନ ଥିଲେ । ମ୍ୟାଚର ପ୍ରଥମାର୍ଦ୍ଧ ଖେଳ ଗୋଲ ଶୂନ୍ୟ ରହିବା ପରେ ଦ୍ୱିତୀୟାର୍ଦ୍ଧ ଖେଳର ୧୫ତମ ମିନିଟରେ ପଦ୍ମପୁର ଦଳର ଫଟୁ ଓରାମ ମ୍ୟାଚର ଏକମାତ୍ର ଗୋଲକରି ଦଳକୁ ୧-୦ ଗୋଲରେ ବିଜୟୀ କରିଥିଲେ। ଘେଁସ ଦଳର ଗୋଲ ରକ୍ଷକ ଗୋପାଲ ସାହୁଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା । ମ୍ୟାଚକୁ ରେଫରି ସୁରେଶ କୁମାର ଦାସ ପରିଚାଳନା କରିଥିବା ବେଳେ ରେଫରି ଅଶ୍ୱିନୀ ମେହେର, ଶ୍ରିନିବାସ ରାଓ ତାଙ୍କୁ ଲାଇନରେ ସହାୟତା କରିଥିଲେ। ପଞ୍ଚାନନ ପାତ୍ର ଚତୁର୍ଥ ରେଫରି ଦାୟିତ୍ୱରେ ରହିଥିଲେ। ବୁଧବାର ପଦ୍ମପୁର ଓ ଅଇଁଠାପାଲି ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

## ଫଟୋରେ ଖବର



ବରଗଡ଼ ସରକାରୀ ବସଷ୍ଟାଣ୍ଡ ପରିସରରେ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ।



ବରଗଡ଼ ଗାନ୍ଧୀଛକରେ ପୂଜିତ ମା' ଦୁର୍ଗାଙ୍କ ପ୍ରତିମା।

# ଥଇଥାନ ପାଇଁ ଜିଲାପାଳଙ୍କୁ ଗୁହାରି

**ବରଗଡ଼ ଅଫିସ୍,୧୬।୧୦**

ନାଁ ତାଙ୍କର ଗୋବିନ୍ଦ ଚନ୍ଦ୍ର କୁମ୍ଭାର। ବରଗଡ଼ ଜିଲା ସାନ ବାଉଁସେନ ଗ୍ରାମରେ ତାଙ୍କ ଘର । ସେ ଜଣେ ଉଚ୍ଚଶିକ୍ଷିତ ଯୁବକ । ସ୍ନାତକ ତାଙ୍କର ଯୋଗ୍ୟତା । ନିହାତି ଗରୀବ ଶ୍ରେଣୀର ପରିବାରର ପୁଅ ହୋଇଥିଲେ ମଧ୍ୟ ସେ ଜଣେ ହୋମଗାର୍ଡ଼ଭାବେ ନିଯୁକ୍ତି ପାଇ ପରିବାର ପୋଷଣ କରୁଥିଲେ । ତେବେ ପରେ ଏକ ସାଇକେଲ ଚୋରି କେଶରେ ଛନ୍ଦି ହୋଇ ପଡ଼ିଥିଲେ ଏବଂ ହୋମଗାର୍ଡ଼ ଚାକିରି ହରାଇଥିଲେ ଗୋବିନ୍ଦ। ମାତ୍ର ସେହି ସାଇକେଲ ଚୋରି ମାମଲାରେ ତାଙ୍କ କୌଣସି ସମ୍ପୃକ୍ତି ନ ଥିବା ସତ୍ତ୍ୱେ ତାଙ୍କୁ ଚାକିରିରୁ ବାହାର କରି ଦିଆଗଲା ଏବଂ ଏହାପରେ ସେ ଦୁର୍ବିସହ ଜୀବନ ଅତିବାହିତ କରୁଥିବା ଗୋବିନ୍ଦ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ ନେଇ ସୋମବାର ଗୋବିନ୍ଦ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ତ୍ରିପାଠୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ତପିରାମ ମାଝିଙ୍କୁ ଭେଟି ତାଙ୍କୁ ଥଇଥାନ କରିବା ପାଇଁ ନିବେଦନ କରିଛନ୍ତି । ଏ ନେଇ ସେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସ୍ମାରକପତ୍ରରେ ସେ ଉଲ୍ଲେଖିତ କରିଛନ୍ତି, ସେ ବିଜେପୁର ଥାନାରେ ହୋମଗାର୍ଡ଼ଭାବେ କାର୍ଯ୍ୟରତ ଥିଲେ । ପରବର୍ତ୍ତୀ ସମୟରେ ରିଜର୍ଭ ପୋଲିସ ପରୀକ୍ଷା ମଧ୍ୟ ଦେଇଥିଲେ । ସେଥିରେ ଉତ୍ତୀର୍ଣ୍ଣ ହୋଇଥିଲେ ମଧ୍ୟ ତାଙ୍କୁ ଚାକିରୀ ମିଳି ନ ଥିଲା । ରିଜର୍ଭ ପୋଲିସରେ ଚାକିରି ଖଣ୍ଡିଏ ପାଇ ପରିବାର ପୋଷଣ କରିବେ ବୋଲି ସେ ଆଶା ବାନ୍ଧିଥିଲେ । ମାତ୍ର ତାହା ବି ପୂରଣ ହେଲା ନାହିଁ, ଅନ୍ୟଥା ସେ ଚୋରି ମାମଲାରେ ସମ୍ପୃକ୍ତ ନ ଥିଲେ ମଧ୍ୟ ତାଙ୍କୁ ସେଥିରେ ଛନ୍ଦି ଦିଆଗଲା ବୋଲି ସେ ଅଭିଯୋଗ କରିଛନ୍ତି । ଏହାପରେ ତାଙ୍କ ପରିବାର ଦୁର୍ବିସହ ଜୀବନ ଅତିବାହିତ କରୁଛନ୍ତି । ଫଳରେ ଘଟଣାର ବିଧିବଦ୍ଧ ତଦନ୍ତ ପୂର୍ବକ ତାଙ୍କୁ ଥଇଥାନ କରିବା ପାଇଁ ଗୋବିନ୍ଦ ଜିଲା ପ୍ରଶାସନକୁ ନିବେଦନ କରିଛନ୍ତି, ନଚେତ୍ ସେ ମାଓବାଦୀ ସଂଗଠନରେ ଯୋଗଦେବା ପାଇଁ ବାଧ୍ୟ ହେବେ ବୋଲି ସ୍ମାରକପତ୍ରରେ ଦର୍ଶାଇଛନ୍ତି ।



ଥଇଥାନ ପାଇଁ ଜିଲାପାଳଙ୍କୁ ଫେରାଦ ହୋଇଥିବା ଯୁବକ ।

ନୂଆଁଖାଇ ଭେଟ୍‌ଘାଟ୍

# ବିଧାୟକ ପ୍ରଦୀପ ପୁରୋହିତ ସମ୍ବର୍ଦ୍ଧିତ

**ପଦ୍ମପୁର,୧୬।୧୦ (ଡି.ଏନ.ଏ)**

ନୂଆଁଖାଇ ଜୁହାର ସମିତି ସତୀଭଟାର ତ୍ରୟୋଦଶତମ ନୂଆଁଖାଇ ଭେଟ୍‌ଘାଟ୍ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶ୍ରେଷ୍ଠ ବିଧାୟକ ଭାବେ ପ୍ରଦୀପ ପୁରୋହିତଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହିତ ପଦ୍ମପୁର ଅଞ୍ଚଳର ୭୦ଜଣ କଳାକାରଙ୍କୁ ବିଧାୟକ ପୁରୋହିତ ପୁରସ୍କୃତ କରିଥିଲେ। ଅବାଧ ନିଶା କାରବାର ଦମନ ପାଇଁ ଶତାଧିକ ଲୋକଙ୍କ ସ୍ୱାକ୍ଷର ଥିବା ଏକ ଦରଖାସ୍ତ ବିଧାୟକଙ୍କୁ ପ୍ରଦାନ କରାଯାଇଥିଲା। ଏନେଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ବିଧାୟକ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସଂଯୋଜକ ବିଭୁତିଭୂଷଣ ନାଏକ, ଗୋବିନ୍ଦ ଧରୁଆ, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ସଞ୍ଜୀବ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ମହେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ରଞ୍ଜନ ସାହୁ, ମଣି ଲୁହାର, ଭାସତ ସାହୁ, ଝସକେତନ ନାଏକ, ଚନ୍ଦ୍ରମଣି ସାହୁ, ରମେଶ ସିର୍ଦ୍ଧାର, ସୁବାଷ ପଟେଲ, ଦେବେନ୍ଦ୍ର ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ। ସଭା ଶେଷରେ ବିଧାୟକ ଗାଁ ସ୍କୁଲ ପରିଦର୍ଶନ କରି ମୋ ସ୍କୁଲ ଅଭିଯାନ ପାଇଁ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ।

# ସୁନାରି ସମାଜ କର୍ମକର୍ତ୍ତା ନିର୍ବାଚନ

**ପଦ୍ମପୁର, ୧୬।୧୦ (ଡି.ଏନ.ଏ.)**

ସ୍ଥାନୀୟ ଲକ୍ଷ୍ମୀ କଲ୍ୟାଣ ମଣ୍ଡପଠାରେ ପଦ୍ମପୁର ବ୍ଲକସ୍ତରୀୟ ସୁନାରି ସମାଜର ବୈଠକ ହୋଇଯାଇଛି । କ୍ଷେତ୍ରବାସୀ ଚିନ୍ଦ୍ରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମାଜର ଉନ୍ନତି ଉପରେ ଆଲୋଚନା ହୋଇଥିଲା । ପରେ ସମାଜର ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ସଭାପତି କ୍ଷେତ୍ରବାସୀ ଚିନ୍ଦ୍ରା, ଉପସଭାପତି ହର୍ଷବର୍ଦ୍ଧନ ସାହୁ, ସମ୍ପାଦକ ହିରାଲାଲ ସାଥୁଆ, ସହ ସମ୍ପାଦକ କିଶୋର ସରାଫ ଓ ଗିରିଶ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ମୋହନ ସରାଫ, କାର୍ଯ୍ୟକାରୀ କର୍ମିଗିରେ ନେପାଳ ମହାରଣା, ମାଧବ ସାହୁ, ଚନ୍ଦ୍ରମଣି ସାହୁ, ଉପେନ୍ଦ୍ର ସାହୁ, ରବି ମହାରଣା, ସଚୀନ ସରାଫ, ଶରତ ପୃଷ୍ଟି, ବଳରାମ ସରାଫ, ଙ୍କୁ ମନୋନୀତ କରାଯାଇଥିଲା ।


JAWAHAR NAVODAYA VIDYALAYA, KHATIGUDA, DIST-NABARANGPUR (ODISHA)

**WALK-IN-INTERVIEW FOR APPOINTMENT OF TEACHER ON CONTRACT BASIS DT. 16.10.2018**

Jawahar Navodaya Vidyalaya, Khatiguda, Dist-Nabarangpur Odisha (residential co-educational Vidyalaya) invites eligible candidates to attend the Walk-in-interview for appointment of 01 (one) Post of PGT (Mathematics) purely on contract basis for the academic session 2018-19 scheduled to be conducted in the Jawahar Navodaya Vidyalaya, Khatiguda on 5th November, 2018 at 10.00 A.M.

**REMUNERATION OFFERED:** Rs. 27500/- P.M.

**UPPER AGE LIMIT:** 60 YEARS AS ON 30.09.2017.

**ELIGIBILITY CRITERIA:** Two years Integrated Post Graduate M.Sc. Course from Regional College of Education of NCERT in the subject of Mathematics with at least 50% marks in aggregate.

OR

Master's Degree from a recognized University with at least 50% marks in agreegate in the subject of Mathematics and (a) B.Ed. or equivalent qualification from a recognized University (b) Proficiency in Teaching in Hindi and English.

The candidates are advised to bring one set self attested testimonials alongwith original in support of his/her age, qualification, experience, scholastic/non-scholastic achievements etc., one passport size photographs. No travelling expenses will be paid to candidate for appearing before the Appointment Committee. Please not that, attending the walk-in-interview does not confer any right to the candidate for appointment.

**Sd./- Principal**
**J.N.V., Khatiguda, Dist-Nabarangpur**

ROURKELA SMART CITY LTD
**Udit Nagar, Rourkela - 769012, Odisha**
**Notice No. 604/ 2018** **Dt.15.10.2018**

**Tender Quotation Call Notice**

Chief Executive Officer, Rourkela Smart City Ltd. (RSCL) invites sealed tenders from reputed Companies / OEMs/Authorized Dealer / Contractor having HT / MV license for supply, installation and commissioning of 125 KVA D.G. set of reputed Brand like Kirloskar / Mahindra or equivalent make. The details of BOQ and other terms & conditions are available at RMC website i.e. **www.rmc.nic.in**. The last date of receipt of tender is **27th October 2018**.

**Sd./- Chief Executive Officer, RSCL**

**GOVERNMENT OF ORISSA, DEPARTMENT OF WATER RESOURCES**
**Office of the Executive Engineer, Balasore Minor Irrigation Division**
**'e' Procurement Notice No.M.I-E-08/18-19 dated: 12.10.2018 (Online)**
616-A
www.mibalasore@yahoo.co.in, 06782-262146

1. Name of the work : Improvement to Minor Irrigation Projects at different Places of Balasore District.
2. No. of Works : 4 Nos .
3. Estimated Cost : Varies from Rs.80.11 Lakhs to Rs.88.49 lakhs (approximately)
4. Class of Contractor : "A" & "B" Class.
5. Period of Completion : 03 (Three) Calendar months (90 days)
6. Other details are as follows:-

| Bid inviting authority | Bid Identification No. | No. of Works | Availability of tender online for bidding | | Last date of receipt of original Affidavit towards authenticity of the documents | Date & time of opening of tender | Date & Time of Transparent Lottery if necessary |
|---|---|---|---|---|---|---|---|
| | | | From | To | | | |
| Executive Engineer, M.I Division, Balasore | M.I-E-08/ 2018-19 | 04 Nos. | 29.10.2018 at 11.00AM | 09.11.2018 upto 5.00PM | 13.11.2018 upto 5.00 PM in the box located at M.I Division Office, Balasore. | 14.11.2018 at 11.00AM | 22.11.2018 at 11.00 AM |

Further details can be seen from the Govt. website www.tendersodisha.gov.in

32014/11/0017/1819 *Sd./- Executive Engineer, Minor Irrigation Division, Balasore*

**GOVT. OF ODISHA** 0602-A
**OFFICE OF THE ENGINEER-IN-CHIEF, WATER RESOURCES, ODISHA, BHUBANESWAR**
**'e' Procurement Notice No.CELMB 48 OF 2018-19**

1. Name of the work : Construction of bridge over Gobkund cut at its off taking point near village Gobkund under NABARD Assistance RIDF-XXIV.
2. Amount put to Tender : Rs.17,11,40,552.00
3. Bid Document Cost : Rs.10, 000.00 (online)
4. E.M.D. : Rs.17,11,500.00 (online)
5. Class of Contractor : Super Class
6. Period of Completion : 24 calendar months (730 Days)
7. Other details are as follows.

| Procurement Officer | Bid Identification No. | Availability of Tender Online for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer FC & Basin Manager, LMB, Bhubaneswar | CELMB PID 01 OF 2018-19 | 20.10.2018 10.00hrs | 09.11.2018 17.00hrs | 12.11.2018 11.00hrs |

8. e-mail Id : celmbbbsr@yahoo.co.in

Further detail conditions can be seen from the Govt. website www.tendersorissa.gov.in

32252/11/0061/1819 *Sd./- Chief Engineer FC & Basin Manager, Lower Mahanadi Basin*

**GOVT. OF ODISHA** 618-A
**OFFICE OF THE EXECUTIVE ENGINEER**
**MAHANADI BARRAGE DIVISION, CUTTACK**
Phone No. 0671–2440118, Email– eembarragedivnctc@gmail.com

**'e'-Procurement Notice No.EEMBD-10/2018-19**

1. Name of work : "Improvement to Road on left bank of PLBC from RD7.00km. to 7.35km. under MCII Project for the year 2019-20".
2. Total No. of works : 08 (Eight) Nos. of works.
3. Estimated Cost : Varies from Rs.9.41 lakhs to Rs.39.64 lakhs
4. Mode of Payment of EMD (Bid Security) & Bid Cost : The bidder shall transfer the required amount of EMD (Bid Security) and cost of Bid by online through electronic payment as per Govt. of Odisha WDOM No.17254/W dtd.05.12.2017 as mentioned in DTCN.
5. Period of completion : 06 (six) Calendar Month.
6. Other details as follows :

(i) Procurement Officer : Executive Engineer, Mahanadi Barrage Division, Cuttack.
(ii) Availability of Tender online for Bidding : 25.10.2018 from 10.00 AM to 05.11.2018 upto 5.00 PM
(iii) Date & time of opening of Bid through Online : On 06.11.2018 at 11.00 AM in the Office of the Executive Engineer, Mahanadi Barrage Division, Cuttack.
(iv) Date of Transparent Lottery to be Conducted (if required) : On 12.11.2018 at 11.00 AM in the office Chamber of the Executive Engineer, Mahanadi Barrage Division, Cuttack.

Further details can be seen from the Govt. website www.tendersodisha.gov.in.

*Sd./- Executive Engineer,*
32165/11/0008/1819 *Mahanadi Barrage Division, Cuttack*



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
- ସାମୁଏଲ୍ ଜନ୍‌ସନ



**ସଂକ୍ଷେପରେ**



## ସମଲେଶ୍ୱରୀଙ୍କ ମହାଗୌରୀ ବେଶ

**ବରଗଡ଼ ଅଫିସ୍,୧୬।୧୦-** ଶାରଦୀୟ ନବରାତ୍ର ପୂଜାରେ ବରଗଡ଼ ସହରର ଶକ୍ତିପୀଠଗୁଡ଼ିକ ଚଳଞ୍ଚଳ ହୋଇ ପଡ଼ିଛି । ଏହି ଅବସରରେ ମଙ୍ଗଳବାର ଅଧିଷ୍ଠାତ୍ରୀ ଦେବୀ ସମଲେଶ୍ୱରୀ ମହାଗୌରୀ ବେଶରେ ଦର୍ଶନ ଦେଇଥିଲେ । ଏହି ବେଶରେ ଦେବୀଙ୍କୁ ଦର୍ଶନ କଲେ ପାପ ଖଣ୍ଡନ ହୁଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି । ଫଳରେ ଦେବୀଙ୍କୁ ଦର୍ଶନ ପାଇଁ ଭକ୍ତଙ୍କ ସମାଗମ ହୋଇଥିଲା । ସହରର ମା' ଶ୍ୟାମାକାଳୀ ମନ୍ଦିର ସମେତ ଅନ୍ୟ ଶକ୍ତିପୀଠଗୁଡ଼ିକରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ଭଉଣୀମାନେ ଭାଇଙ୍କ ଦୀର୍ଘାୟୁ କାମନା କରି ଦେବୀ ଦୁର୍ଗାଙ୍କ ସମ୍ମୁଖରେ ଭାଇ ଜିଉନ୍ତିଆ ଓଷା କରିଥିଲେ । ବୁଧବାର ସମଲେଶ୍ୱରୀ ଦେବୀ ସିଦ୍ଧିଧାତ୍ରୀ ବେଶରେ ଦର୍ଶନ ଦେବେ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

### ସ୍ୱଳ୍ପ ବୃଷ୍ଟିପାତ ସାଙ୍ଗକୁ ରୋଗପୋକ ଉପଦ୍ରବ

# ଚାଷୀଙ୍କୁ ଚିନ୍ତା: ଉଜୁଡୁଛି କପା ଫସଲ

**ବରଗଡ଼ ଅଫିସ୍,୧୬।୧୦**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ମରୁଡ଼ି ପ୍ରପୀଡ଼ିତ। ଏ ଅଞ୍ଚଳକୁ କେନାଲ ପାଣି ବ୍ୟବସ୍ଥା ନାହିଁ । ବର୍ଷା ଉପରେ ହିଁ ଅଞ୍ଚଳର ଚାଷବାସ ନିର୍ଭର କରିଥାଏ । ସେହିପରି ଚେକ୍‌ଡ୍ୟାମ କିମ୍ବା ଉଠାଜଳସେଚନ ପ୍ରକଳ୍ପରୁ ଚାଷଜମିକୁ ପାଣି ଯୋଗାଡ଼ ହୁଏ । ତେବେ ଚେକ୍‌ଡ୍ୟାମ ନାମକୁ ମାତ୍ର ହୋଇଥିବାବେଳେ ବିଦ୍ୟୁତ୍ ସେବା ବ୍ୟାହତ ଯୋଗୁ ଉଠାଜଳସେଚନ ପ୍ରକଳ୍ପ ଅଚଳ ହୋଇପଡ଼ିଛି । ସେହିପରି ଏଥର ବର୍ଷା ମଧ୍ୟ ସ୍ୱାଭାବିକ ବୃଷ୍ଟିପାତଠାରୁ ବହୁ ଦୂରରେ ରହିଛି। ମୁଖ୍ୟତଃ ସ୍ୱଳ୍ପ ବୃଷ୍ଟିପାତ ପଦ୍ମପୁର ଉପଖଣ୍ଡର ଚାଷକୁ ପ୍ରଭାବିତ କରିଛି। ସ୍ୱାଭାବିକ ବର୍ଷାଠାରୁ ଏପର୍ଯ୍ୟନ୍ତ ଏହି ଉପଖଣ୍ଡର ବିଜେପୁରରେ ୨.୯୬, ପଦ୍ମପୁରରେ ୨୮.୨୭, ସୋହେଲାରେ ୩୧.୯୬, ଗାଇସିଲେଟରେ ୧୨.୯୬ ଏବଂ ଝାରବନ୍ଧରେ ୪.୬୦ ପ୍ରତିଶତ କମ୍ ବର୍ଷା ହୋଇଛି। ତେବେ ସ୍ୱଳ୍ପ ବୃଷ୍ଟିପାତ କେବଳ ଧାନ ଫସଲକୁ ପ୍ରଭାବିତ କରିଛି, ତାହା ନୁହେଁ । ବିକଳ୍ପ ଫସଲଭାବେ ଅଞ୍ଚଳର ଚାଷୀମାନେ କପାଚାଷକୁ ଆଦରି ନେଇଥିବା ବେଳେ ତାହା ମଧ୍ୟ ଏଥିରେ ପ୍ରଭାବିତ ହୋଇଛି। ଏହା ସହିତ କପା ଫସଲରେ ରୋଗପୋକ ଉପଦ୍ରବ ଚାଷୀଙ୍କୁ ଚିନ୍ତାରେ ପକାଇଛି।

କୃଷିବିଭାଗରୁ ମିଳିଥିବା ସୂଚନା ମୁତାବକ, ଜିଲାର ପଦ୍ମପୁରରେ ୫୫୦, ପାଇକମାଲରେ ୪୦୦, ଝାରବନ୍ଧରେ ୫୦ ଏବଂ ଗାଇସିଲେଟ ବ୍ଲକରେ ସର୍ବାଧିକ ୧ହଜାର ହେକ୍ଟରରେ କପାଚାଷ କରାଯାଇଛି । କପାଚାଷ ଭଲ ହୋଇଥିଲା । ମାତ୍ର ଗତ କିଛିଦିନ ହେଲା କପା ଫସଲ ଉଜୁଡ଼ିବା ଆରମ୍ଭ ହୋଇଯାଇଛି। ସ୍ୱଳ୍ପ ବୃଷ୍ଟିପାତ ସାଙ୍ଗକୁ ରୋଗପୋକ ଉପଦ୍ରବ କପାଚାଷୀଙ୍କୁ ଦାଉ ସାଧୁଛି । ଫସଲ ନଷ୍ଟ ହେବାରେ ଲାଗିଛି । ଫଳରେ କପା ଫସଲରୁ କିଛି ରୋଜଗାର କରିବା ପାଇଁ ଚାଷୀ ଯେଉଁ ଆଶା ରଖିଥିଲା, ତାହା ଉଜୁଡ଼ିବାରେ ଲାଗିଛି । ଫସଲରେ ଫଳବିନ୍ଧା ପୋକ ଦେଖାଯାଇ ଥିବାବେଳେ ପାଣି ଅଭାବରୁ କପାଗଛ ଝାଉଁଳି ପଡ଼ିଛି। ତେବେ ଜିଲାରେ ଆଗରୁ କପା ମଣ୍ଡି ବ୍ୟବସ୍ଥା ନ ଥିଲା । ଏଥର ଏଠାରେ କପାମଣ୍ଡି ଖୋଲିବା ପ୍ରକ୍ରିୟା ଆରମ୍ଭ ହୋଇଛି । ଏଥିପାଇଁ କପାଚାଷୀଙ୍କ ପଞ୍ଜୀକରଣ ପ୍ରକ୍ରିୟା ଚାଲିଛି । ପଞ୍ଜୀକରଣ ହେବା ପରେ ମଣ୍ଡିରେ ସରକାରୀ ସହାୟକ ମୂଲ୍ୟରେ ଅମଳ କପା ବିକ୍ରି କରି ପାରିବେ ବୋଲି ଚାଷୀମାନେ ଆଶାବ୍ୟକ୍ତ କରିଛନ୍ତି। ମାତ୍ର ସଚେତନତା ଅଭାବରୁ ପଦ୍ମପୁର ଉପଖଣ୍ଡର ଅନେକ କପାଚାଷୀ ପଞ୍ଜୀକରଣରୁ ବାଦ୍ ପଡ଼ିଛନ୍ତି । ଫଳରେ ସରକାରୀ ସହାୟକ ମୂଲ୍ୟରେ ସେମାନେ ଅମଳ କପା ବିକିବାରୁ ବାଦ୍ ପଡ଼ିବେ ଏବଂ ମୁନାଫାଖୋର ବ୍ୟବସାୟୀଙ୍କ ଜାଲରେ ପଡ଼ି ଅଭାବିବିକ୍ରିର ସମ୍ମୁଖୀନ ହେବା ଆଶଙ୍କା ଦେଖାଦେଇଛି।



ପଦ୍ମପୁର ଉପଖଣ୍ଡର କପା ଫସଲ ।

### ଏମାନେ କୁହନ୍ତି...

ଉଭୟ ଧାନ ଓ କପା ଚାଷ କରିଛି । ୪ଏକର ଜମିରେ କପା ଏବଂ ୮ଏକର ଜମିରେ ଧାନଚାଷ କରିଛି। ଆରମ୍ଭରୁ କପା ଫସଲ ଭଲ ହୋଇଥିଲା । ମାତ୍ର ଏବେ ଫସଲ ନଷ୍ଟ ହେବାରେ ଲାଗିଛି । ସ୍ୱଳ୍ପ ମିଆଦି କିସମର ଧାନଚାଷ କରିଛି । ଆଉ କିଛିଦିନ ପରେ ତାକୁ ଅମଳ କରିବି । ଧାନ ଅପେକ୍ଷା କପା ଫସଲରୁ ଅଧିକ ଲାଭ ମିଳିଥାଏ । କିନ୍ତୁ ଏବେ କପା ଫସଲ ବର୍ତ୍ତମାନ ଯେଭଳି ଉଜୁଡ଼ି ବସିଛି, ଆଉ ଲାଭ ମିଳିବ ବୋଲି ଆଶା ଦେଖାଯାଉ ନାହିଁ । ପଦ୍ମପୁରରେ କପାମଣ୍ଡି ଖୋଲିବ ବୋଲି ଶୁଣୁଛି । କିନ୍ତୁ ଏଯାଏ ନାମ ପଞ୍ଜିକରଣ କରି ନାହିଁ । ଆଗରୁ ବି କପାଚାଷ କରୁଥିଲି । କେବେ କିଛି ସରକାରୀ ସହାୟତା ମିଳି ନାହିଁ। ଅମଳ କପାକୁ ପାଟଣାଗଡ଼କୁ ନେଇ ସେଠାରେ ବିକ୍ରି କରୁଥିଲି। ଗାଇସିଲେଟରେ ଏକ କପାମଣ୍ଡି ଖୋଲିଲେ ଭଲ ହୁଅନ୍ତା ।



- ଗଜାଧର ସାହୁ, ତାଲପାଲି

ମୁଁ ଜଣେ ଭାଗଚାଷୀ । ୪ଏକର ଜମିରେ କପା, ୧ଏକରରେ ମୁଗ, ଅଧ ଏକରରେ ବିରି ଏବଂ ୧୦ ଏକରରେ ଧାନଚାଷ କରିଛି। ମୁଗ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲା । କିଛି ବି ଅମଳ କରି ନାହିଁ। ଏବେ ଧାନ କିମ୍ବା କପା ଫସଲରେ କିଛି ରୋଜଗାର ହେବ ବୋଲି ଆଶା ବାନ୍ଧିଛି । ହେଲେ ବର୍ଷା ହେଉ ନ ଥିବା ଯୋଗୁ ଉଭୟ କପା, ଧାନ ଫସଲ ନଷ୍ଟ ହେବାରେ ଲାଗିଛି । ଉତ୍ପାଦନ ଯାହା ହୁଏ, ତାର ତିନି ଭାଗରୁ ଭାଗେ ଜମି ମାଲିକଙ୍କୁ ଦେଇଥାଏ । କିନ୍ତୁ ଯେଭଳି ଫସଲକ୍ଷତି ହେବାରେ ଲାଗିଛି, ଏଥର ତାହା କିଭଳି ଦେବି, ମୋ ପାଇଁ ଚିନ୍ତା ପାଲଟିଛି। କପାଚାଷୀଙ୍କ ପଞ୍ଜୀକରଣ ହେଉଛି, ତାହା ମୁଁ ଜାଣି ନାହିଁ । ଦେଖିବି ସମ୍ଭବ ହେଲେ ନାମ ପଞ୍ଜୀକରଣ କରିବି । ଏପର୍ଯ୍ୟନ୍ତ କିଛି ସରକାରୀ ସହାୟତା ମିଳି ନାହିଁ । ପକେଟ୍ ପ୍ରତି ୧ହଜାର ଟଙ୍କା ଦରରେ ୪ପକେଟ୍ କପାମଞ୍ଜି ଆଣି ଚାଷ କରିଛି।



- ଜନେକ ସାହୁ, ତାଲପାଲି

ମେଘୁଆ ପାଗ ଯୋଗୁ କପା ଫସଲରେ କେତେକ ସ୍ଥାନରେ ଫଳବିନ୍ଧା ରୋଗପୋକ ଦେଖାଯାଇଛି । ତାର ପ୍ରତିକାର ପାଇଁ କୃଷିବିଭାଗ ପଦକ୍ଷେପ ନେଉଛି । ସେଭଳିସ୍ଥଳେ ଚାଷୀଙ୍କ ୫୦ ପ୍ରତିଶତ ରିହାତିରେ କୀଟନାଶକ ଯୋଗାଇ ଦିଆଯିବ। ଏଥର ଜିଲାରେ ୨ହଜାର ହେକ୍ଟର ଜମିରେ କପାଚାଷ କରାଯାଇଛି । ଜିଲାରେ କପାଚାଷ ସେଭଳି କିଛି ପ୍ରଭାବିତ ହୋଇନାହିଁ । ଏହା ଏକ ଲାଭଜନକ ଫସଲ ଏବଂ ପାଣି ମଧ୍ୟ ସେତେ ଅଧିକ ଆବଶ୍ୟକ କରେ ନାହିଁ । ଜିଲାରେ ଏଥର କପାମଣ୍ଡି ଖୋଲାଯିବ। ଏଥିପାଇଁ କପାଚାଷୀଙ୍କ ପଞ୍ଜୀକରଣ ପ୍ରକ୍ରିୟା ଚାଲିଛି ଏବଂ ପାଖାପାଖି ୧ହଜାର ଚାଷୀଙ୍କ ପଞ୍ଜୀକୃତ ହେଲେଣି । ଅନ୍ୟଚାଷୀମାନେ ମଧ ପଞ୍ଜୀକରଣ ପ୍ରକ୍ରିୟାରେ ସାମିଲ ହୋଇ ମଣ୍ଡିରେ ଉତ୍ପାଦିତ କପା ବିକ୍ରି କରିବା ପାଇଁ ଅନୁରୋଧ । ଏହାହେଲେ କପାଚାଷୀମାନେ ବେଶ ଉପକୃତ ହେବେ।



- ଦିନବନ୍ଧୁ ଗାନ୍ଧୀ, ଜିଲା କୃଷି ଉପନିର୍ଦ୍ଦେଶକ,
ରିପୋର୍ଟ– ପ୍ରେମାନନ୍ଦ ଖମାରୀ

### ଛାତ୍ରୀନିବାସରେ ଅସଦାଚରଣ ମାମଲା

# କାର୍ଯ୍ୟାନୁଷ୍ଠାନ ଦାବିକଲେ ବିଭିନ୍ନ ସଙ୍ଗଠନ

**ବରଗଡ଼ ଅଫିସ୍,୧୬।୧୦**

ବରଗଡ଼ ସହରରେ ରହିଥିବା ଏକ ଘରୋଇ ଛାତ୍ରୀନିବାସରେ ଗତ ସେପ୍ଟେମ୍ବର ୨୧ତାରିଖ ଛାତ୍ରୀନିବାସର ପରିଚାଳକ ସେଠାରେ ରହୁଥିବା ଅନ୍ତେବାସିନୀ ତଥା କଲେଜ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ପରିଚାଳକ ସୁଧାଂଶୁ ପାଢ଼ୀ(୬୦)ଙ୍କ ବିରୋଧରେ ଦଫା ୩୫୪, ୩୫୪(କ) ଆଇପିସି ଏବଂ ୧୨ପିସିଏସ୍‌ଓ ଆକ୍ଟରେ ଏକ ମାମଲା ରୁଜୁ କରିଛି । ତେବେ ଜିଲା ବାହାର ଡାକ୍ତରଖାନାରେ ପରିଚାଳକ ପାଢ଼ୀ ଚିକିତ୍ସାଧିନ ଥିବା ପୋଲିସ କହୁଥିବା ବେଳେ ଏହା ସହଜରେ ଗ୍ରହଣୀୟ ହୋଇପାରୁ ନାହିଁ । ଏହାକୁ ନେଇ ମଙ୍ଗଳବାର ପଶ୍ଚିମ ଓଡ଼ିଶାର ବରଗଡ଼, ବଲାଙ୍ଗୀର, ଝାରସୁଗୁଡ଼ା ଆଦି ଅଞ୍ଚଳର ଆଦିବାସୀ କଲ୍ୟାଣ ସମିତି, ଗୋଁଡ଼ ମହାସଭା ସଂଗଠନର କର୍ମକର୍ତ୍ତାମାନେ ବରଗଡ଼ ଏସ୍‌ପି ମୁକେଶ କୁମାର ଭାମୁଙ୍କୁ ଫେରାଦ ହୋଇ ଅଭିଯୁକ୍ତଙ୍କୁ ଗିରଫ କରି ତୁରନ୍ତ ଜେଲ ପଠାଇବାକୁ ଦାବି କରିଥିଲେ। ଘଟଣାର ଅନୁଧ୍ୟାନ ପାଇଁ ଏକ ମେଡ଼ିକାଲ ବୋର୍ଡ଼ ଗଠନ କରାଯାଇ ସପ୍ତାହକ ମଧ୍ୟରେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି କହିଥିଲେ। ୭ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଗତ ସେପ୍ଟେମ୍ବର ୨୧ତାରିଖ ଛାତ୍ରୀନିବାସ ପରିଚାଳକ ପାଢ଼ୀ ଜଣେ ଅନ୍ତେବାସିନୀଙ୍କୁ ଛାତ୍ରୀନିବାସର ଷ୍ଟୋରରୁମକୁ ଡାକି ଅସଦାଚରଣ କରିଥିଲେ । ଛାତ୍ରୀ ଜଣକ ସନ୍ଧ୍ୟାରେ ଛାତ୍ରୀନିବାସର ଅନ୍ତେବାସିନୀମାନଙ୍କ ସହିତ ବରଗଡ଼ ଟାଉନ ଥାନାକୁ ଆସି ଅଭିଯୋଗ କରିଥିଲେ । ପୋଲିସ ଅଭିଯୋଗକୁ ଭିତ୍ତି କରି ଉପରୋକ୍ତ ମାମଲା ରୁଜୁ କରିବା ସହିତ ଛାତ୍ରୀନିବାସ ପରିଚାଳକ ପାଢ଼ୀଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିଲା । ତେବେ ପାଢୀଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ପ୍ରଥମେ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ଏବଂ ପରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଥିଲା। ଅନ୍ୟପଟେ ଅସଦାଚରଣ ଘଟଣାର ଭିଡ଼ିଓ କ୍ଲିପିଂ ଚତୁରତାର ସହିତ ସଂଗ୍ରହ କରି କେତେକ ଦୁର୍ବୃତ୍ତ ଭାଇରାଲ କରିଥିଲେ। ଏହି ଘଟଣାରେ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ।



କାର୍ଯ୍ୟାନୁଷ୍ଠାନ ଦାବିରେ ଏସପିଙ୍କୁ ଫେରାଦ ହୋଇଥିବା ବିଭିନ୍ନ ସଂଗଠନର କର୍ମକର୍ତ୍ତା, ସଭ୍ୟବୃନ୍ଦ ।

# ପାଣି ପମ୍ପ ଚୋରି ଅଭିଯୋଗ: ୩ ଗିରଫ

**ବିଜେପୁର,୧୬।୧୦ (ଡି.ଏନ୍.ଏ.)**

ବରଗଡ଼ ଜିଲା ବିଜେପୁର ପୋଲିସ ମୋଟର ପମ୍ପ ଚୋରି ଅଭିଯୋଗରେ ୩ଜଣ ଯୁବକଙ୍କୁ ଗିରଫ କରି ମଙ୍ଗଳବାର ସୋହେଲା କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବରଗଡ଼ ୱାର୍ଡ ନଂ. ୧୨ ପଞ୍ଚାୟତ କଲେଜ ରୋଡର କିଶୋର ବାରିକ(୩୬), ଶଙ୍କର ଓରଫ କେଡା ସେଠ(୫୨) ଏବଂ ବରାଡଗୋଡାର ଶ୍ୟାମଲାଲ ସାହୁ(୩୨)। ସୂଚନା ମୁତାବକ, ଏସ୍‌ପି ମୁକେଶ କୁମାର ଭାମୁ ଏବଂ ପଦ୍ମପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଲକ୍ଷ୍ମୀ ନାରାୟଣ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଦୁର୍ଗାପୂଜା ପାଇଁ ସ୍ଥାନୀୟ ଗାନ୍ଧୀ ଛକରେ ସୋମବାର ସନ୍ଧ୍ୟାରେ ପୋଲିସ ଯାନବାହନ ତନଖି କରୁଥିଲା। ସେତିକିବେଳେ ଓଆର ୧୭ କେ ୨୪୧୬ ନମ୍ବର ବିଶିଷ୍ଟ ଏକ ବାଇକରେ କିଶୋର ଓ କେଡା ଏକ ଅଖା ବସ୍ତାରେ ସମରସେବୁଲ ପାଣି ପମ୍ପକୁ ଧରି ପଦ୍ମପୁର ରାସ୍ତାର ବଲଣ୍ଡା ଗ୍ରାମକୁ ଯାଉଥିଲେ। ଉକ୍ତ ପାଣି ପମ୍ପ ବିଷୟରେ ପୋଲିସ ସେମାନଙ୍କୁ ପଚାରିବାରୁ ସେମାନେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ଫଳରେ ପୋଲିସ ସେମାନଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିଲା। ସେତିକିବେଳେ ସେମାନେ ପାଣି ପମ୍ପ ଚୋରି କରିଥିବା କହିଥିଲେ। ଅନ୍ୟପକ୍ଷେ ଏହି ଘଟଣାରେ ବରାହଗୋଡାର ଶ୍ୟାମଲାଲ ମଧ୍ୟ ସମ୍ପୃକ୍ତ ରହି ପୋଲିସ ଜେରା ବେଳେ ଜାଣିବାକୁ ପାଇଥିଲା। ଏନେଇ ପୋଲିସ ଶ୍ୟାମଲାଲଙ୍କୁ ମଧ ଗିରଫ କରିଥିଲା। ଏନେଇ ପୋଲିସ ଦଫା ୩୭୯, ୪୧୧, ୩୪ ଆଇପିସିରେ ଏକ ମାମଲା(ନଂ. ୧୬୮/୧୮) ରୁଜୁ କରି ୩ଜଣଙ୍କୁ କୋର୍ଟ ଚାଲାଣ କରିଥିଲା।



ପାଣି ପମ୍ପ ସହ ଗିରଫ ୩ ଯୁବକ।

**ଫଟୋରେ ଖବର**



ବରଗଡ଼ ନଦୀପଡ଼ାଠାରେ ଶ୍ରୀକୃଷ୍ଣ ଭଜନାଶ୍ରମରେ ପୂଜା ପାଉଥିବା ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ।

### ଦୁର୍ଗାପୂଜା, ବିଜେପୁର ଚଳଚଞ୍ଚଳ

# ମନ ମୋହିଲା ପଞ୍ଚରସି ଲୋକନୃତ୍ୟ

**ବିଜେପୁର,୧୬।୧୦(ଡି.ଏନ୍.ଏ.)**

ବରଗଡ଼ ଜିଲା ବିଜେପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ସଦରମହକୁମା ଦୁର୍ଗାପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଛି। ସ୍ଥାନୀୟ ବସଷ୍ଟାଣ୍ଡସ୍ଥିତ ମଣ୍ଡପରେ ମଙ୍ଗଳବାର ମା' ଦୁର୍ଗାଙ୍କ ମହାଗୌରୀବେଶ ଦର୍ଶନ କରିବାକୁ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ଲାଗି ରହିଛି। ପୁଣି ଭାଇଜିଉନ୍ତିଆ ଓଷା ପାଇଁ ଦୋକାନ ବଜାରରେ ଗ୍ରାହକମାନଙ୍କ ଭିଡ ଜିମିଥିଲା। ଏହି କ୍ରମରେ ସୋମବାର ସନ୍ଧ୍ୟାରେ ସାର୍ବଜନୀନ ଦୁର୍ଗାପୂଜା ସାଂସ୍କୃତିକ ମଣ୍ଡପ ଉଦ୍‌ଘାଟିତ ହୋଇଥିଲା । ପୂଜା କମିଟି ସଭାପତି ସନତ କୁମାର ଗଡତିଆଙ୍କ ଅଧ୍ୟକ୍ଷତାରେ ବିଧାୟିକା ରୀତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଚଳିତ ବର୍ଷ ପୂଜା ମହୋତ୍ସବ ୫୫ତମ ବର୍ଷରେ ପଦାର୍ପଣ କରିଛି । ତେଣୁ ଏଠି ପୂଜାର ମୂଳଦୁଆ ପକାଇଥିବା ତତ୍କାଳୀନ ପୂଜା କମିଟିର ନବକିଶୋର ସାହୁ, ମୀନକେତନ ପଧାନ, ଗୁଣନିଧି ସେଠ, ଗୋବିନ୍ଦ ବାରିକ, ଗୋକୁଳାନନ୍ଦ ମେହେର, ତାରାଚାନ୍ଦ ମେହେର, ସଂସାର ପଣ୍ଡା, ପୁରୋହିତ କିଶୋର ପୂଜାରୀଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ଜନାର୍ଦ୍ଦନ ପାଣିଗ୍ରାହୀ ଉଦ୍‌ଘାଟନୀ ସମାରୋହକୁ ସଂଯୋଜନା କରିଥିଲେ। ପରେ ଟାଙ୍ଗରୁପଦର ସୁର ଝଙ୍କାର କଳାପରିଷଦର ପଞ୍ଚରସି ଲୋକନୃତ୍ୟ ପରିବେଷିତ ହୋଇଥିଲା। ଆୟୋଜିତ ସମ୍ବଲପୁରୀ ହାସ୍ୟକବି ସମ୍ମିଳନୀରେ କ୍ରାନ୍ତି କବି ହରିଲାଲ ସାହୁ, ରାମ ପ୍ରସାଦ ବାଗ, ଅହଲ୍ୟା ପଧାନ, ଅଧିକାରୀ ସା, ଧର୍ମୁ ଭୋଇ ପ୍ରମୁଖ ଯୋଗଦେଇଥିଲେ ।




ଟାଙ୍ଗରପଦର ସୁର ଝଙ୍କା କଳାପରିଷଦ ପକ୍ଷରୁ ପରିବେଷିତ ଲୋକନୃତ୍ୟ।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।

- ବ୍ୟାସଦେବ



## ସଂକ୍ଷେପରେ

### ଜ୍ୟୋତିରଞ୍ଜନ ବିସିଜେଡିର ଜିଲା କାର୍ଯ୍ୟକାରୀ ସଭାପତି

**ସୋନପୁର,୧୬।୧୦(ନି.ପ୍ର.):** ଛାତ୍ର ନେତା ଜ୍ୟୋତିରଞ୍ଜନ କୁଶଳଙ୍କୁ ସୁବର୍ଣ୍ଣପୁର ଜିଲା ବିଜୁ ଛାତ୍ର ଜନତା ଦଳ(ବିସିଜେଡି)ର ନୂତନ ଜିଲା କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ମିଳିଛି। ବିସିଜେଡି ସୁବର୍ଣ୍ଣପୁର ଜିଲା ଶାଖା ସଭାପତି ଶାସ୍ୱତ କୁମାର ମିଶ୍ର(ସିତୁନ୍) ଏହି ନିଯୁକ୍ତି ଦେଇଛନ୍ତି। ଛାତ୍ର ମାନଙ୍କ ସ୍ୱାର୍ଥକୁ ନେଇ ସ୍ୱର ଉତ୍ତୋଳନ କରିବା ସହ ବିଜୁ ଛାତ୍ର ଜନତା ଦଳକୁ ଜିଲାରେ ଆହୁରି ସୁଦୃଢ କରିବାକୁ ପଦକ୍ଷେପ ନେବେ ବୋଲି କୁଶଳ ନିଜ ପ୍ରତିକ୍ରିୟାରେ ଜଣାଇଛନ୍ତି ।

### ଚୋର ଗିରଫ : ୨ ବାଇକ୍, ଗ୍ୟାସ ସିଲିଣ୍ଡର ଜବତ

**ସୋନପୁର,୧୬।୧୦(ନି.ପ୍ର.):** ସୋନପୁର ଟାଉନ ଥାନା ଅନ୍ତର୍ଗତ ତିଲକ ନଗର ଅଞ୍ଚଳର ରେଡି ଗଙ୍ଗା ରାଜୁଙ୍କ ଘର ବାରଣ୍ଡାରୁ ଗତ ୧୨ ତାରିଖ ରାତିରେ ଚୋରି ହୋଇଥିଲା। ଏହି ଘଟଣାରେ ଅଭିଯୁକ୍ତ ଧୋବାବାହାଲି ଗ୍ରାମର ଉଜିତ ବିଶି(୩୦)ଙ୍କୁ ପୋଲିସ ଗିରଫ କରିଛି । ଉଜିତ ନିକଟରୁ ରାଜୁଙ୍କ ଘରୁ ଚୋରି ହୋଇ ଥିବା ବାଇକ୍ ନଂ ଓଆର୦୩ସି-୭୯୨୫, ଏଚ୍‌ପି ଗ୍ୟାସ ସିଲିଣ୍ଡର ଓ ଚାଷ କାର୍ଯ୍ୟରେ ବ୍ୟବହୃତ ତାଇୱାନ ସ୍ପ୍ରେ ମେଶିନକୁ ପୋଲିସ ଉଦ୍ଧାର କରିଛି। ସେହିପରି ଅନ୍ୟ ଏକ ଚୋରି ଘଟଣାରେ ଅଭିଯୁକ୍ତଙ୍କଠାରୁ ବାଇକ୍ ନଂ ଓଆର୦୩ସି-୨୬୫୪ ଉଦ୍ଧାର ହୋଇଥିବା ଆଇଆଇସି ଚନ୍ଦ୍ରମୋହନ ସିଂ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ଅଭିଯୁକ୍ତ ଉଜିତ ଓରଫ ଅଜିତ ଜଣେ ପେଶାଦାର ଚୋର। ତାଙ୍କ ନାମରେ ପୂର୍ବରୁ ସୋନପୁର, ବିନିକା ଥାନା ଓ ବୌଦ୍ଧ ଜିଲା ମନମୁଣ୍ଡା ଥାନାରେ ଚୋରି, ଛିନ୍ତାଇ ଭଳି ମାମଲା ଥିବା ସୋନପୁର ଉପଖଣ୍ଡ ପୋଲିସ ଅଧିକାରୀ ମିହିର କୁମାର ପଣ୍ଡା କହିଛନ୍ତି। ସୋନପୁର ଥାନା ଏଏସଆଇ ଏକାଦଶିଆ ପଧାନ ଗତ ୧୨ତାରିଖ ରାତି ଚୋରି ମାମଲାର ତଦନ୍ତ କରୁଥିଲେ। ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି ।

### ଶାରଦୀୟ ଦୁର୍ଗାପୂଜା ଆରମ୍ଭ

**ବୌଦ୍ଧ,୧୬।୧୦(ସ୍ୱ.ପ୍ର.):** ବୌଦ୍ଧର ବିଭିନ୍ନ ପୂଜା ମଣ୍ଡପରେ ମଙ୍ଗଳବାର ମା' ଦୁର୍ଗାଙ୍କ ମହାସପ୍ତମୀ ପୂଜା ହୋଇଥିଲା। ଗାନ୍ଧୀଛକ, ପୋଡ଼ାପଡ଼ା, କେଉଟସାହି, ପୁରୁଣା ବ୍ଲକଛକ, ରଘୁନାଥ ମନ୍ଦିରରେ ମନ୍ଦିରଠାରେ ପୂଜା ମଣ୍ଡପଗୁଡିକ ନିର୍ମାଣ ହୋଇଛି। ମାଳିସାହିଠାରେ ମା'ଙ୍କ ନବରାତ୍ର ପୂଜା ଚାଲିଛି। ପାଗ ଅନୁକୂଳ ଥିବାରୁ ପୂଜା ବଜାରରେ ମଧ ଭିଡ ପରିଲକ୍ଷିତ ହୋଇଛି।

### ନିଶା ମୁକ୍ତ ସଚେତନତା ଅଭିଯାନ

**ମନମୁଣ୍ଡା,୧୬।୧୦(ଡି.ଏନ୍.ଏ.):** ଅବକାରୀ ବିଭାଗ ପକ୍ଷରୁ ମନମୁଣ୍ଡାଠାରେ ନିଶା ମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପଞ୍ଚାୟତ ମାର୍କେଟ କମ୍ପ୍ଲେକ୍ସ ନିକଟରେ ନାଟ୍ୟ ମାଧ୍ୟମରେ ନିଶା ନିବାରଣ ନେଇ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଅବକାରୀ ବିଭାଗର ବିଜୟ କୁମାର ଧରୁଆ, କୃଷ୍ଣଚନ୍ଦ୍ର ପରିଡା, ମନମୁଣ୍ଡା ସିଏଚ୍‌ସି ସ୍ୱାସ୍ଥ୍ୟ ଅଧିକାରୀ, ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟା ପ୍ରମୁଖ ଉପସ୍ଥିତ ଥିଲେ।

# ନିୟନ୍ତ୍ରଣ ହରାଇଛି ଟ୍ରାଫିକ ସମସ୍ୟା



ବୀରମହାରାଜପୁର ମୁଖ୍ୟ ଛକର ଦୃଶ୍ୟ।

**ବୀରମହାରାଜପୁର, ୧୬।୧୦ (ଡି.ଏନ.ଏ)**

**ବୀରମହାରାଜପୁର ଉପଖଣ୍ଡ ସଦର ମହକୁମା**
- ପାଳନ ହେଉନି ଟ୍ରାଫିକ ନିୟମ, ବଢୁଛି ଦୁର୍ଘଟଣା
- ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେଲାନି, ନାହିଁ ପାର୍କିଂ ବ୍ୟବସ୍ଥା
- ରାସ୍ତା ପାଲଟିଛି ଷ୍ଟାଣ୍ଡ, ପ୍ରଶାସନ ଢ଼ିଲା

ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁର ଉପଖଣ୍ଡ ମାନ୍ୟତା ପାଇବାର ଦୀର୍ଘ ୩୧ବର୍ଷ ବିତିଯାଇଥିଲେ ସୁଦ୍ଧା ଏବେବି ରହିଛି ଗ୍ରାମ ପଞ୍ଚାୟତ ଶାସନାଧିନ। ବିଭିନ୍ନ କାରଣରୁ ଏହାର ସଦର ମହକୁମା ପୌରାଞ୍ଚଳରେ ପରିଣତ ହୋଇପାରିନାହିଁ। ତେବେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ସାଙ୍ଗକୁ ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟ ପରିସର ବୃଦ୍ଧି ପାଇଥିବାରୁ ଟ୍ରାଫିକ ସମସ୍ୟା ଦିନକୁ ଦିନ ଗୁରୁତର ହେବାରେ ଲାଗିଛି। ବିଗତ ୩୦ବର୍ଷ ଭିତରେ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଖୋଲିବା ସହ ଛୋଟବଡ ବ୍ୟବସାୟିକ ପ୍ରତିଷ୍ଠାନ ଗଢ଼ି ଉଠିଛି। ତେଣୁ ଯାନବାହାନର ସଂଖ୍ୟା ଆଶାତୀତ ଭାବରେ ବଢ଼ି ଚାଲିଛି। ତାଛଡା ମହାନଦୀର ସୋନପୁର ଓ ବୌଦ୍ଧଠାରୁ ସେତୁ ନିର୍ମାଣ ପରଠାରୁ ସଡକ ଯୋଗାଯୋଗ କ୍ଷେତ୍ରରେ ବୀରମହାରାଜପୁରର ଗୁରୁତ୍ୱ ବଢ଼ିଯାଇଛି। ମୋଟ ଉପରେ କହିବାକୁ ଗଲେ ବାସ୍ତବ କ୍ଷେତ୍ରରେ ବୀରମହାରାଜପୁର ଏକ ସହରରେ ପରିଣତ ହୋଇସାରିଛି। ସରକାରୀ ଭାବେ ପୌରାଞ୍ଚଳର ମାନ୍ୟତା ନଥିଲେ ହେଁ, ସହରୀ ଜୀବନଯାପନର ଦୃଶ୍ୟ ଦେଖିବାକୁ ମିଳୁଛି। ଏପରିସ୍ଥଳେ ଲଗାମଛଡା ଯାନବାହାନ ଚଳପ୍ରଚଳକୁ ସୁନିୟନ୍ତ୍ରିତ କରିବାର ଜରୁରୀ ଆବଶ୍ୟକତା ଥିଲେ ସୁଦ୍ଧା ତାହା ହୋଇପାରିନାହିଁ। ତେଣୁ ସ୍ଥାନୀୟ ବାସିନ୍ଦାଙ୍କ ସହ ଏଠାକୁ ଆସୁଥିବା ସବୁ ଶ୍ରେଣୀର ଲୋକ ପ୍ରତିମୁହୂର୍ତ୍ତରେ ଅସୁବିଧାର ସାମନା କରୁଛନ୍ତି। ରାସ୍ତା ଉପରେ ଯାନବାହାନ ଦୀର୍ଘ ସମୟ ଧରି ଅଟକି ରହିବା ନିତିଦିନିଆ ଘଟଣାରେ ପରିଣତ ହୋଇଥିବା ବେଳେ ବସଷ୍ଟାଣ୍ଡ କାମ କରୁନି କିମ୍ବା ବସ୍ତିରେ ପାର୍କିଂ ବ୍ୟବସ୍ଥା ନାହିଁ। କୌଣସି ଗୁରୁତ୍ୱପୂର୍ଣ୍ଣ ଦିନ ତଥା ପର୍ବପର୍ବାଣୀ ମାନଙ୍କରେ ସ୍ଥିତି ପୁରାପୁରି ଅସମ୍ଭାଳ ହେଉଥିବାର ନଜରକୁ ଆସୁଛି । ଏପ୍ରକାର ସ୍ଥିତି ଜାରି ରହିଥିବା ବେଳେ ପୋଲିସ ପ୍ରଶାସନ ଠୋସ ପଦକ୍ଷେପ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । କହିବାକୁ ଗଲେ ବୀରମହାରାଜପୁର ଉପଖଣ୍ଡ ସଦର ମହକୁମାରେ ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ ହରାଉଛି ।

**ଏମାନେ ଯାହା କୁହନ୍ତି...**



"ବୀରମହାରାଜପୁରର ମୁଖ୍ୟଛକଠାରୁ ଚତୁପାର୍ଶ୍ୱକୁ ଯାଇଥିବା ପ୍ରମୁଖ ରାସ୍ତା ଜନଗହଳି ପୂର୍ଣ୍ଣ ରହୁଥିବାରୁ ଯାନବାହନ ଚଳାଚଳ ଉପରେ ନିୟନ୍ତ୍ରଣ ରହିବା ଆବଶ୍ୟକ। ତା ସହିତ ଟ୍ରାଫିକ ନିୟମଗୁଡିକ କଡାକଡି ପାଳନ କରିବା ଉପରେ କର୍ତ୍ତୃପକ୍ଷ ବିଶେଷ ଧ୍ୟାନ ଦେବା ଜରୁରୀ। ସେହିପରି ବ୍ୟବସାୟିକ ପ୍ରତିଷ୍ଠାନ ସାମ୍ନାରେ ବିଶୃଙ୍ଖଳିତ ଭାବେ ଯାନବାହନ ନରଖିବାକୁ ସଭିଏଁ ସଚେତନ ରହିବାର ବେଳ ଆସିଛି।

- **ଭଗବାନ ମିଶ୍ର, ସଭାପତି ବରିଷ୍ଠ ନାଗରିକ ସଂଗଠନ**



"ଉପଖଣ୍ଡ ସଦର ମହକୁମାରେ ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ ହରାଉଥିବାର ସଭିଏଁ ଅନୁଭବ କରୁଛନ୍ତି। ଏଥିପାଇଁ ଆଇନଗତ ପ୍ରାବଧାନ ରହିଥିବାରୁ ସାମ୍ପ୍ରତିକ ପରସ୍ଥିତିରେ ତାହାର କଡାକଡି ଅନୁପାଳନ କରାଯିବା ଜରୁରୀ ।

**-ଶ୍ରୀନିବାସ ଚାନ୍ଦ, ବରିଷ୍ଠ ଆଇନଜୀବୀ, ବୀରମହାରାଜପୁର**



"ଦୈନନ୍ଦିନ କଲେଜ ଯିବା ରାସ୍ତାରେ ମୋ ପରି ଛାତ୍ରୀଛାତ୍ରମାନେ ଅସୁବିଧାର ସାମ୍ନା କରୁଛୁ। ଏହି ରାସ୍ତାଟି ବିଭିନ୍ନ ଶିକ୍ଷାନୁଷ୍ଠାନ ସହିତ ଡାକ୍ତରଖାନା, ଉପଖଣ୍ଡ ମୁଖ୍ୟାଳୟ ଓ ଥାନା ଭଳି ଗୁରୁତ୍ୱପୂର୍ଣ୍ଣ ଦପ୍ତରକୁ ସଂଯୋଗ କରୁଥିବାରୁ ଭିଡି ଲାଗି ରହୁଛି। ହେଲେ ଟ୍ରାଫିକ ନିୟନ୍ତ୍ରଣ ବୋଲି କିଛି ନାହିଁ । ତୁରନ୍ତ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯିବା ଅପରିହାର୍ଯ୍ୟ ।

- **ରାଜଶ୍ରୀ ପଧାନ, ଛାତ୍ରୀ ବୀରମହାରାଜପୁର କଲେଜ**



"ଆମେ ସ୍କୁଲ ପିଲାମାନେ ରାସ୍ତାରେ ଗଲାବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନଗୁଡିକ ଦୀର୍ଘ ସମୟ ଅଟକି ରହୁଥିବାରୁ ଅସୁବିଧା ଭୋଗୁଛୁ। ତାଛଡା ବାଇକ ଚାଳକଙ୍କ ବେପରୁଆ ଚାଳନା ଯୋଗୁଁ ସାଇକେଲରେ ଯିବା ମୁଷ୍କିଲ ହୋଇପଡୁଛି । ଯିବା ବେଳେ ଆମକୁ ଭୟ ଲାଗୁଛି ।

**-ଆନନ୍ଦ ମେହେର, ଛାତ୍ର, ବୀରମହାରାଜପୁର ସରକାରୀ ହାଇସ୍କୁଲ**



"ଏଠାରେ ଯାନବାହାନ ସଂଖ୍ୟା ବହୁ ମାତ୍ରାରେ ବଢ଼ି ଚାଲିଛି। ତେଣୁ ଟ୍ରାଫିକ ସମସ୍ୟା ବଢ଼ିବା ସ୍ୱାଭାବିକ। ତେବେ ଏହାକୁ ସୁନିୟନ୍ତ୍ରିତ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରାଯାଉଛି। ତତ୍ ସହିତ ଆଇନାନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

**-ଧିରଜ କୁମାର ଚୌପଦାର, ଉପଖଣ୍ଡ ପୋଲିସ ଅଧିକାରୀ**

### ମା'ମାହେଶ୍ୱରୀଙ୍କ ସ୍ନାନଯାତ୍ରା ଉତ୍ସବ

**ଉଲୁଣ୍ଡା, ୧୬।୧୦(ଡି.ଏନ.ଏ.)**

ପବିତ୍ର ଦୁର୍ଗାଷ୍ଟମୀ ଅବସରରେ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକର ବିଭିନ୍ନ ଗ୍ରାମରେ ମା' ମାହେଶ୍ୱରୀଙ୍କ ସ୍ନାନଯାତ୍ରା ସମ୍ପନ୍ନ ହୋଇଛି। ଲସ୍ତଲା ମାହେଶ୍ୱରୀଙ୍କ ସୋମବାର ମଧ୍ୟରାତ୍ରୀରୁ ପୂଜାର୍ଚ୍ଚନା ଆରମ୍ଭ କରାଯାଇଥିଲା। ସକାଳେ ବାଲଭୋଗ ଅର୍ପଣ ପରେ ବେଶ କରାଯାଇ ଘଣ୍ଟ, ଘଣ୍ଟି, ଛତିଛତ୍ର, ଆଲଟ, ଚାମର ଶୋଭାଯାତ୍ରାରେ ମହାନଦୀ ବଡାଲି ଘାଟକୁ ସ୍ନାନ ପାଇଁ ନିଆଯାଇଥିଲା। ଅପରାହ୍ନ ବେଳେ ଫେରିବା ବାଟରେ ବଡାଲି, ଗଇଲମରା, ଉଦେପଦର, ଢେରାପଡା, ଲିମ୍ବପାଲି ଏବଂ ଅନନ୍ତପାଲି ଗ୍ରାମରେ ମହାକାଳ ପୂଜା ଅନୁଷ୍ଠିତ ହୋଇଥିଲା। ଠାକୁରାଣୀଙ୍କ ଏହି ପୂଜା ବେଳେ ଭାଇମାନଙ୍କ ପାଇଁ ଭଉଣୀମାନେ ଭାଇଜିଉଁତିଆ ବ୍ରତ ରଖିଥିଲେ। କେତେକ ସ୍ଥାନରେ ଦେବୀଙ୍କୁ ସ୍ୱତନ୍ତ୍ର ପୂଜା ବଳୀ ଅର୍ପଣ କରାଯାଇଥିଲା। ସେହିପରି ଉଲୁଣ୍ଡା ସଦର ଠାକୁରାଣୀଙ୍କ ମଧ ସ୍ନାନଯାତ୍ରା ସମ୍ପନ୍ନ ହୋଇଛି। ବୁଧବାର ସଂକ୍ରାନ୍ତି ଥିବାରୁ ମଧ୍ୟରାତ୍ରୀ ପୂର୍ବରୁ ପୂଜାନୀତି କରାଯାଇ ଦେବୀଙ୍କୁ ମୂଳପୀଠରେ ସ୍ଥାପନ କରାଯାଇ ଗୁପ୍ତନୀତି କରାଯାଇଛି।

### ମନ ମୋହୁଛି ରାବଣ ଦରବାର

**ସିଂଘିଯୁବା,୧୬।୧୦(ଡି.ଏନ୍.ଏ.)**

ସୁବର୍ଣପୁର ଜିଲା ବିନିକା ପୁରୁଣା ବସ୍‌ଷ୍ଟାଣ୍ଡ କମିଟି ତରଫରୁ ଧୂମ୍‌ଧାମ୍‌ରେ ପାଳିତ ହେଉଛି ଶାରଦୀୟ ଦୁର୍ଗାପୂଜା । ପୂଜା ମହୋତ୍ସବରେ ବିଶେଷ ଆକର୍ଷଣ ସାଜିଛି ରାବଣ ଦରବାର । ରାବଣ ଭୂମିକାରେ ଗୋପାଳ ପଣ୍ଡାଙ୍କ ଅଭିନୟ ଦର୍ଶକଙ୍କୁ ଆମୋଦିତ କରୁଛି। ଅପରପକ୍ଷରେ ଦୁର୍ଗାପୂଜାର ମୁଖ୍ୟ କର୍ତ୍ତାକର୍ତ୍ତୀ ଭାବେ ସୁନୀଲ କୁମାର ପାତ୍ର ଓ ତାଙ୍କ ସ୍ତ୍ରୀ ସୁକନ୍ୟା ପାତ୍ର ଦାୟିତ୍ୱ ନିର୍ବାହ କରୁଛନ୍ତି।

## ତରଭା ବ୍ଲକରେ ବିଦ୍ୟାଳୟ ମିଶ୍ରଣ

**ତରଭା, ୧୬।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ ତରଭା ବ୍ଲକର ୫ ପ୍ରାଥମିକ ବିଦ୍ୟାଳୟ ଓ ୨ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମିଶ୍ରଣ ଅନ୍ୟ ୫ ପ୍ରାଥମିକ, ଉଚ୍ଚ ପ୍ରାଥମିକ ତଥା ଉଚ୍ଚ ବିଦ୍ୟାଳୟ ସହ ହୋଇଛି । ତରଭା ଏନଏସି ଅନ୍ତର୍ଗତ ଶିବଶଙ୍କର ପ୍ରାଥମିକ ବିଦ୍ୟାଳୟ, ପୂର୍ଣ୍ଣମାସୀ ପ୍ରାଥମିକ ବିଦ୍ୟାଳୟ ଓ ବାଳକ ପ୍ରାଥମିକ ବିଦ୍ୟାଳୟର ମିଶ୍ରଣ ତରଭା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ସହ ହୋଇଛି। ସେହିପରି ଉତ୍କଳମଣୀ ପ୍ରାଥମିକ ବିଦ୍ୟାଳୟର ମିଶ୍ରଣ ଗୋଟିଏ ପରିସରରେ ଥିବା ବିକାଶ ପ୍ରାଥମିକ ବିଦ୍ୟାଳୟ ସହ, ତିଲେସରା ପ୍ରାଥମିକ ବିଦ୍ୟାଳୟର ମିଶ୍ରଣ ରଙ୍ଗପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହ, ମେଣ୍ଡା ଜିଟିଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମେଣ୍ଡା ଉଚ୍ଚ ବିଦ୍ୟାଳୟ ସହ ତଥା ସରଗଜ ଜିଟିଓ ଉପ୍ରା ବିଦ୍ୟାଳୟର ମିଶ୍ରଣ ସରଗଜ ସରକାରୀ ଉଚ୍ଚ ବିଦ୍ୟାଳୟ ସହ ହୋଇଛି । ସୂଚନାଯୋଗ୍ୟ ଯେ, ସରକାର ସାଥ କାର୍ଯ୍ୟକ୍ରମରେ ଗୋଟିଏ ପରିସର ତଥା ୧୦୦ ମିଟର ଦୂରତାରେ ଥିବା ସମସ୍ତ ବିଦ୍ୟାଳୟକୁ ଏକତ୍ର କରିବାର କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଏହି ବିଦ୍ୟାଳୟ ମିଶ୍ରଣ କାର୍ଯ୍ୟକ୍ରମ ଚଳିତ ୩୧ ଅକ୍ଟୋବର ଶେଷ ସୁଦ୍ଧା ସାରିବାକୁ ଜିଲା ଶିକ୍ଷାଧୀଶ ଆଦେଶ ପ୍ରଦାନ କରିଛନ୍ତି । ଏହାଦ୍ୱାରା ବିଦ୍ୟାଳୟମାନଙ୍କରେ ଶିକ୍ଷା ସମସ୍ୟା ଅନେକାଂଶରେ ଦୂର ହୋଇପାରିବ ଓ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ସହାୟକ ହେବ ବୋଲି ଆଶା କରାଯାଉଛି ।

### ଭାଇଙ୍କ ଦୀର୍ଘ ଜୀବନ କାମନା କଲେ ଭଉଣୀ

**ବୌଦ୍ଧ,୧୬।୧୦(ସ୍ୱ.ପ୍ର.)**

ପଶ୍ଚିମ ଓଡ଼ିଶାରେ ଆଶ୍ୱୀନ ମାସ ଅଷ୍ଟମୀ ତିଥିରେ ଭଉଣୀମାନେ ଭାଇଙ୍କ ମଙ୍ଗଳକାମନା କରି ଭାଇ ଜିଉନ୍ତିଆ ଓଷା ପାଳନ କରିଥାନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ବୌଦ୍ଧ ଜିଲାର ବିଭିନ୍ନ ସ୍ଥାନରେ ଭଉଣୀମାନେ ଓଷା ପାଳନ କରିଥିଲେ। ପାହାନ୍ତାରୁ ଘାଟକୁ ଯାଇ ବାଲିରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥାନ୍ତି। ପରେ ଘରକୁ ଫେରି ଭାଇମାନଙ୍କୁ ଆସନରେ ବସାଇ ଦୀପ ଜାଳିବା ପୂର୍ବକ ୭ ଥର ମୁଣ୍ଡରୁ ପାଦ ପର୍ଯ୍ୟନ୍ତ ଦୁବ ଉତୁରାଇଥାନ୍ତି। ପୂଜା ଶେଷରେ ଭଉଣୀମାନେ ବଡ ଭାଇମାନଙ୍କୁ ମୁଣ୍ଡିଆ ମାରି ଆର୍ଶିବାଦ ନେଇଥାଆନ୍ତି। ଓ ସାନ ଭାଇମାନେ ଭଉଣୀମାନଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ଭିକ୍ଷା କରିଥାଆନ୍ତି। କିନ୍ତୁ ଜିଲାର ପୁରୁଣାକଟକ ଅଞ୍ଚଳର ମା ଭୈରବୀଙ୍କ ପୀଠରେ ଭଉଣୀମାନେ ନିଶା ରାତିରେ ପୂଜା କରିଥାଆନ୍ତି।

## ଗେହ୍ଲାମା କପ୍ ଫୁଟବଲ: ସରସରା ବିଜୟୀ



ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

**ବୌଦ୍ଧ, ୧୬।୧୦(ସ୍ୱ.ପ୍ର.)**

ବୌଦ୍ଧ ଗେହ୍ଲାମା କ୍ଲବ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଗେହ୍ଲାମା କପ୍ ଫୁଟବଲ ଟୁର୍ନାମେଣ୍ଟର ଚତୁର୍ଥ ଦିନ ଖେଳ ପାଣ୍ଡେ ଏକାଡେମୀ ବୌଦ୍ଧ ଓ ସରସରା ଦଳ ମଧ୍ୟରେ ହୋଇଥିଲା । ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଉଭୟ ଦଳର ଖେଳାଳି ଚମତ୍କାର ଖେଳ ପ୍ରଦର୍ଶନ କରିଥବା ବେଳେ ସରସରା ଦଳ ୧–୦ ଗୋଲରେ ପାଣ୍ଡେ ଏକାଡେମୀକୁ ପରାଜିତ କରିଥିଲା। ଅତିଥି ଭାବେ ବରିଷ୍ଠ ଖେଳାଳି ଅଶୋକ କୁମାର ସାହୁ ଓ ସିଦ୍ଦିକ ଅଲ୍ଲୀ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲ। ରେଫରି ଭାବରେ ସଲୀଳ କୁମାର ବେହେରା, ଶେଷଦେବ ବେହେରା, କୁବେର ବେହେରା ଓ ଚନ୍ଦନ ମହାରଣା ଖେଳ ପରିଚାଳନା କରିଥିଲେ। ବୁଧବାର ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ଏମ୍‌ଏମ୍‌ୱାଇସି ମାଉଳସିଙ୍ଗା ଓ ଟାଉନ ଆଥଲେଟିକ କ୍ଲବ ମଧ୍ୟରେ ଖେଳାଯିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

## ମୁଖ୍ୟମନ୍ତ୍ରୀଙ୍କ ଜନ୍ମ ଦିନରେ ଯୁବ ବିଜେଡି ପକ୍ଷରୁ ରକ୍ତଦାନ ଶିବିର

**ବୌଦ୍ଧ,୧୬।୧୦(ସ୍ୱ.ପ୍ର.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ବୌଦ୍ଧ ଯୁବ ବିଜେଡି ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରକ୍ତଭଣ୍ଡାରଠାରେ ଯୁବ ବିଜେଡି ସଭାପତି ମୃତ୍ୟୁଞ୍ଜୟ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ବହୁ ସଂଖ୍ୟାରେ ଯୁବ ସ୍ୱେଚ୍ଛାସେବୀ, ଛାତ୍ର ଓ ରକ୍ତଦାତାମାନେ ରକ୍ତଦାନ କରିଥିଲେ। ଅତିଥି ଭାବେ ହରଭଙ୍ଗା ବ୍ଲକ ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ର, ସନ୍ତୋଷ କୁମାର ସିଂଦେଓ ଶିବିରରେ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଛାତ୍ର ବିଜେଡି ସଭାପତି ସଂଗ୍ରାମ ଦାସ, ବିଜୁ ଯୁବବାହିନୀ ସଭାପତି ସଂଗ୍ରାମ ମଲ୍ଲିକ, ତୋଫାନ ପରିଡ଼ା, ମନୋଜ କୁମାର ସାହୁ, ମାନଓ ମିଶ୍ର ପ୍ରମୁଖ ଯୋଗଦେଇ ରକ୍ତଦାନ କରିବା ସହିତ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ରକ୍ତଭଣ୍ଡାରର ବରିଷ୍ଠ ଟେକ୍‌ନିସିଆନ ଚତୁର୍ଭୁଜ ବାରିକ୍, ଦିଲୀପ କୁମାର ଭୋଇ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।




ରକ୍ତଦାନ ଶିବିରରେ ଜଣେ ରକ୍ତଦାତା ରକ୍ତଦାନ କରୁଛନ୍ତି।

### ୯ ବର୍ଷରେ ସୋନପୁର ବ୍ଲକ ଛକ ଦୁର୍ଗା ପୂଜା

## ପ୍ଲାଷ୍ଟିକ ମୁକ୍ତ ପାଇଁ ସଚେତନତାର ବାର୍ତ୍ତା

**ସୋନପୁର,୧୬।୧୦(ନି.ପ୍ର.)**

ମହାସପ୍ତମୀ ପୂଜା ମଙ୍ଗଳବାର ସମ୍ପନ୍ନ ହୋଇଛି। ଚଳିତ ବର୍ଷ ଦୁର୍ଗା ପୂଜାକୁ ସମାରୋହରେ ପାଳନ କରୁଛି ସୋନପୁର ବ୍ଲକ ଛକ ଦୁର୍ଗା ପୂଜା କମିଟି। ମାତ୍ର ୯ ବର୍ଷ ତଳେ ଏଠାରେ ଆରମ୍ଭ ହୋଇଥିଲା ପୂଜା। ଚଳିତ ବର୍ଷ ନୂଆ ତୋରଣ ଓ ସୁନ୍ଦର ମୂର୍ତ୍ତି ନିର୍ମାଣ ହୋଇଛି। ରାଜପ୍ରାସାଦ ଭଳି ତୋରଣ ସାଙ୍ଗକୁ ଇଲେକ୍ଟ୍ରିକାଲ ଡିଜିଟାଲ ଲାଇଟ୍‌ରେ ତୋରଣ ସଜ୍ଜା ସହିତ ଗେଟ୍‌ଗୁଡିକ ମଧ୍ୟ ଡିଜିଟାଲ ଲାଇଟ୍‌ରେ ଝଲସୁଛି। ଚଳିତ ବର୍ଷ ଦୁର୍ଗାପୂଜା ମହୋତ୍ସବକୁ ଆକର୍ଷିତ କରାଯାଉଥିବା କମିଟି ସଭାପତି ଅରବିନ୍ଦ ବାରିକ୍ ସୂଚନା ଦେଇଛନ୍ତି। କ୍ଷିରୀଖାଇ ଦୁର୍ଗା ନାମରେ ପରିଚିତ ମା'ଦୁର୍ଗାଙ୍କର ଚଳିତ ଥର ମୁକୁଟ ସହ ସମସ୍ତ ଅଳଙ୍କାର ରୂପାରେ ନିର୍ମିତ ହୋଇଛି। ବିଶେଷ କରି ଜନସାଧାରଣଙ୍କୁ ସଚେତନତାର ବାର୍ତ୍ତା ଦେବା ପାଇଁ ପୂଜା ପେଣ୍ଡାଲ ଓ ସ୍ଥାନୀୟ ପରିବେଶକୁ ପ୍ଲାଷ୍ଟିକ୍ ମୁକ୍ତ କରାଯାଇଥିବା ବାରିକ୍ କହିଛନ୍ତି । ସେହିପରି ପୂଜାକୁ ସମ୍ପୂର୍ଣ୍ଣ ରୀତିନୀତି ଓ ଶାନ୍ତିଶୃଙ୍ଖଳାର ସହ ପାଳନ କରାଯାଉଛି। ପ୍ରତ୍ୟହ ଶ୍ରଦ୍ଧାଳୁଙ୍କୁ ମହାଆଳତୀ ପରେ କ୍ଷିରୀଭୋଗ ଦିଆଯିବ। ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ବୁଧବାର ମହାଷ୍ଟମୀ ସନ୍ଧ୍ୟାରେ ଭୁବନେଶ୍ୱରର ଆଳାପ ଅନୁଷ୍ଠାନ ପକ୍ଷରୁ ଭଜନ ଓ ସଙ୍ଗୀତ ସମାରୋହ, ଗୁରୁବାର ମହାନବମୀରେ କଟକର ଶହିନଶାହ୍ ମେଲୋଡି ପରିବେଷଣ କରିବ। ଦଶମୀରେ ରୟାଲ ପଡିଆରେ ରାବଣ ପୋଡି ସହିତ ଫ୍ଲୋରେନ୍ସ ନାମରେ ଚିତ୍ତାକର୍ଷକ ସାଂସ୍କୃତିକ ସନ୍ଧ୍ୟାରେ ଦିଲ୍ଲୀର ଇଷ୍ଟୁ ମହାଦେବ ଗ୍ରୁପର କଳାକାରମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିବେ ବୋଲି କମିଟି ସମ୍ପାଦକ ନିଶାନ୍ତ କୁମାର ମହାନ୍ତି କହିଛନ୍ତି। ଗଠିତ କାର୍ଯ୍ୟକାରୀ କମିଟିର ଉପସଭାପତି ଦିଲ୍ଲିପ କୁମାର ପାତ୍ର, ଯୁଗ୍ମ ସମ୍ପାଦକ ଦଶରଥ ପଧାନ ଓ କୋଷାଧକ୍ଷଭାବେ ଆଦିତ୍ୟ ମହାପାତ୍ର ରହିଛନ୍ତି । ଦିଲ୍ଲିପ କୁମାର ରଥ, ଆଦିକନ୍ଦ ପାଣିଗ୍ରାହୀ, ବଳଦେବ ପ୍ରସାଦ ବେଦ୍‌ବାକ, ଜ୍ୟୋତିରଞ୍ଜନ ପଟ୍ଟନାୟକ, ସତ୍ୟେନ୍ଦ୍ର ପାଢୀ, ଡ. ଜ୍ୟୋତିରଞ୍ଜନ ବହିଦାର, ନାଟ୍ୟଶ୍ରୀ ଗଦାଧର ବାରିକ୍, ଅଧ୍ୟାପକ ପୁରୁଷୋତ୍ତମ ମିଶ୍ର, ବେଣୁଧର ପ୍ରଧାନ, ଅଶୋକ କୁମାର ଜେନା ଓ ବେଣୀମାଧବ ବେଦ୍‌ବାକ ପ୍ରମୁଖ ଅଛନ୍ତି।



ପୂଜା କମିଟି ପକ୍ଷରୁ ନିର୍ମିତ ତୋରଣ।

### ବିଭିନ୍ନ ମଣ୍ଡପରେ ପୂଜା ଆରମ୍ଭ

**ପୁରୁଣାକଟକ,୧୬।୧୦(ଡି.ଏନ୍.ଏ.)** ବୌଦ୍ଧ ଜିଲା ପୁରୁଣାକଟକର ବିଭିନ୍ନ ମଣ୍ଡପରେ ମଙ୍ଗଳବାରଠାରୁ ପୂଜା ଆରମ୍ଭ ହୋଇଛି। ଭୈରବୀ କ୍ଲବ, ବସ୍‌ଷ୍ଟାଣ୍ଡ ଓ ରଥସାହି ମଣ୍ଡପରେ ସପ୍ତମୀଠାରୁ ପୂଜା ଆରମ୍ଭ ହୋଇଛି। ଆକର୍ଷଣୀୟ ତୋରଣ ସାଙ୍ଗକୁ ରଙ୍ଗବେରଙ୍ଗ ଆଲୋକମାଳାରେ ଅଞ୍ଚଳ ଝଲସିଉଠୁଛି। ମେଢ଼ ଦେଖିବା ପାଇଁ ସନ୍ଧ୍ୟାରୁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମୁଛି।

### ଘଣ୍ଟାପଡ଼ାରେ ୧୦୬ଜଣଙ୍କୁ ଭତ୍ତା ବଣ୍ଟନ

**ଘଣ୍ଟାପଡ଼ା,୧୬।୧୦(ଡି.ଏନ୍.ଏ.)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅଧୀନ ଘଣ୍ଟାପଡ଼ା ପଞ୍ଚାୟତ ସଭାଗୃହଠାରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଲକ୍ଷ୍ମୁ କିଶୋର ସାହୁଙ୍କ ତତ୍ତ୍ୱାବଧାନରେ ଭତ୍ତା ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଜିତେନ୍ଦ୍ର ପ୍ରସାଦ ଦେହୁରିଙ୍କ ସଭାପତିତ୍ୱରେ ୧୦୬ଜଣ ବାର୍ଦ୍ଧକ୍ୟ, ଦିବ୍ୟାଙ୍ଗ, ବିଧିବା ଓ ନିସହାୟ ଅବିବାହିତ ମହିଳାଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଭାତ ସାହୁ, ଯୋଗାଣ ସହାୟକ ଆଶୁତୋଷ ମଲିକଙ୍କ ସହ ସମସ୍ତ ୱାର୍ଡ ସଭ୍ୟା, ସଭ୍ୟ ସହଯୋଗ କରିଥିଲେ।

**ମା' ଧରଣୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ**
ନୂଆପଡା ଜିଲା ବୋଡେନ ବ୍ଲକ ବିନପୁର ଇଡେନ ଗାରଡେନ ଖେଳ ପଡିଆଠାରେ ଗତ ୯ରୁ ଚାଲିଥିବା ମା' ଧରଣୀ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି ।






## ସଂକ୍ଷେପରେ



### ଖାଦ୍ୟ ସୁରକ୍ଷା ଯୋଜନା ହିତାଧିକାରୀଙ୍କୁ କାର୍ଡ ବଣ୍ଟନ

କୋକସରା,୧୬।୧୦(ଡି.ଏନ.ଏ.) କଳାହାଣ୍ଡି ଜିଲା କୋକସରା ବ୍ଲକରେ ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ନୂତନ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ସୋମବାର କୋକସରା ଗ୍ରାମପଞ୍ଚାୟତ ରାଜିବ ଗାନ୍ଧୀ ସେବାକେନ୍ଦ୍ରଠାରେ ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ ୧୦୫ ଜଣ ହିତାଧିକାରୀଙ୍କୁ ରାଶନ କାର୍ଡ ଓ ମଧୁବାବୁ ପେନସନ ଯୋଜନାରେ ୧୫ ଜଣଙ୍କୁ ଭତ୍ତା କାର୍ଡ ବଣ୍ଟନ କରିଥିଲେ। ଏହି ଅବସରରେ ସମିତିସଭ୍ୟ ତ୍ରିଭୁବନ ନାଏକ, ନାଏବ ସରପଞ୍ଚ ବିଜୁଳି ବିଷୀଙ୍କ ସମେତ ପିଇଓ ଉସବ ମାଝି, ଗ୍ରାମ ରୋଜଗର ସେବକ ଶିବରାମ ଗହିର, ଯୋଗାଣ ସାହାଯକ ଦୟାନିଧି ଶବର ଓ ୱାର୍ଡ ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ ।



### ବାଲସି ଗ୍ରାମରେ ଝାମୁଯାତ୍ରା ପାଳିତ

କେସିଙ୍ଗା,୧୬।୧୦(ଡି.ଏନ.ଏ.) କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ବାଲସି ଗ୍ରାମରେ ଝାମୁଯାତ୍ରା ମଉଳି ମନ୍ଦିର ପରିସର ମଧରେ ମଙ୍ଗଳବାର ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ଦେବତା ମଉଳି ମନ୍ଦିରଠାରେ ଗତ ଶନିବାର ବାଲସି ଗ୍ରାମ ପରିକ୍ରମା ଯାଇଥିଲା। ଗ୍ରାମବାସୀଙ୍କ ପ୍ରତ୍ୟକ ଘରୁ ଚାଉଳ, କାଠ ସଂଗ୍ରହ କରାଯାଇ ମଉଳି ମନ୍ଦିର ପରିସର ମଧରେ ଗାତ ଖୋଳି କାଠ ଜଳାଯାଇଥିଲା । ସେହି ଜ୍ୱଳନ୍ତ କାଠ ଅଙ୍ଗାର ଉପରେ ଗ୍ରାମ ଦେବତା ମଉଳିଙ୍କ ପ୍ରତିରୂପରେ ଗୁରୁବାର ଲୁହୁରା ଅଗ୍ନି ଉପରେ ଚାଲିଥିଲେ । ଏହି ଝାମୁଯାତ୍ରା ଦେଖିବାକୁ ଆଖପାଖ ଅଞ୍ଚଳରୁ ଶହ ଶହ ଲୋକେ ଉପସ୍ଥିତ ଥିଲେ । ଯେଉଁ ମାନଙ୍କ ମନସ୍କାମନା ପୂରଣ ହୁଏ ସେହି ମାନେ ଛେଳି, ଗଣ୍ଡା, କୁକୁଡା, ବତକକୁ ବଳି ଦେଇଥିଲେ । କଣ୍ଟା ଦୋଳିରେ ବସି ଗ୍ରାମ ଦେବତା ଝୁଲି ଝୁଲି ପୂଜା ଅର୍ଚ୍ଚନା କରି ଅଗ୍ନି ଉପରେ ଚାଲିଥିଲେ ।

ରାସ୍ତା ନିର୍ମାଣରେ ବାଧା ସାଜୁଛି ବନ୍ୟପ୍ରାଣୀ ବିଭାଗ

# ବନ୍ୟପ୍ରାଣୀ ବିଭାଗ ବିରୋଧରେ ବନବାସୀଙ୍କ ମେଳି

ନୂଆପଡା ଅଫିସ,୧୬।୧୦

ନୂଆପଡା ଜିଲାର ଭୁ-ସ୍ୱର୍ଗ କୁହାଯାଉଥିବା ସୁନାବେଡା ଅଭୟାରଣ୍ୟକୁ ସରକାର ଅଭୟାରଣ୍ୟ ଭାବେ ଘୋଷଣା କରିଛନ୍ତି।କ ହେଲେ ଏହାକୁ ଠିକ ଭାବରେ ଏଯାବତ କାର୍ଯ୍ୟକାରୀ କରିନାହାନ୍ତି। ଘୋଷିତ ଅଭୟାରଣ୍ୟ ମଧରେ ବନ୍ୟପ୍ରାଣୀ ବିଭାଗ ଯାହା କଲେ ମାପ ଏବଂ ବନବାସୀ ଆଦିବାସୀଙ୍କୁ ଏଠିକାର ପତ୍ରଟିଏ ବି ତୋଳିବା ମନା ହେଉଛି । ବର୍ତ୍ତମାନ ଲୋକଙ୍କୁ ରାସ୍ତାଘାଟ, ବିଜୁଳି ଭଳି ମୌଳିକ ସୁବିଧା ମଧ୍ୟ ମିଳୁନାହିଁ । ବନ୍ୟପ୍ରାଣୀ ବିଭାଗର ଏଭଳି ଜୁଲୁମକୁ ବରଦାସ୍ତ କରାଯିବ ନାହିଁ ବୋଲି ଆଦିବାସୀମାନେ ପ୍ରତିବାଦ କରିବାକୁ ମେଳି କରିଛନ୍ତି । ଏଣିକି ବନ୍ୟପ୍ରାଣୀ ବିଭାଗର କୌଣସି କାମକୁ ସମର୍ଥନ କରିବେନାହିଁ। ବନ୍ୟପ୍ରାଣୀ ବିଭାଗ କର୍ମଚାରୀମାନଙ୍କୁ ସୁନାବେଡାରେ ନିଆଁପାଣି ବନ୍ଦ କରି ଦିଆଯିବ। ଏପରି କି ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ପଛାଇବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି ।

ସୁନାବେଡା ଗ୍ରାମପଞ୍ଚାୟତର ସଦର ଗାଁରେ ଅଭୟାରଣ୍ୟର ସୁନାବେଡା ସମେତ ଗାତିବେଡା, ସୋସେଙ୍ଗ, ଗଡଗଡା, ସାଲେପଡା, ସନବାହାଲି ଭଳି ୩୦ ଖଣ୍ଡ ଗାଁର ଲୋକ ରୁଣ୍ଡ ହୋଇ ମେଳି କରିଥିଲେ । ଏଥିରେ ସୁନାବେଡା ସରପଞ୍ଚ ତିଲସିଂ ଝାଙ୍କର ସଭାପତିତ୍ୱ କରିଥିବା ବେଳେ ସୋସେଙ୍ଗ ସରପଞ୍ଚ ଦ୍ରୋପଦୀ ଭୁଞ୍ଜିଆ, କୋମନା ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମିଶ୍ରଙ୍କ ସମେତ ସ୍ଥାନୀୟ ସମସ୍ତ ଗାଁ ମୁଖିଆ, ଯୁବକ ସଂଘର ସଦସ୍ୟମାନେ ଯୋଗଦେଇଥିଲେ। ଅଭୟାରଣ୍ୟର କୋଣ ଅନୁକୋଣରୁ ଭୁଞ୍ଜିଆ, ପହରିଆ, ଗଣ୍ଡ ସମ୍ପ୍ରଦାୟର ଲୋକମାନେ ଯୋଗଦେଇ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଦାବି ଉପସ୍ଥାପନ କରିଥିଲେ। ଏହିକ୍ରମରେ ସମସ୍ତେ ବନ୍ୟପ୍ରାଣୀ ବିଭାଗର ଦାଦାଗିରି ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ । ସୁନାବେଡା ଉପତ୍ୟକାରୁ କୋମନା ବ୍ଲକ ସଦର ମହକୁମାକୁ ଯିବାକୁ ହେଲେ ଦୀର୍ଘ ୩୦ କି.ମି. ଦୂର ଜଙ୍ଗଲ ରାସ୍ତା ଅତିକ୍ରମ କରି ଯିବାକୁ ପଡିଥାଏ। ବନବାସୀଙ୍କ ଗମନାଗମନକୁ ଦୃଷ୍ଟିରେ ରଖି ପ୍ରଶାସନ ତରଫରୁ ବିଭିନ୍ନ ଯୋଜନାରୁ ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଛି । ନିର୍ମାଣାଧୀନ କୋମନାରୁ ଚେରେଚୁଆଁ ଦେଇ ସୁନାବେଡା, କେରମେଳିରୁ ସୋସେଙ୍ଗ ପ୍ରଧାନମନ୍ତ୍ରୀ ରାସ୍ତାକୁ ବନବିଭାଗ ଅଟକାଇ ଦେଇଛି । ସୁନାବେଡାକୁ ଛାଡିଦେଲେ ଅନ୍ୟାନ୍ୟ ଗାଁକୁ ବିଜୁଳି ତାର ଖଞ୍ଜାଯାଇଛି । ଏଥିରେ ବିଜୁଳୀ ସଂଯୋଗ ପାଇଁ ବନବିଭାଗ ମନା କରୁଛି । ଦିନକୁ ଦିନ ପାଦଚଲା ରାସ୍ତା ମଧ୍ୟ ଖରାପ ହେବାରେ ଲାଗିଛି । ଏସବୁର ମରାମତି ଦରକାର ପଡୁଛି । ଏହା ଉପରେ ବ୍ଲକ ଏବଂ ଜିଲା ପ୍ରଶାସନ ତରଫରୁ ରାସ୍ତା ନିର୍ମାଣ, ସ୍କୁଲ ଘର ନିର୍ମାଣ ହେଉକି ବିଜୁଳି ସଂଯୋଗ କରିବାକୁ ପଦକ୍ଷେପ ନିଆଯାଉଛି । ହେଲେ ସେ ସବୁକୁ ବନ୍ୟପ୍ରାଣୀ ବିଭାଗ ଆଗକୁ ଆସି ଅଙ୍କୁଶ ଲଗାଉଛି ବୋଲି ସୁନାବେଡାର ସରପଞ୍ଚ ତିଲସିଂ ଝାଙ୍କର ବୈଠକରେ ଉଦ୍‌ବେଗ ପ୍ରକାଶ କରିଥିଲେ। ଆମେ ବନବାସୀ ପୁରୁଷାନୁକ୍ରମେ ଏଠାରେ ବାସ କରି ବଣଜଙ୍ଗଲକୁ ପୂଜା କରି ରକ୍ଷା କରିଆସୁଛୁ । ଆମକୁ ଏଠାରେ ରହିବା ମୁସ୍କିଲ ହେଲାଣି । ଅନ୍ୟପକ୍ଷେ ବନ ବିଭାଗ ଏଠାରେ ବେଧଡକ ବିଭିନ୍ନ କାମ କରୁଛି । ଏଭଳି କଲେ ଆଗାମୀ ଦିନରେ ବନ ବିଭାଗ ତରଫରୁ ଯେକୌଣସି କାମ ହେଲେ ତାକୁ ବିରୋଧ କରାଯିବ। ବିଭାଗ ଦ୍ୱାରା ଯେକୌଣସି ଯୋଜନା କଲେ ସେଥିରେ ଆଦିବାସୀମାନେ ଭାଗ ନେବେନାହିଁ। ଯିଏବି ଏଣିକି ଏଥିରେ ସହଯୋଗ କଲେ ତାଙ୍କୁ ନିଆଁପାଣି ବାସନ୍ଦ କରାଯିବ। ବନବିଭାଗ କର୍ମଚାରୀମାନେ ମଧ୍ୟ ଆସିଲେ କେହି ପାଣି ବୁନ୍ଦାଏ ଦେବେନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି । ଏହାକୁ ନେଇ ବିଭିନ୍ନ ସମୟରେ ପ୍ରତିବାଦର ସ୍ୱର ଉଠାଇବାକୁ ଏକ ୫୦ଜଣିଆ କମିଟି ଗଠନ କରାଯାଇଛି । ଆଗାମୀ ଦିନରେ ନିର୍ବାଚନକୁ ମଧ୍ୟ ବିରୋଧ କରିବେ ବୋଲି ବକ୍ତାମାନେ ଚେତାବନୀ ଦେଇଥିଲେ। ଏହି ଅବସରରେ ଯୋଗଦେଇଥିବା କୋମନା ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମିଶ୍ର ପ୍ରତିକ୍ରିୟା ରଖି କହିଛନ୍ତି ଯେ, ବ୍ଲକ ଏବଂ ଜିଲା ପ୍ରଶାସନ ସବୁବେଳେ ଏଠିକାର ବନବାସୀଙ୍କ ଉନ୍ନୟନ ସକାଶେ ଯୋଜନା ପ୍ରସ୍ତୁତ କରୁଛି । ହେଲେ ବନବିଭାଗ ଏଥିରେ ଅନ୍ତରାୟ ସୃଷ୍ଟି କରୁଛି । ଏହା ଉପରେ ସେ ରାଜ୍ୟ ସରକାରଙ୍କୁ ଜଣାଇବେ ବୋଲି କହିଛନ୍ତି। ଏହା ଉପରେ ଜିଲାପାଳ ତୁରନ୍ତ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ କରନ୍ତୁ ବୋଲି ଲୋକମାନେ ଦାବି ଉଠାଇଛନ୍ତି । ସଭାରେ ବନବିଭାଗ ବିରୋଧରେ ଲୋକମାନେ ବିଭିନ୍ନ ସ୍ଲୋଗାନମାନ ଦେଇଥିଲେ ।



ସୁନାବେଡା ଗ୍ରାମପଞ୍ଚାୟତର ସଦର ଗାଁରେ ବନବାସୀ ଆଦିବାସୀଙ୍କ ମେଳି ।

**ସୁନାବେଡା ଅଭୟାରଣ୍ୟ**
- ଫରେଷ୍ଟ ବାଲାଙ୍କୁ ନିଆଁପାଣି ବନ୍ଦ
- ଶେଷରେ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି

## ମା' ଧରଣୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ବୋଡେନ,୧୬।୧୦(ଡି.ଏନ.ଏ.)

ନୂଆପଡା ଜିଲା ବୋଡେନ ବ୍ଲକ ବିନପୁର ଇଡେନ ଗାରଡେନ ଖେଳ ପଡିଆଠାରେ ଗତ ୯ରୁ ଚାଲିଥିବା ମା' ଧରଣୀ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ଫାଇନଲରେ ବିନପୁର ସହିତ ଚଟିଆଗୁଡା ମଧ୍ୟରେ ମ୍ୟାଚ୍ ହୋଇଥିଲା । ଏଥିରେ ଚଟିଆଗୁଡା ଦଳ ୩-୦ ଗୋଲରେ ବିଜୟୀ ହୋଇଛି । ବିଜେତା ଦଳକୁ ୧୨୦୧୨ ଟଙ୍କା ସହ ଟ୍ରଫି ଓ ଉପ ବିଜେତା ଦଳକୁ ଟ୍ରଫି ସହ ୧୦୦୧୦ ଟଙ୍କା ପ୍ରଦାନ କରାଯାଇଥିଲା। ବୁଢାଦେଓ ପିଇଟି ପରମେଶ୍ୱର ଧରୁଆ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପିତ ଦିବସରେ ମୁଖ୍ୟଅତିଥି ଭାବେ ଲମ୍ବୋଦର ନିଆଲ, ଅବସରପ୍ରାପ୍ତ ଶିକ୍ଷକ ଥବିରାମ ପାଣ୍ଡେ, ଜିଲା ପରିଷଦ ସଦସ୍ୟ ଓ ପଶ୍ଚିମ ବିକାଶ ସଦସ୍ୟ ଉପସ୍ଥିତ ହୋଇଥିଲେ । ଅନ୍ୟତମ ଅତିଥି ଭାବେ ଭାଜପା ସଦସ୍ୟ ଅତିନ୍ଦ୍ର ସିଂ ମଲିକ, ବିଜେଡି ଯୁବନେତା ଇମ୍ରାନ ମହମ୍ମଦ, ଅଶୋକ ଅଗ୍ରବାଲ, ସୁରେଶ ବାଗ, ଚୈତନ୍ୟ ମାଝି ପ୍ରମୁଖ ଉପସ୍ଥିତ ଥିଲେ। କମିଟି ସଭାପତି ଟିକଚନ ନିଆଲ, ଉପସଭାପତି ମନ ଜଗତ, ଗଗନ ପରାଭୁଏ, ଗୌରି ଶଙ୍କର ନାଗ, ଗଣ୍ଡାରାମ ମାଝି, ଶ୍ୟାମ ସୁନ୍ଦର ଛତ୍ରିଆ, ପର୍ଶୁରାମ ନିଆଲଙ୍କ ସମେତ ଗ୍ରାମ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ। ଏଥିରେ ୧୬ଟି ଦଳ ଭାଗ ନେଇଥିଲେ ।

# ବହୁଜନ କ୍ରାନ୍ତି ମୋର୍ଚ୍ଚାର ପରିବର୍ତ୍ତନ ଯାତ୍ରା



ବହୁଜନ କ୍ରାନ୍ତି ମୋର୍ଚ୍ଚାର ଆୟୋଜିତ ପରିବର୍ତ୍ତନ ଶୋଭାଯାତ୍ରା।

କୋକସରା,୧୬।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରାଠାରେ ସୋମବାର ବହୁଜନ କ୍ରାନ୍ତି ମୋର୍ଚ୍ଚାର ମୁଳନିବାସୀ ପରିବର୍ତ୍ତନ ଯାତ୍ରା ନବରଙ୍ଗପୁରରୁ ଆମପାଣି ଦେଇ କୋକସରାଠାରେ ପହଞ୍ଚିଥିଲା । କୋକସରା ବ୍ଲକଠାରେ ପହଞ୍ଚିବା ପରେ ବ୍ଲକର ଶତାଧିକ ଯୁବକ ଓ ମହିଳାମାନେ ପରିବର୍ତ୍ତନ ଯାତ୍ରାକୁ ସ୍ୱାଗତ କରିବା ସହ ଏକ ଶୋଭାଯାତ୍ରାରେ ବାହାରି ଏକ ପଥପ୍ରାନ୍ତ ସଭା କରିଥିଲେ । ଭାରତରେ ୨୫ଟି ରାଜ୍ୟରେ ଏହି ପରିବର୍ତ୍ତନ ଯାତ୍ରା ଚାଲୁ ରହିଥିବା ବେଳେ ବାବା ସାହେବ ଆମ୍ବେଦ୍‌କରଙ୍କ ଦ୍ୱାରା ପ୍ରଣିତ ସମ୍ବିଧାନ ମୁଳନିବାସୀ ଅଧିବାସୀମାନଙ୍କୁ ବର୍ତ୍ତମାନ ସ୍ଥିତିରେ ନ୍ୟାୟ ଓ ହକ ଦେବାରେ ରାଜନୈତିକ ଚାପ ଯୋଗୁ ବଞ୍ଚିତ ହେଉଥିବା ସହ ଭାରତରେ ଶାସନ କରୁଥିବା କେନ୍ଦ୍ର ସରକାର ନାରୀମାନଙ୍କୁ ସୁରକ୍ଷା ତଥା ସମ୍ମାନ ଦେବାରେ ବିଫଳ ହୋଇଛି । ଆଜି ଦେଶରେ ନାରୀ ଲାଞ୍ଛିତ ଓ ବଳାତ୍କାର ଶିକାର ହେଉଛି । ତାଙ୍କୁ ନ୍ୟାୟ ଦେବାରେ କେନ୍ଦ୍ର ସରକାର ଏକ ସଂଭ୍ରାନ୍ତବର୍ଗର କୁଚକ୍ରି ଗୋଷ୍ଠି ଦ୍ୱାରା ପରିଚାଳିତ ହୋଇ ବହୁଜନ ମୁଳନିବାସୀ ମହିଳାମାନଙ୍କ ପ୍ରତି ଅଶାଳିନ ବ୍ୟବହାର କରିଆସୁଛି ବୋଲି ରାଜ୍ୟ ମହିଳା ସେଲ ସଭାପତି କମଳିନୀ ଧଙ୍ଗଡାମାଝି କହିଥିଲେ । ଅନ୍ୟପଟେ କେନ୍ଦ୍ର ସରକାର ଏ.ଭି.ଏମ ଜାଲିଆତି କରି ଭୋଟକୁ ହାଇଜାକ କରି ସରକାର ଗଠନ କରିଛି, ଏଣୁ ଆଗାମି ନିର୍ବାଚନରେ ଏ.ଭି.ଏମରେ ଭୋଟ ଦେବା ପ୍ରକ୍ରିୟାକୁ କ୍ରାନ୍ତି ମୋର୍ଚ୍ଚା ବିରୋଧ କରିବା ବୋଲି ଦିଲ୍ଲୀରୁ ଆସିଥିବା ବହୁଜନ ସହସମ୍ପାଦକ ରାଠୋର କହିବା ସହ ମୁଳନିବାସୀ ଅଧିବାସୀଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବା ବୋଲି କହିଥିଲେ। ଏହା ସହ ଏହି ପରିବର୍ତ୍ତ ଯାତ୍ରାରେ ଭଜମନ ବେହେରା, ପଞ୍ଚାନନ ପରିଡା, ସରୋଜ କୁମାର ସେଠି, ଗୌରହରି ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ପରେ ଏହି ପରିବର୍ତ୍ତନ କ୍ରାନ୍ତି ଯାତ୍ରା ଧର୍ମଗଡ ଅଭିମୁଖେ ବାହାରିଥିଲା । ଏହି ପରିବର୍ତ୍ତନ ଯାତ୍ରାରେ ଆମପାଣି ସରପଞ୍ଚ ଟିକିଚନ୍ଦ୍ର ଧଙ୍ଗଡାମାଝି, ଗୋରେଖ ନାଏକ, ଦୁର୍ଯ୍ୟୋଧନ ଜାଲ, ଗଗନ ମହାନନ୍ଦ, ଯୁଗେଶ୍ୱର ବେଶ୍ରା, ଯୁଗେଶ୍ୱର ପାଣିଗ୍ରାହୀ, ଜଗଦିଶ ଧଙ୍ଗଡା ମାଝି ଓ ଫୁଲତୋଳା ଖମାରୀ ପ୍ରମୁଖ ସାମିଲ ଥିଲେ।

# ବୋଡେନରେ ଦୁର୍ଗାପୂଜା ଆରମ୍ଭ

ବୋଡେନ,୧୬।୧୦(ଡି.ଏନ.ଏ.)

ନୂଆପଡା ଜିଲା ବୋଡେନ ଗ୍ରାମରେ ମା'ଙ୍କ ଦୁର୍ଗାପୁଜା ମହାଆଡମ୍ବରରେ କଳସ ଶୋଭାଯାତ୍ରା ସହିତ ଆରମ୍ଭ ହୋଇଯାଇଛି। ଦୁର୍ଗାପୂଜା ମଣ୍ଡପ ସାଜସଜ୍ଜା ଏବଂ ତୋରଣରେ ଡିଜିଟାଲ ଲାଇଟରେ ଝଲସି ଉଠୁଛି । ଏହି ପୂଜା ପାରମ୍ପରିକ ଭାବରେ ପାଳନ କରାଯାଉଛି । ଏଥିରେ କର୍ତ୍ତା ଭାବେ ନିରଞ୍ଜନ ଦଣ୍ଡସେନା ଓ ସୁନାବାଇ ଦଣ୍ଡସେନା ସହଯୋଗ କରିଥିବା ବେଳେ ମୁଖ୍ୟ ପୂଜକ ଭାବେ ଦିଗାମ୍ବର ଖମାରୀ ପରିଚାଳନା କରୁଛନ୍ତି। ଏହି ସପ୍ତମୀ ପୂଜା ଦିନଠାରୁ ପ୍ରତ୍ୟହ ସନ୍ଧ୍ୟାରେ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି ।


**JAWAHAR NAVODAYA VIDYALAYA, KHATIGUDA, DIST-NABARANGPUR (ODISHA)**

**WALK-IN-INTERVIEW FOR APPOINTMENT OF TEACHER ON CONTRACT BASIS DT. 16.10.2018**

Jawahar Navodaya Vidyalaya, Khatiguda, Dist-Nabarangpur Odisha (residential co-educational Vidyalaya) invites eligible candidates to attend the Walk-in-interview for appointment of 01 (one) Post of PGT (Mathematics) purely on contract basis for the academic session 2018-19 scheduled to be conducted in the Jawahar Navodaya Vidyalaya, Khatiguda on 5th November, 2018 at 10.00 A.M.

**REMUNERATION OFFERED:** Rs. 27500/- P.M.

**UPPER AGE LIMIT:** 60 YEARS AS ON 30.09.2017.

**ELIGIBILITY CRITERIA:** Two years Integrated Post Graduate M.Sc. Course from Regional College of Education of NCERT in the subject of Mathematics with at least 50% marks in aggregate.

OR

Master's Degree from a recognized University with at least 50% marks in agreegate in the subject of Mathematics and (a) B.Ed. or equivalent qualification from a recognized University (b) Proficiency in Teaching in Hindi and English.

The candidates are advised to bring one set self attested testimonials alongwith original in support of his/her age, qualification, experience, scholastic/non-scholastic achievements etc., one passport size photographs. No travelling expenses will be paid to candidate for appearing before the Appointment Committee. Please not that, attending the walk-in-interview does not confer any right to the candidate for appointment.

**Sd./- Principal**
**J.N.V., Khatiguda, Dist-Nabarangpur**



**ROURKELA SMART CITY LTD**
**Udit Nagar, Rourkela - 769012, Odisha**

**Notice No. 604/ 2018** **Dt.15.10.2018**

**Tender Quotation Call Notice**

Chief Executive Officer, Rourkela Smart City Ltd. (RSCL) invites sealed tenders from reputed Companies / OEMs/Authorized Dealer / Contractor having HT / MV license for supply, installation and commissioning of 125 KVA D.G. set of reputed Brand like Kirloskar / Mahindra or equivalent make. The details of BOQ and other terms & conditions are available at RMC website i.e. **www.rmc.nic.in**. The last date of receipt of tender is **27th October 2018**.

**Sd./- Chief Executive Officer, RSCL**



**GOVERNMENT OF ORISSA, DEPARTMENT OF WATER RESOURCES**
**Office of the Executive Engineer, Balasore Minor Irrigation Division**
**'e' Procurement Notice No.M.I-E-08/18-19 dated: 12.10.2018 (Online)**
616-A
www.mibalasore@yahoo.co.in, 06782-262146

1. Name of the work : Improvement to Minor Irrigation Projects at different Places of Balasore District.
2. No. of Works : 4 Nos .
3. Estimated Cost : Varies from Rs.80.11 Lakhs to Rs.88.49 lakhs (approximately)
4. Class of Contractor : "A" & "B" Class.
5. Period of Completion : 03 (Three) Calendar months (90 days)
6. Other details are as follows:-

| Bid inviting authority | Bid Identifi-cation No. | No. of Works | Availability of tender online for bidding | | Last date of receipt of original Affidavit towards authenticity of the documents | Date & time of opening of tender | Date & Time of Transparent Lottery if necessary |
|---|---|---|---|---|---|---|---|
| | | | From | To | | | |
| Executive Engineer, M.I Division, Balasore | M.I-E-08/ 2018-19 | 04 Nos. | 29.10.2018 at 11.00AM | 09.11.2018 upto 5.00PM | 13.11.2018 upto 5.00 PM in the box located at M.I Division Office, Balasore. | 14.11.2018 at 11.00AM | 22.11.2018 at 11.00 AM |

Further details can be seen from the Govt. website www.tendersodisha.gov.in

32014/11/0017/1819 *Sd./- Executive Engineer, Minor Irrigation Division, Balasore*



0602-A
**GOVT. OF ODISHA**
**OFFICE OF THE ENGINEER-IN-CHIEF, WATER RESOURCES, ODISHA, BHUBANESWAR**
**'e' Procurement Notice No.CELMB 48 OF 2018-19**

1. Name of the work : Construction of bridge over Gobkund cut at its off taking point near village Gobkund under NABARD Assistance RIDF-XXIV.
2. Amount put to Tender : Rs.17,11,40,552.00
3. Bid Document Cost : Rs.10, 000.00 (online)
4. E.M.D. : Rs.17,11,500.00 (online)
5. Class of Contractor : Super Class
6. Period of Completion : 24 calendar months (730 Days)
7. Other details are as follows.

| Procurement Officer | Bid Identifi-cation No. | Availability of Tender Online for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer FC & Basin Manager, LMB, Bhubaneswar | CELMB PID 01 OF 2018-19 | 20.10.2018 10.00hrs | 09.11.2018 17.00hrs | 12.11.2018 11.00hrs |

8. e-mail Id : celmbbbsr@yahoo.co.in

Further detail conditions can be seen from the Govt. website www.tendersorissa.gov.in

32252/11/0061/1819 *Sd./- Chief Engineer FC & Basin Manager, Lower Mahanadi Basin*



618-A
**GOVT. OF ODISHA**
**OFFICE OF THE EXECUTIVE ENGINEER**
**MAHANADI BARRAGE DIVISION, CUTTACK**
Phone No. 0671–2440118, Email– eembarragedivnctc@gmail.com

**'e'-Procurement Notice No.EEMBD-10/2018-19**

1. Name of work : "Improvement to Road on left bank of PLBC from RD7.00km. to 7.35km. under MCII Project for the year 2019-20".
2. Total No. of works : 08 (Eight) Nos. of works.
3. Estimated Cost : Varies from Rs.9.41 lakhs to Rs.39.64 lakhs
4. Mode of Payment of EMD (Bid Security) & Bid Cost : The bidder shall transfer the required amount of EMD (Bid Security) and cost of Bid by online through electronic payment as per Govt. of Odisha WDOM No.17254/W dtd.05.12.2017 as mentioned in DTCN.
5. Period of completion : 06 (six) Calendar Month.
6. Other details as follows :

(i) Procurement Officer : Executive Engineer, Mahanadi Barrage Division, Cuttack.
(ii) Availability of Tender online for Bidding : 25.10.2018 from 10.00 AM to 05.11.2018 upto 5.00 PM
(iii) Date & time of opening of Bid through Online : On 06.11.2018 at 11.00 AM in the Office of the Executive Engineer, Mahanadi Barrage Division, Cuttack.
(iv) Date of Transparent Lottery to be Conducted (if required) : On 12.11.2018 at 11.00 AM in the office Chamber of the Executive Engineer, Mahanadi Barrage Division, Cuttack.

Further details can be seen from the Govt. website www.tendersodisha.gov.in.

32165/11/0008/1819 *Sd./- Executive Engineer, Mahanadi Barrage Division, Cuttack*

## ସଂକ୍ଷେପରେ



### ୭୩ ହିତାଧିକାରୀଙ୍କୁ ନୂତନ ରାଶନ କାର୍ଡ ବଣ୍ଟନ

ଜୁନାଗଡ,୧୬।୧୦(ଡି.ଏନ.ଏ.)
କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ତଳମଲା ପଞ୍ଚାୟତରେ ମଙ୍ଗଳବାର ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାର ନୂତନ ରାଶନ କାର୍ଡ ବଣ୍ଟନ ହୋଇଯାଇଛି। ଏଥିରେ ପଞ୍ଚାୟତର ୩ଟି ଗ୍ରାମର ୭୩ଜଣ ହିତାଧିକାରୀଙ୍କୁ ନୂତନ ରାଶନ କାର୍ଡ ବଣ୍ଟନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତଳମଲା ସରପଞ୍ଚ ଦୁଶିଲା ମାଝି, ନାଏବ ସରପଞ୍ଚ ମିତା ମାଝି, ପିଇଓ ମହାଦେବ ସୁନାନୀଙ୍କ ସମେତ ସମସ୍ତ ୱାର୍ଡ ସଦସ୍ୟ ଉପସ୍ଥିତ ରହି କାର୍ଡ ବଣ୍ଟନ କରିଥିଲେ। ଅବଶିଷ୍ଟ ରାଶନ କାର୍ଡ ଦ୍ୱିତୀୟ ପର୍ଯ୍ୟାୟରେ ଦିଆଯିବ ବୋଲି ସରପଞ୍ଚ ଦୁଶିଲା ମାଝି ପ୍ରକାଶ କରିଛନ୍ତି।

### ସଚେତନ ନାଗରିକଙ୍କୁ ନେଇ ଆଲୋଚନାଚକ୍ର

ସେରଗଡ଼,୧୬।୧୦(ଡି.ଏନ.ଏ.)
କଳାହାଣ୍ଡି ଜିଲା ନର୍ଲା ଛତିକୁଡ଼ା ଶୈବପିଠ ପରିସରରେ ସୋମବାର ନର୍ଲା ଜୋନ୍ ୧ର ନିର୍ବାଚିତ ପ୍ରତିନିଧି, ବହୁ ମାନ୍ୟଗନ୍ୟ ବ୍ୟକ୍ତି, ବିଦ୍ଧିଜୀବୀ ତଥା ସଚେତନ ନାଗରିକମାନଙ୍କ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚନାଚକ୍ରରେ କ୍ଷମା ସାଗର ରଣା ପ୍ରତିନିଧିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ କେଶବ ଚନ୍ଦ୍ର ପଧାନ ଏବଂ ସମ୍ମାନିତ ଅତିଥି ଭାବେ କେଦାର ରଣା, ଖଗେଶ୍ୱର ପଧାନ, ଅନନ୍ତରାମ ପଧାନ, ବିରକିଶୋର ରଣା, ଭାଗିରଥୀ ନାଏକ, ଖଗେଶ୍ୱର ରଣା, ଗୁଣ ମେହେର, ସହଦେବ ଧଙ୍ଗଡାମାଝି, ଦୁର୍ଜୁ ପାତ୍ର, ସତ୍ୟ ରଣା, ରଣଜିତ ମାଝି, ଧନୁର୍ଜ୍ଜୟ ମାଝି, ମୁରଲୀ ହରିଜନ ପ୍ରମୁଖ ଯୋଗଦେଇଥିଲେ । ଆଲୋଚନାଚକ୍ରରେ ଆଗାମୀ ୨୦୧୯ ସାଧରଣ ବିଧାନ ସଭା ନିର୍ବାଚନରେ ସ୍ଥାନୀୟ ଅଞ୍ଚଳର ଜଣେ ନର୍ଲା ବିଧାନ ସଭା ପ୍ରାର୍ଥୀ ହେଲେ ଦଳମତ ନିର୍ବିଶେଷରେ ତାଙ୍କୁ ସମର୍ଥନ କରାଯିବ ବୋଲି ସମସ୍ତେ ଏକମତ ହୋଇଥିଲେ । ସର୍ବସମ୍ମତି କ୍ରମେ ନିଶାଣପୁର ଗ୍ରାମର ଉଚ୍ଚଶିକ୍ଷିତ, ସାମାଜିକ କର୍ମୀ ତଥା ଶ୍ରମିକ ନେତା କେଦାରନାଥ ରଣାଙ୍କୁ ନର୍ଲା ବିଧାନସଭା ପ୍ରାର୍ଥୀ ପାଇଁ ଦଳମତ ନିର୍ବିଶେଷରେ ତାଙ୍କୁ ସମର୍ଥନ କରିଥିଲେ । ନାରାୟଣ ପଧାନ ସଭା ପରିଚାଳନା କରିଥିଲେ । ଆଗକୁ ୨୦୧୯ ନିର୍ବାଚନ ଆସୁଛି। ପୂର୍ବରୁ ନର୍ଲା ନିର୍ବାଚନ ମଣ୍ଡଳୀରେ ସ୍ଥାନୀୟ ବ୍ୟକ୍ତି ପ୍ରାର୍ଥୀତ୍ୱ ନ ହୋଇ ବାହାରୁ ଆସି ପ୍ରାର୍ଥୀ ହୋଇ ନିର୍ବାଚନ ବୈତରଣୀ ପାର ହେବା ପରେ ଉକ୍ତ ଅଞ୍ଚଳକୁ ଭୁଲି ଯାଉଛନ୍ତି । ଫଳରେ ନର୍ଲା ନିର୍ବାଚନ ମଣ୍ଡଳୀର ବିକାଶ ଆଖିଦୃଷ୍ଟିଆ ହୋଇପାରୁନାହିଁ ବୋଲି ସାଧରଣରେ ମତ ପ୍ରକାଶ ପାଇଆସୁଛି ।

# ଚିଲିଗୁଡ଼ାରେ ମା' ସର୍ବମଙ୍ଗଳାଙ୍କ ଛତରଯାତ୍ରା

କୋକସରା,୧୬।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଚିଲିଗୁଡା ଗ୍ରାମ ଅଧିଷ୍ଠାତ୍ରୀ ଦେବୀ ମା' ସର୍ବମଙ୍ଗଳାଙ୍କ ବାର୍ଷିକ ଛତରଯାତ୍ରା ମଙ୍ଗଳବାର ମହାସମାରୋହରେ ପାଳିତ ହୋଇଯାଇଛି। ସୋମବାର ମଧ୍ୟରାତିରେ ଦେବୀଙ୍କ ଛତର ମନ୍ଦିରରୁ ବାହାରି ଗାଁ ଗୌଉଁତିଆ ଘରକୁ ଆସିଥାନ୍ତି। ତା' ପରଦିନ ଦେବୀଙ୍କ ପ୍ରତିମା ଛତର ରୂପରେ ଗୌଉଁତିଆଙ୍କ ଘରେ ପୂଜାର୍ଚ୍ଚନା ପରେ ମନ୍ଦିର ଅଭିମୁଖେ ବାହାରିଥାନ୍ତି। ଦେବୀଙ୍କ ଛତର ବାହାରିବା ପରେ ହଜାର ହଜାର ଲୋକ ରାସ୍ତା କଡରେ ଠିଆ ହୋଇ ଧୂପ, ଦୀପ ଜଳାଇ ନଡିଆ ଭାଙ୍ଗି ପୂଜା କରିଥିଲେ। ଗାଁ ଗୌଉଁତିଆଙ୍କ ବିନୋଦ ବିହାରୀ ସିଂଙ୍କ ଘରୁ ଦେବୀଙ୍କ ଛତର ବାହାରି ଗାଁ ପରିକ୍ରମା ପରେ ମନ୍ଦିରରେ ପହଞ୍ଚିଥିଲେ। ଛତରଯାତ୍ରା ପରିକ୍ରମା କାର୍ଯ୍ୟକ୍ରମରେ ମାଝିଗୁଡା ଗ୍ରାମର ବନାବାଡି, କାଶିବାହାଲ ଗ୍ରାମର ଘଣ୍ଟଦଳ, ଆଇଁଲି ଗ୍ରାମର ନିଶାନ ବାଦ୍ୟ, ଚିଲିଗୁଡା ଆଞ୍ଚଳିକ ଲୋକନୃତ୍ୟ ସହ ଭବାନୀପାଟଣାରୁ ଆସିଥିବା କଳାକାରମାନେ ଯୋଗଦେଇ ଏକ ବର୍ଣ୍ଣାଢ୍ୟ ପରିବେଶରେ ମା'ଙ୍କୁ ପାଛୋଟି ନେଇ ମନ୍ଦିର ପର୍ଯ୍ୟନ୍ତ ବିରାଟ ପଟୁଆରରେ ପହଞ୍ଚାଇଥିଲେ । ଛତର ପୀଠକୁ ପହଞ୍ଚିବା ପରେ ପୂଜାପାଠ ଆରମ୍ଭ ହୋଇଥିଲା। ପୂଜାପାଠ ସମୟରେ ହଜାର ହଜାର ଅପୁତ୍ରୀକ ମହିଳାମାନେ ପୁତ୍ର ସନ୍ତାନ ପାଇଁ ଗୁହାରି କରିଥିଲେ। ବିବାହିତ ଅପୁତ୍ରୀକ ମହିଳାଙ୍କୁ ଗର୍ଭଧାରଣ ସମସ୍ୟା ଦୂର କରିବାରେ ଦେବୀଙ୍କ ପ୍ରମୁଖ ଭୂମିକା ରହିଥିବା ବିଶ୍ୱାସ ଅବାହମାନନ କାଳରୁ ଚାଲି ଆସିଛି। ଫଳରେ ମଙ୍ଗଳବାର ଶହଶହ ଅପୁତ୍ରିକ ମହିଳା ଦେବୀଙ୍କଠାରୁ ଆଶିର୍ବାଦ ନେବାକୁ ଆସିଥିଲେ ବୋଲି ଦେବୀ ପୂଜକ ମନ୍ଦର ପୂଝାରୀ ଓ ମହିଳା ଭକ୍ତମାନେ କହିଛନ୍ତି । ଛତର ଯାତ୍ରାର ଦଶରା ପୂଜା କାର୍ଯ୍ୟକ୍ରମ ସମପାନ ହେବା ପରେ ନିଶା ରାତିରେ ମା' ସର୍ବ ମଙ୍ଗଳାଙ୍କ ପୀଠରେ ବଳି ପ୍ରକ୍ରିୟା ଆରମ୍ଭ ହୋଇଥାଏ । ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ଶତାଧିକ ଭକ୍ତ ଓ ମାନସିକଧାରୀମାନେ ନିଜର ମାନସିକ ପୂରଣ ଲାଗି ଦେବୀଙ୍କୁ ଶୁକ୍ଳ ଭୋଗ ଚଢାଇଥିଲେ । ପରେ ରାତିରେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ନାଟକ ପ୍ରତିଯୋଗୀତା ଆୟୋଜିତ ହୋଇଥିଲା। ଏହି ମନୋରଞ୍ଜନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ୟୋମକେଶ ପଣ୍ଡା ଓ ମୁଖ୍ୟବକ୍ତା ଭାବେ କୋକସରା ପଞ୍ଚାୟତ ସମିତି ଅଧ୍ୟକ୍ଷ ଗୋବର୍ଦ୍ଧନ ବାଗ ଯୋଗଦେଇଥିଲେ। ଚିଲିଗୁଡାଠାରେ ଆୟୋଜିତ ଦେବୀ ସର୍ବମଙ୍ଗଳା ଦଶରା ପୂଜା ଓ ଛତର ଯାତ୍ରା କାର୍ଯ୍ୟକ୍ରମକୁ ଗ୍ରାମ୍ୟ ପୂଜା କମିଟି ସଭାପତି ଶୋଭାଚନ୍ଦ୍ର ହଂସ, ସମ୍ପାଦକ ବିଶିକେଶନ ସିଂ, ଉପସଭାପତି ବଂଶୀଧର ବାଗ, ସହସମ୍ପାଦକ ବିଦ୍ୟାଧର ଗହୀର, ଗାଁ ଗୌଉଁତିଆ ବିନୋଦ ବିହାରୀ ସିଂ ଦେବୀଙ୍କ ପୂଝାରୀ ମନ୍ଦର ପୂଝାରୀ, ଶିରା କୈଳାଶ ଚନ୍ଦ୍ର ସିଂ, ନରିଆ ଲୋକନାଥ ଗୋପାଳ, ଉପଦେଷ୍ଟା ମଣ୍ଡଳୀରେ ଉତ୍ତମ କୁମାର ପଣ୍ଡା, ଅଭିମନ୍ୟୁ ଗୋପାଳ, ନରେନ୍ଦ୍ର ସିଂ, ସନାତନ ଗୋପାଳ, ଶ୍ରୀବସ୍ତ ଗୋପାଳ, ଅଶୋକ କୁମାର ସିଂ, ରବିଚନ୍ଦ୍ର ନିଆଲ, ମହେନ୍ଦ୍ର ଗୋପାଲ, ମୁକ୍ତେଶ୍ୱର ନାଗ, ବସନ୍ତ ଗୋପାଳ, ଗୌର ଚନ୍ଦ୍ର ନାଗ, ରଜନୀକାନ୍ତ ପଣ୍ଡା, ଭୁବନେ ନିଆଲ ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ। ଆୟୋଜିତ ଛତର ଯାତ୍ରା କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ସୁଶାନ୍ତ କୁମାର ବେହେରା, ଏମ୍‌ପି ପ୍ରତିନିଧି ପ୍ରମୋଦ କୁମାର ପ୍ରଧାନୀ, ଧନେଶ୍ୱର ଗୋପାଳ, ଦେବରାଜ ପଣ୍ଡା ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ଯାତ୍ରା ଦେଖିବା ପାଇଁ କୋକସରା ବ୍ଲକ ଓ ସୀମାନ୍ତ ବ୍ଲକ ଅଧୀନରେ ଥିବା ଗ୍ରାମରୁ ୫ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଓ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ।



ମା' ସର୍ବମଙ୍ଗଳାଙ୍କୁ ଶୋଭାଯାତ୍ରାରେ ନିଆଯାଉଛି ।

### ପୌରକେଲାର ପ୍ରସିଦ୍ଧ ପାଟଖଣ୍ଡା ଯାତରା
# ରକ୍ତରଞ୍ଜିତ ହେଲା ତେଲନଦୀ ପଠା

ରିଷିଡ଼ା,୧୬।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପୌରକେଲାଠାରେ ସୋମବାର ପ୍ରସିଦ୍ଧ ପାଟଖଣ୍ଡା ଯାତରା ଅନୁଷ୍ଠିତ ହୋଇଯାଇଛି । ଏଥିରେ ୭ଟି ବୋଦା ଓ ଗରରା ବଳି ଦିଆଯାଇଛି । କଳାହାଣ୍ଡି ଓ ବଲାଙ୍ଗୀର ସୀମାନ୍ତରେ ଥିବା ତେଲନଦୀ କୂଳରରେ ସୁନାମୁହିଁ ଘାଟ ନିକଟରେ ଏହି ଯାତରା ଅନୁଷ୍ଠିତ ହୋଇଥାଏ । ତେଲ ନଦୀ କୂଳରେ ଘୋଡାଘାଟ, ପାକେଲଘାଟ, ବନ୍ଧୁଘାଟ, ଭୀମାଘାଟ ଘାଟ ରହିଛି । ଅପରାହ୍ନ ୪ଟାରେ ଦେବୀ ପାଟଖଣ୍ଡା ଦେକଛାର ଜଙ୍ଗଲରୁ ବାହାରି ଯାତରା ପଡିଆରେ ନିଜର ଛତ୍ର ସହିତ ଆସିଥାନ୍ତି । ଏଥିସହ ଜେନାବୁଢ଼ା, ବୋଇତି, ବିରୁପାନ, ବୁଢ଼ୀଦେଈ ଦେବାଦେବୀ ଆସିଥାନ୍ତି । ଏହି ଯାତରାରେ ଦେବ ମନ୍ଦିରରୁ ଆସିଥିବା ଢୋଲ ଉପରେ ବରୁଆ ବେଶରେ ଆସୁଥିବା ଦୃଶ୍ୟ ବେଶ୍ ଆକର୍ଷଣୀୟ ହୋଇଛି । ପାଟଖଣ୍ଡା ଯାତ୍ରା ଧରୁଆମାନେ ନିଜ ଘରେ ପୂଜା କରୁଥିଲେ । କିନ୍ତୁ ସାବଜନୀନ କରିବା ପାଇଁ ତେରେକେଲା ଗୋନ୍ତିଆ ମଙ୍ଗଲୁ ଧରୁଆ, କୁନ୍ଦେଇପାଲି ଗୋନ୍ତିଆ, ବୁଢୀପଦର ଗୋନ୍ତିଆମାନେ ତତକାଳୀନ ପାଟଖଣ୍ଡା ପୂଜକ କପୂର୍ଚନଙ୍କ ପରେ ତାଙ୍କ ପୁତ୍ର ବଚନ ଧରୁଆ ଏବଂ ତାଙ୍କ ପୁତ୍ର ଈଶ୍ୱର ଧରୁଆ ଉଦ୍ୟମରେ ସଫଳ ହୋଇ ଆସୁଛି । ଦୀର୍ଘ ଦିନ ଧରି ଏଠାରେ ପାଟଖଣ୍ଡା ଯାତ୍ରା ପାରମ୍ପରିକ ରୀତିନୀତିରେ ପାଳନ କରାଯାଉଛି । ପ୍ରତିବର୍ଷ ଏଠାକୁ ଆସିଥାଏ ବୋଲି ରିଷିଡାର ମନୋଜ ଜୈନ କହିଛନ୍ତି । ଏଠାରେ ଦିନକୁ ଦିନ ବୋଦା ବଳି ସଂଖ୍ୟା ବଢୁଛି । ଆଶା ଓ ବିଶ୍ୱାସରେ ଏହି ଯାତ୍ରା ଅନୁଷ୍ଠିତ ହେଉଛି ବୋଲି ପୌରକେଲାର ତ୍ରିଲୋଚନା ବାରିକ୍ କହିଛନ୍ତି ।



ପାଟଖଣ୍ଡା ଯାତରାରେ ବରୁଆ ଢୋଲ ଉପରେ ଚଢି ଆସୁଛି ।

# ସାନପୋଡ଼ାଗୁଡ଼ା ଦୁର୍ଗାପୂଜା ରୌପ୍ୟ ଜୟନ୍ତୀରେ ଘୁମୁରା ପ୍ରତିଯୋଗିତା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

କୋକସରା,୧୬।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ସାନପୋଡାଗୁଡାଠାରେ ଦୁର୍ଗାପୂଜାର ୨୫ ବର୍ଷ ପୂର୍ତ୍ତି ଅବସରରେ ସୋମବାର ପୂଜା କମିଟି ପକ୍ଷରୁ ଘୁମୁରା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ଦୁର୍ଗା ପୂଜା କମିଟି ସଭାପତି ହରେକୃଷ୍ଣ ନାଏକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲା ଭାଜପା ଉପସଭାପତି ବଦ୍ରୀନାରାୟଣ ପଟ୍ଟନାୟକ ଯୋଗଦେଇ ଘୁମୁରା ପ୍ରତିଯୋଗୀତା ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଗୋତମୁଣ୍ଡା ସରପଞ୍ଚ ଜବାହରଲାଲ ଗୋପାଳ, ଟେମରା ସମବାୟ ସମିତି ସଭାପତି ନବୀନ ପୂଝାରୀ, ପୋଡାଗୁଡା ସରପଞ୍ଚ ସନମତି ପୂଝାରୀ, ଧଅଁରପୁର ସରପଞ୍ଚ ଗୋପାଳ ଜୁଏଡ, ଗୋତମୁଣ୍ଡା ସଦନ ମେହେର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୬ଟି ଘୁମୁରା ଦଳ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିଥିଲେ। ଏଥିରେ ନୂଆଗୁଡା ଘୁମୁରାଦଳ ପ୍ରଥମ ସ୍ଥାନ, ପଦମପୁର ଘୁମୁରା ଦଳ ଦ୍ୱିତୀୟ ଓ ବେହେରାଗୁଡା ଘୁମୁରା ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲେ । ପ୍ରତିଯୋଗୀତାରେ ବିଚାରକ ଭାବେ ଅଜୟ ମାଝି, ବବ୍ରୁବାହନ ସାହୁ, କ୍ଷୀର ପୂଝାରୀ ଓ ମୁନା ଦାସ ସହଯୋଗ କରିଥିଲେ । ଗୋତମୁଣ୍ଡା ପଞ୍ଚାୟତ ନିର୍ବାହୀ ଅଧିକାରୀ ଉମାକାନ୍ତ ଶବର, ଜିଆରଏସ ଈଶ୍ୱର ପାଣିଗ୍ରାହୀ, ଯୋଗେନ୍ଦ୍ର ଦାସ, ଉପେନ୍ଦ୍ର ଗୋପାଳ, ରମେଶ ମେହେର ପ୍ରମୁଖ ସହଯୋଗ କରିଥିଲେ ।

# ରାସ୍ତାକଡରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ଲାଞ୍ଜିଗଡ଼/ନର୍ଲା, ୧୬।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ଥାନା ଶାନ୍ତପୁର ବଜାର ପଡିଆ ନିକଟ ରାସ୍ତା କଡରୁ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ବ୍ୟକ୍ତିଙ୍କ ପରିଚୟ ଜଣାପଡିନାହିଁ। ଦୁର୍ଗାପୂଜା ପାଇଁ ଶାନ୍ତପୁର ସହର ଚଳଚଞ୍ଚଳ ହୋଇ ପଡିଥିବାବେଳେ ବଜାର ପଡିଆ ନିକଟସ୍ଥ ରାସ୍ତା କଡ ଏକ ବାଲିଗଦାରେ ଜଣେ ଅଜଣା ବ୍ୟକ୍ତିଙ୍କ ଶବ ପଡିଥିବା ସୂଚନା ମିଳିଥିଲା । ଖବର ପାଇ ଶାନ୍ତପୁର ସମିତି ସଦସ୍ୟ ଗୋବିନ୍ଦ ତାଣ୍ଡି ଘଟଣାସ୍ଥଳରେ ପହଞ୍ଚିବା ସହ ପୋଲିସରେ ଖବର ଦେଇଥିଲେ । ପାରିପାର୍ଶ୍ୱିକ ପରିସ୍ଥିତିରୁ ବ୍ୟକ୍ତି ଜଣଙ୍କ ଅନାହାରରେ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି । ତାଙ୍କର ମାନସିକ ବିକୃତି ଥିବା ଓ ଦିନ ତମାମ ସେ ଲୋକଙ୍କୁ ଖାଇବାକୁ ମାଗୁଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି । ଖବର ଲେଖାଯିବା ପର୍ଯ୍ୟନ୍ତ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଥିବା ଜଣାପଡିଛି।

### ପକ୍ଷାଘାତ ରୋଗରେ ଆକ୍ରାନ୍ତ ଘଟଣା
# ବୁଟିଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କଲେ ଡାକ୍ତର

ଜୁନାଗଡ, ୧୬।୧୦(ଡି.ଏନ.ଏ.)

**ଧରିତ୍ରୀର ପ୍ରଭାବ**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମହିଚଲା ଗ୍ରାମର ବୁଟି ବେମାଲ (୫୨) ଗତ ବର୍ଷେ ହେଲା ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ବିଛଣାରେ ପଡିରହିଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ବଡ଼ ଡାକ୍ତରଖାନା ଯିବାକୁ ପରାମର୍ଶ ଦିଆଯାଇଛି। କିନ୍ତୁ ଅର୍ଥଭାବରୁ ଚିକିତ୍ସା ପାଇଁ ଯାଇ ନ ପାରି ସେ ଘରେ ପଡିରହିଛନ୍ତି। ଏହି ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ମଙ୍ଗଳବାର ଜୁନାଗଡ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭଗବାନ ପଣ୍ଡା ପକ୍ଷାଘାତ ରୋଗରେ ଆକ୍ରାନ୍ତ ବୁଟିଙ୍କ ଘରେ ପହଞ୍ଚିଥିଲେ। ଡାକ୍ତର ପଣ୍ଡା ବୁଟିଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖିବା ପରେ ତାଙ୍କ ଚିକିତ୍ସା ପାଇଁ ସରକାରୀସ୍ତରରେ ଯାହାକିଛି ଔଷଧ ଆବଶ୍ୟକ ହେବ ତାହା ମହିଚଲା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଯୋଗାଇ ଦିଆଯିବ । ଏହାସହ ମହିଚଲା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ଇଲିଜା ପ୍ରିୟଦର୍ଶିନୀ ବେହେରାଙ୍କୁ ବୁଟିଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ତଦାରଖ କରିବା ପାଇଁ କହିଥିଲେ। ସେହିପରି ବୁଟିଙ୍କ ଚିକିତ୍ସା ପାଇଁ ସରକାରୀସ୍ତରରେ ଯାହାକିଛି ସୁବିଧା ରହିଛି ତାହା ଉପରିସ୍ତ ଅଧିକାରୀଙ୍କୁ ଜଣାଇ ପଦକ୍ଷେପ ନିଆଯିବ ବୋଲି ଡାକ୍ତର ପଣ୍ଡା କହିଥିଲେ। ସେହିପରି ମହିଚଲା ସରପଞ୍ଚ ଅଜୟ ବେହେରା ବୁଟିଙ୍କୁ ଅନ୍ତ୍ୟୋଦୟ କାର୍ଡ, ଭିନ୍ନକ୍ଷମ ଭତ୍ତା ଯୋଗାଇ ଦିଆଯିବ ବୋଲି କହିବା ସହ ରେଡକ୍ରସ ସହାୟତା ପାଇଁ ଜିଲାପାଳଙ୍କୁ ଜଣାଇବି ବୋଲି କହିଥିଲେ। ଏହି ସମୟରେ ସ୍ଥାନୀୟ ଜିଆରଏସ୍ ଆଶୁତୋଷ ପଣ୍ଡା ଉପସ୍ଥିତ ଥିଲେ। ଜୁନାଗଡ ବ୍ଲକ ମହିଚଲା ଗ୍ରାମର ବୁଟି ବେମାଲ ଗତ ବର୍ଷେ ହେବ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ବିଛଣାରେ ପଡିରହିଛନ୍ତି। ଏପଟେ ସ୍ତ୍ରୀ ମେନକା ସ୍ୱାମୀଙ୍କ ସମସ୍ତ ଯତ୍ନ ନେବା ସହ ପରିବାର ଚଳାଇବା ପାଇଁ କାମ କରିବାକୁ ଯାଉଛନ୍ତି। ଅନ୍ୟପଟେ ଏକମାତ୍ର ଝିଅ ଜୁଲି ପାଠ ଇଚ୍ଛା ଥିଲେ ମଧ ଦାରିଦ୍ର୍ୟ ଯୋଗୁ ସପ୍ତମ ଶ୍ରେଣୀରୁ ପାଠ ପଢା ଛାଡ଼ି ଏବେ ସେ ଛେଳି ଚରାଇବା ପରିବାର ଚଳାଇବାରେ ସାହାଯ୍ୟ କରୁଛନ୍ତି ।



ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ବୁଟି ବେମାଲଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରୁଛନ୍ତି ।

# ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ

ଭବାନୀପାଟଣା,୧୬।୧୦(ଡି.ଏନ.ଏ.)

ଭାରତ ସରକାରଙ୍କ ଯୁବ ଓ କ୍ରୀଡା ମନ୍ତ୍ରଣାଳୟ ପରିଚାଳିତ କଳାହାଣ୍ଡି ନେହେରୁ ଯୁବକେନ୍ଦ୍ର ଓ ସଦର ବ୍ଲକ ଅନ୍ତର୍ଗତ ଦାଦପୁର ବୁଢାରଜା ସାଂସ୍କୃତିକ ଅନୁଷ୍ଠାନ ମିଳିତ ସହଯୋଗରେ ଗତ ୭ ତାରିଖଠାରୁ ଚାଲିଥିବା ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଗତ ରବିବାର ଉଦ୍‌ଯାପିତ ହୋଇଯାଇଛି । ପ୍ରତିଯୋଗିତାରେ ଅନୁଷ୍ଠିତ ଫୁଟବଲ ଫାଇନାଲ ଖେଳ ଦାଦପୁର ଏବଂ ଦେପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ଖେଳରେ ଦାଦପୁର ୨-୧ ଗୋଲରେ ବିଜୟୀ ହୋଇଥିଲା । ଭଲିବଲର ଫାଇନାଲ ଖେଳ ଜଗନ୍ନାଥପୁର ବନାମ ଦାଦପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମଧ୍ୟ ଦାଦପୁର ଦଳ ବିଜୟୀ ହୋଇଥିଲା । ଅନ୍ୟପକ୍ଷରେ ୧୦୦ ମିଟର ଦୌଡରେ ନିଧି ନାଏକ, ସୁଶାନ୍ତ ମାଝି, କୌତୁକ ଝାଙ୍କର, ୬୦୦ ମିଟର ଦୌଡରେ ନିଧି ନାଏକ, ରବୀନ୍ଦ୍ର ତାଣ୍ଡି, ଗୃପାଧର ନାଏକ, ଉଚ୍ଚ ଡିଆଁରେ ନିଧି ନାଏକ, ମଦନୁ ଗଉଡ, ରବିନ୍ଦ୍ର ତାଣ୍ଡି ଏବଂ ଲମ୍ବଡିଆଁରେ ନିଧି ନାଏକ, ମଦନୁ ଗଉଡ ଓ ତପି ମାଝି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। କଳାହାଣ୍ଡି ନେହେରୁ ଯୁବକେନ୍ଦ୍ର ଲେଖାପାଳ ଦ୍ୱିତୀୟା ବନ୍‌ଛୋରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କ୍ରୀଡା ଉତ୍ସବରେ ଭବାନୀପାଟଣା ବିଧାୟକ ଅନାମ ନାଏକ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ସନ୍ତୋଷ ଟ୍ରଫି କ୍ରୀଡରେ ଅଂଶ ଗ୍ରହଣ କରିଥିବା କଳାହାଣ୍ଡି ଜିଲା ବିଶିଷ୍ଟ ଫୁଟବଲ ଖେଳାଳି ଜଗଦୀଶ ପ୍ରଧାନ, ଦେପୁରର ପୂର୍ବତନ ସରପଞ୍ଚ ମାର୍କଣ୍ଡ ଝାଙ୍କର ପ୍ରମୁଖ ଯୋଗଦେଇଥିଲେ । ନରସିଂହ ମାଝି, ଭୁବନେଶ୍ୱର ମାଝି, ରୋହିତ ନାଏକ ପ୍ରମୁଖ ଖେଳ ପରିଚାଳନା କରିଥିବା ବେଳେ ନେହେରୁ ଯୁବକେନ୍ଦ୍ର ଜାତୀୟ ଯୁବ ସ୍ୱେଚ୍ଛାସେବୀ ଜଗଦାନନ୍ଦ ପ୍ରଧାନ, ନରୋତ୍ତମ ନାଗ, ହେମ ସାଗର ସାହୁ, ବୁଢ଼ାରଜା ସାଂସ୍କୃତିକ ଅନୁଷ୍ଠାନ ନରୋତ୍ତମ ଯାନି, ପରମେଶ୍ୱର ଝାଙ୍କର, ରବି ଯାନି, ଭୋଜରାଜ ରାଉତ, ବିନୋଦ ବିଶି ଓ ଶଙ୍କର ଝାଙ୍କର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ଉଦ୍‌ଯାପନୀ ଅବସରରେ ଅତିଥିଙ୍କ ସହ ଖେଳାଳି ।

# ଭାଇ ଜିଉଁନ୍ତିଆ ପୂଜା କଲେ ୩୫୦ ମହିଳା

କର୍ଲାମୁଣ୍ଡା,୧୬।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ସଦରସ୍ଥିତ ହାଟପଦା ପଡିଆଠାରେ ଶାରଦୀୟ ଦୁର୍ଗାପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମଙ୍ଗଳବାର କର୍ଲାମୁଣ୍ଡା, ଡୁକେରମାଳ, ଫଲସାପଡା, ରୁଗୁଡିପଡା, ଶାନ୍ତିନଗରପଡା, ଉମାକାନ୍ତପଡାର ୩୫୦ରୁ ଊର୍ଦ୍ଧ୍ୱ ମହିଳା ଭାଇଙ୍କ ଶୁଭ କାମନା କରି ଭାଇଜିଉଁନ୍ତିଆ ପୂଜା କରିଥିଲେ। ୪୪ ବର୍ଷ ପୂରଣ ହୋଇଥିବା ଏହି ଦୁର୍ଗାପୂଜାରେ କର୍ତ୍ତା ଭାବେ ସତ୍ୟନାରାଣ ସାହୁ ଓ ସୈରେନ୍ଦ୍ରୀ ସାହୁ ରହିଥିବା ବେଳେ ପୂଜକ ନରସିଂହ ଦାସ, ରାଧେଶ୍ୟାମ ଷଡଙ୍ଗୀ ରହିଛନ୍ତି। ପୂଜା ପରିଚାଳନା କର୍ଲାମୁଣ୍ଡା ଗ୍ରାମବାସୀ ରହିଛନ୍ତି। ଏହି ଅବସରରେ ସୋମବାର ରାତି ଦୁର୍ଗାପୂଜା କମିଟି ପକ୍ଷରୁ ଦୁଇ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରିବା ପାଇଁ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ଦୁର୍ଗାପୂଜା କମିଟି ସଭାପତି ଦେବେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ମ.ରାମପୁର ଜିଲା ପରିଷଦ ସଭ୍ୟ ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥି ସ.ମାଲପଡା ସମିତି ସଭ୍ୟ ଯଶୋବନ୍ତ ସାହୁ, କର୍ଲାମୁଣ୍ଡା ସରପଞ୍ଚ କୃଷ୍ଣଚନ୍ଦ୍ର ବାଗ, ପୂଜା କମିଟି ସମ୍ପାଦକ ଡୋଳାମଣି ଭୋଇ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଜୀବନ ବ୍ୟାପୀ ସଂଗ୍ରାମ ପାଇଁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗଜିନ୍ଦ୍ର ସାହୁ, ନିଃସ୍ୱାର୍ଥ ସେବା ପାଇଁ ଉମ୍ବରୁଧର ମାଝିଙ୍କୁ ମାନପତ୍ର ସହିତ ଉପଢୌକନ ଦେଇ ସମ୍ମାନିତ କରାଯାଇଛି । ସଭାରେ କମିଟି ଉପସଭାପତି ନନ୍ଦିକିଶୋର ଭୋଇ, କାର୍ଯ୍ୟକାରୀ ସଭାପତି ଚନ୍ଦ୍ରଭାନୁ ସାହୁ, କୋଷାଧକ୍ଷ ହେମସାଗର ସାହୁ, ଶେଷଦେବ ସାହୁ ସହଯୋଗ କରିଥିଲେ। ଏଥିରେ ଡୁକେରମାଲ କଳାକାରମାନଙ୍କ ଦ୍ୱାରା ଭାଗୀରଥି ଷଡଙ୍ଗୀଙ୍କ ନିର୍ଦ୍ଦେଶନାରେ କାଳ୍ପନିକ ନାଟକ 'ସିଂହାସନ କାହାର' ମଞ୍ଚସ୍ଥ ହୋଇଥିଲା।



ଭାଇଙ୍କ ଶୁଭ କାମନା କରି କର୍ଲାମୁଣ୍ଡାରେ ମହିଳାମାନେ ମଙ୍ଗଳବାର ଭାଇ ଜିଉଁନ୍ତିଆ ପୂଜା କରୁଛନ୍ତି।

କେସିଙ୍ଗା,୧୬।୧୦(ଡି.ଏନ.ଏ.)
କେସିଙ୍ଗା ବ୍ଲକ ବିଭିନ୍ନ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଭାଇଜିଉଁତିଆ ଉତ୍ସବ ପାଳନ ପାଇଁ ଚଳଚଞ୍ଚଳ ହୋଇପଡିଛି । ଭାଇର ଶୁଭକାମନା ପାଇଁ ଭଉଣୀମାନେ ଏହି ଭାଇଜିଉଁତିଆ ଉତ୍ସବ ପାଳନ ନିମନ୍ତେ ମଙ୍ଗଳବାର ବିଭିନ୍ନ ଗ୍ରାମ ଓ କେସିଙ୍ଗା ସହରରେ ଭିଡ ଜମି ରହିଛି । ଏହି ଭାଇଜିଉଁତିଆ ଉତ୍ସବ ପାଳନ ନିମନ୍ତେ କେସିଙ୍ଗା ସହର ଡେଲି ମାର୍କେଟରେ କିଣା ବିକା ପାଇଁ ଲୋକଙ୍କ ପ୍ରବଳ ଭିଡ ଜମି ରହିଥିଲା । ଏହି ଉତ୍ସବ ପାଳନ ପାଇଁ କଦଳୀ, ନଡିଆ ବିଭିନ୍ନ ପ୍ରକାର ଫଳ, କନ୍ଦମୂଳ, ନଡିଆ, ଆଖୁ, ଜିଉତିଆର ଚଢ଼ା ଦରରେ ବିକ୍ରି ଚାଲିଥିଲା । ଗ୍ରାମାଞ୍ଚଳର ଲୋକେ କିଣା ବିକାରେ କେସିଙ୍ଗା ସହରର ଥାନା ଛକଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପ୍ରବଳ ଭିଡ ଜମି ରହିଥିଲା । ଏଥି ଯୋଗୁ ବସ, ଟ୍ରକ ଆଦି ଯାନବାହନ ଗମନାଗମନ କ୍ଷେତ୍ରରେ ସମସ୍ୟା ଦେଖାଯାଇଥିଲା । ମଙ୍ଗଳବାର ସକାଳୁ ସନ୍ଧ୍ୟା ଯାଏ ଭିଡ ଜମି ରହିଥାଏ । ଦଶହରା ଉପଲକ୍ଷେ ଝିଅ ଓ ପୁଅମାନେ ନୂତନ ବସ୍ତ୍ର ପରିଧାନ କରିଥାନ୍ତି । ମଙ୍ଗଳବାର ସନ୍ଧ୍ୟାରେ ଦୁର୍ଗାଙ୍କ ପ୍ରତିମୂର୍ତ୍ତି ଓ ଫଟୋ ଚିତ୍ରରେ ଭାଇର ଶୁଭକାମନା ଜଣାଇ ଝିଅମାନେ ପୂଜା ଅର୍ଚ୍ଚନା କରିଥାନ୍ତି । ବୁଧବାର ସକାଳେ ପୋଖରୀ କିମ୍ବା ନଦୀ କୂଳକୁ ଯାଇ ସ୍ନାନ ସାରି ବାଲୁକା ପୂଜା କରି ଭାଇର ହାତରେ ଜିଉଁତିଆ ବାନ୍ଧିଥାନ୍ତି । ଏହି ସବୁ ପୂଜା ସମାପ୍ତ ପରେ ମା' ଜଗତ ଜନନୀକୁ ଦର୍ଶନ କରିଥାନ୍ତି । ସ୍ଥାନେ ସ୍ଥାନେ ଝିଅମାନଙ୍କ ମିଳିତ ଉଦ୍ୟମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ କରିଥାନ୍ତି ।



ଏ ସୁନ୍ଦର ପୃଥିବୀରେ ମୁଁ ମରିବାକୁ ଚାହେଁ ନାହିଁ,
ମଣିଷମାନଙ୍କ ମଧ୍ୟରେ ବଞ୍ଚି ରହିବାକୁ ଚାହେଁ।
- ରବୀନ୍ଦ୍ରନାଥ ଟାଗୋର



## ସଂକ୍ଷେପରେ

### ଗଣ୍ଡ ସମାଜର ନୂଆଁଖାଇ ଭେଟ୍‌ଘାଟ

**ଦେଓଗାଁ ,୧୬।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତର ଗଡଦ୍ୱାର ରିଲାଏନ୍ସ କ୍ଲବ ପ୍ରାଙ୍ଗଣରେ ସୋମବାର ଗଣ୍ଡ ସମାଜର ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ଦାୟିତ୍ୱରେ ଥିବା ସଭାପତି ସୁବଳ ଚରଣ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ବ୍ଲକ ଗଣ୍ଡ ସମାଜ ସମ୍ପାଦକ ବିଜୟ ମାଝୀ, ସମ୍ମାନୀତ ଅତିଥିଭାବେ କୁମୁଦ ମାଝୀ ପ୍ରମୁଖ ଯୋଗଦେଇ ନୂଆଁଖାଇ ଭେଟ୍‌ଘାଟ ଦ୍ୱାରା ପରସ୍ପର ମଧ୍ୟରେ ଭାତୃତ୍ୱଭାବ ସୃଷ୍ଟି ହେବା ସହ ସାମାଜିକ କ୍ଷେତ୍ରରେ ଉନ୍ନତି ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ କର୍ମକର୍ତ୍ତାମାନେ ପୂଜାର୍ଚ୍ଚନା ସାରି ଗ୍ରାମ ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ରୋହିତ ଧରୁଆ, ଭବନ ମଲ୍ଲିକ, ହୃଷିକେଶ ଭୋଇ, ସନ୍ତୋଷ ମାଝୀ, ଆକୁଳ ମଲ୍ଲିକ, ବୁଡୁ ଧରୁଆ, କହ୍ନେଇ ମଲ୍ଲିକ, ଗୋବିନ୍ଦ ମାଝୀ ପ୍ରମୁଖ ସହଯୋଗ କରିଥିଲେ।

### ଜ୍ୟୋତିରଞ୍ଜନ ବିସିଜେଡିର ଜିଲା କାର୍ଯ୍ୟକାରୀ ସଭାପତି

**ସୋନପୁର,୧୬।୧୦(ନି.ପ୍ର.):** ଛାତ୍ର ନେତା ଜ୍ୟୋତିରଞ୍ଜନ କୁଶଳଙ୍କୁ ସୁବର୍ଣ୍ଣପୁର ଜିଲା ବିଜୁ ଛାତ୍ର ଜନତା ଦଳ(ବିସିଜେଡି)ର ନୂତନ ଜିଲା କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ମିଳିଛି। ବିସିଜେଡି ସୁବର୍ଣ୍ଣପୁର ଜିଲା ଶାଖା ସଭାପତି ଶାଶ୍ୱତ କୁମାର ମିଶ୍ର(ସିଡୁନ୍) ଏହି ନିଯୁକ୍ତି ଦେଇଛନ୍ତି। ଛାତ୍ର ମାନଙ୍କ ସ୍ୱାର୍ଥକୁ ନେଇ ସ୍ୱର ଉତ୍ତୋଳନ କରିବା ସହ ବିଜୁ ଛାତ୍ର ଜନତା ଦଳକୁ ଜିଲାରେ ଆହୁରି ସୁଦୃଢ଼ କରିବାକୁ ପଦକ୍ଷେପ ନେବେ ବୋଲି କୁଶଳ ନିଜ ପ୍ରତିକ୍ରିୟାରେ ଜଣାଇଛନ୍ତି।

### ନିଶା ମୁକ୍ତ ସଚେତନତା ଅଭିଯାନ

**ମନମୁଣ୍ଡା,୧୬।୧୦(ଡି.ଏନ୍.ଏ.):** ବୌଦ୍ଧ ଜିଲାପାଳ ସିତାଂଶୁ ଶେଖର ରାଉତଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ବିଭାଗ ପକ୍ଷରୁ ମନମୁଣ୍ଡାଠାରେ ନିଶା ମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପଞ୍ଚାୟତ ମାର୍କେଟ କମ୍ପ୍ଲେକ୍ସ ନିକଟରେ ସୋମବାର ନାଟ୍ୟ ମାଧ୍ୟମରେ ନିଶା ନିବାରଣ ନେଇ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅବକାରୀ ବିଭାଗର ବିଜୟ କୁମାର ଧରୁଆ, କୃଷ୍ଣଚନ୍ଦ୍ର ପରିଡା, ମନମୁଣ୍ଡା ସିଏଚ୍‌ସି ସ୍ୱାସ୍ଥ୍ୟ ଅଧିକାରୀ, ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟା ପ୍ରମୁଖଙ୍କ ସହ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

୫୩ ବର୍ଷରେ ରାଧାରାଣୀପଡା ଦୁର୍ଗାପୂଜା

# ଥ୍ରୀଡି ଇଫେକ୍ଟ୍ ତୋରଣ ମୁଖ୍ୟ ଆକର୍ଷଣ

**ବଲାଙ୍ଗୀର ଅଫିସ, ୧୬।୧୦**

ବଲାଙ୍ଗୀର ରାଧାରାଣୀପଡା ସାର୍ବଜନୀନ ଦୁର୍ଗାପୂଜା ଚଳିତବର୍ଷ ୫୩ବର୍ଷରେ ପଦାର୍ପଣ କରିଛି। ରାଧାରାଣୀପଡା ପୂଜା କମିଟି ପକ୍ଷରୁ ଚଳିତବର୍ଷ ଦୁର୍ଗାପୂଜାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ସୁବ୍ୟବସ୍ଥା କରାଯାଇଛି। ମଙ୍ଗଳବାର ମହାସପ୍ତମୀ ପୂଜା ଅନୁଷ୍ଠିତ ହୋଇଛି। ବୁଧବାର ମହାଷ୍ଟମୀ ପୂଜା ଓ ସନ୍ଧିପୂଜା କରାଯିବ। ଗୁରୁବାର ମହାନବମୀ ଅବସରରେ ଚଣ୍ଡିହୋମ ଓ ଶୁକ୍ରବାର ପବିତ୍ର ଦଶହରା ଅବସରରେ ଅପରାଜିତ ପୂଜା ସମ୍ପନ୍ନ ହେବ। ଚଳିତବର୍ଷ କର୍ତ୍ତା ଭାବେ ସୁରେନ୍ଦ୍ର ମିଶ୍ର, ନିରୂପମା ମିଶ୍ର ଓ ଅସିତ୍ ଷଡଙ୍ଗୀ, ସୁଜାତା ମହାପାତ୍ର ଦାୟିତ୍ୱ ତୁଲାଉଛନ୍ତି। ମୁଖ୍ୟପୂଜକ ଭାବେ ତ୍ରିଲୋଚନ ମିଶ୍ର ପୂଜା କାର୍ଯ୍ୟ ପରିଚାଳନା କରୁଛନ୍ତି। ଚଳିତବର୍ଷ ସାଜସଜ୍ଜାକୁ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇଛି। ବରଗଡ ଜିଲା ବିଜେପୁର ଜାରିଙ୍ଗର ଶିଳ୍ପୀ ବୁଲୁ ପଧାନ ପ୍ଲାଏ ଉପରେ ୱାଟର କଲରରେ ଆକର୍ଷଣୀୟ ପ୍ରକୃତି ଓ ପଶୁପକ୍ଷୀଙ୍କ ଚିତ୍ର କରି ଥ୍ରୀଡି ଇଫେକ୍ଟ ଦେଇଛନ୍ତି। ଚଳିତବର୍ଷ ରାଧାରାଣୀପଡା ତୋରଣ, ମେଢ଼ ଓ ମୂର୍ତ୍ତି ସହରରେ ଅନ୍ୟତମ ଆକର୍ଷଣ ହୋଇଛି। ସବୁଜିମା ଭରା ନିଛକ ବଣ ପ୍ରକୃତି ଭିତରେ ମୁକ୍ତ ବିହଙ୍ଗ ଓ ବନ୍ୟ ପଶୁପକ୍ଷୀଙ୍କ ଚିତ୍ର ନିଆରା ଆକର୍ଷଣ ସୃଷ୍ଟି କରିଛି। ଚଳିତବର୍ଷର ଦୁର୍ଗାପୂଜା ସକାଶେ ପୂଜା କମିଟି ପକ୍ଷରୁ ପ୍ରାୟ ୩ ଲକ୍ଷ ଟଙ୍କାର ବଜେଟ୍ ପ୍ରସ୍ତୁତ କରାଯାଇଛି। ଦଶପଲ୍ଲାରୁ ଆସିଥିବା ମୂର୍ତ୍ତିକାର ରବୀନ୍ଦ୍ର କୁମାର ଦାସ ଓ ସହଯୋଗୀ ସୁରେନ୍ଦ୍ର ଭୋଇ ନଟରାଜ ଶୈଳୀରେ ମୃଣ୍ମୟୀ ଦୁର୍ଗାମୂର୍ତ୍ତି ତିଆରିଛନ୍ତି। ଏହା ଅତ୍ୟନ୍ତ ଆକର୍ଷଣୀୟ ହୋଇଛି। ପୂଜା କମିଟି ସଭାପତି ମନୀଷ ମିଶ୍ର, ସମ୍ପାଦକ ରାଜେନ୍ଦ୍ର ପଟ୍ଟନାୟକ, କୋଷାଧ୍ୟକ୍ଷ ଅସିତ୍ ଷଡଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହେଉଛି। ପୂଜା କମିଟି ସଦସ୍ୟ ହରେକୃଷ୍ଣ ଷଡଙ୍ଗୀ, ସୁଦାମ ସାହୁ, ବିଜୟ ମହାନ୍ତି, ସୌମେନ୍ଦ୍ର ଉଦ୍‌ଗାତା, ପ୍ରଶାନ୍ତ ଦର୍ଜୀ, ଭାଗିରଥି ପଧାନ ପ୍ରମୁଖ ସକ୍ରିୟ ସହଯୋଗ କରୁଛନ୍ତି। ଲେପଟାର ଅଭିରାମ ଓ ସାଥୀ ଗଣ୍ଡାବଜା ପୂଜାରେ ସକ୍ରିୟ ଯୋଗଦାନ କରିଛନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ ହେଉଛି। ବଦ୍ରିନାଥ ରାଉତ୍ ଉଜ୍ଜ୍ୱଳ ଲାଇଟ୍ ସଜ୍ଜା ସନ୍ଧ୍ୟାରେ ପୂଜାସ୍ଥଳକୁ ଅତ୍ୟନ୍ତ ଚିତ୍ତାକର୍ଷକ କରିଛି। ୧୮ ତାରିଖ ଦିନ ୫ ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଭଣ୍ଡାରା ଖୋଲାଯାଇ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିବା ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି।



ବଲାଙ୍ଗୀର ରାଧାରାଣୀପଡା ଦୁର୍ଗାପୂଜାରେ ୱାଟର୍ କଲରରେ ତିଆରି ଥ୍ରୀଡି ଇପେକ୍ଟ ତୋରଣ।

## ଚୋର ଗିରଫ : ୨ ବାଇକ୍, ଗ୍ୟାସ ସିଲିଣ୍ଡର ଜବତ

**ସୋନପୁର,୧୬।୧୦(ନି.ପ୍ର.)**

ସୋନପୁର ଟାଉନ ଥାନା ଅନ୍ତର୍ଗତ ତିଲକ ନଗର ଅଞ୍ଚଳର ରେଡି ଗଙ୍ଗା ରାଜୁଙ୍କ ଘର ବାରଣ୍ଡାରୁ ଗତ ୧୨ ତାରିଖ ରାତିରେ ଚୋରି ହୋଇଥିଲା। ଏହି ଘଟଣାରେ ଅଭିଯୁକ୍ତ ଧୋବାବାହାଲି ଗ୍ରାମର ଉଜିତ ବିଶି(୩୦)ଙ୍କୁ ପୋଲିସ ଗିରଫ କରିଛି। ଉଜିତ ନିକଟରୁ ରାଜୁଙ୍କ ଘରୁ ଚୋରି ହୋଇ ଥିବା ବାଇକ୍ ନଂ ଓଆର୦୩ସି-୭୯୨୫, ଏଚ୍‌ପି ଗ୍ୟାସ ସିଲିଣ୍ଡର ଓ ଚାଷ କାର୍ଯ୍ୟରେ ବ୍ୟବହୃତ ତାଇୱାନ ସ୍ପ୍ରେ ମେଶିନକୁ ପୋଲିସ ଉଦ୍ଧାର କରିଛି। ସେହିପରି ଅନ୍ୟ ଏକ ଚୋରି ଘଟଣାରେ ଅଭିଯୁକ୍ତଙ୍କଠାରୁ ବାଇକ୍ ନଂ ଓଆର୦୩ସି-୨୬୫୪ ଉଦ୍ଧାର ହୋଇଥିବା ଆଇଆଇସି ଚନ୍ଦ୍ରମୋହନ ସିଂ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅଭିଯୁକ୍ତ ଉଜିତ ଓରଫ ଅଜିତ ଜଣେ ପେଶାଦାର ଚୋର। ତାଙ୍କ ନାମରେ ପୂର୍ବରୁ ସୋନପୁର, ବିନିକା ଥାନା ଓ ବୌଦ୍ଧ ଜିଲା ମନମୁଣ୍ଡା ଥାନାରେ ଚୋରି, ଛିନ୍‌ତାଇ ଭଳି ମାମଲା ଥିବା ସୋନପୁର ଉପଖଣ୍ଡ ପୋଲିସ ଅଧିକାରୀ ମିହିର କୁମାର ପଣ୍ଡା କହିଛନ୍ତି। ସୋନପୁର ଥାନା ଏଏସଆଇ ଏକାଦଶିଆ ପଧାନ ଗତ ୧୨ତାରିଖ ରାତି ଚୋରି ମାମଲାର ତଦନ୍ତ କରୁଥିଲେ। ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି।

## ଦୁଇ ବାଇକ୍ ମୁହାଁମୁହିଁ, ଆରୋହୀ ମୃତ

**ଖପ୍ରାଖୋଲ, ୧୬।୧୦(ଡି.ଏନ.ଏ.)**

ଖପ୍ରାଖୋଲ-ପାଟଣାଗଡ ରାସ୍ତାର ଖପ୍ରାଖୋଲ ତହସିଲ ନିକଟରେ ଦୁଇଟି ବାଇକ ମଧ୍ୟରେ ଧକ୍କା ହେବା ଫଳରେ ଜଣେ ଆରୋହୀଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୩ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ବରଗଡ ଜିଲା ପାଇକମାଳ ଥାନା ଛିନ୍ଦେକେଲା ଗାଁର ଶରତ ସାହୁ(୫୦)। ସେ ତାଙ୍କ ଜଣେ ସମ୍ପର୍କୀୟା ଝିଆରୀଙ୍କୁ ବାଇକରେ ନେଇ ନିଜ ଗାଁରୁ ଖପ୍ରାଖୋଲ ପାଟଣାଗଡ ରାସ୍ତାରେ ଯାଉଥିଲେ। ଏହି ସମୟରେ ଅନ୍ୟ ଏକ ବାଇକରେ ଲାଠୋର ଥାନା ଘୁନସର ପଞ୍ଚାୟତ ଝାଲବାହାଲ ଗାଁର ପ୍ରକାଶ ତାଣ୍ଡି(୨୦) ଓ ପ୍ରଦୀପ ତାଣ୍ଡି ପାଟଣାଗଡ ପଟକୁ ଯାଉଥିଲେ। ତହସିଲ କାର୍ଯ୍ୟାଳୟ ନିକଟରେ ଉଭୟ ଗାଡି ମଧ୍ୟରେ ଧକ୍କା ହୋଇଥିଲା। ଏଥିରେ ଉଭୟ ଗାଡିର ୪ ଆରୋହୀ ଛିଟିକି ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକ ଆମ୍ବୁଲାନ୍ସ ଯୋଗେ ସମସ୍ତଙ୍କୁ ଉଦ୍ଧାର କରି ପାଟଣାଗଡ ଡାକ୍ତରଖାନାକୁ ପଠାଇଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ଶରତଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ତିନି ଜଣ ପାଟଣାଗଡ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଘଟଣାସ୍ଥଳରୁ ଖପ୍ରାଖୋଲ ପୋଲିସ ଏକ ହିରୋ ହୋଣ୍ଡା ପେସନ ନଂ. ସି.ଜି ୦୬ ଡି.ଏଲ-୭୮୯୦ ଏବଂ ହିରୋ ସିଟି ଡିଲକ୍ସ ଓ.ଡି-୧୭ ଇ -୪୧୧୨ ଜବତ କରିଛି। ଏ ନେଇ ଖପ୍ରାଖୋଲ ଥାନାରେ ଏକ ମାମଲା (ନଂ. ୧୧୪/୧୮)ରୁଜୁ କରିଥିବା ଥାନା ଏଏସଆଇ ଗୋକୁଲାନନ୍ଦ ମିଶ୍ର ପ୍ରକାଶ କରିଛନ୍ତି।

## ଭାଜପା କର୍ମୀ ସମ୍ମିଳନୀ, ନୂଆଁଖାଇ ଭେଟ୍‌ଘାଟ

**ଖପ୍ରାଖୋଲ, ୧୬।୧୦(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ମହୁରୁଣ୍ଡି ଅପର ସୁକତେଲ ଡ୍ୟାମ ଆମ୍ବ ବଗିଚାଠାରେ ଖପ୍ରାଖୋଲ ପଞ୍ଚାୟତସ୍ତରୀୟ ଭାଜପା କର୍ମୀ ସମ୍ମିଳନୀ ତଥା ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଉପେନ୍ଦ୍ର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ବ୍ଲକ ଜୋନ ନଂ.୩ ସଭାପତି ଶଶୀ ପୂଜାରୀ, ଜୋନ ନଂ.୪ ସଭାପତି ଭରତ ସାହୁ, ରବି ସାହୁ, କର୍ଣ୍ଣ ସିଂ ଠାକୁର, ସୀତାରାମ ବାଗ, ସତ୍ୟାନନ୍ଦ ସେନ୍ଦ୍ରିଆ ଯୋଗଦେଇଥିଲେ। ଦଳକୁ ତୃଣମୂଳସ୍ତରରୁ ସଦୃଢ଼ କରିବା ସହ କେନ୍ଦ୍ରର ମୋଦୀ ସରକାରଙ୍କ ଲୋକାଭିମୁଖୀ ଯୋଜନା ଜନସାଧାରଣଙ୍କଠାରେ ପହଞ୍ଚାଇବାକୁ ଆହ୍ୱାନ ଦିଆଯାଇଥିଲା। ଧରମ ସିଂ ଭୋଇ, ଯଦୁମଣି ସାହୁ, ଧନଞ୍ଜୟ ଭୋଇ, ଚୈତନ୍ୟ ବରିହା ଯୋଗଦେଇଥିଲେ।

## ଦେଓଗାଁ ମେନରୋଡରେ ସାର୍ବଜନୀନ ଦୁର୍ଗାପୂଜା

**ଦେଓଗାଁ, ୧୬।୧୦(ଡି.ଏନ.ଏ.)**

ଦେଓଗାଁ ମେନରୋଡରେ ଜବାହର ସାଂସ୍କୃତିକ ଯୁବକ ସଂଘ ଆନୁକୂଲ୍ୟରେ ୫୧ ତମ ସାର୍ବଜନୀନ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି। ସୋମବାର ଅଧିବାସ କାର୍ଯ୍ୟ ସହ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ପ୍ରତ୍ୟେକ ସନ୍ଧ୍ୟାରେ ସାନ୍ଧ୍ୟ ଆଳତୀ ମୁଖ୍ୟ ଆକର୍ଷଣ ସାଜିଛି। ଚଳିତ ବର୍ଷ ପୂଜାକର୍ତ୍ତା ଭାବେ ବଦ୍ରିନାଥ ହୋତା ଓ ନମିତା ହୋତା ଦାୟିତ୍ୱ ତୁଲାଉଛନ୍ତି। ପୂଜକ ଭାବେ ବାଳକୃଷ୍ଣ କର ଦାୟିତ୍ୱ ନିର୍ବାହ କରୁଛନ୍ତି। ବିଶ୍ୱଜିତ ପାତ୍ର, ଯୁଗେଶ୍ୱର ସାହୁ, ପିଣ୍ଟୁ ପୋଢ଼, ଜ୍ୟୋତିବିକାଶ ବାରିକ, ମୋହନ ଅଗ୍ରୱାଲ, ସଞ୍ଜୟ ହୋତା, ତଥା ମେନରୋଡ ଦୁର୍ଗାମଣ୍ଡପର ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରୁଛନ୍ତି। ବୁଧବାର ସନ୍ଧ୍ୟାରେ ପରୁଆଭାଡି ଓ ରଜାମୁଣ୍ଡାମଧ୍ୟରେ ବୈଠକୀ ସଂକୀର୍ତ୍ତନ, ଗୁରୁବାର କୃଷ୍ଣଗୁରୁ, ଶୁକ୍ରବାର ବୈଠକୀ, ଶନିବାର ସଂକୀର୍ତ୍ତନ ଅନୁଷ୍ଠିତ ହେବ। ରବିବାର ଭସାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକ ସୂତ୍ରରୁ ପ୍ରକାଶ।



ଦେଓଗାଁ ମେନ୍‌ରୋଡରେ ଶାରଦୀୟ ଦୁର୍ଗାପୂଜା ଚାଲିଛି।



ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ହଟଲି ଛକ ଦୁର୍ଗା ମଣ୍ଡପରେ ମା' ଦୁର୍ଗା।

## ଦୁର୍ଗାପୂଜା ପାଇଁ ଲୋଇସିଂହା ଉତ୍ସବ ମୁଖର

**ଲୋଇସିଂହା,୧୬।୧୦ (ଡି.ଏନ.ଏ)**

ଶାରଦୀୟ ଦୁର୍ଗାପୂଜା ପାଇଁ ଲୋଇସିଂହା ବ୍ଲକ ଅଞ୍ଚଳ ଉତ୍ସବ ମୁଖର ହୋଇଯାଇଛି। ବ୍ଲକ ଅଧୀନ ବୁର୍ଡ଼ା, ଯୋଗୀସର୍ଡା, କୁଶଙ୍ଗରେ ମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ସୁସଜ୍ଜିତ ତୋରଣ ଓ ମନଲୋଭା ମେଢ ଭକ୍ତଙ୍କୁ ଆକୃଷ୍ଟ କରୁଛି। ଲୋଇସିଂହା ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଚଳିତ ବର୍ଷ ନବରାତ୍ର ଦୁର୍ଗାପୂଜା ପାଳିତ ହେଉଛି। ଏଠାରେ ୫ ଯୋଡା ଦମ୍ପତି କର୍ତ୍ତାକର୍ତ୍ତୀ ଦାୟିତ୍ୱ ନିର୍ବାହ କରୁଛନ୍ତି। ସେହିପରି ବସ୍ତିହାଟ ନିକଟରେ ଥିବା ସମଲେଶ୍ୱରୀ ପୀଠରେ ଶାରଦୀୟ ମହାପର୍ବ ସମାରୋହରେ ପାଳିତ ହେଉଛି। ଢୋଲମହୁଲ ଶାରଳା ଶକ୍ତିପୀଠରେ ମୁରଲୀ ଭୋଇଙ୍କ ତତ୍ତ୍ୱାବଧାନରେ ନବରାତ୍ର ପୂଜା ପାଳିତ ହେଉଛି। ସେହିପରି ବୁର୍ଡ଼ା ୨୧ତମ ସାର୍ବଜନୀନ ଦୁର୍ଗାପୂଜା ମଙ୍ଗଳବାରଠାରୁ ମହାସପ୍ତମୀ ପୂଜା ଆରମ୍ଭ ହୋଇଛି। ଏଠାରେ ଗୋପାଳ ହୋତା ଓ ତାଙ୍କ ସାଥୀ ଜ୍ୟୋତି ପାଠୀ ପୂଜାର୍ଚ୍ଚନା କରୁଛନ୍ତି। ସହଦେବ ସା ଏବଂ ତାଙ୍କ ସ୍ତ୍ରୀ ଦେବକୀ ସା କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ସେହିପରି ପ୍ରସିଦ୍ଧ ଯୋଗେଶ୍ୱର ଧାମପୀଠ ଯୋଗୀସର୍ଡାରେ ଷଷ୍ଠତମ ସାର୍ବଜନୀ ଦୁର୍ଗା ପୂଜୋତ୍ସବରେ ଅଚାର୍ଯ୍ୟ ଗୋରୀମିଶ୍ର ପୂଜାର୍ଚ୍ଚନା କରୁଥିବାବେଳେ ହରେକୃଷ୍ଣ ତ୍ରିପାଠୀ ଏବଂ ତାଙ୍କ ସ୍ତ୍ରୀ ହିମାଦ୍ରୀ ତ୍ରିପାଠୀ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ସେହିପରି ପ୍ରଥମବର୍ଷ ଅନୁଷ୍ଠିତ ବାଦିବାହଲ ପୂଜାରେ ହରିଶ୍ଚନ୍ଦ୍ର ନାୟକ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ସେହିପରି କୁଶଙ୍ଗ ଗ୍ରାମର ପ୍ରସିଦ୍ଧ ମା' କୁଶଙ୍ଗାଇଇ ପୀଠରେ ଖଣ୍ଡା ବସା ଷୋଳ ପୂଜା ଅନୁଷ୍ଠିତ ହେଉଛି। ମହାଷ୍ଟମୀ ତିଥି ପର୍ଯ୍ୟନ୍ତ ମା'ଙ୍କ ମନ୍ଦିରରେ ରୀତିନୀତି ଅନୁସାରେ ଷୋଡଶ ଉପଚାରରେ ଶାରଦୀୟ ପୂଜା ହେଉଛି। ସେହିଦିନ ମା'ଙ୍କ ବଏଲ ଯାତ୍ରା ଅନୁଷ୍ଠିତ ହେବ ବୋଲି ବୃନ୍ଦାବନ ପଟେଲ ସୂଚନା ଦେଇଛନ୍ତି।



ବୁର୍ଡ଼ା ଶାରଦୀୟ ଦୁର୍ଗପୂଜାରେ ମା'ଙ୍କ ପୂଜାର୍ଚ୍ଚନା କରାଯାଉଛି।

## ରାମଲୀଳା ପ୍ରତିଯୋଗିତା ଉଦ୍‌ଘାଟିତ

**ଦେଓଗାଁ ,୧୬।୧୦(ଡି.ଏନ.ଏ.)**

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ କୁଡାସିଂହାରେ ୨୮ତମ ସାର୍ବଜନୀନ ଦୁର୍ଗାପୂଜା ଉପଲକ୍ଷେ ରାମଲୀଳା ନାଟକ ପ୍ରତିଯୋଗିତା ସୋମବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ଡା. ଲଳିତ କୁମାର ସାହୁଙ୍କ ପରିଚାଳନା ଓ କମିଟି ସଭାପତି ବିରଞ୍ଚି ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭବେ ବିଡିସିସି ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର ଯୋଗଦେଇଥିଲେ। ନାଟକ ପ୍ରତିଯୋଗିତା ଦ୍ୱାରା ଆଞ୍ଚଳିକ କଳାକାରମାନଙ୍କ କଳାର ବିକାଶ ହେବା ସହ ଭାଇଚାରା ସୃଷ୍ଟି ହେଉଛି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥିଭାବେ ବଂଶୀଧର ଦାଶ, ସୁରେନ୍ଦ୍ର ନାଥ, ବିଚାରକଭାବେ ନୂତନ ସେଠ, ପ୍ରତାପ ପ୍ରଧାନ, ସତ୍ୟବାଦୀ ନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ରତିଯୋଗୀତାର ଉଦ୍‌ଘାଟନୀ ଦିବସରେ ଶିବତଳା ରାମଜୀ କଳା ପରିଷଦ ପକ୍ଷରୁ ନାଟକ ମଞ୍ଚସ୍ଥ କରାଯାଇଥିଲା। ଏହି ପ୍ରତିଯୋଗିତାରେ ପାଇକ ସମରା, କୁମିଆଁପାଲି, ଚିକଲବାହାଲ ଓ ତେନ୍ତୁଲିଖୁଣ୍ଟିର ରାମଲୀଳା ଦଳ ଅଂଶଗ୍ରହଣ କରିଥିବା କମିଟି ତରଫରୁ ପ୍ରକାଶ। ଚଳିତବର୍ଷ ଦୁର୍ଗାପୂଜାରେ କର୍ତ୍ତାଭାବେ ସରୋଜ ସାହୁ ଓ ସ୍ମୀତା ସାହୁ ଦାୟିତ୍ୱ ତୁଲାଉଛନ୍ତି।



ରାମଲୀଳା ପ୍ରତିଯୋଗିତାର ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

## ସଇଁତଲାରେ ଭାଇ ଜିଉଁତିଆ ପାଳିତ

**ସଇଁତଲା, ୧୬।୧୦(ଡି.ଏନ.ଏ.)**

ସଇଁତଲା ତଥା ପାଖଆଖ ଅଞ୍ଚଳରେ ମଙ୍ଗଳବାର ଭାଇ ଜିଉନ୍ତିଆ ପାଳିତ ହୋଇଯାଇଛି। ପୂଜା ସମୟରେ ଭଉଣୀମାନେ ଭାଇମାନଙ୍କ ପାଇଁ ଉପବାସ ରହିବା ସହ ତାଙ୍କର ମଙ୍ଗଳ କାମନା କରି ପୂଜାର୍ଚ୍ଚନା କରିଥିଲେ। ସହସ୍ରାଧିକ ମା'ଭଉଣୀ ମଙ୍ଗଳବାର ଭାଇମାନଙ୍କର ଶୁଭ କାମନା କରି ସକାଳୁ ଉପବାସ ରହିଥିଲେ। ସନ୍ଧ୍ୟାରେ ସ୍ଥାନୀୟ ହାଟପଦାଠାରେଚାଲିଥିବା ସାର୍ବଜନୀନ ଦୁର୍ଗାପୂଜାରେ ପହଞ୍ଚି ସାମୂହିକ ପୂଜାପାଠ କରିଥିଲେ। ମୁଖ୍ୟ ପୂଜକ ରାଧାକାନ୍ତ ତ୍ରିପାଠୀ ପୂଜା କାର୍ଯ୍ୟ ତୁଲାଇଥିଲେ। କିରଣ ମିଶ୍ର, ବିକ୍ରମ ମିଶ୍ର, ମାନସ ମିଶ୍ର, ନବଘନ ଷଡଙ୍ଗୀ, ଶଙ୍କର ପାଣିଗ୍ରାହୀ, ସାଧୁରାମ ଦାସ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ପୂଜାସ୍ଥଳରେ ଦୁର୍ଗାପୂଜା କମିଟିର ସ୍ଥାୟୀ ସଭାପତି ପୂର୍ବତନ ବିଧାୟକ ସୁରେନ୍ଦ୍ର ସିଂ ଭୋଇ, ସମ୍ପାଦକ ସୁବୋଧ ମିଶ୍ର, ପୂର୍ବତନ ଏମପି ଶରତ ପଟ୍ଟନାୟକ, ସୁବାଷ ରଥ, ଶିକ୍ଷାବିତ ସତ୍ୟନାରାୟଣ ବେହେରାଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।



ଭଉଣୀମାନେ ଭାଇ ଜିଉଁନ୍ତିଆ ପାଳନ କରୁଛନ୍ତି।



“ମନୁଷ୍ୟ ନିଜର ଓ ନିଜ ପରିବାରର ଭରଣପୋଷଣ ପାଇଁ ଆବଶ୍ୟକ ପରିମାଣର ଅର୍ଥ ସଂଗ୍ରହ କରିବା ଉଚିତ। ତା'ଠାରୁ ଅଧିକ ଅର୍ଥ ଯଦି ସଂଗ୍ରହ କରେ ସେ ଚୋର ଅଟେ। - ବ୍ୟାସଦେବ








## ସଂକ୍ଷେପରେ

### ୯ ଟ୍ରକ୍ ପୋଡ଼ିଲେ ମାଓବାଦୀ

**ରାଉରକେଲା,୧୬।୧୦-** ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ଲୋହାରଦଗା ଅଞ୍ଚଳରେ ମଙ୍ଗଳବାର ଘଟିଛି ଲାଲ୍ ତାଣ୍ଡବ। ୧୦ ସଶସ୍ତ୍ର ମାଓବାଦୀ ୯ଟି ବକ୍ସାଇଟ ବୋଝେଇ ଟ୍ରକ୍‌ରେ ନିଆଁ ଲଗାଇଦେଇଛନ୍ତି। ସିପିଆଇ (ମାଓବାଦୀ) ପକ୍ଷରୁ ଝାଡ଼ଖଣ୍ଡ ବନ୍ଦ ଡାକରା ଦିଆଯାଇଥିବାବେଳେ ଏହି ଅଘଟଣ ଘଟିଛି। କିସ୍କୋ ରୋଡ୍‌ରେ ଭାରି ଯାନଗୁଡ଼ିକୁ ପୋଡ଼ି ମାଓବାଦୀମାନେ ଶକ୍ତି ପ୍ରଦର୍ଶନ କରିଛନ୍ତି। ଏହି ଘଟଣା ପରେ ସୁରକ୍ଷାକର୍ମୀମାନେ ଉକ୍ତ ଅଞ୍ଚଳରେ ଜୋର୍‌ଦାର କୋମ୍ବିଂ ଅପରେଶନ ଚଳାଇଛନ୍ତି।

### ଅପହୃତା ନାବାଳିକା ଉଦ୍ଧାର: ଯୁବକ ଅଟକ

**ହେମଗିର, ୧୬।୧୦ (ଡି.ଏନ.ଏ)-** ସୁନ୍ଦରଗଡ଼ ଜିଲା ହେମଗିର ପୋଲିସ ଜଣୈକା ଅପହୃତା ନାବାଳିକାଙ୍କୁ ମଙ୍ଗଳବାର ଉଦ୍ଧାର କରିଛି। ଗତ ଦୁଇମାସ ତଳେ ହେମଗିର ଥାନା ଅନ୍ତର୍ଗତ କୋଡବାହାଲ ଗ୍ରାମର ଜଣୈକା ୧୭ ବର୍ଷର ନାବାଳିକା ଘରୁ ଚାଲି ଯାଇଥିଲେ। ତାଙ୍କୁ ଘର ଲୋକେ ଅନେକ ଖୋଜାଖୋଜି କରି ପାଇ ନ ଥିଲେ। ପରେ ଗତ ୧୩ ତାରିଖରେ ହେମଗିର ଥାନାରେ ନାବାଳିକାଙ୍କ ମାଆ ଏକ ଏତଲା ଦେଇଥିଲେ । ଏତଲାକୁ ଭିତ୍ତି କରି ଥାନାରେ ଏକ ମାମଲା (ନଂ. ୧୨୫।୧୮) ରୁଜୁ କରାଯାଇଥିଲା। ପରେ ପୋଲିସ ତଦନ୍ତକରି ନାବାଳିକାଙ୍କୁ ଠାବ କରିଥିଲା। ତାଙ୍କୁ ଅପହରଣ କରାଯାଇଥିବା ଜଣାପଡ଼ିଥିଲା। ମଙ୍ଗଳବାର ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ଅପହରଣ କରିଥିବା ଯୁବକ ଓ ତାଙ୍କ ସହଯୋଗୀଙ୍କୁ ପୋଲିସ ଅଟକ ରଖିଛି। ଅପହରଣ କରିଥିବା ଯୁବକଙ୍କ ଘର ହେଉଛି ବରଗଡ ଜିଲାର ଅମ୍ବାଭନା ଥାନା ଅନ୍ତର୍ଗତ ବାଞ୍ଜିପାଲି ଗ୍ରାମରେ। ପୋଲିସ ସେମାନଙ୍କୁ ଅଟକ ରଖି ଅଧିକ ଜାଣିବା ପାଇଁ ପଚରାଉଚୁରା କରୁଛି।

# ଚଳଚଞ୍ଚଳ କରିଛି ମା'ଙ୍କ ଆଗମନ

**ଲଇକେରା, ୧୬।୧୦ (ଡି.ଏନ.ଏ.)**

ଝାରସୁଗୁଡା ଜିଲା ଲଇକେରାରେ ସାର୍ବଜନୀନ ଦୁର୍ଗାପୂଜା ପାଇଁ ଚଳଚଞ୍ଚଳ ହୋଇଛି ପୂଜା ମଣ୍ଡପ। ଏହି ଅବସରରେ ସମଲେଶ୍ୱରୀ ମନ୍ଦିରରେ ମଙ୍ଗଳବାର ସପ୍ତମୀ ପୂଜା ଓ ସନ୍ଧ୍ୟାରେ ଭାଇଜିଉଁତିଆ ପୂଜା ହୋଇଛି । ବ୍ରତଧାରୀ ଭଉଣୀମାନେ ମାଁଙ୍କ ପାଖରେ ଭାଇର ଶୁଭ ମନାସିଛନ୍ତି । ସମଲେଶ୍ୱରୀ ମନ୍ଦିରରେ ଭୁବନେଶ୍ୱର ରାୟ ପୂଜା କରିଥିବା ବେଳେ ଦୁର୍ଗା ମଣ୍ଡପରେ ପଣ୍ଡିତ ବିଜୟ ମିଶ୍ର ପୂଜାକାର୍ଯ୍ୟ ସମ୍ପାଦନ କରିଛନ୍ତି। ଲଇକେରା ସମେତ ଆଖପାଖ ସମସ୍ତ ଗାଁରେ ଭାଇଜିଉଁତିଆ ଓଷା ପାଳିତ ହୋଇଛି। ବ୍ରତଧାରୀ ବୁଧବାର



ଲଇକେରାରେ ପୂଜା ପାଉଥିବା ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି।

ସକାଳୁ ସ୍ନାନ ପରେ ଭାଇ ହାତରେ ୧୦୮ ଦୁବ ବାନ୍ଧି ଦିର୍ଘାୟ ସହ ଶୁଭ ମନାସିବେ। ଦୁର୍ଗାପୂଜା ଓ ସମଲେଶ୍ୱରୀଙ୍କ ବଇଲଯାତ୍ରା ଗୁରୁବାର ଅନୁଷ୍ଠିତ ହେବ। ତେବେ ତୋରଣ ସାଙ୍ଗକୁ ଆଲୋକ ମାଳରେ ଝଲସୁଛି ପୂଜା ମଣ୍ଡପ । ବାଦ୍ୟରେ ପ୍ରକମ୍ପିତ ହୋଉଛି ଗଗନପବନ । ପଣ୍ଡିତଙ୍କ ବେଦମନ୍ତ୍ର ସାଙ୍ଗକୁ ହରିବୋଲ, ହୁଳହୁଳି ଓ ଶଙ୍ଖ ଘଣ୍ଟ ଧ୍ୱନୀରେ ପରିବେଶ ଭକ୍ତିମୟ ହେଉଛି । ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ।

**ବ୍ରଜରାଜନଗର, (ଡି.ଏନ.ଏ)–** ବ୍ରଜରାଜନଗରରେ ଚଳିତ ବର୍ଷ ୧୩ଟି ଜାଗାରେ ଦୁର୍ଗା ପୂଜା ଚାଲିଛି। ମଙ୍ଗଳା ମନ୍ଦିରଠାରୁ ଗୋଲଛକ ମଧ୍ୟରେ ୪ଟି ସ୍ଥାନରେ ପୂଜାରେ ପ୍ରବଳ ଜନ ଗହଳି ଦେଖିବାକୁ ମିଳୁଛି। ଇଏସଆଇ ଛକର ତୋରଣ ସମସ୍ତଙ୍କ ଅପେକ୍ଷା ଆକର୍ଷଣୀୟ ହୋଇଛି। ଗାନ୍ଧୀଛକରେ ମାଁଙ୍କ ସାଜସଜ୍ଜା ଦର୍ଶକଙ୍କ ମନଲୋଭା ହୋଇ ପାରିଛି।

# ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନରେ ରକ୍ତଦାନ



ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜୀବନବିନ୍ଦୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର।

**ସୁନ୍ଦରଗଡ଼, ୧୬।୧୦(ଡି.ଏନ.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୩ ତମ ଜନ୍ମ ଦିବସ ଅବସରରେ ସୁନ୍ଦରଗଡ଼ ଜିଲା ବିଜୁ ଯୁବଛାତ୍ର ଜନତା ଦଳ ପକ୍ଷରୁ ମଙ୍ଗଳବାର ରକ୍ତଦାନ ଶିବିର ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ରକ୍ତଭଣ୍ଡାରଠାରେ ହୋଇଥିବା ଜୀବନବିନ୍ଦୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ କର୍ମୀମାନେ ରକ୍ତଦାନ କରିଥିଲେ। ଏହି ଶିବିରରେ ୬୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି।

# ତ୍ରିମଣୀ ବିଶ୍ୱାଳ ମହିଳା ଫୁଟବଲ: କେନ୍ଦ୍ରାପଡ଼ା ଚାମ୍ପିୟନ

**କିର୍ମିରା, ୧୬।୧୦ (ଡି.ଏନ.ଏ.)**

ଝାରସୁଗୁଡା ଜିଲା କିର୍ମିରା ବ୍ଲକ ଠାକୁରପଡା ଗ୍ରାମରେ ୬ଷ୍ଠ ତ୍ରିମଣୀ ବିଶ୍ୱାଳ ମେମୋରିଆଲ ମହିଳା ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡା ଦଳ ଭୁବନେଶ୍ୱର ଦଳକୁ ୪-୨ରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଶୋଭନ ବିଶ୍ୱାଳ ଯୁବ ସଂଘ ଉଦ୍ୟମରେ ଅନୁଷ୍ଠିତ ଏହି ଏକ ଦିବସୀୟ ଟୁର୍ନାମେଣ୍ଟରେ ୪ଟି ମହିଳା ଟିମ୍ ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚ ନିତା ଅମ୍ବାନୀ ଫୁଟବଲ ଏକାଡେମୀ ଭୁବନେଶ୍ୱର ଏବଂ ସିଆଗାଁ କୁଆଁରମୁଣ୍ଡା ଦଳ ମଧ୍ୟରେ ଏବଂ ଦ୍ୱିତୀୟ ମ୍ୟାଚ କେନ୍ଦ୍ରାପଡା ଓ ରାଜଗାଙ୍ଗପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।



ତ୍ରିମଣୀ ବିଶ୍ୱାଳ ମେମୋରିଆଲ ମହିଳା ଫୁଟବଲ ଟୁର୍ନାମେଣ୍ଟରେ ଭାଗ ନେଇଥିବା ଖେଳାଳିମାନେ।



ଟୁର୍ନାମେଣ୍ଟରେ ଉପସ୍ଥିତ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ ଓ ଅନ୍ୟ ଅତିଥିମାନେ।

ଫାଇନାଲ ଭୁବନେଶ୍ୱର ଓ କେନ୍ଦ୍ରାପଡା ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ କେନ୍ଦ୍ରାପଡା ଦଳ ବିଜୟୀ ହୋଇଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ । ବର୍ତ୍ତମାନ ପରିସ୍ଥିତିରେ ମହିଳା ଫୁଟବଲସ୍ଥିତି ନୈରାଶ୍ୟ ଜନକ ରହିଛି । ଗ୍ରାମାଞ୍ଚଳରେ ମହିଳା ଫୁଟବଲ ଆଦୃତ ହୋଇପାରୁ ନ ଥିବାରୁ ତାଙ୍କ ମା' ସ୍ୱର୍ଗତ ତ୍ରିମଣୀ ବିଶ୍ୱାଳଙ୍କ ସ୍ମୃତିରେ ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭା ଖୋଜିବାହାର କରିବା ଛୋଟ ପ୍ରୟାସ ଜାରି ରଖିଥିବା ସେ କହିଥିଲେ । ସଭାରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ରଣଜି ଟ୍ରଫି ଖେଳାଳି ଶବିର ହୁସେନ, ପୂର୍ବତନ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଏଜିଏମ ଇନ୍ଦ୍ରମୋହନ ପଣ୍ଡା, ସେଭେନ ଷ୍ଟାର ସ୍ପଞ୍ଜ ଆଇରନ ଏଚଆର ସୁନୀଲ ପଣ୍ଡା, ଜିଲା କଂଗ୍ରେସ କୃଷକ ସେଲ ସଭାପତି ଜଗନ୍ନାଥ ଜେନା, ଜିଲା କ୍ରୀଡା ଉପସଭାପତି ଜୀବନ ମହାନ୍ତି, ସନ୍ତୋଷ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସଂଯୁକ୍ତା ବିଶ୍ୱାଳ ଓ ସଞ୍ଜୟ ପଟେଲ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିବାବେଳେ ମ୍ୟାଚ କମିଶନର ଉମ୍ବରୁଧର ପୂଜାରୀ ଏବଂ ଟିମ୍ ପରିଚାଳନା କରିଥିଲେ । କ୍ଲବ ସଭାପତି ଅଶ୍ୱିନୀ ବିଶ୍ୱାଳଙ୍କ ସହିତ ଦିନେଶ ବିଶ୍ୱାଳ, ଘନଶ୍ୟାମ ଚୌଧୁରୀ, ଅଜିତ ବିଶ୍ୱାଳ, ସୁଶିଲ ପ୍ରଧାନ ଏବଂ କ୍ଲବ ସଦସ୍ୟ ସହଯୋଗ କରିଥିଲେ ।

## ଫଟୋରେ ଖବର



ରାଉରକେଲା ସେକ୍ଟର-୩ (ସି ବ୍ଲକ) ଅଞ୍ଚଳରେ ମଙ୍ଗଳବାର ମହିଳାମାନେ ଭାଇ ଜୀଉଁନ୍ତିଆ ଓଷାରେ ପୂଜାର୍ଚ୍ଚନା କରିବା ଅବସରରେ।


JAWAHAR NAVODAYA VIDYALAYA, KHATIGUDA, DIST-NABARANGPUR (ODISHA)

**WALK-IN-INTERVIEW FOR APPOINTMENT OF TEACHER ON CONTRACT BASIS DT. 16.10.2018**

Jawahar Navodaya Vidyalaya, Khatiguda, Dist-Nabarangpur Odisha (residential co-educational Vidyalaya) invites eligible candidates to attend the Walk-in-interview for appointment of 01 (one) Post of PGT (Mathematics) purely on contract basis for the academic session 2018-19 scheduled to be conducted in the Jawahar Navodaya Vidyalaya, Khatiguda on 5th November, 2018 at 10.00 A.M.

**REMUNERATION OFFERED:** Rs. 27500/- P.M.

**UPPER AGE LIMIT:** 60 YEARS AS ON 30.09.2017.

**ELIGIBILITY CRITERIA:** Two years Integrated Post Graduate M.Sc. Course from Regional College of Education of NCERT in the subject of Mathematics with at least 50% marks in aggregate.

OR

Master's Degree from a recognized University with at least 50% marks in agreegate in the subject of Mathematics and (a) B.Ed. or equivalent qualification from a recognized University (b) Proficiency in Teaching in Hindi and English.

The candidates are advised to bring one set self attested testimonials alongwith original in support of his/her age, qualification, experience, scholastic/non-scholastic achievements etc., one passport size photographs. No travelling expenses will be paid to candidate for appearing before the Appointment Committee. Please not that, attending the walk-in-interview does not confer any right to the candidate for appointment.

**Sd./- Principal**
**J.N.V., Khatiguda, Dist-Nabarangpur**

ROURKELA SMART CITY LTD
**Udit Nagar, Rourkela - 769012, Odisha**
**Notice No. 604/ 2018** **Dt.15.10.2018**

**Tender Quotation Call Notice**

Chief Executive Officer, Rourkela Smart City Ltd. (RSCL) invites sealed tenders from reputed Companies / OEMs/Authorized Dealer / Contractor having HT / MV license for supply, installation and commissioning of 125 KVA D.G. set of reputed Brand like Kirloskar / Mahindra or equivalent make. The details of BOQ and other terms & conditions are available at RMC website i.e. **www.rmc.nic.in**. The last date of receipt of tender is **27th October 2018**.

**Sd./- Chief Executive Officer, RSCL**

618-A
**GOVT. OF ODISHA**
**OFFICE OF THE EXECUTIVE ENGINEER MAHANADI BARRAGE DIVISION, CUTTACK**
Phone No. 0671–2440118, Email– eembarragedivnctc@gmail.com

**'e'-Procurement Notice No.EEMBD-10/2018-19**

1. Name of work : "Improvement to Road on left bank of PLBC from RD7.00km. to 7.35km. under MCII Project for the year 2019-20".
2. Total No. of works : 08 (Eight) Nos. of works.
3. Estimated Cost : Varies from Rs.9.41 lakhs to Rs.39.64 lakhs
4. Mode of Payment of EMD (Bid Security) & Bid Cost : The bidder shall transfer the required amount of EMD (Bid Security) and cost of Bid by online through electronic payment as per Govt. of Odisha WDOM No.17254/W dtd.05.12.2017 as mentioned in DTCN.
5. Period of completion : 06 (six) Calendar Month.
6. Other details as follows :
(i) Procurement Officer : Executive Engineer, Mahanadi Barrage Division, Cuttack.
(ii) Availability of Tender online for Bidding : 25.10.2018 from 10.00 AM to 05.11.2018 upto 5.00 PM
(iii) Date & time of opening of Bid through Online : On 06.11.2018 at 11.00 AM in the Office of the Executive Engineer, Mahanadi Barrage Division, Cuttack.
(iv) Date of Transparent Lottery to be Conducted (if required) : On 12.11.2018 at 11.00 AM in the office Chamber of the Executive Engineer, Mahanadi Barrage Division, Cuttack.

Further details can be seen from the Govt. website www.tendersodisha.gov.in.

32165/11/0008/1819 *Sd./- Executive Engineer, Mahanadi Barrage Division, Cuttack*

**GOVERNMENT OF ORISSA, DEPARTMENT OF WATER RESOURCES**
**Office of the Executive Engineer, Balasore Minor Irrigation Division**
**'e' Procurement Notice No.M.I-E-08/18-19 dated: 12.10.2018 (Online)** 616-A
www.mibalasore@yahoo.co.in, 06782-262146

1. Name of the work : Improvement to Minor Irrigation Projects at different Places of Balasore District.
2. No. of Works : 4 Nos .
3. Estimated Cost : Varies from Rs.80.11 Lakhs to Rs.88.49 lakhs (approximately)
4. Class of Contractor : "A" & "B" Class.
5. Period of Completion : 03 (Three) Calendar months (90 days)
6. Other details are as follows:-

| Bid inviting authority | Bid Identification No. | No. of Works | Availability of tender online for bidding | | Last date of receipt of original Affidavit towards authenticity of the documents | Date & time of opening of tender | Date & Time of Transparent Lottery if necessary |
|---|---|---|---|---|---|---|---|
| | | | From | To | | | |
| Executive Engineer, M.I Division, Balasore | M.I-E-08/ 2018-19 | 04 Nos. | 29.10.2018 at 11.00AM | 09.11.2018 upto 5.00PM | 13.11.2018 upto 5.00 PM in the box located at M.I Division Office, Balasore. | 14.11.2018 at 11.00AM | 22.11.2018 at 11.00 AM |

Further details can be seen from the Govt. website www.tendersodisha.gov.in

32014/11/0017/1819 *Sd./- Executive Engineer, Minor Irrigation Division, Balasore*

0602-A
**GOVT. OF ODISHA**
**OFFICE OF THE ENGINEER-IN-CHIEF, WATER RESOURCES, ODISHA, BHUBANESWAR**
**'e' Procurement Notice No.CELMB 48 OF 2018-19**

1. Name of the work : Construction of bridge over Gobkund cut at its off taking point near village Gobkund under NABARD Assistance RIDF-XXIV.
2. Amount put to Tender : Rs.17,11,40,552.00
3. Bid Document Cost : Rs.10, 000.00 (online)
4. E.M.D. : Rs.17,11,500.00 (online)
5. Class of Contractor : Super Class
6. Period of Completion : 24 calendar months (730 Days)
7. Other details are as follows.

| Procurement Officer | Bid Identification No. | Availability of Tender Online for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer FC & Basin Manager, LMB, Bhubaneswar | CELMB PID 01 OF 2018-19 | 20.10.2018 10.00hrs | 09.11.2018 17.00hrs | 12.11.2018 11.00hrs |

8. e-mail Id : celmbbbsr@yahoo.co.in

Further detail conditions can be seen from the Govt. website www.tendersorissa.gov.in

32252/11/0061/1819 *Sd./- Chief Engineer FC & Basin Manager, Lower Mahanadi Basin*



ଶାସକ ଯଦି ତା'ର କର୍ତ୍ତବ୍ୟ ନ କଲା, ତେବେ ସେ ଦସ୍ୟୁଠାରୁ ଅଧିକ ବିପଜ୍ଜନକ।
- ଲର୍ଡ ବାଇରନ



## ସଂକ୍ଷେପରେ

### ଲକ୍ଷ୍ମୀଧର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ୧୭ରୁ ଆରମ୍ଭ

**ବଡଗାଁ, ୧୬।୧୦ (ଡି.ଏନ.ଏ)**- ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ପାମରା ଗ୍ରାମରେ ୧୭ ତାରିଖଠାରୁ ଲକ୍ଷ୍ମୀଧର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହେବ। ଏଥିରେ ଶଙ୍କରାପୋଷ, ଯାଜପୁର, ଗରଗଡବାହାଲ, ଏକ୍ସସନ କ୍ଲବ ସୁନ୍ଦରଗଡ, ମହପରା, ସାହାଜବାହାଲ, ବଡଗାଁ, ପାମରା, ତୁଡାଲଗା ଓ ଆୟୋଜକ କ୍ଲବ,ଜୟ ଜଗନ୍ନାଥ ୟୁଥ କ୍ଲବ ମୋଟ ୧୬ଟି ଟିମ ମଧରେ ପ୍ରତିଯୋଗିତା ହେବ। ଟୁର୍ନାମେଣ୍ଟ ୧୯ ତାରିଖ ଉଦଯାପିତ ହେବ।

### କେନ୍ଦ୍ର ରେଳ, କୋଇଲା ମନ୍ତ୍ରୀଙ୍କୁ ଭେଟିଲେ ଭାଜପା ପ୍ରତିନିଧି ଦଳ

**ସୁନ୍ଦରଗଡ଼,୧୬।୧୦ (ଡି.ଏନ୍.ଏ)** କେନ୍ଦ୍ର ରେଳ ଓ କୋଇଲା ବିଭାଗ ମନ୍ତ୍ରୀ ପିୟୁଷ ଗୋଏଲଙ୍କ ସୋମବାର ଝାରସୁଗୁଡା ଜିଲା ଲଖନପୁର ଗସ୍ତ ଅବସରରେ ସୁନ୍ଦରଗଡ଼ ଭାଜପାର ଏକ ପ୍ରତିନିଧି ଦଳ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଭାଜପା ରାଷ୍ଟ୍ରୀୟ ଅନୁସୂଚିତ ଜାତି ମୋର୍ଚ୍ଚାର କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱନାଥ ତନ୍ତୀ ଓ କାଉନସିଲର ଡା. ହିମାଂଶୁ ଶେଖର ଷଡଙ୍ଗୀଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳ ଝାରସୁଗୁଡାରୁ ଅମ୍ବିକାପୁର ନକ୍ସଛନ ରେଳପଥ ନିର୍ମାଣ ସକାଶେ ଦାବି କରିଥିଲେ। ଏହି ରେଳପଥ ନିର୍ମାଣ ହେଲେ ସୁନ୍ଦରଗଡବାସୀ ରେଳସେବା ପାଇ ପାରିବେ। ସୁନ୍ଦରଗଡ ହେମଗିର ବ୍ଲକରେ ଥିବା ଏମ୍‌ସିଏଲ୍‌ର ଓ ଏନ୍ ଟିପିସିର କୋଇଲା ଖଣି ପ୍ରକଳ୍ପ ଯୋଗୁ ନଷ୍ଟ ହେଉଥିବା ଜଙ୍ଗଲ ସମ୍ପଦ ବଦଳରେ ଜିଲାରେ ନୂତନ ବନୀକରଣ ସୃଷ୍ଟି ଦିଗରେ ଧ୍ୟାନ ଦେବାକୁ ଦାବି କରିଥିଲେ।



ଭାଜପାର ପ୍ରତିନିଧି ଦଳ ରେଳମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।



ମାତ୍ର ବର୍ଷକ ତଳେ ନିର୍ମିତ ପୁରୁଣାପାଣି-ମୁଙ୍ଗଟୋଲି ରାସ୍ତାରୁ ଗୋଡ଼ି ଉଠିଗଲାଣି।




ପୁରୁଣାପାଣି-ମୁଙ୍ଗଟୋଲି ରାସ୍ତା କାମ ପାଇଁ ଠିକାଦାରଙ୍କ ଦ୍ୱାରା ଲଗାଯାଇଥିବା ବୋର୍ଡରେ କାର୍ଯ୍ୟ ଆରମ୍ଭ ଓ ଶେଷ ତାରିଖ ଉଲ୍ଲେଖ ନାହିଁ।

# ବିକାଶ ନାଁରେ ଚାଲିଛି ଖୋଲା ଦୁର୍ନୀତି

**ନୂଆଗାଁ,୧୬।୧୦(ଡି.ଏନ୍.ଏ.)**

**ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା**
- ବିପୁଳ ପିସି କାରବାର ଯୋଗୁ ନିମ୍ନମାନର କାମ
- ଠିକାଦାରଙ୍କୁ ଅହେତୁକ ଅନୁକମ୍ପା
- କାର୍ଯ୍ୟ ଆରମ୍ଭ ଓ ଶେଷ ତାରିଖ ବୋର୍ଡରେ ନାହିଁ ଉଲ୍ଲେଖ
- ଭିଜିଲାନ୍ସ ତଦନ୍ତ ଦାବି କଲେ ଜନପ୍ରତିନିଧି

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ) ଗ୍ରାମାଞ୍ଚଳରେ ରାସ୍ତାଘାଟର ବିକାଶରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛି। ଏଥିପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ବିଭାଗରେ କାର୍ଯ୍ୟରତ କେତେଜଣ ଦୁର୍ନୀତିଖୋର କର୍ମଚାରୀଙ୍କ ଦ୍ୱାରା ବିପୁଳ ପିସି କରାବାର ଯୋଗୁ ଏହି ଯୋଜନାରେ ଅତ୍ୟନ୍ତ ନିମ୍ନମାନର କାମ ହେଉଥିବା ପରିଲକ୍ଷିତ ହେଉଛି। ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ସଲାସୁତୁରା ଯୋଗୁ କାର୍ଯ୍ୟ ସମ୍ପୂର୍ଣ୍ଣ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ଅନ୍ତର୍ଗତ ପୁରୁଣାପାଣି ନିକଟ ପୁରୁଣାପାଣି-ମୁଙ୍ଗଟୋଲି ରାସ୍ତା ଏହାର ଜ୍ୱଳନ୍ତ ଉଦାହରଣ। ମାତ୍ର ବର୍ଷକ ପୂର୍ବେ ନିର୍ମାଣ ହୋଇଥିବା ଏହି ରାସ୍ତାର ଅଧିକାଂଶ ସ୍ଥାନରେ ଏବେ ପିଚୁ ଉଠିଯାଇଛି।
ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରାୟ ୧କୋଟି ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୨କିମି ୬୮୨ ମିଟର ଦୈର୍ଘ୍ୟ ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ରାୟପୁର ଅଞ୍ଚଳର ରାଜେଶ କନ୍‌ଷ୍ଟ୍ରକଶନ ନାମକ ସଂସ୍ଥା କରିଥିଲା। ହେଲେ ଠିକା ସଂସ୍ଥା ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ କରିବା ପରେ ଯେଉଁ ବୋର୍ଡ ଲାଗାଇଛି, ସେଥିରେ କାର୍ଯ୍ୟ ଆରମ୍ଭ କିମ୍ବା ଶେଷ ତାରିଖ ଉଲ୍ଲେଖ ନାହିଁ। କେବଳ ରକ୍ଷଣାବେକ୍ଷଣ ୫ବର୍ଷ ବୋଲି ଲେଖାଯାଇଛି। ଫଳରେ ରାସ୍ତାର ନିର୍ମାଣ କାର୍ଯ୍ୟ କେବେ ଆରମ୍ଭ ହେଲା ଓ କେବେ ଶେଷ ହେଲା ସେ ସମ୍ପର୍କରେ ଲୋକେ ଅନ୍ଧାରରେ ରହିଛନ୍ତି। ତେଣୁ ରାସ୍ତାର ରକ୍ଷଣାବେକ୍ଷଣ ଅବଧି କେତେ ମସିହା ପର୍ଯ୍ୟନ୍ତ ରହିଛି ତାହା ଲୋକେ ଜାଣିପାରୁ ନାହାନ୍ତି। ଏପରି ସ୍ଥଳେ ବିଭାଗୀୟ ଅଧିକାରୀମାନେ ସମ୍ପୃକ୍ତ ଠିକାଦାରଙ୍କ ବିଲ୍ କଲେ କେମିତି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଯଦି ୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ କରିବାର ନିୟମ ରହିଛି, ତେବେ ସମ୍ପୃକ୍ତ ଠିକାଦାର ଏପର୍ଯ୍ୟନ୍ତ କାହିଁକି ରାସ୍ତାର ମରାମତି କରୁନାହିଁ ସେ ନେଇ ମଧ ପ୍ରଶ୍ନ ଉଠିଛି। ବିଭାଗୀୟ ଅଧିକାରୀମାନେ ଠିକାସଂସ୍ଥାକୁ କାହିଁକି ମରାମତି କରିବାକୁ ନିର୍ଦ୍ଦେଶ ଦେଉନାହାନ୍ତି ତାହା ମଧ ବଡ଼ ପ୍ରଶ୍ନ। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ସରକାର ଯେଉଁ ୫ବର୍ଷର ରକ୍ଷଣାବେକ୍ଷଣ କଥା କହୁଛନ୍ତି, ବାସ୍ତବରେ ତାହାର ଫାଇଦା ଉଠାଉଛନ୍ତି ଉଭୟ ଠିକାଦାର ଓ ବିଭାଗୀୟ ଅଧିକାରୀ। ନିମ୍ନମାନର କାର୍ଯ୍ୟକୁ ନେଇ ଅଭିଯୋଗ ହେଲେ ସେହି ୫ ବର୍ଷ ରକ୍ଷଣାବେକ୍ଷଣ ଅବଧି ଥିବା କଥା କହି ଠିକାଦାରମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯାଉଥିବା ଅଭିଯୋଗ ହେଉଛି। ଆଦିବାସୀ ବହୁଳ ନୂଆଗାଁ ବ୍ଲକରେ ଏକାଧିକ ରାସ୍ତା କାମରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହୋଇଥିବା ଖୋଲାଖୋଲି ଅଭିଯୋଗ ହେଉଥିବା ବେଳେ ଏହାର ଭିଜିଲାନ୍ସ ତଦନ୍ତ ପାଇଁ ଦାବି ହେଉଛି।

**କ'ଣ କହନ୍ତି ଏମାନେ...**

"ପିଏମ୍‌ଜିଏସ୍‌ୱାଇରେ ଯେମିତି କାମ ହେବାକଥା ସେମିତି ହେଉନାହିଁ। ଅତ୍ୟନ୍ତ ନିମ୍ନମାନର କାମ ହେଉଥିବାରୁ କିଛିଦିନ ମଧରେ ରାସ୍ତାଗୁଡ଼ିକ ନଷ୍ଟ ହୋଇଯାଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ। ଏ କଥା ମୁଁ ଜିଲା ପରିଷଦ ବୈଠକରେ ମଧ ଉଠାଇଥିଲି। ହେଲେ ତଦନ୍ତ ହୋଇନାହିଁ। - **ଇଦ୍‌ରିଶ କୁଲା, ଜିଲା ପରିଷଦ ସଭ୍ୟ**

"ପିଏମ୍‌ଜିଏସ୍‌ୱାଇ ରାସ୍ତା କାମ ନିୟମ ମୁତାବକ ହେଉନାହିଁ। ବିଭାଗୀୟ ଯନ୍ତ୍ରୀମାନେ ଠିକାଦାରଙ୍କ ଗାଡ଼ିରେ ଆସି କାମ ତଦାରଖ କରି ଫେରୁଛନ୍ତି। ଏଥିରୁ ସ୍ପଷ୍ଟ ଅନୁମେୟ ଠିକାଦାରଙ୍କୁ ଅଧିକାରୀମାନେ ସମ୍ପୂର୍ଣ୍ଣ ସୁରକ୍ଷା ଦେଉଛନ୍ତି। ଏହାର ତଦନ୍ତ ନିହାତି ଆବଶ୍ୟକ। - **ଶଙ୍କର ତିର୍କୀ, ଜିଲା ଯୁବ ବିଜେଡି ସମ୍ପାଦକ**

"କେବଳ ପୁରୁଣାପାଣି-ମୁଙ୍ଗଟୋଲି ରାସ୍ତା ନୁହେଁ ନୂଆଗାଁ ବ୍ଲକରେ ଏମିତି ଅନେକ ପିଏମ୍‌ଜିଏସ୍‌ୱାଇ ରାସ୍ତା ଅଛି। ନିମ୍ନମାନର କାମ ଯୋଗୁ ନୂଆଗାଁ-ବଡ଼ଯୋଜଦା, ମିଟକୁନ୍ଦୁରୀ-ବାରକୋଟ, ଗୋଲଦାରୁ-ଗଞ୍ଜୁଟୋଲା ଆଦି ରାସ୍ତା ଅବସ୍ଥା ଏବେ ଶୋଚନୀୟ ହୋଇପଡ଼ିଛି। ଏହାର ଭିଜିଲାନ୍ସ ତଦନ୍ତ ଆବଶ୍ୟକ। - **ସୁଲେମାନ କାଉଡ଼ିଆ, ବିଧାୟକଙ୍କ ପ୍ରତିନିଧି, ନୂଆଗାଁ ବ୍ଲକ**

## ଏଚଏସଇ ପକ୍ଷରୁ- ୨୦୧୮ ପାଇଁ ଓସିଏଲ ଇଣ୍ଡିଆ ପୁରସ୍କୃତ

**ରାଜଗାଙ୍ଗପୁର, ୧୬।୧୦ (ଡି.ଏନ.ଏ)**

ସିଂନେକ୍ସ ଗ୍ରୁପ ଦ୍ୱାରା ଆୟୋଜିତ ଇଣ୍ଡିଆ ଏଚଏସଇ ସମ୍ମିଟ୍ ଆଣ୍ଡ ଆୱାର୍ଡସ ୨୦୧୮ରେ ଏଚଏସଇ ଏକ୍ସଲେନ୍ସ ମ୍ୟାନୁଫ୍ୟାକ୍ଚରିଂ ସେକ୍ଟର ଅଫ୍ ଦି ଇୟର ୨୦୧୮ ବର୍ଗରେ ଓସିଏଲ ଇଣ୍ଡିଆ ଲିମିଟେଡକୁ ବିଜେତା ଘୋଷଣା କରାଯାଇଛି। ନିକଟରେ ଆୟୋଜିତ ହୋଇଥିବା ଏହି ଦୁଇ ଦିନିଆ ସମ୍ମିଳନୀ ବମ୍ବେର ଫୋର ସିଜନ୍ସ ହୋଟେଲରେ ଅନୁଷ୍ଠିତ ହୋଇଥିଲା। ବହୁ ପ୍ରତିଷ୍ଠିତ କମ୍ପାନୀଙ୍କର ପ୍ରତିନିଧି ଏହି ସମ୍ମିଳନୀରେ ଅଂଶ ଗ୍ରହଣକାରୀ ଓ ବକ୍ତା ଭାବେ ଯୋଗଦେଇଥିଲେ। ବିଭିନ୍ନ ବର୍ଗରେ ପୁରସ୍କାର ପାଇଁ ମନୋନୀତ ହୋଇଥିଲେ। ଓସିଏଲ ଇଣ୍ଡିଆ ଲିମିଟେଡ ମଧ ଏଥିରେ ଉତ୍ପାଦନ ବର୍ଗରେ ଅଂଶଗ୍ରହଣ କରି ପୋର୍ଟାଲ ମାଧ୍ୟମରେ ନିଜର ନାମାଙ୍କନ ଦାଖଲ କରିଥିଲା । ବିଭିନ୍ନ ବର୍ଗର ଦିଆଯାଇଥିବା ପୁରସ୍କାରର ସୂଚୀ ଅନୁଯାଇ ବପିସିଏଲକୁ ଅଏଲ ଓ ଗ୍ୟାସରେ, ଓସିଏଲକୁ ଉତ୍ପାଦନରେ, ବ୍ରିଟାଣିଆକୁ ଖାଉଟି ଉତ୍ପାଦରେ, ମୋନସାଣ୍ଟୋ ଇଣ୍ଡିଆକୁ ରାସାୟନିକ ଦ୍ରବ୍ୟରେ ଆମାଜନକୁ ଇ-କମର୍ସରେ, ଆମାଜାନକୁ ସିଇଓ ଅଫ୍ ଦି ଇୟର, ବୋଷକୁ ଆଟୋମୋଟିଭରେ, ଜେଏସପିଏଲକୁ କମ୍ପାନୀ ଅଫ୍ ଦି ଇୟରରେ, ଏଚସିସିକୁ ନିର୍ମାଣରେ ଏବଂ ଏନଏମଡିସିକୁ ଖଣିରେ। ଓସିଏଲ ଇଣ୍ଡିଆ ଲିମିଟେଡକୁ ବର୍ଷ ୨୦୧୮ ପାଇଁ ଏଚଏସଇ ଏକ୍ସଲେନ୍ସ ଇନ୍ ମ୍ୟାନୁଫ୍ୟାକ୍ଚରିଂ ସେକ୍ଟର ପୁରସ୍କାରରେ ସମ୍ମାନିତ କରାଯାଇଛି । ନବୀନ ସୋନି, ମୁଖ୍ୟ ବୃତ୍ତିଗତ ସ୍ୱାସ୍ଥ୍ୟ ଏବଂ ନିରାପତ୍ତା (ପୂର୍ବ) ଏହି ପୁରସ୍କାର ଗ୍ରହଣ କରିଛନ୍ତି ।



ସାହାଜବାହାଲରେ ଦୁର୍ଗାପୂଜା ମଣ୍ଡପ ଓ ମୂର୍ତ୍ତି ।

## ବଡ଼ଗାଁରେ ଦୁର୍ଗାପୂଜା

**ବଡ଼ଗାଁ, ୧୬।୧୦ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳରେ ଦୁର୍ଗାପୂଜା ଓ ଭାଇ ଜୁଇଁତିଆଁ ହର୍ଷ ଉଲ୍ଲାସରେ ପାଳିତ ହେଉଛି। ଭଉଣୀମାନେ ଭାଇଙ୍କ ମଙ୍ଗଳ କାମନା କରି ଭାଇ ଜୁଇଁତିଆ ପାଳନ କରୁଛନ୍ତି। ବଡ଼ଗାଁ, ସାହାଜବାହାଲ, ଇତମା, ତିଲେଇମାଲ, ଜରଙ୍ଗଲୋଇ ଗ୍ରାମରେ ଦୁର୍ଗାପୂଜା କରାଯାଉଛି। ବଡ଼ଗାଁରେ ସୋମବାର ବେଲବରଣ କରାଯାଇଥିଲାବେଳେ ମଙ୍ଗଳବାର ସପ୍ତମୀ ଓ ଶୁକ୍ରବାର ଦଶମୀ ପୂଜା ହେବ। ପୂଜାରେ ଅର୍ପଣ ପାଣିଗ୍ରାହୀ ତାଙ୍କ ସ୍ତ୍ରୀ ସୋନାଲି କର୍ତ୍ତା ହୋଇଥିଲାବେଳେ ରାଜେଶ ବାନାର୍ଜୀ ଓ ରିଙ୍କୁ ନାୟକ ପୂଜା କାର୍ଯ୍ୟ ତୁଲାଉଛନ୍ତି। ପୂଜା ଉପଲକ୍ଷେ ମଙ୍ଗଳବାର ଠାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ବୁଗିବୁଗି ହେବ। ସାହାଜବାହାଲ ଗ୍ରାମବାସୀ ଚଳିତ ବର୍ଷ ଦୁର୍ଗାପୂଜାର ଗୋଲଡେନ୍ ଜୁବଲି ପାଳନ କରୁଛନ୍ତି। ପୂଜାରେ ସୁମନ୍ତ ପଟେଲ ତାଙ୍କ ସ୍ତ୍ରୀ ସଙ୍ଗିତା କର୍ତ୍ତା ଓ ବିଦ୍ୟାଭୂଷଣ ନାୟକ ପୂଜା କାର୍ଯ୍ୟ ତୁଲାଉଛନ୍ତି। ଏହି ଉପଲକ୍ଷେ ମଙ୍ଗଳବାର, ବୁଧବାର ରାତିରେ ଅର୍କେଷ୍ଟ୍ରା, ଗୁରୁବାର ଭଜନ ସନ୍ଧ୍ୟା ହେବ। ଶୁକ୍ରବାର ରାବଣ ପୋଡି ଓ ଶନିବାର ବିସର୍ଜନ ହେବ।

# ଅଚଳ ହେବାକୁ ବସିଛି ୧, ୨ଟଙ୍କିଆ ମୁଦ୍ରା

**କୁତ୍ରା/ରାଜଗାଙ୍ଗପୁର, ୧୬।୧୦ (ଡି.ଏନ.ଏ)**

- ଦୋକାନୀ, ବ୍ୟାଙ୍କ କେହି ନେଉନାହାନ୍ତି
- ସାଧାରଣ ଲୋକେ ହଇରାଣ
- କାର୍ଯ୍ୟାନୁଷ୍ଠାନ ପାଇଁ ଦାବି

ସୁନ୍ଦରଗଡ ଜିଲା କୁତ୍ରା ଓ ରାଜଗାଙ୍ଗପୁର ଥାନା ଅଞ୍ଚଳରେ ଏକଟଙ୍କିଆ ଓ ଦୁଇ ଟଙ୍କିଆ ମୁଦ୍ରାକୁ ଦୋକାନୀମାନେ ନେଉ ନାହାନ୍ତି। ବ୍ୟାଙ୍କ ମଧ ନେବାକୁ ନାରାଜ ହେଉଥିବାରୁ ଏଅଞ୍ଚଳରେ ୧ ଓ ୨ଟଙ୍କିଆ ମୁଦ୍ରା ଅଚଳ ହେବାକୁ ବସିଲାଣି। ଫଳରେ ସାଧାରଣ ଲୋକେ ହଇରାଣ ହେଉଛନ୍ତି। ଏହା ଉପରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି। କୁତ୍ରା ଓ ରାଜଗାଙ୍ଗପୁର ତଥା ଏହି ଅଞ୍ଚଳକୁ ଲାଗି ରହିଥିବା ସମ୍ବଲପୁର ଜିଲାର ଗଡ଼ପୋଷ ଅଞ୍ଚଳରେ ଚଣା ଦୋକାନା, ପାନ ଦୋକାନଠୁ ନେଇ ଔଷଧ ଓ ରାଶନ ଦୋକାନରେ ଦୋକାନୀମାନେ ସରକାରଙ୍କ ଦ୍ୱାରା ପ୍ରଚଳିତ କରାଯାଇଥିବା ୧ଟଙ୍କିଆ ଓ ୨ଟଙ୍କିଆ ମୁଦ୍ରା ନେବା ପାଇଁ ବାରଣ କରୁଥିବା ଜଣାପଡିଛି। ଏବାବଦରେ କ୍ଷୁଦ୍ର ଦୋକାନୀଙ୍କୁ ପଚାରିବାରୁ, ସେମାନେ କହୁଛନ୍ତି ଆମ ପାଖରୁ ଏହି ମୁଦ୍ରା ବଡ ଦୋକାନୀମାନେ ନେଉନାହାନ୍ତି। ଏଣୁ ଆମେ ଏହାକୁ ନେଇ କାହାକୁ ଦେବୁ ବୋଲି ଉତ୍ତର ଦେଇଥିଲେ। କୁତ୍ରା ଓ ରାଜଗାଙ୍ଗପୁର ଅଞ୍ଚଳର କିଛି ମୁଡ଼ିଚଣା ଦୋକାନ ଓ କିଛି ପାନ ଦୋକାନୀଙ୍କୁ ପଚାରିବାରୁ ଆମେ ଯାହା ବିକ୍ରି କରୁ ତାକୁ ପୁଣି ମହାଜନ (ବଡଦୋକାନୀ)ଙ୍କୁ ଦେଇ ପୁଣି ଦୋକାନ ପାଇଁ ସାମଗ୍ରୀ ଆଣିଥାଉ। ହେଲେ ବଡ ଦୋକାନୀ ଏହି ଟଙ୍କା ନେଉ ନ ଥିବାରୁ ଆମେ ମଧ ନେଉନାହୁଁ ବୋଲି ଉତ୍ତର ଦେଇଥିଲେ। କିଛି ବଡ ବ୍ୟବସାୟୀଙ୍କୁ ଏ ବିଷୟରେ ପଚାରିବାରୁ ସମସ୍ତ ଖୁଚୁରା ଦୋକାନୀ ଶହ ଶହ ଟଙ୍କାର ଟଙ୍କାକିଆ ଏବଂ ଦୁଇ ଟଙ୍କା ଆଣି ଆମକୁ ଦେଉଛନ୍ତି। ହେଲେ ଆମେ ଗ୍ରାହକଙ୍କୁ ଫେରସ୍ତ କଲାପରେ ମଧ ଆମ ପାଖରେ ନିତିଦିନ ହଜାର ହଜାର ଏକଟଙ୍କିଆ ଓ ଦୁଇ ଟଙ୍କିଆ ରହିଯାଉଛି। ହେଲେ ବ୍ୟାଙ୍କରେ ଜମାଦେଲେ ବ୍ୟାଙ୍କବାଲା ଏହି ଖୁଚୁରା ମୁଦ୍ରାକୁ ନେଉ ନ ଥିବାରୁ ଆମେ ବାଧ ହୋଇ ଏହି ମୁଦ୍ରା ନେଉନାହୁଁ ବୋଲି ଉତ୍ତର ଦେଇଥିଲେ। ଏବାବଦରେ କୁତ୍ରା ଷ୍ଟେଟ ବ୍ୟାଙ୍କ ଶାଖାର ପରିଚାଳକ ରଘୁନାଥ ହାଂସଦାଙ୍କୁ ପଚାରିବାରୁ ଆମେ କିଛି କହିପାରୁବୁ ନାହିଁ। କାରଣ ଆରବିଆଇ ସାରକୁଲାର ଅନୁସାରେ ଆମେ ଜଣେ ବ୍ୟକ୍ତିଠାରୁ ୧୦ଟି ଏକ ଟଙ୍କିଆ ଓ ୫୦ ଟି ୨ଟଙ୍କିଆ ମୁଦ୍ରା ନେଇପାରିବୁ। ତା'ଠୁ ଅଧିକ ହେଲେ ଆମେ ନେଇ ପାରିବୁ ନାହିଁ। ଏହା ଛଡା ଆମ ପାଖରେ ମଧ ବହୁ ମୁଦ୍ରା ରହିଛି। ଗ୍ରାହକ ଆମ ପାଖରୁ ଏହି ମୁଦ୍ରା ନେବାକୁ ରାଜି ହେଉ ନ ଥିବା ପ୍ରକାଶ କରିଥିଲେ। କାରଣ ଯାହା ହେଉନା କାହିଁକି ସରକାରଙ୍କ ଦ୍ୱାରା ପ୍ରଚଳିତ ଏକ ଟଙ୍କିଆ ଓ ଦୁଇଟଙ୍କିଆ ଏହି ଅଞ୍ଚଳରେ ଅଚଳ ହେବାକୁ ବସିଥିବା ବେଳେ ସାଧାରଣ ଗରିବ ଜନତା ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ଏଣୁ ଏହି ଘଟଣାକୁ ଜିଲା ପ୍ରଶାସନ ଓ ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଇ ଏହାର ଉଚିତ ସମାଧାନ ଦିଗରେ ପଦକ୍ଷେପ ନେବା ପାଇଁ ଦାବି ହେଉଛି। ଏହାଛଡା ଯେଉଁ ଦୋକାନୀ ସରକାରଙ୍କ ଦ୍ୱାରା ପ୍ରଚଳିତ ଏକଟଙ୍କିଆ ଓ ଦୁଇ ଟଙ୍କିଆ ନେଉନାହାନ୍ତି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

## ଖମାରୀମୁଣ୍ଡା ଗ୍ରାମରେ ମହିଳା କୃଷକ ଦିବସ ପାଳିତ

**ସୁନ୍ଦରଗଡ଼, ୧୬।୧୦ (ଡି.ଏନ୍.ଏ)**

ସାମାଜିକ ଅନୁଷ୍ଠାନ ସିଆଇଆରଟିଡି ଆନୁକୂଲ୍ୟରେ ବାଲିଶଙ୍କରା ବ୍ଲକ ଅନ୍ତର୍ଗତ ଖମାରୀମୁଣ୍ଡା ଗ୍ରାମରେ ମହିଳା କୃଷକ ଦିବସ ପାଳିତ ହୋଇଯାଇଛି। ଖମାରୀମୁଣ୍ଡା ସମେତ ତାଟିଯୋର, ସାହେବ ଡେରା ଓ ବିରକାଲଡିହି ଗ୍ରାମର ୪୦ରୁ ଉର୍ଦ୍ଧ୍ୱ ମହିଳା ଚାଷୀ ଏକାଠି ହୋଇ ଏହି ମହିଳା ଦିବସ ପାଳନ କରିଥିଲେ। ଏହି ଅବସରରେ ଗ୍ରାମର ମହିଳାମାନେ କୃଷି କାର୍ଯ୍ୟ ଉପରେ ସେମାନଙ୍କୁ ଚାଷୀର ମାନ୍ୟତା, ସେମାନଙ୍କ ନାମରେ ଜମିପଟ୍ଟା, ବ୍ୟାଙ୍କ ଋଣ ଏବଂ କୃଷିକାର୍ଯ୍ୟ ପାଇଁ ସରକାରଙ୍କ ତରଫରୁ ଆର୍ଥିକ ସହାୟତା ଉପରେ ମହିଳା ଚାଷୀମାନଙ୍କର ମଧ୍ୟ ସମ୍ପୂର୍ଣ୍ଣ ଅଧିକାର ଅଛି ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ସରକାରଙ୍କ ତରଫରୁ ଚାଲିଥିବା ପରମ୍ପରା ଗତ କୃଷି ବିକାଶ ଯୋଜନାରେ ସାମିଲ କରିବାକୁ ଏହି ସଭାରେ ଦାବି ହୋଇଥିଲା। ସିଆଇଆରଟିଡିର କର୍ମୀ ଅଶୋକ କୁମାର ଦାଶ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଗୋପାଳ ଚନ୍ଦ୍ର ପେରୁଆ ଧନ୍ୟବାଦ ଦେଇଥିଲେ।

## ସମଲେଶ୍ୱରୀ ମନ୍ଦିରରେ ଷୋହଳ ପୂଜା

**ସୁନ୍ଦରଗଡ଼, ୧୬।୧୦ (ଡି.ଏନ୍.ଏ)**

ସୁନ୍ଦରଗଡର ଆରାଧ୍ୟା ଦେବୀ ମା' ସମଲେଶ୍ୱରୀଙ୍କ ଶାରଦୀୟ ଷୋହଳ ପୂଜା ପାରମ୍ପରିକ ରୀତିନୀତି ଅନୁସାରେ ଅନୁଷ୍ଠିତ ହେଉଛି। ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରୁ ଏହି ପୂଜା ଆରମ୍ଭ ହୋଇଛି। ପ୍ରତ୍ୟେହ ମନ୍ଦିରରେ ସୁନ୍ଦରଗଡ଼ ସମେତ ପଡୋଶୀ ଛତିଶଗଡ଼, ଝାଡଖଣ୍ଡ ଅଞ୍ଚଳର ଶ୍ରଦ୍ଧାଳୁମାନେ ଆସି ମା'ଙ୍କ ପୂଜାର୍ଚ୍ଚନା କରି କୃପାଲାଭ କରିଛନ୍ତି। ମଙ୍ଗଳବାର ପୀଠରେ ମହାଷ୍ଟମୀ ପୂଜା ଅନୁଷ୍ଠିତ ହୋଇଥିଲା। ଗୁରୁବାର ମନ୍ଦିରରେ ଦଶମୀ ପୂଜା ଅନୁଷ୍ଠିତ ହେବ। ସୁନ୍ଦରଗଡ଼ ରାଜପରିବାର ପକ୍ଷରୁ ପ୍ରତିଷ୍ଠିତ ଏହି ମନ୍ଦିରରେ ଆଦିବାସୀ ଭୂୟାଁମାନେ ବଂଶାନୁକ୍ରମେ ମା'ଙ୍କର ପୂଜାର୍ଚ୍ଚନା କରିଆସୁଛନ୍ତି।



ସମଲେଶ୍ୱରୀଙ୍କ ଶାରଦୀୟ ଷୋହଳ ପୂଜା ଚାଲିଛି।

## ଟ୍ରେଲରକୁ ପିଟିଲା ବସ୍: ୬ ଆହତ

**ହେମଗିର, ୧୬।୧୦ (ଡି.ଏନ.ଏ)**-ମଙ୍ଗଳବାର ବିଲେଇମୁଣ୍ଡା ପଟରୁ ସୁନ୍ଦରଗଡ଼ ଅଭିମୁଖେ ଯାଉଥିବା ଜୟମାତା ଦି ବସ ଏକ ଠିଆ ହୋଇଥିବା ଟ୍ରେଲରକୁ ପିଟିଥିଲା। ଯେଉଁଥିରେ ୬ରୁ ୭ଜଣ ଆହତ ହୋଇଛନ୍ତି। ପ୍ରତିଦିନ ପରି କଣ୍ଡେକେଲାଠାରୁ ଜୟ ମାତାଦି ବସ ନଂ. (ଓଆର୍ ୧୬ ଡି- ୭୮୭୮) କନିକା ବିଲେଇମୁଣ୍ଡା ହୋଇ ସୁନ୍ଦରଗଡକୁ ଯାଉଥିଲା। ସକାଳ ସାଢ଼େ ୯ଟାରେ ବରପାଲି ପେଟ୍ରୋଲ ପମ୍ପଠାରେ ଏକ ଟ୍ରେଲର ନଂ. (ଓଡି ୧୬ ଡି- ୩୪୯୧) ସାମନା ପଟେ ବସଟି ଯାଇ ପିଟିଲା । ଟ୍ରେଲରଟି ବସୁନ୍ଧରା ପଟକୁ ଯିବା ପାଇଁ ନିଜ ବାମ ପଟେ ଠିଆ ହୋଇଥିଲା । ବସଯାତ୍ରୀ ପ୍ରାୟ ୬-୭ ଜଣ ଆହତ ହୋଇଥିବା ବେଳେ ସେମାନଙ୍କୁ ସୁନ୍ଦରଗଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

## ଫଟୋରେ ଖବର






ଚାରିଆଡ଼େ ପୂଜାର ମାହୋଲ: ସୁନ୍ଦରଗଡ ସହର ଇବ୍ ନଗରରେ ହୋଇଥିବା ସୁନ୍ଦର ତୋରଣ ସାଙ୍ଗକୁ ମଣ୍ଡପରେ ମା' ଦୁର୍ଗାଙ୍କ ପୂଜା ଚାଲିଛି (ବାମରୁ ଦୁଇଟି ଫଟୋ)। ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବସଷ୍ଟାଣ୍ଡ ନିକଟରେ ସୁନ୍ଦର ତୋରଣ ସାଙ୍ଗକୁ ମଣ୍ଡପରେ ମା' ଦୁର୍ଗାଙ୍କ ପୂଜା ଚାଲିଛି।



ଅନ୍ୟକୁ ଘୃଣା କରିବା ଅର୍ଥ ମୂଷାଙ୍କୁ ଜବତ କରିବା
ପାଇଁ ନିଜ ଘରକୁ ପୋଡ଼ିଦେବା ସଙ୍ଗେ ସମାନ।
-ଇମରସନ



## ସଂକ୍ଷେପରେ

### ଆଦିବାସୀ ଅବହେଳିତ, ବିକାଶ କେବଳ କାଗଜ କଲମରେ

**ରାଉରକେଲା ଅଫିସ,୧୬।୧୦**-ସୁନ୍ଦରଗଡର ଆଦିବାସୀମାନେ ସବୁଠୁ ଅଧିକ ଅବହେଳିତ ଓ ନିର୍ଯାତିତ। ଏଭଳି ଅଭିଯୋଗ କରିଛନ୍ତି ଅଖିଳ ଭାରତ ଯୁବ ସଂଘ ରାଜ୍ୟ ସଭାପତି ତଥା ସିପିଆଇ ନେତା ସଦାନନ୍ଦ ସାହୁ। ସେ ଏକ ବିବୃତିରେ କହିଛନ୍ତି ଯେ, ଜିଲାର ସାମଗ୍ରୀକ ବିକାଶ ଶୂନ। ଜିଲାରେ ସେମିତି କିଛି ଉନ୍ନତି ସମ୍ଭବ ହୋଇ ପାରିନି କି ସେମିତି କୌଣସି ଉତ୍ସାହପ୍ରଦ ଯୋଜନା କାର୍ଯ୍ୟକାରୀ କରାଯାଇନି। ଜିଲାର ଶତକଡା ୭୦ ଭାଗ କଳକାରଖାନା, ଖଣିଖାଦାନ ଏବେ ବନ୍ଦ ପଡିଛି । ଉତ୍କଟ ବେକାରି ସମସ୍ୟା ଯୋଗୁ ଆଜି ଅନେକ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଚାଲି ଯାଉଛନ୍ତି । ଆଦିବାସୀ କଳା ସଂସ୍କୃତି ଓ ପୁରାତନ ସଭ୍ୟତାର ସୁରକ୍ଷା କିମ୍ବା ଗବେଷଣା ନେଇ ସୁନ୍ଦରଗଡ କିମ୍ବା ରାଜ୍ୟର ଅନ୍ୟ କୌଣସି ଆଦିବାସୀ ବହୁଳ ଜିଲାରେ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇ ନାହିଁ। ଆଦିବାସୀଙ୍କ ଆର୍ଥିକ ବିକାଶ ନେଇ ଯୋଜନା କେବଳ କାଗଜ କଲମରେ ସୀମିତ। ଜିଲାରେ ଚାଷ ଓ ଚାଷୀଙ୍କ ଅବସ୍ଥା ନିମ୍ନଗାମୀ ହୋଇଛି । ନା ଆଶାନୁରୂପ ସେଚ ସୁବିଧା କାର୍ଯ୍ୟକାରୀ କରାଯାଇଛି ନା ଶୀତଳ ଭଣ୍ଡାର ପ୍ରତିଷ୍ଠା କରାଯାଇଛି । ଫଳରେ ଅଭାବୀ ବିକ୍ରିର ସମ୍ମୁଖୀନ ଚାଷୀ ଆଜି ମୁଣ୍ଡରେ ହାତ ଦେଇ ବସିବାକୁ ବାଧ ହୋଇଛି । ବ୍ରାହ୍ମଣୀ ସେତୁ ଏବେ ବିପଦରେ। ଦ୍ୱିତୀୟ ସେତୁ ନିର୍ମାଣ ନେଇ କେନ୍ଦ୍ର ସରକାର ଲୋକଙ୍କୁ ଭୁଆଁ ବୁଲାଇ ଚାଲିଛନ୍ତି । ସୁନ୍ଦରଗଡ ଜିଲା ପ୍ରାକୃତିକ ବିଭବର ଗନ୍ତାଘର। ହେଲେ ପର୍ଯ୍ୟଟନ ଶିଳ୍ପର ବିକାଶ ନେଇ କୌଣସି ନୂଆ ଯୋଜନା ନାହିଁ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏଭଳି ମନୋଭାବ କେବଳ ନିରାଶାର ବାର୍ତ୍ତା ପ୍ରଦାନ କରୁଛି। ଏପରି ଅବସ୍ଥାରେ ଜିଲାବାସୀଙ୍କ ସର୍ବାଙ୍ଗୀନ ବିକାଶ ନେଇ ସ୍ୱର ଉତ୍ତୋଳନ କରିବାର ବେଳ ଆସିଛି ବୋଲି ସଦାନନ୍ଦ ଆହ୍ୱାନ ଦେଇଛନ୍ତି।

■ ସରପଞ୍ଚଙ୍କ ବିରୋଧରେ ଥାନାରେ ଏତଲା ଦେଲେ ସମିତି ସଭ୍ୟା

# ଦସ୍ତଖତ ଜାଲିଆତି ଅଭିଯୋଗ, ତାତିଲେ ପଞ୍ଚାୟତବାସୀ

**ରାଉରକେଲା ଅଫିସ,୧୬।୧୦**

ସୁନ୍ଦରଗଡ ଜିଲା ଗୁରୁଣ୍ଡିଆ ବ୍ଲକ ତାମଡା ପଞ୍ଚାୟତ ସରପଞ୍ଚ ଚମ୍ପା ତିର୍କୀ ସମିତି ସଭ୍ୟା ସସ୍ମିତା ଏକ୍କାଙ୍କ ଦସ୍ତଖତ ଜାଲିଆତି କରିବା ନେଇ ସୋମବାର ଚାନ୍ଦିପୋଷ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଶତାଧିକ ଗ୍ରାମବାସୀଙ୍କ ସହ ସାମାଜିକ କର୍ମୀ ଚାନ୍ଦମଣି ସାଣ୍ଡିଲଙ୍କ ନେତୃତ୍ୱରେ ସମିତି ସଭ୍ୟା ସସ୍ମିତା ଥାନାରେ ଏତଲା ଦେଇଛନ୍ତି।

ସେ ତାଙ୍କ ଏତଲାରେ ଦର୍ଶାଇଛନ୍ତି ଯେ ଗ୍ରାମସଭାରେ ଗୃହୀତ ପ୍ରସ୍ତାବ (ପ୍ରକଳ୍ପ) ଉପରେ ସମିତି ସଭ୍ୟାଙ୍କ ଦସ୍ତଖତ ନ ଥାଇ ପ୍ରକଳ୍ପ ଗୁଡିକ ପାଶ୍ କରାଇ ନେବାକୁ ଯୋଜନା କରାଯାଇଛି। ଘଟଣାକୁ ସରପଞ୍ଚ ଅସ୍ୱୀକାର କରିବା ପରେ ସୂଚନା ଅଧିକାର ଆଇନ ବଳରେ ବିଭାଗକୁ ତଥ୍ୟ ମଗାଯିବା ପରେ ଏପରି ଜାଲିଆତି କରାଯାଇଥିବା ଜଣା ପଡିଛି। ସମିତି ସଭ୍ୟା ପ୍ରସ୍ତାବିତ ପ୍ରକଳ୍ପ ଚିଠା ଉପରେ ଦସ୍ତଖତ ଦେଇ ନାହାନ୍ତି। ତାଙ୍କ ଦସ୍ତଖତକୁ ନକଲ କରାଯାଇ ପ୍ରକଳ୍ପ ଅନୁମୋଦନ ପାଇଁ ସରପଞ୍ଚ ପ୍ରୟାସ କରୁଛନ୍ତି। କେବଳ ଏତିକି ନୁହେଁ ଅତୀତରେ ମଧ୍ୟ ଏମିତି ବେଆଇନ କାର୍ଯ୍ୟ କରାଯାଇଥିବା ସସ୍ମିତା ସନ୍ଦେହ ବ୍ୟକ୍ତ କରିଛନ୍ତି। ସରପଞ୍ଚ ତାଙ୍କ ନାମରେ ଜାଲ ଦସ୍ତଖତ କରି ଉପରୋକ୍ତ ପ୍ରକଳ୍ପ ଗୁଡିକୁ ବ୍ଲକ ଅଧିକାରୀଙ୍କ ସହାୟତାରେ ଅନୁମୋଦନ କରାଇ ନେବାକୁ ଅପଚେଷ୍ଟା କରୁଛନ୍ତି। ଏହା ଦ୍ୱାରା ସମିତି ସଭ୍ୟାଙ୍କ ପଦ ମର୍ଯ୍ୟାଦା ହାନୀ ହେବା ସହ ସରକାରୀ ନୀତି ନିୟମର ଉଲ୍ଲଂଘନ କରାଯାଉଛି। ଏଣୁ ସରପଞ୍ଚ ଦଣ୍ଡିତ ହେବା ଆବଶ୍ୟକ ବୋଲି ସସ୍ମିତା କହିଛନ୍ତି। ପୂର୍ବରୁ ସମ୍ପୃକ୍ତ ତାମଡା ସରପଞ୍ଚ ଚମ୍ପା ତିର୍କୀଙ୍କୁ ଏ ନେଇ ସମିତି ସଭ୍ୟା ପଚାରିବାରୁ ସେ କହିଥିଲେ ସେପରି କିଛି ଜାଲିଆତି କରାଯାଇ ନାହିଁ। ଯାହା ହୋଇଛି ନିୟମାନୁସାରେ କରାଯାଇଛି। ସତ ଲୁଚାଇବାକୁ ଯାଇ ସେ ଏଭଳି ସଫେଇ ଦେଇଥିଲେ। ପରେ ଏ ନେଇ ସମିତି ସଭ୍ୟା କିନ୍ତୁ ବିଭାଗୀୟ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ସତ୍ତ୍ୱେ ନ୍ୟାୟ ପାଇଲେ ନାହିଁ ବୋଲି ସସ୍ମିତା ଅଭିଯୋଗ କରିଛନ୍ତି। ପରେ ଏ ନେଇ ସାମାଜିକ କର୍ମୀ ଚାନ୍ଦ୍ରମଣି ସାଣ୍ଡିଲଙ୍କ ନେତୃତ୍ୱରେ ତାମଡା ସମିତି ସଭ୍ୟା ଓ ପଞ୍ଚାୟତବାସୀ ମିଳିତ ଭାବେ ସୋମବାର ଚାନ୍ଦିପୋଷ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଦସ୍ତଖତ ଜାଲିଆତିର ସମସ୍ତ ପ୍ରମାଣ ପତ୍ର ଥାନାରେ ଦାଖଲ କରାଯିବା ସହ ସରପଞ୍ଚଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଅନ୍ୟପକ୍ଷେ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ମଧ୍ୟ ଗ୍ରାମବାସୀ ସୂଚନା ପ୍ରଦାନ କରିଛନ୍ତି। ତେବେ ଘଟଣା ବାବଦରେ ତଦନ୍ତ ଆରମ୍ଭ କରାଯାଇଥିବା ସାମାଜିକ କର୍ମୀ ଚାନ୍ଦ୍ରମଣି ମଙ୍ଗଳବାର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ସମିତି ସଭ୍ୟାଙ୍କ ଅଭିଯୋଗ ଉପରେ ଆମେ ସରପଞ୍ଚଙ୍କ ପ୍ରତିକ୍ରିୟା ନେବାକୁ ବାରମ୍ବାର ତାଙ୍କ ମୋବାଇଲ ଫୋନ କରିଥିଲୁ। ହେଲେ ସୁଇଚ୍ ବନ୍ଦ ଥିବାରୁ ସରପଞ୍ଚଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।



ଚାନ୍ଦିପୋଷ ଥାନାରେ ସରପଞ୍ଚଙ୍କ ବିରୋଧରେ ଅଭିଯୋଗ କରିବାକୁ ଆସିଥିବା ବ୍ୟକ୍ତିମାନେ।



ପୁରସ୍କୃତ ହୋଇଥିବା କବିବର ରାଧାନାଥ ରାୟ ବିଦ୍ୟାପୀଠର ଛାତ୍ରୀଛାତ୍ର ।

## ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବରେ ସଫଳତା

**ରାଉରକେଲା ଅଫିସ,୧୬।୧୦**

ବାଲେଶ୍ୱର ଗାନ୍ଧୀ ସ୍ମୃତି ଭବନରେ ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ ଆୟୋଜିତ ହୋଇ ଯାଇଛି। ଏଥିରେ ରାଉରକେଲା କବିବର ରାଧାନାଥ ରାୟ ବିଦ୍ୟାପୀଠର ଛାତ୍ରୀଛାତ୍ର ନାଟକ 'ବାପାଙ୍କ ସାଇକେଲ'ରେ ଅଭିନୟ କରିଛନ୍ତି। ଶିକ୍ଷକ ପ୍ରଦୀପ ଲେଙ୍କା, ବାସୁଦେବ ପଣ୍ଡା, ଶିକ୍ଷୟିତ୍ରୀ ସବିତାରାଣୀ ପୋଥାଳ ଓ ଇନ୍ଦିରା ମହାନ୍ତିଙ୍କ ତତ୍ତ୍ୱାବଧାନରେ ନାଟକ ମଞ୍ଚସ୍ଥ ହୋଇଥିଲା। ଏହାକୁ ଦର୍ଶକ ଉଚ୍ଚ ପ୍ରଶଂସା କରିଥିଲେ। ମିନା କୁମାର ସାମଲ ନାଟକ ରଚନା କରିଥିଲା ବେଳେ ନିର୍ଦ୍ଦେଶନା ଦେଇଥିଲେ ପ୍ରଦୀପ ଲେଙ୍କା। ଭାସ୍କର ପୁହାଣ ଓ ଲକ୍ଷ୍ମୀ ଡୋରା ସଂଗୀତ ନିର୍ଦ୍ଦେଶକ ଦାୟିତ୍ୱ ନିର୍ବାହ କରିଥିଲେ। ଶ୍ରେଷ୍ଠ ଅଭିନେତ୍ରୀ ରୂପେ କୁମୁଦିନୀ ବାଗ ଓ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ ବିଷ୍ଣୁପ୍ରିୟା ପାଢିଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଚୋରି ସାମଗ୍ରୀ ସହ ୨ ଗିରଫ

**ରାଉରକେଲା ଅଫିସ,୧୬।୧୦**

ସହରର ବିଭିନ୍ନ ସ୍ଥାନରୁ ମୋବାଇଲ ଫୋନ, ଏଲସିଡି, ସୁନା ଓ ନଗଦ ଟଙ୍କା ଚୋରି ଅଭିଯୋଗରେ ମଙ୍ଗଳବାର ସେକ୍ଟର-୩ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଏମାନେ ହେଲେ ସେକ୍ଟର ୫ ଅଞ୍ଚଳର ନିର୍ମଳ ଘୋଷ (୧୯) ଓ ସେକ୍ଟର ୧୯ ବାସିନ୍ଦା ରାଜୁ ମୁଖୀ (୨୭)। ଦୁହିଁଙ୍କଠାରୁ ମୋବାଇଲ ଫୋନ, ୪ଟି ଏଲସିଡି, ଦୁଇ ଯୋଡା ସୁନା କାନଫୁଲ ଓ ଗୋଟିଏ ସୁନା ଚେନ ସହ ନଗଦ ସାଢେ ୭ ହଜାର ଜବତ କରାଯାଇଛି। ଏମାନଙ୍କ ନାମରେ ସେକ୍ଟର-୩ ଓ ୧୯ ଥାନାରେ ଏକାଧିକ ମାମଲା ରହିଥିବା ଥାନା ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି।

# ହକି ବିଶ୍ୱକପ ବାର୍ତ୍ତା ପ୍ରଦାନ କରିବ ସେକ୍ଟର- ୭ ଦୁର୍ଗାପୂଜା କମିଟି

**ରାଉରକେଲା ଅଫିସ,୧୬।୧୦**

ମା ଜଗଜ୍ଜନନୀ ଦୁର୍ଗାଙ୍କ ଆଗମନରେ ଷ୍ଟିଲ ସିଟି ରାଉରକେଲା ଏବେ ଚଳଚଞ୍ଚଳ ହୋଇ ଉଠିଲାଣି। ବିଭିନ୍ନ ମଣ୍ଡପରେ ମା'ଙ୍କ ମୃଣ୍ମୟୀ ପ୍ରତିମୂର୍ତ୍ତି ସହ ରଙ୍ଗୀନ ଆଲୋକ ମାଳାରେ ଝଲସୁଥିବା ତୋରଣ ଶୋଭା ପାଇଲାଣି। ଏପରି ଅବସ୍ଥାରେ କେଉଁଠି ନୂଆଦିଲ୍ଲୀର ଅକ୍ଷରଧାମ ଢାଞ୍ଚାରେ ତୋରଣ ନିର୍ମାଣ କରାଯାଇଛି ତ ଅନ୍ୟ କେଉଁଠି ହଙ୍ଗେରିଆନ ପାର୍ଲାମେଣ୍ଟ ଶୋଭା ପାଇଲାଣି। ଏଥର ସେକ୍ଟର-୩ରେ କୈଳାସ ପର୍ବତ, ସେକ୍ଟର ୮ରେ ଇଟାଲିଆନ ପାର୍ଲାମେଣ୍ଟ, ସେକ୍ଟର-୧୫ରେ ହିରାକୁଦ ଡ୍ୟାମ, ସେକ୍ଟର ୨୦ରେ ଉମେଦ ଭବନ ଓ ସେକ୍ଟର ୧୬ରେ ହଙ୍କଂ ଡିଜନି ୱାର୍ଲ୍ଡ ଢାଞ୍ଚରେ ତୋରଣ ନିର୍ମାଣ କରାଯାଇଛି। ତେବେ ସେକ୍ଟର-୭ ଦୁର୍ଗା ପୂଜା କମିଟି ପକ୍ଷରୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ପ୍ରତିକୃତି ନିର୍ମାଣ ନେଇ ଅନୁଷ୍ଠାନର କର୍ମକର୍ତ୍ତା କହିଛନ୍ତି ଯେ, ନଭେମ୍ବରରୁ ୧୪ତମ ବିଶ୍ୱକପ ହକି ଓଡିଶାରେ ଆୟୋଜନ କରାଯାଉଛି। କଳିଙ୍ଗ ଷ୍ଟାଡିମରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ନଭେମ୍ବର ୨୮ରୁ ଏହା ଡିସେମ୍ବର ୧୬ ପର୍ଯ୍ୟନ୍ତ ଜାରି ରହିବ। ୧୬ଟି ଦଳ ଏଥିରେ ଭାଗ ନେଉଥିବା ବେଳେ ଏମାନଙ୍କୁ ଆତିଥ୍ୟ ପ୍ରଦାନ ପାଇଁ ଓଡିଶାବାସୀ ଚାହିଁ ବସିଛନ୍ତି। ଏପରି ଅବସ୍ଥାରେ ହକିର ଏନ୍ତୁଡିଶାଳ ସୁନ୍ଦରଗଡ ଜିଲାର ରାଉରକେଲା ଠାରେ ଏକ ପ୍ରଦର୍ଶନୀ ମ୍ୟାଚ ବି ଅନୁଷ୍ଠିତ ହେବ। ଏଣୁ ହକି ବିଶ୍ୱକପର ପ୍ରମୋଶନ ନେଇ ସେକ୍ଟର-୭ ଦୁର୍ଗା ପୂଜା କମିଟି ପକ୍ଷରୁ କଳିଙ୍ଗ ଷ୍ଟାଡିୟମ ପରି ଅବିକଳ ପେଣ୍ଡାଲ ନିର୍ମାଣ କରାଯାଇଛି। ଯାହା ରାଉରକେଲାବାସୀଙ୍କୁ ହକି ବିଶ୍ୱକପର ବାର୍ତ୍ତା ପ୍ରଦାନ କରିବ। ଏ ନେଇ ଆସନ୍ତା ୧୭ ସନ୍ଧ୍ୟାରେ ବିଶେଷ କାର୍ଯ୍ୟକ୍ରମ ରଖାଯାଇଛି। ତୋରଣଟିକୁ ଉଦ୍‌ଘାଟନ କରାଯିବା ସହ ବିଶ୍ୱକପ ଖେଳ ପ୍ରତି ଦର୍ଶକଙ୍କୁ ଆକର୍ଷଣ କରାଯିବା ନେଇ ପ୍ରୟାସ କରାଯିବ। ଏଥିରେ ରାଜ୍ୟ ତଥା ଦେଶର ପ୍ରତିଷ୍ଠିତ ହକି ତାରକା ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ, ପ୍ରବୋଧ ତିର୍କୀ, ମାଇକେଲ କିଣ୍ଡୋଙ୍କ ସମେତ ରଘୁନାଥପାଲ୍ଲୀ ବିଧାୟକ ସୁବ୍ରତ ତରାଇ, ରାଜଗାଙ୍ଗପୁର ବିଧାୟକ ମଙ୍ଗଳା କିଶାନ, ରାଉରକେଲା ବିଧାୟକ ଦିଲ୍ଲୀପ ରାୟ, ଆରଡିଏ ଅଧ୍ୟକ୍ଷ ସାରଦା ନାୟକଙ୍କ ସମେତ ପାନପୋଷ ସ୍ପୋର୍ଟସ ହଷ୍ଟେଲ ହକି ଖେଳାଳି ଯୋଗଦେବେ। ଅନୁଷ୍ଠାନ ପକ୍ଷରୁ ଏକ ବିବୃତିରେ ସାଧାରଣ ସଂପାଦକ କମଳାକାନ୍ତ ନାୟକ ଏହି ସୂଚନା ପ୍ରଦାନ କରିଛନ୍ତି।







ରାଉରକେଲା ପୁରୁଣା ବସଷ୍ଟାଣ୍ଡ ମଧୁସୂଦନ ଛକରେ ପୂଜା ପାଉଥିବା ମା' ଦୁର୍ଗା (ବାମ) ସେକ୍ଟର-୧ରେ ନିର୍ମିତ ହଙ୍ଗେରିଆନ ପାର୍ଲାମେଣ୍ଟ କୋଠାର ପ୍ରତିକୃତି (ମଝି) । ସେକ୍ଟର-୭ରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଢାଞ୍ଚାରେ ନିର୍ମିତ ପୂଜା ମଣ୍ଡପ।








ସେକ୍ଟର-୩ରେ ପୂଜା ପାଉଥିବା ଦୁର୍ଗତି ନାଶିନୀ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି (ବାମ)। ସେକ୍ଟର-୧୫ ଦୁର୍ଗା ପୂଜା କମିଟି ପକ୍ଷରୁ ସମ୍ବଲପୁର ଜିଲା ହୀରାକୁଦ ଡ୍ୟାମ ଢାଞ୍ଚାରେ ତିଆରି ହୋଇଥିବା ପୂଜା ମଣ୍ଡପ (ମଝି)। ଟେଲିଫୋନ ପୂଜା କମିଟି ପକ୍ଷରୁ ମା' ଦୁର୍ଗାଙ୍କ ପୂଜା ଚାଲିଛି।







ସେକ୍ଟର-୨ରେ ପୂଜା ପାଉଥିବା ମା' ଦୁର୍ଗା (ବାମ)। ଟେଲି ଫୋନ ଭବନ ପୂଜା କମିଟି ପକ୍ଷରୁ ନିର୍ମିତ ହୋଇଥିବା ଆକର୍ଷଣୀୟ ପୂଜା ମଣ୍ଡପ (ମଝି)। ସେକ୍ଟର-୩ ପୂଜା କମିଟି ପକ୍ଷରୁ କୈଳାସ ପର୍ବତ ଆକୃତିର ପୂଜା ମଣ୍ଡପ।